# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ମେ ୧୯/୨୦୧୯ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, May 19/ 2019 ★★
୧୫୩ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



**କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ କଙ୍ଗନା**

ଫ୍ରାନ୍ସର କାନ୍ସଠାରେ ଆୟୋଜିତ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ୍‌ରେ ବଲିଉଡ ଅଭିନେତ୍ରୀ କଙ୍ଗ୍‌ନା ରାଣାୱତ୍ ଯୋଗ ଦେଇଛନ୍ତି।

୦୨

୧୫

**କେଦାର ଫିଟ୍**

ଭାରତୀୟ ଦଳର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଓ କାମଚଳା ସ୍ପିନର କେଦାର ଯାଦବ ବିଶ୍ୱକପ୍ ଲାଗି ଫିଟ୍ ଘୋଷିତ ହୋଇଛନ୍ତି।



# ସବ୍ୟସାଚୀଙ୍କୁ ଆଜୀବନ କାରାଦଣ୍ଡ

**ଦେଶଦ୍ରୋହ ମାମଲା**

ବ୍ରହ୍ମପୁର ଅଫିସ,୧୮।୫

ଏକ ଦେଶଦ୍ରୋହ ମାମଲାର ବିଚାର କରି ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ୍-୧ ସଞ୍ଜୟ ସାହୁ ଶନିବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ ଦଣ୍ଡିତ କରିଛନ୍ତି। ସବ୍ୟସାଚୀ ଗୋଟିଏ ପରେ ଗୋଟିଏ ମାମଲାରେ ନିର୍ଦ୍ଦୋଷ ହୋଇ ଚାଲିଥିବାବେଳେ ଶନିବାର ଏଥିରେ ରୋକ୍ ଲାଗିଛି।

ପ୍ରକାଶ ଯେ, ୨୦୧୪ ଜୁଲାଇ ୧୭ ତାରିଖରେ ବ୍ରହ୍ମପୁର ବଡବଜାର ପୋଲିସ ମଙ୍ଗଳବାରମ୍‌ପେଟା ଏ.ଚନ୍ଦ୍ରାରାଓଙ୍କ ଘରୁ ସବ୍ୟସାଚୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତ ସମୟରେ ସବ୍ୟସାଚୀ ସରକାରୀ ସମ୍ପତ୍ତି ନଷ୍ଟ କରିବା, ପୋଲିସ କର୍ମଚାରୀଙ୍କୁ ହତ୍ୟା କରିବା, ବିଦେଶୀ ନାଗରିକଙ୍କୁ ଅପହରଣ କରିବା, ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ଆଦି ବିଭିନ୍ନ ଆପରାଧିକ ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଯାଇଥିଲା। ତେଣୁ ପୋଲିସ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଯୋଡିଥିଲା। ପରେ ଉକ୍ତ ମାମଲା ଏସ୍‌ଟି ୩୩/୧୫ ଜିଲା ଅତିରିକ୍ତ ଦୌରା ଜଜ୍-୧ଙ୍କ କୋର୍ଟରେ ବିଚାର ହୋଇଥିଲା। ମୋଟ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି



କୋର୍ଟ ପକ୍ଷରୁ ଆଜୀବନ କାରାଦଣ୍ଡ ରାୟ ପରେ ମାଓବାଦୀ ନେତା ସବ୍ୟସାଚୀଙ୍କୁ ଜେଲ ହାଜତକୁ ନିଆଯାଉଛି।

☞ପୃଷ୍ଠା-୪

# ଶେଷ କ୍ୟାବିନେଟ୍‌ରେ ଫନୀ ଚିନ୍ତା

- ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ
- ବିଦ୍ୟୁତ୍ ବିଳମ୍ବ ବାବଦରେ ପୁରୀବାସୀଙ୍କୁ ହଜାରେ ଟଙ୍କାର ସହାୟତା
- ନିୟୋଜିତ ଶ୍ରମିକଙ୍କୁ ଦେଢ଼ଗୁଣା ମଜୁରି
- ପୂର୍ତ୍ତ ବିଭାଗ ନିୟମରେ କୋହଳ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାରଙ୍କ ଶେଷ କ୍ୟାବିନେଟ୍ ବୈଠକ ଶନିବାର ସଚିବାଳୟରେ ଅନୁଷ୍ଠିତ ହୋଇଛି। ସାମୁଦ୍ରିକ ଝଡ ଫନୀ ଦ୍ୱାରା ପ୍ରଭାବିତ ପୁରୀ ଏବଂ ଅନ୍ୟାନ୍ୟ ଅଞ୍ଚଳ ପାଇଁ ବ୍ୟବସ୍ଥାର ସମୀକ୍ଷା ସହ ବିଭିନ୍ନ ନିୟମରେ କୋହଳ କରାଯାଇଛି।

କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ କହିଛନ୍ତି ଯେ, ପୁରୀ ଜିଲାରେ ସମ୍ପୂର୍ଣ୍ଣଭାବେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇପାରିନାହିଁ। ଯୁଦ୍ଧକାଳୀନଭିତ୍ତିରେ ଶକ୍ତି ଭିତ୍ତିଭୂମିର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ରାଜ୍ୟ ସରକାର ବିଦ୍ୟୁତ୍ ଶକ୍ତି ଯୋଗାଇ ଦେଇ ନ ଥିବାରୁ ଏହା ଭରଣା ପାଇଁ ପୁରୀବାସୀଙ୍କୁ ୧୦୦୦ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ। ସାମ୍ପ୍ରତିକ ପରିସ୍ଥିତିକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ଉଦ୍ଧାର ଓ ଅନ୍ୟାନ୍ୟ ରିଲିଫ କାର୍ଯ୍ୟରେ ନିୟୋଜିତ ୧୨୦୦ ଅଗ୍ନିଶମ ବାହିନୀ ଓ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କୁ ରାଶନଭତ୍ତା ବାବଦକୁ ମୁଣ୍ଡପିଛା ୨୦୦ ଟଙ୍କା ହିସାବରେ ୧୦ ଦିନ ପାଇଁ ରାଜ୍ୟ/ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୨୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୫୦ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କୁ ଦୈନିକ ମୁଣ୍ଡପିଛା ୨୦୦ ଟଙ୍କା ହିସାବରେ ୧୦ ଦିନ ପାଇଁ ରାଜ୍ୟ/ଜାତୀୟ ମୁକାବିଲା ପାଣ୍ଠିରୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ମୁଖ୍ୟଶାସନ ସଚିବ କହିଛନ୍ତି।

ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲାର ପୋଖରୀଗୁଡିକର ବିଶୁଦ୍ଧୀକରଣ ପାଇଁ ଜଳସମ୍ପଦ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗକୁ ରାଜ୍ୟ/ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଫନୀ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ପ୍ରାଥମିକ ଆକଳନ ଅନୁଯାୟୀ ୧୧୫୯.୮ କୋଟି ଟଙ୍କାର ଆବଶ୍ୟକତା ରହିଥିବା କୁହାଯାଇଛି। ଶକ୍ତିକ୍ଷେତ୍ରରେ କ୍ଷୟକ୍ଷତିକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଭାବେ ଗ୍ରହଣ କରି ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରେ ଥିବା ପୂର୍ତ୍ତ କାର୍ଯ୍ୟ, ଗ୍ରୀଡ୍ ସବଷ୍ଟେଶନ, ୩୩ କେ.ଭି ଭିତ୍ତିଭୂମି ଲାଇନ୍ ଓ ଶ୍ରମିକ ମଜୁରି ମାନଦଣ୍ଡ କୋହଳ ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଥିବା କଥା କ୍ୟାବିନେଟ୍‌କୁ ଅବଗତ କରାଯାଇଥିବା ସରକାର କହିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ଆହୁରି କହିଛନ୍ତି ଯେ, ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରାଯାଇଛି। ଏଥିପାଇଁ ବିଭିନ୍ନ ବିତରଣ କମ୍ପାନୀ, ଶିଳ୍ପୋଦ୍ୟୋଗ ଏବଂ ଅନ୍ୟ ରାଜ୍ୟରୁ ଶ୍ରମିକ ଅଣାଯାଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେଲ୍ ଏବଂ ଅନ୍ୟାନ୍ୟ ସଂସ୍ଥାରୁ ସାମଗ୍ରୀ କ୍ରୟ କରାଯିବା ପାଇଁ ବିଭିନ୍ନ ବିଭାଗର ଗାଡିକୁ ବ୍ୟବହାର କରାଯାଇଥିଲା। ଯଦି କୌଣସି ଯାନର ଭଡା ନିର୍ଦ୍ଧାରଣ ହୋଇ ନ ଥିବ, ସେ କ୍ଷେତ୍ରରେ ଏକ କମିଟି ଭଡା ନିର୍ଣ୍ଣୟ କରିବ। ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ଭଡା ବାବଦକୁ ଦେୟ ପ୍ରଦାନ କରିବେ। ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଅଣକୁଶଳୀ ଶ୍ରମିକ-୪୨୦ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ପାଇଁ ୪୮୦ ଟଙ୍କା ଏବଂ କୁଶଳୀ ଶ୍ରମିକଙ୍କୁ ୫୫୫ ଟଙ୍କା ହିସାବରେ ଦେଢ଼ା ମଜୁରି ପ୍ରଦାନ ନେଇ କ୍ୟାବିନେଟ୍‌ରେ ନିଷ୍ପତ୍ତି କରାଯାଇଛି। ସେହିପରି ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ

☞ପୃଷ୍ଠା-୪

## ବିଧାନସଭା ଭଙ୍ଗ ନେଇ ସୁପାରିସ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଓଡ଼ିଶାର ପଞ୍ଚଦଶ ବିଧାନସଭାକୁ ଭଙ୍ଗ କରିବା ପାଇଁ ଶନିବାର କ୍ୟାବିନେଟ୍ ନିଷ୍ପତ୍ତି ନିଆଯାଇଛି। ଏହା ପରେ ରାଜ୍ୟପାଳଙ୍କୁ ଏ ନେଇ ସୁପାରିସ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବିଧାନସଭା ଭଙ୍ଗ ହେବାର ନିୟମ ରହିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ୍ ମନ୍ତ୍ରୀମାନେ ଇସ୍ତଫାପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଥାନ୍ତି। ଏହା ପରେ ରାଜ୍ୟପାଳ ନୂତନ ସରକାର ପାଇଁ ଆବଶ୍ୟକ ବିଧିବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରନ୍ତି। ତେଣୁ ରାଜ୍ୟପାଳଙ୍କ ଅନୁମୋଦନକ୍ରମେ ବିଧିବଦ୍ଧଭାବେ ବିଧାନସଭା ଭଙ୍ଗ ନେଇ ବିଜ୍ଞପ୍ତି ପ୍ରକାଶ ପାଇବାର ନିୟମ ରହିଛି। ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଥିବାରୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଔପଚାରିକତା ପୂରଣ କରିବାକୁ ଯାଇ ବିଧାନସଭା ଭଙ୍ଗ ନେଇ ପ୍ରସ୍ତାବ ଗୃହୀତ ହୋଇଥିବା ପାଢ଼ୀ କହିଛନ୍ତି।

# ଆଣ୍ଡାମାନ ଛୁଇଁଲା ମୌସୁମୀ

- ଜୁନ୍ ଦ୍ୱିତୀୟରୁ ତୃତୀୟ ସପ୍ତାହ ମଧ୍ୟରେ ଓଡ଼ିଶା ଆସିବ ମୌସୁମୀ
- ଜଳୁଛି ସାରା ଓଡ଼ିଶା, ପଶ୍ଚିମ ଓଡ଼ିଶା ସ୍ଥିତି ଅସମ୍ଭାଳ
- ୪୫.୮ ଡିଗ୍ରୀରେ ଟିଟିଲାଗଡ଼, ୪୦ ଡିଗ୍ରୀ ଉପରେ ୧୫ ସହର
- ଅଂଶୁଘାତରେ ୩ଣଙ୍କ ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର, ୧୮।୫(ବ୍ୟୁରୋ)/ରଣପୁର (ସ୍ୱ.ପ୍ର.)

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାତିରେ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ। ରାଜ୍ୟର ଅଧିକାଂଶ ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ପ୍ରବଳ ଗରମକୁ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ପୂର୍ବାହ୍ନ ୧୦ଟାପରେ ଲୋକେ ବାହାରକୁ ବାହାରିବା ପାଇଁ ବି ଡରୁଛନ୍ତି। ଏପରିସ୍ଥିତିରେ ଶନିବାର ଆଣ୍ଡାମାନକୁ ଛୁଇଁଛି ମୌସୁମୀ ବାୟୁ। ମୌସୁମୀ ପହଞ୍ଚିବା ପରେ ସେଠାରେ ବର୍ଷା ଆରମ୍ଭ ହୋଇଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଆଣ୍ଡାମାନରେ ଏହାର ପ୍ରଭାବ ଅନୁଭୂତ ହେବ ଓ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ଡ୍ୟୁଟି ଅଫିସର ସୁଦର୍ଶନ ମିଶ୍ର ସୂଚନା ଦେଇଛନ୍ତି। ତେବେ ଜୁନ୍ ଦ୍ୱିତୀୟରୁ ତୃତୀୟ ସପ୍ତାହ ମଧ୍ୟରେ ମୌସୁମୀ ଓଡ଼ିଶା ଆସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ସେପର୍ଯ୍ୟନ୍ତ ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ନେଇ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ବିଶେଷକରି ଆଗକୁ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ଆଭ୍ୟନ୍ତରୀଣ ଓଡ଼ିଶାରେ ୩ଦିନ ଧରି ହିଟ୍ ୱେଭ୍ ଜାରି ରହିବ। ଉପକୂଳ ଜିଲାରେ ସାଧାରଣଠାରୁ ୧ ଡିଗ୍ରୀ ଅଧିକ ତାପମାତ୍ରା ରହିବ। ଏପରିକି ୨୪ ଓ ୨୫ତାରିଖ ବେଳକୁ ସର୍ବୋଚ୍ଚ ତାପମାତ୍ରା ୪୭ ଡିଗ୍ରୀରେ ପହଞ୍ଚିବ। କେତେକ ସ୍ଥାନରେ ପାରଦ ୪୮ ଡିଗ୍ରୀ ଛୁଇଁବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ମୁଁ ଭୋଟ ଦେଲି କାହିଁକି

**ଆଜିର ମନ୍ତବ୍ୟ**

"ଭାଜପା ଦିନେ ଇନ୍ଦିରା ଗାନ୍ଧୀଙ୍କ ଭଳି ମୋ ସୁରକ୍ଷା କର୍ମୀଙ୍କ ଦ୍ୱାରା ମୋତେ ହତ୍ୟା କରାଇପାରେ।

-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଗତ ଚାରି ବର୍ଷରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୩.୧୬ ଲକ୍ଷ କୋଟି ଟଙ୍କାର ଋଣ ରାଇଟ ଅଫ୍ କରିଛନ୍ତି। -ଅର୍ଥ ମନ୍ତ୍ରଣାଳୟ








NECC NATIONAL EGG CO-ORDINATION COMMITTEE 18.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 97 | 154 | 164 |
| CTC | 97 | 154 | 164 |
| DKL | 94 | 150 | 160 |
| BDK | 96 | 153 | 163 |
| BLS | 98 | 155 | 165 |
| ANG | 94 | 150 | 160 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers



ଧରିତ୍ରୀ DHARITRI
ରବିବାର, ୧୯ ମେ,୨୦୧୯





ନାଥୁରାମ ଗଡ଼୍‌ସେ ମହାତ୍ମା ଗାନ୍ଧୀଙ୍କୁ ମାରିଥିଲେ, କିନ୍ତୁ ପ୍ରଜ୍ଞା ସିଂ ଠାକୁର ଭାରତର ଆତ୍ମାକୁ ମାରିଦେଲେ।
-କୈଳାସ ସତ୍ୟାର୍ଥୀ, ନୋବେଲ୍ ବିଜେତା

## ସଂକ୍ଷେପରେ

### ସନ୍ନି ଦେଓଲଙ୍କୁ ଇସି ନୋଟିସ

**ଚଣ୍ଡିଗଡ଼,୧୮।୫(ପି.ଟି.):** ରବିବାର ପଞ୍ଜାବର ୧୩ଟି ଆସନରେ ମତଦାନ କରାଯିବ। ଏହା ପୂର୍ବରୁ ଗୁର୍‌ଦାସପୁର୍‌ର ଭାଜପା ପ୍ରାର୍ଥୀ ସନ୍ନି ଦେଓଲ ଅଡୁଆରେ ପଡ଼ିଯାଇଛନ୍ତି। ପ୍ରଚାର ଶେଷ ହେବାର ୪୮ ଘଣ୍ଟା ପରେ ଅର୍ଥାତ୍ ମତଦାନର ୪୮ ଘଣ୍ଟା ପୂର୍ବରୁ (ସାଇଲେଣ୍ଟ ପିରିୟଡ୍) ପଠାନ୍‌କୋଟ୍‌ରେ ଶୁକ୍ରବାର ରାତିରେ ସାଧାରଣ ବୈଠକ କରିଥିବାରୁ ତାଙ୍କ ପାଖକୁ ନିର୍ବାଚନ କମିଶନ(ଇସି)ଙ୍କ ନୋଟିସ ଆସିଛି। ସନ୍ନି ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବୋଲି ଏଥିରେ ଦର୍ଶାଯାଇଛି। ସାଧାରଣ ସଭାରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଉପସ୍ଥିତି ସହ ଲାଉଡ୍ ସ୍ପିକର୍ ବ୍ୟବହାର କରାଯାଇଥିଲା। ନିର୍ବାଚନ ଅଧିକାରୀମାନେ ଏହାକୁ ଗୁରୁତର ସହ ନେଇଛନ୍ତି। ପ୍ରକାଶଥାଉ କି, ଗୁର୍‌ଦାସପୁର୍‌ରେ ସନ୍ନ ଦେଓଲଙ୍କ ବିରୋଧରେ କଂଗ୍ରେସ ପ୍ରାର୍ଥୀ ସୁନୀଲ ଜାଖର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### ମୋଦିଙ୍କୁ ମାନହାନି ନୋଟିସ



**ନୂଆଦିଲ୍ଲୀ,୧୮।୫(ପି.ଟି.):** ପଶ୍ଚିମବଙ୍ଗର ଡାଇମଣ୍ଡ୍ ହାର୍ବର ଆସନରୁ ପ୍ରାର୍ଥୀ ହୋଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭଣଜା ଅଭିଷେକ୍ ବାନାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମାନହାନି ନୋଟିସ ପଠାଇଛନ୍ତି। ବୁଧବାର ଏକ ସଭାରେ ପ୍ରଧାନମନ୍ତ୍ରୀ ଅଭିଷେକଙ୍କ ବିରୋଧରେ ଆଣିଥିବା ଅଭିଯୋଗ ଲାଗି କ୍ଷମା ମାଗିବାକୁ ସେ ଦାବି କରିଛନ୍ତି। କ୍ଷମା ନ ମାଗିଲେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ କୁହାଯାଇଛି। ବୁଆ-ଭତିଜା ଯୋଡି ପଶ୍ଚିମବଙ୍ଗକୁ ଗୁଣ୍ଡାତନ୍ତ୍ର ଆଣିଥିବା ମୋଦି ଅଭିଯୋଗ କରିଥିଲେ।

### [ଇତିହାସର ଆଇନାରେ]
### ମେ ୧୯ର ପ୍ରମୁଖ ଘଟଣା

୧୯୬୨ ମେ ୧୯ରେ ଆମେରିକା ରାଷ୍ଟ୍ରପତି ଜନ୍ ଏଫ୍. କେନେଡିଙ୍କୁ ନ୍ୟୁୟର୍କ ନଗରୀସ୍ଥିତ ମାଡିସନ୍ ସ୍କୋୟାର ଗାର୍ଡେନରେ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେ ଜାନୁଆରୀ ୬୧ରେ ଆମେରିକାର ୩୫ତମ ରାଷ୍ଟ୍ରପତି ହୋଇଥିଲେ ।

୧୯୭୧ ମେ ୧୯ରେ ସୋଭିଏତ ୟୁନିୟନ୍ ଦ୍ୱାରା ମାର୍ସ ୨ ଲଞ୍ଚ୍ କରାଯାଇଥିଲା। ଏହା ମଙ୍ଗଳ ଅଭିଯାନ ପାଇଁ ଏକ ମାନବ ବିହୀନ ସ୍ପେସ୍ ପ୍ରୋବ୍। ଏହାପରେ ମାର୍ସ ୩ ଲଞ୍ଚ କରାଯାଇଥିଲା।

# ଆଜି ସରିବ ଊଣେଇଶ ନିର୍ବାଚନ

**ନୂଆଦିଲ୍ଲୀ,୧୮।୫(ପି.ଟି.)**

ରବିବାର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ସହ ୨୦୧୯ ଲୋକ ସଭା ନିର୍ବାଚନ ଶେଷ ହେବାକୁ ଯାଉଛି। ଏପ୍ରିଲ ୧୧ରୁ ୭ ପର୍ଯ୍ୟାୟରେ ସପ୍ତଦଶ ଲୋକ ସଭା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥର ନିର୍ବାଚନରେ ବିଭିନ୍ନ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଷ୍ଟାର ପ୍ରଚାରକମାନେ ବିଭିନ୍ନ ଅଞ୍ଚଳକୁ ଘନଘନ ଗସ୍ତ କରି ସେମାନଙ୍କ ଦଳ ସପକ୍ଷରେ ପ୍ରଚାର କରିଥିଲେ। ନିର୍ବାଚନ ଶେଷ ହେବା ସହ ଦୀର୍ଘଦିନ ଧରି ଏହାକୁ ନେଇ ଲୋକଙ୍କ ମଧ୍ୟରେ ଲାଗି ରହିଥିବା ଉତ୍କଣ୍ଠାର ଅବସାନ ଘଟିବାକୁ ଯାଉଛି।

ସପ୍ତମ ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୫୯ଟି ଆସନରେ ମତଦାନ ହେଉଥିବାବେଳେ ଏଥିପାଇଁ ମଇଦାନରେ ୯୧୮ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ୧୦ କୋଟିରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ୧.୧୨ ଲକ୍ଷ ବୁଥ୍ ଗଠନ କରାଯାଇଛି। ପଞ୍ଜାବର ସମସ୍ତ ୧୩ ଆସନ ସମେତ ଉତ୍ତରପ୍ରଦେଶର ୧୩, ପଶ୍ଚିମବଙ୍ଗର ୯, ବିହାରର ୮, ମଧ୍ୟପ୍ରଦେଶର ୮, ହିମାଚଳପ୍ରଦେଶର ୪, ଝାଡଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଗୋଟିଏ ଆସନରେ ରବିବାର ମତଦାନ ହେଉଛି। ଏଥିସହିତ ପଣଜୀ ଏବଂ ତାମିଲନାଡୁର ୪ ବିଧାନସଭା ଆସନରେ



ଅମୃତସରର ଏକ ଭୋଟ ଗ୍ରହଣ କେନ୍ଦ୍ରକୁ ପୋଲିଂ କର୍ମଚାରୀ ଯାଉଛନ୍ତି ।

- ସପ୍ତମ ପର୍ଯ୍ୟାୟରେ ୫୯ ଆସନ
- ମଇଦାନରେ ମୋଦି, ପ୍ରସାଦ, ଦେଓଲଙ୍କ ସମେତ ୯୧୮ ପ୍ରାର୍ଥୀ
- ୮ ରାଜ୍ୟରେ ୧.୧୨ ଲକ୍ଷ ବୁଥ୍
- ଭାଗ୍ୟ ନିର୍ଦ୍ଧାରଣ କରିବେ ୧୦ କୋଟି ଭୋଟର

ରବିବାର ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଏହି ପର୍ଯ୍ୟାୟରେ ସମସ୍ତଙ୍କ ନଜର ବାରାଣସୀ ଆସନ ଉପରେ ରହିଛି। ସେଠାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ୨୬ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ମୋଦିଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି କଂଗ୍ରେସର ଅଜୟ ରାୟ ଏବଂ ଏସ୍‌ପି-ବିଏସ୍‌ପି ମେଣ୍ଟ ପ୍ରାର୍ଥୀ ଶାଳିନୀ ଯାଦବ। ସେହିପରି କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନା ଏବଂ ଉତ୍ତରପ୍ରଦେଶ ଭାଜପା ସଭାପତି ମହେନ୍ଦ୍ର ନାଥ ପାଣ୍ଡେ ଯଥାକ୍ରମେ ଗାଜିପୁର ଏବଂ ଚନ୍ଦୌଲି ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର, ରବିଶଙ୍କର ପ୍ରସାଦ, ଏସ୍‌ଏଡି ମୁଖ୍ୟ ସୁଖବୀର ସିଂ ବାଦଲ, କେନ୍ଦ୍ରମନ୍ତ୍ରୀ ହର୍‌ସିମ୍ରତ୍ କୌର ବାଦଲ, ହରଦୀପ ସିଂ ପୁରୀ, କିରଣ ଖେର, ପଓ୍ୱନ କୁମାର ବଂଶଲ, ସନ୍ନି ଦେଓଲ, ଭଗଓ୍ୱନ୍ତ ସିଂ ମାନ୍ ପ୍ରମୁଖଙ୍କ ଭାଗ୍ୟ ରବିବାର ନିର୍ଦ୍ଧାରଣ ହେବାକୁ ଯାଉଛି। ପଶ୍ଚିମବଙ୍ଗରେ ସପ୍ତମ ପର୍ଯ୍ୟାୟରେ ଯେଉଁ ନେତା ନିର୍ବାଚନ ଲଢୁଛନ୍ତି, ସେମାନେ ହେଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭଣଜା ଅଭିଷେକ୍ ବାନାର୍ଜୀ, ୧୬ତମ ଲୋକ ସଭାର ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ ପ୍ରମୁଖ।

୫୯ ଆସନ ମଧ୍ୟରୁ ପଶ୍ଚିମବଙ୍ଗର ୯ଟି ଆସନ ଲାଗି ନିର୍ବାଚନ ପ୍ରଚାର ଗୁରୁବାର ରାତି ୧୦ଟାରୁ ବନ୍ଦ ହୋଇଥିବା ବେଳେ ଅନ୍ୟ ୫୦ ଆସନରେ ଶୁକ୍ରବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଥିଲା। ରବିବାର ସକାଳ ୭ରୁ ଭୋଟଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୨୩ ତାରିଖରେ ଲୋକ ସଭା ସମେତ ୪ ରାଜ୍ୟ ବିଧାନସଭା ଲାଗି ଭୋଟ ଗଣତି କରାଯିବ।

> ଇଭିଏମ୍‌କୁ ନେଇ ମୋର କୌଣସି ସନ୍ଦେହ ନାହିଁ। ଇଭିଏମ୍ ଜାଲିଆତି ସମ୍ଭବ ହୋଇଥିଲେ ୫ ରାଜ୍ୟରେ ଭାଜପାର ପରାଜୟ ହୋଇ ନ ଥାନ୍ତା।
> –ଅଜିତ୍ ପାଓ୍ୱାର, ଏନ୍‌ସିପି ନେତା



## ■ ବୈଠକରୁ ନିର୍ବାଚନ କମିଶନର ଲାଭାସା ଓହରିବା ଘଟଣା
# କେନ୍ଦ୍ରକୁ କଂଗ୍ରେସର ସମାଲୋଚନା

**ନୂଆଦିଲ୍ଲୀ,୧୮।୫(ପି.ଟି.)**

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କିତ ବୈଠକରୁ ନିର୍ବାଚନ କମିଶନର ଅଶୋକ ଲାଭାସା ଓହରିଯିବା ଘଟଣାରେ କେନ୍ଦ୍ର ସରକାରଙ୍କୁ କଂଗ୍ରେସ ସମାଲୋଚନା କରିଛି। ଆନୁଷ୍ଠାନିକ ସାଧୁତାର ଅବକ୍ଷୟ ବର୍ତ୍ତମାନ ବ୍ୟବସ୍ଥାର ହଲମାର୍କ ବୋଲି କଂଗ୍ରେସ କହିଛି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଇସି କ୍ଲିନ୍‌ଚିଟ୍ ଦେଇଥିବାବେଳେ ଏଥିରେ ଲାଭାସା ଏକମତ ହୋଇ ନଥିଲେ। ଏଥିପାଇଁ ଗତ ୪ ତାରିଖରୁ ସେ ଆଚରଣ ବିଧି ସମ୍ପର୍କିତ ଆଲୋଚନା ବୈଠକରେ ଯୋଗ ଦେଉ



ଅଶୋକ ଲାଭାସା

ନ ଥିବା କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେଓ୍ୱାଲା କହିଛନ୍ତି। ଲାଭାସା ଆଣିଥିବା ଅଭିଯୋଗର ତଦନ୍ତ କରାଯିବାକୁ କଂଗ୍ରେସ ଦାବି କରିଛି। ଅନ୍ୟପକ୍ଷରେ ଲାଭାସା ବୈଠକରେ ଯୋଗ ନ ଦେବା ଖବର ଗ୍ରହଣଯୋଗ୍ୟ ନୁହେଁ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା କହିଛନ୍ତି। ନିର୍ବାଚନ କମିଶନରେ ମତଭେଦ ନ ଥିବା ସେ ସୂଚନା ଦେଇଛନ୍ତି।

# ୪ ଆତଙ୍କବାଦୀ ନିହତ

**ଜମ୍ମୁ,୧୮।୫**

ଜମ୍ମୁ-କଶ୍ମୀରର ପୁଲ୍‌ଓ୍ୱାମା ଓ ବାରମୁଲ୍ଲା ଜିଲାରେ ସୁରକ୍ଷା କର୍ମୀ ପାକିସ୍ତାନ ସମର୍ଥିତ ୪ ଆତଙ୍କବାଦୀଙ୍କୁ ଶନିବାର ଏନ୍‌କାଉଣ୍ଟର୍ କରି ହତ୍ୟା କରିଛନ୍ତି। ଏମାନଙ୍କ ମଧ୍ୟରୁ ୩ ଜଣ ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ଆତଙ୍କବାଦୀ ଗୋଷ୍ଠୀର ବୋଲି ଜଣାପଡ଼ିଛି। ପୁଲ୍‌ଓ୍ୱାମାର ପଞ୍ଜଗାମ୍‌ରେ କେତେକ ଆତଙ୍କବାଦୀ ଲୁଚିଥିବା ଖବର ପାଇ ସେନା ପକ୍ଷରୁ ଗତ ରାତିରେ ଚଢାଉ କରାଯାଇଥିଲା। ପରେ ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ନିହତ ୩ ଆତଙ୍କବାଦୀ କଶ୍ମୀର ବାସିନ୍ଦା ଓ ସେମାନଙ୍କର ହିଜ୍‌ବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀ ସଙ୍ଗଠନ ସହ ସୁସମ୍ପର୍କ ଥିଲା ବୋଲି ଜଣାପଡ଼ିଛି। ସେମାନେ ହେଲେ ସୌକତ୍ ଅହମ୍ମଦ ଦର୍, ଇର୍ଫାନ୍ ଅହମ୍ମଦ ଓ ମୁଜାଫର ଅହମ୍ମଦ। ହିଜ୍‌ବୁଲ୍ କମାଣ୍ଡର୍ ସୌକତ୍ ଗତବର୍ଷ ସେନା ଯବାନ ଔରଙ୍ଗଜେବ୍‌ଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିଲେ।

ପରେ ବାରମୁଲ୍ଲାର ହାଥିଲାଙ୍ଗୁ ଗ୍ରାମରେ ଲୁଚିଥିବା ଜଣେ ଆତଙ୍କବାଦୀ ଯବାନଙ୍କ ଉପରକୁ ଗୁଳିମାଡ଼ କରିବାରୁ ତାଙ୍କୁ ଘେରାବନ୍ଦୀ ପରେ ଏନ୍‌କାଉଣ୍ଟର୍ କରାଯାଇ ହତ୍ୟା କରାଯାଇଥିଲା। ମୋଟ ୪ ଜଣ ଆତଙ୍କବାଦୀଙ୍କ ମୃତଦେହ ଜବତ କରାଯାଇଥିବାବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ୍ କରାଯାଇଥିବା ପ୍ରକାଶ। ସେଠାରେ ଅଧିକ ଆତଙ୍କବାଦୀ ଲୁଚିଥିବା ସନ୍ଦେହରେ ସର୍ଚ୍ଚ ଅପରେଶନ ଜାରି ରହିଛି।

## ■ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ
# ରାହୁଲଙ୍କୁ ଦେବେଗୌଡ଼ାଙ୍କ ସମର୍ଥନ

**ନୂଆଦିଲ୍ଲୀ,୧୮।୫**

ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍‌ଙ୍କ ପରେ ଜେଡିଏସ୍ ସୁପ୍ରିମୋ ଦେବେଗୌଡା କଂଗ୍ରେସ ଅଧ୍ୟକ୍ଷ ରାହୁଲଙ୍କ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ଶନିବାର ସମର୍ଥନ କରିଛନ୍ତି। ୮୭ତମ ଜନ୍ମଦିନରେ ସେ ଭେଙ୍କଟେଶ୍ୱର ମନ୍ଦିରରୁ ଫେରି ତିରୁମାଲାରେ ଖବରଦାତାଙ୍କ ସହ ଆଲୋଚନାବେଳେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀଭାବେ ଅଣଭାଜପା ମେଣ୍ଟରେ ରାହୁଲ ଉପଯୁକ୍ତ ଓ ଆମେ କଂଗ୍ରେସକୁ ସମର୍ଥନ ଦେବୁ ବୋଲି ପ୍ରକାଶ କରିଛନ୍ତି।

ଦେବେଗୌଡ଼ାଙ୍କ ପୁଅ ତଥା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି, କୁମାରସ୍ୱାମୀ ରାହୁଲ ତାଙ୍କ ଦଳର ପସନ୍ଦ ଓ ପ୍ରଧାନମନ୍ତ୍ରୀ ପଦଲାଗି ଉପଯୁକ୍ତ ବୋଲି କହିଛନ୍ତି। ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍ ରାହୁଲଙ୍କ ପ୍ରଧାନମନ୍ତ୍ରୀ ପଦକୁ ସମର୍ଥନ କରିଥିଲେ। ରାହୁଲଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବା ଲାଗି ବିରୋଧୀଙ୍କ ସ୍ୱର ଲମ୍ବିବାରେ ଲାଗିଥିବାବେଳେ ଭୋଟ ଫଳାଫଳ ଆସିବା ପରେ ବିରୋଧୀ ମହାମେଣ୍ଟ ଏକାଠି ହୋଇ ପ୍ରଧାନମନ୍ତ୍ରୀ ପଦରେ କାହାକୁ ବସାଯିବ ସେନେଇ ନିଷ୍ପତ୍ତି ନେବେ ବୋଲି କହିସାରିଛନ୍ତି।

# ଏଲ୍ ନିନ୍ୟୋ ପ୍ରଭାବ: ବଢ଼ିବ ଗ୍ରୀଷ୍ମ ପ୍ରବାହ

**ପୁଣେ,୧୮।୫**

ଭାରତରେ ୨୦୨୦ରୁ ୨୦୬୪ ପର୍ଯ୍ୟନ୍ତ ଏଲ୍ ନିନ୍ୟୋ ପ୍ରଭାବ ରହିବ। ଫଳରେ ଗ୍ରୀଷ୍ମ ପ୍ରବାହ ବଢ଼ିବ ବୋଲି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟିଓରୋଲୋଜି (ଆଇଆଇଟିଏମ୍)ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଏହାଦ୍ୱାରା ମୃତ୍ତିକାର ଆର୍ଦ୍ରତା ହ୍ରାସ ପାଇବ। ଫଳରେ ଚାଷ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଏଥିପାଇଁ ଦକ୍ଷିଣ ଭାରତ ତଥା ଉପକୂଳ



ଅଞ୍ଚଳ ଅଧିକ ପ୍ରଭାବିତ ହେବ। 'ଫ୍ୟୁଚର ପ୍ରୋଜେକ୍‌ସନ୍ ଅଫ୍ ହିଟ୍ ୱେଭ୍‌ସ ଓଭର ଇଣ୍ଡିଆ ଫ୍ରମ୍ ସିଏମ୍‌ଆଇପି୫ ମଡେଲସ୍' ଶୀର୍ଷକ ଏହି ରିପୋର୍ଟ ଅନ୍ତର୍ଜାତୀୟ ପତ୍ରିକା 'କ୍ଲାଇମେଟ୍ ଡାଇନାମିକ୍ସ'ରେ ପ୍ରକାଶ ପାଇଛି।

# 'ଇସ୍ରୋ'ର ଶୁକ୍ର ମିଶନ

**ନୂଆଦିଲ୍ଲୀ,୧୮।୫**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ୨୦୨୩ରେ ଶୁକ୍ର ମିଶନ ଆରମ୍ଭ କରାଯିବା ପାଇଁ ଯୋଜନା ହୋଇଛି। ଶୁକ୍ରକୁ ପୃଥିବୀର 'ଯମଜ ଭଗିନୀ' ରୂପେ ବିବେଚନା କରାଯାଏ। କାରଣ ପୃଥିବୀର ବସ୍ତୁତ୍ୱ, ଆକୃତି, ଗଠନ, ସାନ୍ଦ୍ରତା ଏବଂ ମାଧ୍ୟାକର୍ଷଣ ଶକ୍ତି ସହ ଶୁକ୍ରର ଏ ସବୁର ସାଦୃଶ୍ୟ ରହିଛି। ଉକ୍ତ ଅଭିଯାନ ଦ୍ୱାରା ଶୁକ୍ରର ପୃଷ୍ଠଭୂମି, ଏହାର ନିମ୍ନଅଂଶ, ପରିବେଶୀୟ ରସାୟନ ଏବଂ ଏହା ଉପରେ ସୌର ବିକିରଣର ପ୍ରଭାବ ସମ୍ପର୍କରେ ଜ୍ଞାନଲାଭ କରିହେବ। ଶୁକ୍ରକୁ ଯିବାକୁ ଥିବା ସ୍ପେସ୍‌କ୍ରାଫ୍ଟରେ ୨୦ରୁ ଅଧିକ ଉପକରଣ ଖଞ୍ଜାଯିବ। ଏହା ପୂର୍ବରୁ ୨୦୨୦ରେ କସ୍‌ମିକ୍ ରେଡିଏଶନ୍ ସମ୍ପର୍କରେ ଅଧ୍ୟୟନ ପାଇଁ ମହାକାଶକୁ ଇଣ୍ଟରପ୍ଲାନେଟାରି ମିଶନ୍ ଆରମ୍ଭ ହେବ। ସେହିପରି ୨୦୨୧ରେ ସୂର୍ଯ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଆଦିତ୍ୟ ଏଲ୍-୧, ୨୦୨୨ରେ ମାର୍ସ ଅର୍ବିଟର ମିଶନ୍-୨ ପ୍ରେରଣ କରାଯିବ। ୨୦୨୪ରେ ଚନ୍ଦ୍ରୟାନ-୩ ଏବଂ ୨୦୨୮ରେ ସୌରମଣ୍ଡଳର ଅଧ୍ୟୟନ ପାଇଁ ମହାକାଶ ଯାନ ପ୍ରେରଣ କରାଯିବାକୁ ଇସ୍ରୋ ଯୋଜନା ପ୍ରସ୍ତୁତ କରିଛି ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି।

# କେଦାରନାଥରେ ମୋଦି, ସୋମନାଥରେ ଶାହ





**ନୂଆଦିଲ୍ଲୀ,୧୮।୫(ପି.ଟି.)**

ଶେଷ ପର୍ଯ୍ୟାୟ ଲାଗି ରବିବାର ମତଦାନ କରାଯିବ। ଏହାର ଠିକ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉତ୍ତରାଖଣ୍ଡର କେଦାରନାଥ ମନ୍ଦିର ଯାଇ ପ୍ରାର୍ଥନା କରିବା ସହ ଗୁମ୍ଫାରେ ଧ୍ୟାନ କରିଥିବା ଜଣାପଡ଼ିଛି। 'ଧ୍ୟାନ କୁଟିଆ' ଗୁମ୍ଫାରେ ସେ କିଛି ସମୟ କଟାଇ ଭଗବାନଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ପ୍ରଧାନମନ୍ତ୍ରୀ ହେବା ପରେ ମୋଦିଙ୍କ ଏହା ଚତୁର୍ଥ କେଦାରନାଥ ଗସ୍ତ। ଶନିବାର ରାତି ତମାମ୍ ସେ ଧ୍ୟାନ କୁଟିଆରେ ରହିବା ପରେ ବଦ୍ରିନାଥ ମନ୍ଦିର ଯିବେ। ପ୍ରଧାନମନ୍ତ୍ରୀ ହେବା ପରେ ରବିବାର ସେ ପ୍ରଥମ ଥର ଲାଗି ବଦ୍ରିନାଥ ମନ୍ଦିର ଯିବାର କାର୍ଯ୍ୟକ୍ରମ ରହିଛି। ରବିବାର ସନ୍ଧ୍ୟାରେ ସେ ନୂଆଦିଲ୍ଲୀ ଫେରିଆସିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଗୁଜରାଟର ସୋମନାଥ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହ ଭଗବାନଙ୍କ ଶରଣ ପଶିଛନ୍ତି।

# କାନ୍ସ ରେଡ୍ କାର୍ପେଟରେ କଙ୍ଗନା

**କାନ୍ସ:** ଫ୍ରାନ୍ସର କାନ୍ସଠାରେ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ୍‌ର ୭୨ତମ ସଂସ୍କରଣ ଚାଲିଥିବାବେଳେ ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ଜଣେ ପରୀ ବେଶରେ ରେଡ୍ କାର୍ପେଟରେ ଚାଲିଥିବା ଦେଖାଯାଇଥିଲା। ଫିଲିପିନୋ ଫ୍ୟାଶନ୍ ଡିଜାଇନର ମାଇକେଲ ସିଙ୍କୋଙ୍କ ଦ୍ୱାରା ପ୍ରସ୍ତୁତ ଏକ ଫେମିନାଇନ୍ ଗାଉନ୍ ପରିଧାନ କରି କଙ୍ଗନା 'ରାଣୀ' ଭଳି ଶୋଭାପାଉଥିଲେ। ଏହି ଗାଉନରେ ବାଇଗଣି ଓ ଗୋଲାପି ରଙ୍ଗର ରତ୍ନ ଖଚିତ ହୋଇଥିଲା। ଏହା ଥିଲା ଅତ୍ୟନ୍ତ ଆକର୍ଷଣୀୟ ଓ ଚମତ୍କାର। ୩୨ ବର୍ଷୀୟା ଏହି ଅଭିନେତ୍ରୀ କମ୍ ମେକ୍-ଅପ୍‌ରେ ଖୁବ୍ ଆକର୍ଷଣୀୟ ଦେଖାଯାଉଥିଲେ।

ଭାରତୀୟ ଲଳନା କଙ୍ଗନା ବଲିଉଡ୍‌ର ଜଣେ ସଫଳ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା। ୩ଟି ନ୍ୟାଶନାଲ୍ ଫିଲ୍ମ ଆଓ୍ୱାର୍ଡ ଏବଂ ୪ଟି ଫିଲ୍ମ ଫେୟାର ଆଓ୍ୱାର୍ଡ ସମେତ ସେ ବିଭିନ୍ନ ପୁରସ୍କାର ଲାଭ କରିଛନ୍ତି। ଫୋର୍ବ୍‌ସ ଇଣ୍ଡିଆ'ସ୍ ସେଲିବ୍ରିଟି ୧୦୦ ତାଲିକାରେ ସେ ୫ଥର ସ୍ଥାନ ପାଇଛନ୍ତି। ତାଙ୍କ ଅଭିନୀତ ପରବର୍ତ୍ତୀ ଫିଲ୍ମ ହେଉଛି 'ମେଣ୍ଟାଲ ହୈ କ୍ୟା' ଏବଂ 'ପାଙ୍ଗା'।



## ■ ନିର୍ବାଚନ ଫଳାଫଳ ପୂର୍ବରୁ ବିରୋଧୀଙ୍କ ମେଣ୍ଟ ପ୍ରସ୍ତୁତି
# ରାହୁଲ, ପାଓ୍ୱାରଙ୍କୁ ଭେଟିଲେ ଚନ୍ଦ୍ରାବାବୁ

**ନୂଆଦିଲ୍ଲୀ,୧୮।୫**

ଭାଜପା ପୁଣିଥରେ ପୂର୍ଣ୍ଣସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଫେରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦମ୍ଭୋକ୍ତି ପ୍ରକାଶ କରିବା ପରେ ରାଜନୈତିକ ମହଲରେ ହଟଚମଟ ସୃଷ୍ଟି ହୋଇଛି। ଏହାର ଦିନକ ପରେ ବିରୋଧୀ ଦଳଗୁଡିକ ପୁଣିଥରେ ମେଣ୍ଟ ଗଠନ କରି ମୋଦିଙ୍କୁ କ୍ଷମତାରୁ ଦୂରେଇ ରଖିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଟିଡିପି ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଏହି ପରିପ୍ରେକ୍ଷୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଏନ୍‌ସିପି ନେତା ଶରଦ ପାଓ୍ୱାର, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ପ୍ରମୁଖଙ୍କୁ ଭେଟି ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି।

ସପ୍ତମ ପର୍ଯ୍ୟାୟ ମତଦାନର ଦୁଇଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ଖବରଦାତା ସମ୍ମିଳନୀରେ ନିଜ ସରକାରର ସଫଳତା ବଖାଣିଥିଲେ। ଏହି ଅବସରରେ ସେ ପୁଣିଥରେ ସରକାର ଗଠନ ନେଇ ଦୃଢ଼ୋକ୍ତି ବାଢ଼ିଥିଲେ। ହେଲେ



ଏନ୍‌ସିପି ନେତା ଶରଦ ପାଓ୍ୱାରଙ୍କ ସହ ଚନ୍ଦ୍ରାବାବୁ ନାଇଡୁ ।

ରାଜନୈତିକ ବିଶେଷଜ୍ଞମାନଙ୍କ ଆକଳନ ଅନୁଯାୟୀ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଉପା କେନ୍ଦ୍ରରେ ସରକାର ଗଢ଼ିବା ଲାଗି ପୂର୍ଣ୍ଣସଂଖ୍ୟାଗରିଷ୍ଠତା ହାସଲ କରି ନ ପାରନ୍ତି। ତେଣୁ କେନ୍ଦ୍ରରେ ଦୁଇପ୍ରକାର ସରକାର ଗଠନ ସମ୍ଭାବନା ରହିଛି। ଗୋଟିଏ ଏନ୍‌ଡିଏ ଏବଂ ଅନ୍ୟଟି ମୋଦି ବିରୋଧୀ ମେଣ୍ଟ ସରକାର। ମୋଦିଙ୍କୁ କ୍ଷମତାରୁ ଦୂରେଇ ରଖିବା ଲାଗି ଅଧିକାଂଶ ବିରୋଧୀ ଦଳ ସହମତ ଥିବା ଜଣାପଡିଛି। ଏଭଳି ସମୟରେ କୌଣସି ମେଣ୍ଟରେ ସାମିଲ ହୋଇ ନ ଥିବା ବିଜୁ ଜନତା ଦଳ (ବିଜେଡି), ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆରଏସ୍) ଏବଂ ଓ୍ୱାଇଏସ୍‌ଆର କଂଗ୍ରେସ ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଯିଏ ଓଡିଶାର ବିକାଶ କରିବ ତାକୁ ସମର୍ଥନ ଦିଆଯିବ ବୋଲି ବିଜେଡି କହିବା ସହ ଉଭୟ ମେଣ୍ଟଠାରୁ ସମଦୂରତ୍ୱ ରଖିଆସିଛି। ଅନ୍ୟପକ୍ଷରେ ବିରୋଧୀ ମେଣ୍ଟରେ ଟିଆର୍‌ଏସ ମିଶିବାକୁ ଚାହିଁଲେ ସ୍ୱାଗତ କରାଯିବ ବୋଲି ଶୁକ୍ରବାର ଚନ୍ଦ୍ରାବାବୁ କହିଛନ୍ତି। ରାଜନୈତିକ ସମୀକ୍ଷକମାନଙ୍କ କହିବା ଅନୁଯାୟୀ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ଭାଜପା କ୍ଷତିଗ୍ରସ୍ତ ହୋଇପାରେ। ଏଥିସହିତ ଉତ୍ତରପ୍ରଦେଶରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ଯୋଗୁ ସେଠାରେ ଭାଜପା ୩୦ରୁ ଊର୍ଦ୍ଧ୍ୱ ଆସନ ହରାଇପାରେ ବୋଲି ଆକଳନ କରାଯାଉଛି। ଏହି କ୍ଷତିର ଭରଣା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପଶ୍ଚିମବଙ୍ଗ ଏବଂ ଓଡିଶା ଉପରେ ଗୁରୁତ୍ୱ ଦେଉଥିଲେ ମଧ୍ୟ ଦୁଇ ରାଜ୍ୟରେ ଦଳକୁ ଆଶାନୁରୂପ ସଫଳତା ମିଳିବା ସମ୍ଭାବନା କମ୍ ଥିବା ଚର୍ଚ୍ଚା ହେଉଛି।

ଏହି ପରିପ୍ରେକ୍ଷୀରେ ବିରୋଧୀମାନଙ୍କୁ ଏକାଠି କରି ମିଳିତ ବିରୋଧୀ ମେଣ୍ଟ ଗଠନ ଲାଗି ଚନ୍ଦ୍ରାବାବୁ ଶନିବାର ରାହୁଲଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ସେ ସିପିଆଇ ନେତା ଜି. ସୁଧାକର ରେଡ୍ଡୀ ଏବଂ ଡି. ରାଜାଙ୍କୁ ଭେଟି ମେଣ୍ଟରେ ସାମିଲ ହେବା ଲାଗି ଅନୁରୋଧ କରିଛନ୍ତି। ଏହାବ୍ୟତୀତ ସେ ଏନ୍‌ସିପି ମୁଖ୍ୟ ଶରଦ ପାଓ୍ୱାର ଏବଂ ଏଲ୍‌ଜେଡି ନେତା ଶରଦ ଯାଦବଙ୍କୁ ମଧ୍ୟ ସାକ୍ଷାତ କରି ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ଏହା ପୂର୍ବରୁ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ଏଏପି ଆବାହକ ଅରବିନ୍ଦ କେଜ୍‌ରିଓ୍ୱାଲ ଏବଂ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ସହ ମଧ୍ୟ ସେ ଏକାଧିକ ବାର ଆଲୋଚନା କରିଛନ୍ତି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ମଧ୍ୟ ମେଣ୍ଟ ସମ୍ପର୍କରେ ନାଇଡୁଙ୍କ ଆଲୋଚନା ହୋଇଛି। ଭାଜପାକୁ କ୍ଷମତାରୁ ଦୂରେଇ ରଖିବାକୁ ହେଲେ ସମସ୍ତେ ଏକାଠି ହେବା ଉଚିତ ବୋଲି ଚନ୍ଦ୍ରାବାବୁ ନେତାମାନଙ୍କୁ କହୁଛନ୍ତି। ଯଦି ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରି ମଧ୍ୟ ସରକାର ଗଠନ ଲାଗି ଦାବି ଉପସ୍ଥାପନ କରେ ସେ କ୍ଷେତ୍ରରେ କ'ଣ କରାଯିବ ସେଥିପାଇଁ ଏକ ରଣକୌଶଳ ପ୍ରସ୍ତୁତ କରିବା ନିମନ୍ତେ ରାହୁଲଙ୍କୁ ଟିଡିପି ଅଧ୍ୟକ୍ଷ କହିଥିବା ଜଣାପଡିଛି।

ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ




■ ଶ୍ରୀମନ୍ଦିର କ୍ଷୟକ୍ଷତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

# ଜୁନ୍ ୧୭ ସୁଦ୍ଧା ସରିବ ମରାମତି କାମ

■ ଭାଙ୍ଗିଥିବା ଜୟ ମୂର୍ତ୍ତି ପଥରରେ ତିଆରି ହେବ

■ ଅଧିକ କ୍ଷତିଗ୍ରସ୍ତ ହୋଇଛି ଗୁଣ୍ଡିଚା ମନ୍ଦିର

**ପୁରୀ ଅଫିସ,୧୮।୫**

ବାତ୍ୟାରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶନିବାର ଅପରାହ୍ନ ପ୍ରାୟ ୪ଟା ୪୫ରେ ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବାଇଶିପାହାଚ, ଘଣ୍ଟିଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଭିତରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରି ବେହେରଣ ଦ୍ୱାର ଦେଇ ବଟ ଗଣେଶଙ୍କ ପାଖକୁ ଯାଇଥିଲେ । ସେଠାରେ ଭାଙ୍ଗିଯାଇଥିବା ବଟବୃକ୍ଷ ଏବଂ ମୁଖ୍ୟ ମନ୍ଦିରର ସିଂହ ମୂର୍ତ୍ତି ଦେଖିଥିଲେ। ପ୍ରାୟ ୨୦ମିନିଟ୍ ମନ୍ଦିରରେ ରହି ବାହାରକୁ ଆସିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ ଯେ, ବାତ୍ୟାରେ ଶ୍ରୀମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏ ନେଇ ଏଏସ୍ଆଇ ଏବଂ ମନ୍ଦିର ପ୍ରଶାସନ ସହ ଆଲୋଚନା କରିଛି । ଜୁନ୍ ୧୭ ତାରିଖ ସୁଦ୍ଧା ମରାମତି କାମ ଶେଷ ହୋଇଯିବ।



ସିଂହଦ୍ୱାର ସମ୍ମୁଖରେ ଭାଙ୍ଗିଯାଇଥିବା ଜୟ ମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖୁଛନ୍ତି।

ଏହି ଅବସରରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ସିଂହଦ୍ୱାରରେ ଭାଙ୍ଗିଥିବା ଜୟ ମୂର୍ତ୍ତି, ଭୋଗମଣ୍ଡପ ଉପରେ ଭାଙ୍ଗିଥିବା କଳସ, ଲୁହାଭାରା ଦ୍ୱାରା ଭାଙ୍ଗି ତଳକୁ ଖସିପଡ଼ିଥିବା ମୁଖ୍ୟମନ୍ଦିରର ୨ଟି ସିଂହମୂର୍ତ୍ତି, ବଟବୃକ୍ଷ ପ୍ରଭୃତି ମୁଖ୍ୟମନ୍ତ୍ରୀଙ୍କୁ ଦେଖାଇ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ଆନନ୍ଦବଜାର ଏବଂ ବିଶେଷକରି ଅଧିକ ମାତ୍ରାରେ ଗୁଣ୍ଡିଚା ମନ୍ଦିର କ୍ଷତିଗ୍ରସ୍ତ ହୋଇଥିବା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସ୍ଆଇର କାମ ବାକି ରହିଛି। ଶ୍ରୀମନ୍ଦିରରେ ଏଏସ୍ଆଇର ୫/୬ଟି କିଛି କାମ ରହିଥିବାବେଳେ ମନ୍ଦିର ପ୍ରଶାସନର ୨୨ଟି କାମ ରହିଛି। ସେହିପରି ଗୁଣ୍ଡିଚା ମନ୍ଦିରରେ ପ୍ରାୟ ସବୁ କାମ ଶ୍ରୀମନ୍ଦିର ପ୍ରଶାସନ କରିବ। ଏ ସବୁ କାମର ତାଲିକା ହୋଇଯାଇଛି। ଠିକାଦାରମାନେ ମଧ୍ୟ କାମ ଆରମ୍ଭ କରିଦେଇଛନ୍ତି। ଉଭୟ ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିରର ମରାମତି କାମ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ଅର୍ଥାତ୍ ଜୁନ୍ ୧୭ତାରିଖ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ତାରିଖ ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ସବୁ କାମ ଧାର୍ଯ୍ୟ ସମୟ ଭିତରେ ଶେଷ ହୋଇଯିବ ବୋଲି ଆଶା ରଖିଛୁ। ତେବେ ଭାଙ୍ଗିଯାଇଥିବା ଜୟ ମୂର୍ତ୍ତିକୁ ପଥରରେ କରିବା ଲାଗି ଏଏସ୍ଆଇକୁ କୁହାଯାଇଛି। ଏହି ଗୋଟିଏ କାମ ପାଇଁ ସମୟ ଲାଗିପାରେ। ଏହି ମୂର୍ତ୍ତି ପ୍ରଥମେ ପଥରରେ ତିଆରି କରାଯିବ। ଏହାପରେ ରଙ୍ଗ ଦିଆଯାଇ ମୂର୍ତ୍ତି ସ୍ଥାପନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ସେହିପରି ଗୁଣ୍ଡିଚା ମନ୍ଦିର କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଥିଲେ, ରୋଷଘର, ଭିତରବେଢାରେ ଥିବା ସେବାୟତ ଏବଂ ଅଧିକାରୀଙ୍କ ବସାଉଠା ପ୍ରକୋଷ୍ଠ ଭାଙ୍ଗିଯାଇଛି। ଆନନ୍ଦ ବଜାରର ଶେଡ୍ ଭାଙ୍ଗିଯାଇଛି। ଗୁଣ୍ଡିଚା ମନ୍ଦିରର ମୁଖ୍ୟ ମନ୍ଦିରକୁ ବାଦ୍ ଦେଲେ ଆଉସବୁ ଛାର୍‌ଖାର ହୋଇଯାଇଥିବା ସେ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଶ୍ରୀମନ୍ଦିର ପରିଦର୍ଶନ ସମୟରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ବଲୱନ୍ତ ସିଂ, ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ଉନ୍ନୟନ ପ୍ରଶାସକ ବିଶ୍ୱନାଥ ସାହୁ, ସୁରକ୍ଷା ପ୍ରଶାସକ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ଏଏସ୍ଆଇ ଅଧିକାରୀ ଏବଂ ସେବକମାନେ ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୧୦ ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୧୮।୫(ଡି.ଏନ.ଏ.)**

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଜିଲା ସ୍ୱତନ୍ତ୍ର ବିଚାରପତି ପୋକ୍ସୋ ଅଜନ୍ତା ଷଡଙ୍ଗୀ ଶନିବାର ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡସ୍ୱରୂପ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ ଆଉ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୬ ଏପ୍ରିଲ ୪ ତାରିଖରେ ସୋର ଥାନା ଅଞ୍ଚଳସ୍ଥିତ ମାମୁ ଘରକୁ ସମ୍ପୃକ୍ତ ନାବାଳିକା ବୁଲିବାକୁ ଆସିଥିଲେ। ସେହି ଅଞ୍ଚଳର ଦେବବ୍ରତ ମାଝି(୨୬) ତାଙ୍କୁ ବଳପୂର୍ବକ ଉଠାଇନେଇ ବଳାତ୍କାର କରିଥିଲେ। ଏନେଇ ସୋର ଥାନାରେ ମାମଲା (ନଂ.୭୩/୨୦୧୬) ରୁଜୁ କରାଯାଇ କୋର୍ଟରେ ଶୁଣାଣି ଚାଲିଥିଲା। ଜିଲା ସ୍ୱତନ୍ତ୍ର ବିଚାରପତି ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।







## ଆଜି କ'ଣ କେଉଁଠି

**ବରଗଡ଼**

- ନାଟକ ଏନ୍ତା ଏନ୍ତା କଥା ମଞ୍ଚସ୍ଥ, ସୌଖୀନ କଳାକାର ସଂଘ, ସନ୍ଧ୍ୟା ୭ଟା।

**ସମ୍ବଲପୁର**

- ନାରଦ ଜୟନ୍ତୀ, ସମ୍ବଲପୁର ପ୍ରେସ୍ ଭବନ, ସକାଳ ୮ଟା।
- ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନା ଚକ୍ର, ସମ୍ବଲପୁର ପ୍ରେସ୍ ଭବନ, ପୂର୍ବାହ୍ନ ୧୧ଟା।

# ପଞ୍ଚାୟତ କାର୍ଯ୍ୟାଳୟକୁ ମାଓବାଦୀଙ୍କ ଟାର୍ଗେଟ

**ଆସବାବପତ୍ର, ଅଫିସ ନଥିପତ୍ର ପୋଡିଲେ**

**ମାଥିଲି/ମାଲକାନଗିରି,୧୮।୫ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ମାଥିଲି ଅଞ୍ଚଳରେ ଲାଲବାହିନୀ ଶୁକ୍ରବାର ରାତିରେ ଉପସ୍ଥିତି ଜାହିର କରିଛନ୍ତି। କିଛିଦିନର ନୀରବତା ପରେ ସେମାନେ ପୁଣି ସକ୍ରିୟ ହୋଇଛନ୍ତି। ମାଥିଲି ବ୍ଲକ ଅନ୍ତର୍ଗତ ଟେମୁରୁପାଲି ପଞ୍ଚାୟତ କାର୍ଯ୍ୟାଳୟକୁ ମାଓବାଦୀମାନେ ଧ୍ୱଂସ କରିଦେଇଛନ୍ତି। ଏହା ଶନିବାର ସକାଳେ ଜଣାପଡିବା ପରେ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଖବରରୁ ଜଣାପଡିଛି ଶୁକ୍ରବାର ବିଳମ୍ବିତ ରାତିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମାଓବାଦୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଶାବଳ, କୋଦାଳ ସାହାଯ୍ୟରେ ପଞ୍ଚାୟତ କାର୍ଯ୍ୟାଳୟକୁ ଭାଙ୍ଗିରୁଜି ଛାରଖାର କରିଦେଇଛନ୍ତି। ଏଠାରେ ଥିବା ଆସବାବପତ୍ର ସହ ଅଫିସ ନଥିପତ୍ରକୁ ପୋଡି ପାଉଁଶ କରି ଦେଇଛନ୍ତି । ଫଳରେ କାର୍ଯ୍ୟାଳୟର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏପରି ବର୍ବରୋଚିତ ଅମାନୁଷିକ ଘଟଣା ଦର୍ଭା ଡିଭିଜନ ମାଓବାଦୀମାନେ ଘଟାଇଥିବା ଜଣାପଡିଛି। ଯିବା ବେଳେ ମାଓବାଦୀମାନେ ସେଠାରେ ଏକ ପୋଷ୍ଟର ଛାଡି ଯାଇଛନ୍ତି। ପୋଷ୍ଟରରେ ସିପିଆଇ ମାଓବାଦୀ ପକ୍ଷରୁ ଶନିବାର ବସ୍ତର ବନ୍ଦ ଡାକରା ଦେବା ସହ ପୋଲିସର ଦମନଲୀଳା ବିରୋଧରେ ଉଲ୍ଲେଖ ରହିଛି। ଦର୍ଭା ମାଓବାଦୀ ଡିଭିଜନ କମିଟି ପକ୍ଷରୁ ମରାଯାଇଥିବା ଏହି ପୋଷ୍ଟରରେ ଆହୁରି କୁହାଯାଇଛି ଯେ, ଦାନ୍ତେୱାଡାରେ ମାଓବାଦୀ ବିରୋଧୀ ଅଭିଯାନରେ ପୋଲିସ ଆଦିବାସୀଙ୍କୁ ହତ୍ୟା କରିବା ସହ ମିଥ୍ୟା ଏନକାଉଣ୍ଟର କରୁଛି। ଏହାକୁ ବିରୋଧ କରି ଜନଯୁଦ୍ଧରେ ଯୋଗଦେଇ ମାଓବାଦୀ ସଙ୍ଗଠନକୁ ଆହୁରି ସକ୍ରିୟ କରିବାକୁ ଆହ୍ୱାନ ରହିଛି। ବହୁ ଲୋକ ଆତ୍ମସମର୍ପଣ କରି ପୋଲିସକୁ ସୂଚନା ଦେଉଥିବାରୁ ଆଗାମୀ ଦିନରେ ଏହାର ଉଚିତ ଜବାବ ସେମାନେ ଦେବେ ବୋଲି ଏଥିରେ ଉଲ୍ଲେଖ ରହିଛି। ଘଟଣାସ୍ଥଳରେ ମାଥିଲି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି ବୋଲି ଏସ୍.ପି. ଜଗମୋହନ ମିନା କହିଛନ୍ତି।




# ପୁନରୁଦ୍ଧାର ହେବ ଉପକୂଳ ସବୁଜିମା

■ ୫ବର୍ଷରେ ଖର୍ଚ୍ଚ ହେବ ୨୦୦ କୋଟି

■ ୮ ହଜାର ହେକ୍ଟର ଅଞ୍ଚଳରେ ହେବ ବୃକ୍ଷରୋପଣ

■ ୧୨ ହଜାର ହେକ୍ଟରରେ ଫଳଗଛ ଲଗାଯିବ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

ବାତ୍ୟା 'ଫନୀ'ରେ ଉପକୂଳ ଅଞ୍ଚଳରେ ଜଙ୍ଗଲ ଓ ବୃକ୍ଷ ସମ୍ପଦ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାବେଳେ ସବୁଜିମା ଉଜୁଡି ଯାଇଛି। ତେଣୁ ଉପକୂଳ ସବୁଜିମାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରିବା ସହ ଉପକୂଳ ସୁରକ୍ଷା ବଳୟର ପୁନରୁଦ୍ଧାର ଓ ବନୀକରଣ ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୫ବର୍ଷ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ମିଳିଥିବା ସୂଚନାନୁସାରେ, ନିର୍ଦ୍ଧାରିତ ସମୟ ମଧ୍ୟରେ ୮ହଜାର ହେକ୍ଟର ପରିମିତ ଅଞ୍ଚଳରେ ବୃକ୍ଷରୋପଣ କରାଯିବ। ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ୨୦୧୮-୧୯ରେ ୬୫ଲକ୍ଷ ଚାରା ରୋପଣ ଓ ବଣ୍ଟନ କରାଯାଇଥିବାବେଳେ ୨୦୧୯-୨୦ରେ ଏହାକୁ ଦୁଇଗୁଣ ଅର୍ଥାତ୍ ୧ କୋଟି ୩୦ଲକ୍ଷ ଚାରା ରୋପଣ କରାଯିବ। ଚଳିତବର୍ଷ ବିଭିନ୍ନ ସଂସ୍ଥା ଓ ଜନସାଧାରଣଙ୍କୁ ୫୦ଲକ୍ଷ ଚାରା ମାଗଣାରେ ଦିଆଯିବ। ସହରାଞ୍ଚଳ ବୃକ୍ଷରୋପଣ ଯୋଜନାରେ ଆସନ୍ତା ୫ବର୍ଷ ମଧ୍ୟରେ ୫ଲକ୍ଷ ବୃକ୍ଷ ଲଗାଯିବ। କେବଳ ଚଳିତବର୍ଷ ୧ଲକ୍ଷ ଗଛ ଲଗାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଲୋକଙ୍କ ଜୀବିକାର ପୁନରୁଦ୍ଧାର ପାଇଁ ୧୨ହଜାର ହେକ୍ଟର ଅଞ୍ଚଳରେ ଫଳ ଗଛ ଲଗାଯିବ। ଏଥିସହିତ ୩ବର୍ଷ ପାଇଁ ଇଣ୍ଟର-କ୍ରପିଂ ପ୍ୟାକେଜ୍ ମଧ୍ୟ ଦିଆଯିବ। ୫ଲକ୍ଷ ଫଳ ଗଛ ଚାରା ଯୋଗାଇ ଦିଆଯିବା ସହିତ ଲୋକଙ୍କ ଘରବାଡ଼ିରେ ୪ଲକ୍ଷ ନ୍ୟୁଟ୍ରି-ଗାର୍ଡେନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନ, କୃଷି ଉତ୍ପାଦନ କମିଶନର, ବନବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ଉପସ୍ଥିତ ଥିଲେ।



ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୯ ମେ, ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଦିକ୍ଷା
ପରିବାରବର୍ଗ



ମୁନ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସ୍କୁଟି ଉପରେ ଚଢ଼ିଗଲା ଟ୍ରକ୍: ମା'ଝିଅଙ୍କ ସମେତ ୩ ମୃତ

ପରଜଙ୍ଗ/ତାଳଚେର, (ଡି.ଏନ.ଏ./ନି.ପ୍ର.)-ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡିଅଧୀନ ୫୩ନଂ ଜାତୀୟ ରାଜପଥର ସରାଙ୍ଗ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିକଟରେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ୧୦ ଚକିଆ ଟ୍ରକ୍ ଚଢ଼ିଯିବାରୁ ୩ ଜଣ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତାଳଚେର କାକୁଡ଼ିଆ ଗ୍ରାମର ଶ୍ରାବଣୀ ଶତପଥୀ, ମା' ନମିତା ଶତପଥୀ ଏବଂ ତାଙ୍କ ମାମୁ ଝିଅ ଭଉଣୀ ଶୁଭଶ୍ରୀ ଦେବତା। ତିନିଜଣ କାକୁଡ଼ିଆରୁ ପରଜଙ୍ଗ ଥାନା ମୁଣ୍ଡେଇଲୋ ଗ୍ରାମସ୍ଥିତ ବନ୍ଧୁ ଘରକୁ ଯାଉଥିବାବେଳେ ଟ୍ରକ୍‌ଟି ପଛପଟୁ ସ୍କୁଟି ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଶ୍ରାବଣୀଙ୍କ ପ୍ରାଣବାୟୁ ଉଡ଼ିଯାଇଥିବାବେଳେ ତାଳଚେର ଡାକ୍ତରଖାନାରେ ଶୁଭଶ୍ରୀଙ୍କ ମୃତ୍ୟୁ ଘଟିଥିଲା। ନମିତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଉଚ୍ଚମନ, ଉତ୍କୃଷ୍ଟ ବିଚାରଧାରା, ପାରିବାରିକ ସହଯୋଗରେ କାମ ହାସଲ କରିବାରେ ମଧ କିଛି ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ଉଚ୍ଚାସନ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ବେଶ୍ ଭଲରେ ଚାଲିବ।

**ବୃଷ**
ଆଜିର ପ୍ରତ୍ୟୁଷ ଯାତ୍ରା ତୃତୀୟ ଚନ୍ଦ୍ର ପ୍ରଭାବରୁ ନିରଙ୍କୁଶ ରହିବ। ଆପଣଙ୍କ ଚିନ୍ତା ଓ ଯୋଜନାନୁଯାୟୀ ପ୍ରତ୍ୟେକ କାମ ମଧ ଠିକ୍ ସମୟରେ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ଆଇନ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ମହିଳାମାନେ ପାରିବାରିକ ସମସ୍ୟାକୁ ସୁଧାରି ନେବା ସକାଶେ ଚେଷ୍ଟା କରିପାରନ୍ତି।

**ମିଥୁନ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ପାଇବେ ଯେତିକି ତାହାଠାରୁ ଅଧିକ ଦେବାକୁ ପଡିପାରେ। ସନ୍ଧ୍ୟା ସମୟରେ ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରନ୍ତୁ କିଛି ସମୟ ପରେ ସଫଳତା ମିଳିବ। ଆର୍ଥିକ ଦିଗରୁ ଦିନଟି ବହୁତ ଭଲ। ମହିଳାଙ୍କ ପାରିବାରିକ ସମସ୍ୟା ଚିନ୍ତାର କାରଣ ହେବ।

**କର୍କଟ**
ପରିସ୍ଥିତି ଓ ପରିଣାମକୁ ଆଖି ଆଗରେ ରଖି କାମ କରିଚାଲିଲେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। କିନ୍ତୁ ପରୋକ୍ଷ ପରୀକ୍ଷା ଓ ଅନୁସନ୍ଧାନ ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଠିକ୍ ହେବ ନାହିଁ। ପ୍ରତିବନ୍ଧକ ଲାଗି ରହିବା କାରଣରୁ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ସିଂହ**
ଯେଉଁ ଦୃଷ୍ଟିକୋଣ ନେଇ ଅନ୍ୟକୁ ସାହାଯ୍ୟ କରିବାକୁ ଯିବେ ତାହାକୁ ଖଳବୁଦ୍ଧି ବିଶିଷ୍ଟ ବନ୍ଧୁମାନେ ଅନ୍ୟ ଅର୍ଥରେ ଗ୍ରହଣ କରିବେ। ଏଣେ ଅଭାବବୋଧ ଲାଗି ରହିବ ତେଣେ ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ତୁଷ୍ଟି କରି ପାରିବେ ନାହିଁ। ଫଳରେ ଦ୍ୱନ୍ଦ୍ୱ ଯୁକ୍ତ ହୋଇ ଅସାବଧାନତାବଶତଃ ଭଲ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇ ଯିବାକୁ ପଡିପାରେ।

**କନ୍ୟା**
ଦିନଟିରେ ଏମିତି କୌଣସି କାମ ନାହିଁ, ଯାହାକି ସହଜ ଓ ସୁବିଧାରେ ହୋଇଛି ବୋଲି ଚିନ୍ତା କରିବେ। ଯାହାକୁ ନିଜର ବୋଲି ଭାବିବେ ସେହି ବ୍ୟକ୍ତି ହିଁ ସରଳତାର ସୁଯୋଗ ନେବାକୁ ପଛାଇବ ନାହିଁ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ନିର୍ମାଣ, ପରିବହନ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ।

**ତୁଳା**
ଅନାଗତ ଭବିଷ୍ୟତ ସମୟର ଅସୁବିଧା କଳ୍ପନା କରି ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମନର ଭାବାବେଗକୁ ବନ୍ଧୁ ନିକଟରେ ପ୍ରକାଶ କରିବା ହେତୁ ଭୁଲ୍ ବୁଝାମଣାର ପରିସ୍ଥିତି ସୃଷ୍ଟି ହେବ। ବିଶାଖା ନକ୍ଷତ୍ରର ସୁସଂଯତ କାର୍ଯ୍ୟଶୈଳୀ ଜନ ସମାଜରେ ଆଦରଣୀୟ ହୋଇପାରିବ।

**ବିଛା**
ଆଜି ଆପଣ ପ୍ରତ୍ୟେକ କ୍ଷେତ୍ରରେ ଯାହା କହିବେ ଅବଶ୍ୟ ମାପିଚୁପି କହିବାକୁ ପସନ୍ଦ କରିପାରନ୍ତି। ମନ କଥାକୁ ଗୋପନ ରଖି କାମ ହାସଲର ଆନୁଷଙ୍ଗିକ ପଦ୍ଧତିକୁ ଅନୁସରଣ କରିପାରନ୍ତି। କିନ୍ତୁ ଅନୁରାଧା ନକ୍ଷତ୍ରର ସମସ୍ତ ପ୍ରକାରର ସୁବିଧା ଥାଇ ମଧ କୌଣସି କାମରେ ମନ ଲାଗିବ ନାହିଁ। କର୍ମକ୍ଷେତ୍ରରେ ବହୁଦିନର ମନାନ୍ତର ସମାଧାନ ହୋଇଯିବ।

**ଧନୁ**
ଚିନ୍ତାଜନକ ପରିସ୍ଥିତି ଆଜିର ଦିନଟିକୁ ନିରୁତ୍ସାହିତ କରିପାରେ। କୌଣସି କାମ ଶୃଙ୍ଖଳିତ ଭାବରେ ନ ହେବା କାରଣରୁ ଧୈର୍ଯ୍ୟଚ୍ୟୁତି ଘଟିବାର ଆଶଙ୍କା ରହିଛି। ବ୍ୟବସାୟ ଓ ପରିବହନରେ କେତେକ ଆଧୁନିକୀକରଣ କରିପାରନ୍ତି। ନିର୍ମାଣ କ୍ଷେତ୍ରରେ ଆବଶ୍ୟକ ଜିନିଷ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିପାରେ। ମହିଳାମାନେ ଭୁଲ୍ ବୁଝାମଣା ଯୋଗୁ ମନସ୍ତାପ କରିବେ।

**ମକର**
ପରିବାର ମଧ୍ୟରେ ନିଜର ଅସ୍ଥିର ମନୋଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଯାହାକି ପରିବେଶକୁ କ୍ଷତ ବିକ୍ଷତ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ର ଓ ବ୍ୟବସାୟିକ ଦିଗଟି ବିଶେଷ ମନ୍ଦ ହେବ ନାହିଁ କିନ୍ତୁ ପ୍ରତିବନ୍ଧକ ଲାଗି ରହିବ। ଆଗାମୀ ମାଙ୍ଗଳିକ ଉତ୍ସବକୁ ନେଇ ନିର୍ମାଣାଧୀନ ଗୃହ, ଯାନବାହନକୁ ଶେଷ ସ୍ପର୍ଶ ଦେବେ।

**କୁମ୍ଭ**
ଅଧିକାଂଶ ସମୟ ଘରେ ଅଶାନ୍ତି ପୂର୍ବପରି ଲାଗି ରହୁଥିବା ହେତୁ କିମ୍ବା କାମଗୁଡିକ ଠିକ୍ ଭାବେ ନ ହେବାରୁ ମନ ଭଲ ରହିବ ନାହିଁ। ଅଫିସ୍ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ ଏବଂ ସମସ୍ୟା ଦୂରେଇ ଯିବ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ, ମାତ୍ର ବିଶେଷ ଅସୁବିଧା ହେବ ନାହିଁ। ନୂତନ ଯୋଜନା କଥା ଚିନ୍ତା କରିପାରନ୍ତି।

**ମୀନ**
କାର୍ଯ୍ୟବ୍ୟସ୍ତତା କାରଣରୁ ପରିବାର ପାଇଁ ଆଜି ବେଶି ସମୟ ଦେଇପାରିବେ ନାହିଁ। ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ପ୍ରତ୍ୟେକ କ୍ଷେତ୍ରରୁ ଆଶାନୁରୂପ ସହାନୁଭୂତି ପାଇ ମନ ଖୁସି ରହିବ। ବୃତ୍ତି, ବାଣିଜ୍ୟ, ଆଲୋଚନା କେତେକାଂଶରେ ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ସନ୍ତୋଷଜନକ ହୋଇ ନ ପାରେ। ମହିଳାମାନଙ୍କ ପାଇଁ ଦିନଟି ଭଲ।

ଆଜି ଜ୍ୟେଷ୍ଠ କୃଷ୍ଣ ପ୍ରତିପଦା ରବିବାର, ମେ ୧୯ ତାରିଖ, ରାଶି ନକ୍ଷତ୍ର, ଅନୁରାଧା/ବିଛା, ମେଷ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ୬।୫୦ମି. ଗତେ, ଘ୮।୨୫ମି. ମଧ୍ୟେ ଅମୃତବେଳା। ଦିବା, ଘ୮।୨୫ମି. ଗତେ ଘ୧୦।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୪୫ମି. ଗତେ, ଘ୩।୩୭ମି. ମଧ୍ୟେ, ଘ୪।୨୯ମି. ଗତେ ଘ୫।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୪।୩୭ମି. ଗତେ ଘ୬।୧୩ମି. ମଧ୍ୟେ ରାହୁକାଳ।

## ହେଲ୍ଫି କର୍ଣ୍ଣର



ପ୍ରଦ୍ୟୁମ୍ନ



ଦିବାକର



ସରୋଜିନୀ



ସୁଧାକର



ମାନସ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଓଜେଇଇ ଦେଲେ ୩୦ହଜାର ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୮।୫(ବ୍ୟୁରୋ)



ପରୀକ୍ଷା ଦେଇ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀଛାତ୍ରମାନେ ଫେରୁଛନ୍ତି।

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୨୦ ସହରର ୫୩ଟି କେନ୍ଦ୍ରରେ ପ୍ରାୟ ୩୦ହଜାର ଛାତ୍ରୀଛାତ୍ର ଅଫ୍‌ଲାଇନ୍‌ରେ ଏହି ପରୀକ୍ଷା ଦେଇଛନ୍ତି। ଦୁଇଟି ସିଟିଂରେ ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ସକାଳ ୯ଟାରୁ ୧୨ଯାଏ ବି. ଫାର୍ମା ଓ ୯ଟାରୁ ୧୦ ଯାଏ ଆଇଏମ୍‌ବିଏ, ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଫାର୍ମା ଓ ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଟେକ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ସିଟିଂ ୨ଟାରୁ ୪ଟା ଯାଏ ଲାଟେରାଲ୍ ଏଣ୍ଟ୍ରି ଟୁ ବି.ଟେକ୍ ଫର୍ ଡିପ୍ଲୋମା ଷ୍ଟୁଡେଣ୍ଟସ୍ ଅନୁଷ୍ଠିତ ହୋଇଥିଲା। ଜୁନ୍ ପ୍ରଥମ ସପ୍ତାହରେ ଫଳ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ହେବାକୁ ଥିବା କମ୍ପ୍ୟୁଟର ବେସ୍‌ଡ ପରୀକ୍ଷା ପାଇଁ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି। ସୂଚନାଯୋଗ୍ୟ, ମେ' ୧୨ରେ ଅଫ୍‌ଲାଇନ ଓ ୧୩ରେ ଅନ୍‌ଲାଇନ ଓଜେଇଇ ହେବାର ଥିଲା। କିନ୍ତୁ ବାତ୍ୟା 'ଫନୀ' ଯୋଗୁ ପରୀକ୍ଷାକୁ ଘୁଞ୍ଚାଯାଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

■ ଫନୀ ପୁନରୁଦ୍ଧାର : ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ବୁଲା ବିକାଳି, ନଡିଆ ଚାଷୀ, କୁକୁଡ଼ା ଚାଷୀଙ୍କ ପାଇଁ ସହାୟତା

ଭୁବନେଶ୍ୱର,୧୮।୫(ବ୍ୟୁରୋ)

**ଖର୍ଚ୍ଚ ହେବ ୧୦୦ କୋଟି**

ରାଜ୍ୟର ୧୧ଟି ପୌରାଞ୍ଚଳର ପ୍ରାୟ ୩୦,୦୦୦ ଷ୍ଟ୍ରିଟ୍ ଭେଣ୍ଡର(ରାସ୍ତା ବିକାଳି) ଫନୀ ଦ୍ୱାରା ବହୁଳ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ କ୍ଷତିକୁ ଭରଣା କରିବା ପାଇଁ ପ୍ରତ୍ୟେକଙ୍କୁ ୧୦,୦୦୦ ଲେଖାଏ ଟଙ୍କାର ସହାୟତା ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଚିବାଳୟରେ ଏହି ସୂଚନା ଦେଇଛନ୍ତି। ସେହିପରି କ୍ଷତିଗ୍ରସ୍ତ ହୋଇଥିବା ନଡିଆ ଗଛ ପିଛା ୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଉପକୂଳ ଓଡ଼ିଶାର ଅଧିକାଂଶ ଲୋକ ନଡିଆ ଗଛ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭରଶୀଳ। ପ୍ରାଥମିକଭାବେ ପ୍ରତି ଚାଷୀଙ୍କୁ ୨୫ଟି କ୍ଷତିଗ୍ରସ୍ତ ନଡିଆ ଗଛ ପାଇଁ ଏହି ସହାୟତା ପ୍ରଦାନ କରାଯିବ। ପୁରୀ ତଥା ଅନ୍ୟ ଅଞ୍ଚଳର ବହୁ ନଡିଆ ଗଛ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏହି ସବୁ ଅଞ୍ଚଳରେ ପୁନର୍ବାର ବୃକ୍ଷରୋପଣକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଆବଶ୍ୟକ ଇନ୍‌ପୁଟ୍ ସବ୍‌ସିଡି ଓ ଚାରା ଆଦି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବାର ନିଷ୍ପତ୍ତି ହୋଇଛି।

ବହୁ ବ୍ରଏଲର ୟୁନିଟ୍ ଧ୍ୱଂସ ପାଇଥିବାରୁ କୁକୁଡା ଚାଷୀଙ୍କୁ ଆର୍ଥିକ ସହାୟତା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ବ୍ରଏଲର ୟୁନିଟ୍‌ର ପୁନରୁଦ୍ଧାର ପାଇଁ ୭୫ ପ୍ରତିଶତ ସବ୍‌ସିଡି ଯୋଗାଇ ଦିଆଯିବ। ୫୦୦ ପକ୍ଷୀକୁ ନେଇ ଏକ ୟୁନିଟ୍ ପିଛା ୧ ଲକ୍ଷ ଟଙ୍କା ଯାଏ ଏହି ସହାୟତା ରାଶି ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ପ୍ରାୟ ୨୦୦୦ ବ୍ରଏଲର ୟୁନିଟ୍‌କୁ ଏହି ଆଧାରରେ ସହାୟତା ନେଇ ନିଷ୍ପତ୍ତି ହୋଇଛି। ଏହି ସବୁ ସହାୟତା ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ଏହି ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କରାଯିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ବୁମରାଙ୍କ ସଫଳତାର କାରଣ ପ୍ରକାଶ କଲେ ଆଇଆଇଟି ପ୍ରଫେସର

ମୁମ୍ବାଇ,୧୮।୫

ବର୍ତ୍ତମାନ ପିଢ଼ିର ବୋଲରଙ୍କ ମଧ୍ୟରେ ଶ୍ରେଷ୍ଠ ବିବେଚିତ ହେଉଥିବା ଯଶପ୍ରୀତ ବୁମରାଙ୍କ ସଫଳତାର କାରଣ ହେଉଛି 'ରିଭର୍ସ ମାଗ୍ନସ ବଳ'। ଆଇଆଇଟି କାନପୁର ପ୍ରଫେସର ସଞ୍ଜୟ ମିତ୍ତଲ ଏହା କହିଛନ୍ତି। ଅଧ୍ୟୟନରୁ ଜଣାପଡ଼ିଛି ବୁମରାଙ୍କ ଗତି, ବଲର ସିମ୍ ପୋଜିଶନ ଓ ହାତ ଘୂରାଇବା ଗତି ବଲକୁ ୦.୧ ଅନୁପାତରେ ସ୍ପିନ ପ୍ରଦାନ କରେ। ରିଭର୍ସ ମାଗ୍ନସ ବଳ ବଲକୁ ଅତ୍ୟଧିକ ଲକ୍ଷ୍ୟପୂର୍ଣ୍ଣ କରାଏ। ଯାହାକୁ ବ୍ୟାଟ୍ସମ୍ୟାନଙ୍କ ପକ୍ଷେ ଖେଳିବା ଲାଗି କଷ୍ଟକର ହୁଏ ବୋଲି ମିତ୍ତଲ କହିଛନ୍ତି। ସ୍ୱତନ୍ତ୍ର ବୋଲିଂ ଶୈଳୀ ଯୋଗୁ ବୁମରା ଭାରତୀୟ ବିଶ୍ୱକପ୍ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ।

**ପ୍ରଥମ ପୃଷ୍ଠାରୁ...**

## ଶେଷ କ୍ୟାବିନେଟ୍‌ରେ...



ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ଉନ୍ନୟନ କମିଶନର ଅସିତ କୁମାର ତ୍ରିପାଠୀ।

ଦୈନିକ ଖାଦ୍ୟ ବାବଦକୁ ୧୫୦ ଟଙ୍କା ଦେବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ପୂର୍ତ୍ତ ବିଭାଗ ନିୟମାବଳୀରେ କେତେକ ପରିବର୍ତ୍ତନ କରାଯାଇଥିବା ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଏଣିକି ୫ ଲକ୍ଷ ଯାଏ ମୂଲ୍ୟର କାର୍ଯ୍ୟ ସାରିବା ପାଇଁ ସମୟସୀମା ମାସେରୁ ଅଧିକ ହେବ ନାହିଁ। ସେହିପରି ୫ ଲକ୍ଷରୁ ଅଧିକ ମୂଲ୍ୟର କାର୍ଯ୍ୟ ସାରିବା ପାଇଁ ସମୟସୀମା ୨ ମାସରୁ ଅଧିକ ହେବ ନାହିଁ। ବିନା ଟେଣ୍ଡରରେ କୌଣସି କାର୍ଯ୍ୟର ଅଟକଳକୁ ବିଭାଜନ କରାଯିବ ନାହିଁ। ଜରୁରୀ ଥିଲେ ଯନ୍ତ୍ରୀମୁଖ୍ୟ ଅଥବା ମୁଖ୍ୟଯନ୍ତ୍ରୀ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟକୁ ବିଭାଜନ କରିପାରିବେ। ଏହାଠାରୁ ଅଧିକ ହେଲେ ପ୍ରଶାସନିକ ମଞ୍ଜୁରୀ ନେବାକୁ ପଡିବ। ବିନା ଟେଣ୍ଡରରେ କାର୍ଯ୍ୟାଦେଶ ଦେବାପାଇଁ ମୁଖ୍ୟଯନ୍ତ୍ରୀଙ୍କ ଆର୍ଥିକ କ୍ଷମତା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିବ। ଏହାଠାରୁ ଅଧିକ ହେଲେ ସରକାରଙ୍କ ଅନୁମୋଦନ ଆବଶ୍ୟକ ହେବ। ଜରୁରୀ ପରିସ୍ଥିତିରେ ନିୟମ କୋହଳ କରି ଆବଶ୍ୟକ ଯନ୍ତ୍ରପାତି ଓ ସାମଗ୍ରୀ ରଖିଥିବା ଉଚ୍ଚଶ୍ରେଣୀର ଠିକାଦାରଙ୍କୁ କାର୍ଯ୍ୟ ପ୍ରଦାନ କରାଯାଇପାରିବ। ଏଥିପାଇଁ ଠିକାଦାର ଚୟନ ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜରୁରିକାଳୀନ ଭିତ୍ତିରେ ହେଉଥିବା କାର୍ଯ୍ୟ ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ସ୍ଥିରୀକୃତ ସର୍ବନିମ୍ନ ଦୈନିକ ମଜୁରି ବାବଦରେ ଦେଢଗୁଣା ଅର୍ଥ ଦିଆଯିବ। ପୂର୍ତ୍ତ ବିଭାଗ ଅଧୀନ ପ୍ରତି କାର୍ଯ୍ୟ ପିଛା ସର୍ବୋଚ୍ଚ ସୀମା ୨୦ ଲକ୍ଷ ଟଙ୍କା ରହିବ।

## ସବ୍ୟସାଚୀଙ୍କୁ...

ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏ ନେଇ ସବ୍ୟସାଚୀଙ୍କ ଓକିଲ ଦୀପକ ପଟ୍ଟନାୟକ କୁହନ୍ତି, କୋର୍ଟ ତରବରିଆ ଭାବେ ସବ୍ୟସାଚୀଙ୍କ ବିରୋଧରେ ଆଇପିସି ଦଫା ୧୨୧ ଓ ଆର୍ମସ୍ ଆକ୍ଟରେ ଆଜୀବନ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ଏହି ରାୟ ଚୂଡ଼ାନ୍ତ ନୁହେଁ। ଏହା ବିରୋଧରେ ଉପର କୋର୍ଟକୁ ନ୍ୟାୟ ପାଇଁ ଯିବୁ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଅନିଲ କୁମାର ସାହୁ ଓ ଜ୍ଞାନ ଜେନା ମକଦ୍ଦମା ପରିଚାଳନା କରିଥିଲେ। ସୂଚନାନୁସାରେ, ସବ୍ୟସାଚୀଙ୍କ ନାଁରେ ବ୍ରହ୍ମପୁର ପୋଲିସ ଜିଲା, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼ ଓ କନ୍ଧମାଳରେ ୧୩୪ ମାମଲା ରହିଥିବା ବେଳେ ସେ ୫୧ ମାମଲାରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି ବୋଲି ତାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ବ୍ରହ୍ମପୁର ପୋଲିସ ଜିଲାରେ ତାଙ୍କ ନାଁରେ ୩ ମାମଲା ରହିଥିବା ବେଳେ ଦୁଇଟି ମାମଲାରେ ସେ ନିର୍ଦ୍ଦୋଷ ହୋଇଥିବା ବେଳେ ତୃତୀୟ ମାମଲାଟି ଏସ୍‌ଟି ୩୩/୧୫ରେ ଶନିବାର ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସବ୍ୟସାଚୀଙ୍କ ନାଁରେ ବ୍ରହ୍ମପୁରରେ ୩ଟି ମାମଲା, ପାରଳାଖେମୁଣ୍ଡିରେ ୪୦, ରାୟଗଡ଼ାରେ ୫, ଦଶପଲ୍ଲାରେ ୧୧, ଭଞ୍ଜନଗରରେ ୨୨ ଓ ବାଲିଗୁଡ଼ାରେ ୯ ମାମଲା ରହିଥିବା ଜଣାପଡ଼ିଛି।

## ଆଣ୍ଡାମାନ...

ଏବେ ଅସହ୍ୟ ତାତିରେ ଓଡ଼ିଶା ସିଝୁଛି। ବିଶେଷକରି ପଶ୍ଚିମ ଓଡ଼ିଶାର ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଶୁକ୍ରବାର ଅପେକ୍ଷା ଶନିବାର ଅଧିକାଂଶ ଜିଲାରେ ପାରଦ ବୃଦ୍ଧି ପାଇଛି। ଶନିବାର ରାଜ୍ୟର ୧୫ ଜିଲାରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ ୪୫.୮ ଡିଗ୍ରୀ ତାପମାତ୍ରାରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିବାବେଳେ ବଲାଙ୍ଗୀର ୪୫.୫, ସମ୍ବଲପୁର ୪୪.୬, ସୋନପୁର ୪୪.୨, ହୀରାକୁଦ ୪୪.୧, ଝାରସୁଗୁଡ଼ା ୪୩.୬, ତାଳଚେର ୪୩.୨, ଭବାନିପାଟଣା ୪୨.୮, ଅନୁଗୋଳ ୪୨.୭, ସୁନ୍ଦରଗଡ଼ ୪୨ ଓ ମାଲକାନଗିରି ୪୨, ଫୁଲବାଣୀ ୪୧.୮, ଚାନ୍ଦବାଲି ୪୦.୫, ଭୁବନେଶ୍ୱର ୪୦.୨, କଟକର ସର୍ବାଧିକ ତାପମାତ୍ରା ୪୦ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ହୋଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ରାଜ୍ୟରେ ଅଂଶୁଘାତ ବିପଦ ବଢ଼ି ଚାଲିଛି। ଶନିବାର ଅଂଶୁଘାତରେ ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ଧାରୁଆ ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ପର୍ଶୁରାମ ମାନସିଂ (୬୫)। ଏ ନେଇ ପରିବାର ପକ୍ଷରୁ ରଣପୁର ଥାନାରେ ଅଭିଯୋଗ ପରେ ପୋଲିସ ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରଣପୁର ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପର୍ଶୁରାମ ସକାଳ ୭ଟାରେ ଗ୍ରାମଠାରୁ କିଛି ଦୂରରେ ଥିବା ତାଙ୍କ ଜମି ବୁଲିବାକୁ ଯାଇଥିଲେ। ସେଠାରେ ଥିବା ପୋଖରୀରେ ଗାଧୋଇ ସେ ଘରକୁ ଫେରିବାର ଥିଲା। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପୁଅ ଆଲୋକ ଖୋଜାଖୋଜି କରି ବାପା ପର୍ଶୁରାମ ନିଜ ଜମିର ହିଡ଼ ଉପରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ସେ ତାଙ୍କୁ ଉଦ୍ଧାର କରି ରଣପୁର ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୟାଗଡ଼ ଜିଲାରେ ଏହା ପ୍ରଥମ ଅଂଶୁଘାତ ମୃତ୍ୟୁ ବୋଲି କୁହାଯାଉଛି। ଅନୁରୂପ ଭାବେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ରାଇପାଳ ଗ୍ରାମର ଅର୍ଜୁନ ବିଶ୍ୱାଳ (୬୫) ଅଂଶୁଘାତରେ ପ୍ରାଣ ହରାଇଛନ୍ତି। ସେହିପରି କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ଜାଗୁଗୁଡ଼ା ଗ୍ରାମର ମଣ୍ଡ ଟୁଣ୍ଡୁକାଙ୍କ ଗୁରୁବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।



“ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।

- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଦାଦାଶ୍ୱଶୁର, ଝିଆରୀ ଜ୍ୱାଇଁ ମୃତ

**ଦଶପଲ୍ଲା,୧୮।୫(ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ତୁମାଣ୍ଡି ପଞ୍ଚାୟତର ନରାଜପଡ଼ା ବାଲିସାହି ଗ୍ରାମରେ ଶନିବାର ବିଦ୍ୟୁତ୍ ଆଘାତରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ଭକ୍ତ ଜାନୀ (୬୫) ଓ ନକୁଳ ଜାନୀ (୩୦)। ସେମାନେ ସମ୍ପର୍କରେ ଦାଦାଶ୍ୱଶୁର ଓ ଝିଆରୀ ଜ୍ୱାଇଁ। ସକାଳ ୮ଟାରେ ଭକ୍ତ ଘରେ କାମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଏହା ଦେଖି ଝିଆରୀ ଜ୍ୱାଇଁ ନକୁଳ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରିବାକୁ ଯିବାବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଦଶପଲ୍ଲା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଦଶପଲ୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୧/୨୦୧୯ରେ ରୁଜୁ କରାଯାଇଛି।

{ ଆଜି କ’ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ■ ବେଗୁନିଆରେ ଏନ୍‌କାଉଣ୍ଟର

# ୨ ଦୁର୍ଦ୍ଦାନ୍ତ ଅପରାଧୀ ଗୁରୁତର

ଖୋର୍ଦ୍ଧା ଅଫିସ/ବେଗୁନିଆ,୧୮।୫(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ବେଗୁନିଆ ଥାନା କାଳଚୁଆ ପାହାଡ ନିକଟସ୍ଥ ଡଙ୍ଗରାପଡା କାଜୁବଗିଚା ନିକଟରେ ଶନିବାର ଅପରାହ୍ନରେ ପୋଲିସର ଏନ୍‌କାଉଣ୍ଟରରେ ଦୁଇଜଣ ଦୁର୍ଦ୍ଦାନ୍ତ ଅପରାଧୀ ଆହତ ହୋଇଛନ୍ତି। ଜଣେ ହେଲେ ବେଗୁନିଆ ଥାନା ଗୋଡା ଗାଁର ପିଣ୍ଟୁ ମାଝି(୨୨) ଓ ଅନ୍ୟ ଜଣେ ଖୋର୍ଦ୍ଧା ସଦର ଥାନା କାଇପଦର ଗାଁର ଉମେଶ ସାହୁ(୨୩)। ଉଭୟଙ୍କ ଡାହାଣ ଗୋଡର ଆଣ୍ଠୁ ତଳକୁ ଗୁଳି ବାଜିଛି। ଉଭୟଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଦୁହିଁଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅପରାଧୀଙ୍କ ପାଲଟା ଗୁଳିମାଡରେ ବେଗୁନିଆ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ ଓ ସବ୍ ଇନ୍ସପେକ୍ଟର ବିଜୟ ମଲ୍ଲିକ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଛନ୍ତି। ଅପରାଧୀଙ୍କଠାରୁ ଗୋଟିଏ ମାଉଜର ଓ ନମ୍ବରବିହୀନ ପଲସର ବାଇକ୍ ଜବତ ହୋଇଛି।

ପୋଲିସ ସୂଚନା ମୁତାବକ, ଗୋଡା ଗାଁର ପିଣ୍ଟୁଙ୍କ ସହଯୋଗୀ ଥିଲେ କାଇପଦର ଗାଁର ଉମେଶ। ଉଭୟ ଅପରାଧୀ ବେଗୁନିଆ, ବୋଲଗଡ଼, ଜଙ୍କିଆ, ଖୋର୍ଦ୍ଧା, କଟକ ଜିଲାର ବାଙ୍କୀ ଥାନା ଅଞ୍ଚଳରେ ବୋମାମାଡ, ଗୁଳିକାଣ୍ଡ, ବ୍ୟାଙ୍କ ଲୁଟ୍, ଏଟିଏମ୍ ଗାଡିକୁ ବୋମାମାଡ କରି ଲୁଟ୍, ଖଣି ଅଞ୍ଚଳରେ ଜେସିବି ଗାଡି ପୋଡ଼ି, ହତ୍ୟା ଉଦ୍ୟମ, ଗୁଳି କରିବା ପରି ଅପରାଧ ଘଟାଇ ପୋଲିସର ନିଦ ହଜାଇ ଦେଇଥିଲେ। ସେହିପରି ବଲାଙ୍ଗୀର ଜିଲାରେ ମଧ୍ୟ ଏମାନେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଅଛନ୍ତି। ଶନିବାର କାଳଚୁଆ ପାହାଡରେ ସେମାନେ ନୂଆ ଅପରାଧ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅପରାଧୀଦ୍ୱୟ ଗୁଳିଚାଳନା କରି ଖସିଯିବାକୁ ଚେଷ୍ଟା କରିଥିଲେ। ଅପରାଧୀଙ୍କ ଗୁଳିମାଡରେ ବେଗୁନିଆ ଥାନା ଆଇଆଇସି ଆହତ ହୋଇଥିଲେ। ପୋଲିସ ପାଲଟା ଗୁଳି ଚଳାଇ ଥିଲା। ଏହି ସମୟରେ ସେକେଣ୍ଡ ଅଫିସର ମଲ୍ଲିକ ଦୁଇ ଅପରାଧୀଙ୍କ ଗୋଡକୁ ଗୁଳି କରିଥିଲେ। ଉଭୟେ ଆହତ ହେବା ପରେ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କ ସୂଚନା ଅନୁସାରେ, ଅପରାଧୀଦ୍ୱୟ ଗତ ଏପ୍ରିଲ ୭ ଓ ୯ ତାରିଖରେ କାଳଚୁଆ ମୁଣ୍ଡିଆରେ ବୋମାମାଡ ଓ ଜେସିବି ପୋଡି, ୪ ଦିନ ତଳେ ଏଟିଏମ୍ ଗାଡିକୁ ବୋମାମାଡ କରି ୯୪ ହଜାର ଟଙ୍କା ଲୁଟି ନେଇଥିଲେ। ଅପରାଧୀଦ୍ୱୟଙ୍କୁ ଗିରଫ ଲାଗି ଏସ୍‌ପି ଅମୂଲ୍ୟ ଦାସଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ବେଗୁନିଆ ଆଇଆଇସିଙ୍କ ସମେତ ସେକେଣ୍ଡ ଅଫିସର ଓ ଅନ୍ୟ ପୋଲିସ ଅଧିକାରୀମାନେ ସାମିଲ ଥିଲେ। ଶନିବାର ହୋଇଥିବା ଏନ୍‌କାଉଣ୍ଟରରେ ବେଗୁନିଆ ଥାନା ପୋଲିସକୁ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ଉମାଶଙ୍କର ସିଂ ସହଯୋଗ କରିଥିଲେ। ବେଗୁନିଆ ଥାନା ସବ୍ ଇନ୍ସପେକ୍ଟର ମଲ୍ଲିକଙ୍କ ଅଭିଯୋଗକ୍ରମେ ନଂ. ୭୬/୧୯ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।




ଆହତ ଦୁଇ ଅପରାଧୀ ।

# ୧୪୦ ଟଙ୍କାରେ ବିକ୍ରି ହେଉଛି ଇଣ୍ଟରନେଟ୍ ପ୍ରୋଫାଇଲ

**ନୂଆଦିଲ୍ଲୀ,୧୮।୫**

ଇଣ୍ଟରନେଟ୍‌ରେ ଥିବା ୟୁଜରଙ୍କ ପ୍ରୋଫାଇଲ ଏବଂ ଆର୍ଥିକ ସୂଚନା ଡାର୍କ ୱେବ୍‌ରେ ମାତ୍ର ୧୪୦ ଟଙ୍କାରେ ବିକ୍ରି ହେଉଛି। ହ୍ୟାକରଙ୍କ ସହିତ ବଡ଼ ବଡ଼ କମ୍ପାନୀ ଏବଂ ବଜାର ସହ ଜଡ଼ିତ ରିସର୍ଚ୍ଚ କରୁଥିବା ବ୍ୟକ୍ତି ଓ ସଂସ୍ଥା ଏହି ଡାଟାକୁ ଚୋରାରେ କିଣୁଛନ୍ତି। ଇଣ୍ଟରନେଟ୍‌ରେ ଥିବା ଏକ ସ୍ୱତନ୍ତ୍ର ଧରଣର ସଫ୍ଟୱେର ଜରିଆରେ ଲୋକଙ୍କ ପାସ୍‌ୱାର୍ଡ, ମୋବାଇଲ ନମ୍ବର ଓ ଇ-ମେଲ ଆଇଡିକୁ କିଣାଯାଉଛି। ଏଭଳି ସ୍ଥିତିରେ ୟୁଜରଙ୍କୁ ଆହୁରି ସାବଧାନ ହେବାକୁ ପଡିବ। ସାଇବର ଆକ୍ରମଣ କରିବା ଲାଗି ଯୋଜନା ପ୍ରସ୍ତୁତ କରିବା, କଞ୍ଜ୍ୟୁମରଙ୍କ ବ୍ୟବହାର ଜାଣିବା ଅଥବା ଭିଡିଓ ଷ୍ଟ୍ରିମିଂ ୱେବ୍‌ସାଇଟର ମାଗଣାରେ ଆକ୍ସେସ କରିବା ଲାଗି ଏହି ଚୋରା ତଥ୍ୟକୁ ବ୍ୟବହାର କରାଯାଉଛି। ଏହି ଡାଟାକୁ ବିଶ୍ୱର ପ୍ରାୟ ୨୫୦ରୁ ଅଧିକ ବିଖ୍ୟାତ ୱେବ୍‌ସାଇଟ ଓ ଆପ୍‌ରୁ ସଂଗ୍ରହ କରାଯାଏ। ଏହାଛଡ଼ା ୮ ହଜାରରୁ ଅଧିକ ଛୋଟ ୱେବ୍‌ସାଇଟ୍‌ରୁ ମଧ୍ୟ ଡାଟା ସଂଗୃହୀତ ହୁଏ। ଜଣେ ସାଧାରଣ ବ୍ୟକ୍ତିଙ୍କ ଡାଟାକୁ ମାତ୍ର ୧ ଟଙ୍କା ଏବଂ କୌଣସି ବିଖ୍ୟାତ ବ୍ୟକ୍ତିଙ୍କ ଡାଟାକୁ ୫୦୦ରୁ ୨୦୦୦ ଟଙ୍କାରେ ବିକ୍ରି କରାଯାଏ। ଏହି ଡାଟାସବୁକୁ କିଣିବା ଲାଗି କ୍ରିପ୍ଟୋକରେନ୍ସିର ବ୍ୟବହାର ହୋଇଥାଏ। ଗୋଟିଏ ପ୍ରକାର ପାସ୍‌ୱାର୍ଡ ଏକାଧିକ ଆକାଉଣ୍ଟ ଲାଗି ବ୍ୟବହାର କରାଯାଉଥିଲେ ଏହି ବିପଦ ଅଧିକ ହୋଇଥାଏ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହାଛଡ଼ା ଭିନ୍ନ ଭିନ୍ନ ପାସ୍‌ୱାର୍ଡ ମଧ୍ୟ ଏକାଭଳି ହୋଇଥିଲେ ମଧ୍ୟ ଏହା ବିପଦପୂର୍ଣ୍ଣ ବୋଲି ସେମାନେ କହିଛନ୍ତି। ଏଣୁ ଇ-ମେଲ୍, ସୋସିଆଲ ମିଡିଆ ପ୍ରୋଫାଇଲ ଏବଂ ବ୍ୟାଙ୍କ ଆକାଉଣ୍ଟ ଲାଗି ଭିନ୍ନ ଭିନ୍ନ ପାସ୍‌ୱାର୍ଡ ହେବା ଉଚିତ୍ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ବେକାର ଅଥବା ସ୍ପାମ୍ ଇ-ମେଲ୍ ନ ଖୋଲି ଏହାକୁ ତୁରନ୍ତ ଡିଲିଟ୍ କରିଦେବା ଉଚିତ୍ ହେବ। ଆଜିକାଲି ଋଣ ଅଫର ଦିଆଯାଉଥିବା ଅଧିକାଂଶ ଇ-ମେଲ୍ ହ୍ୟାକରଙ୍କ ଦ୍ୱାରା ପଠାଯାଉଛି ବୋଲି ସେମାନେ କହିଛନ୍ତି।

**I I I T Bhubaneswar**
**Imagine, Innovate, Inspire**
(A University established by Government of Odisha)

**Admission Announcement**

IIIT Bhubaneswar announces admission to the following programmes :

- **Doctoral Programme**
  Leading to Ph.D. Degree
- **M.Tech. Programme**
  Computer Science and Engineering
- **B.Tech. Programme**
  - Computer Science and Engineering
  - Information Technology
  - Computer Engineering
  - Electronics and Telecommunication Engineering
  - Electrical and Electronics Engineering

Information Brochure and details of the programmes are available in the Institute Website.

**Phone : 0674 - 3060505/3060521**
**E-mail : btechadmission@iiit-bh.ac.in, Home page : www.iiit-bh.ac.in**
IIIT Bhubaneswar, Gothapatna, PO: Malipada, Bhubaneswar-751003, India

# କର୍ତ୍ତବ୍ୟରେ ଅବହେଳା, ୪ ଡାକ୍ତର ନିଲମ୍ବିତ

■ ପୁରୀ ସିଡିଏମ୍‌ଓଙ୍କ ବଦଳି
■ ବିଏମ୍‌ସିର ନୂଆ ସ୍ୱାସ୍ଥ୍ୟ ଅଧିକାରୀ

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ପୁରୀ ଜିଲାର ୪ ଡାକ୍ତର (ସହକାରୀ ସର୍ଜନ)ଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ବ୍ରହ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ର ଡା. ବାପୁଜୀ ନାୟକ, ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଜସ୍ମିନ୍ ନୀଳିମା ପଣ୍ଡା, ଚିଲିକା-ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଜାହାନା ପରବିନ୍ ଓ ଡା. ଜାକେଶ୍ ସାମନ୍ତରାୟ। ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ‘ଫନୀ’ ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା କାର୍ଯ୍ୟ ତଦାରଖ କରିବାକୁ ଯାଇଥିବାବେଳେ ଏହି ଡାକ୍ତରମାନେ କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ଥିଲେ। ବାତ୍ୟାରେ ପରେ ପୁରୀ ଜିଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବିଭାଗୀୟ କମିଶନରଙ୍କଠାରୁ ଆରମ୍ଭ କରି ବହୁ ଉଚ୍ଚ ପଦସ୍ଥ ଅଧିକାରୀମାନେ ଘନ ଘନ ଜିଲା ଗସ୍ତ କରୁଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ମହାମାରୀ ନ ବ୍ୟାପିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସବୁମତେ ଉଦ୍ୟମ ଜାରି ରଖିଥିବାବେଳେ ଏହି ଡାକ୍ତରମାନେ କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ରହିବା ସହ ଅବହେଳା କରୁଥିବା ଦୃଷ୍ଟିକୁ ଆସିଥିଲା। ତେଣୁ ସମ୍ପୃକ୍ତ ୪ ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଅନ୍ୟପକ୍ଷରେ ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାମଚନ୍ଦ୍ର ରାଉତଙ୍କୁ ବଦଳି କରାଯାଇ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ତାଙ୍କ ସ୍ଥାନରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମରେନ୍ଦ୍ର ନାଥ ମହାନ୍ତିଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ସୁନ୍ଦରଗଡ଼ ପୌରପାଳିକାର ସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ କୁମାର ମିଶ୍ରଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ୱାସ୍ଥ୍ୟ ଅଧିକାରୀ ଭାବେ ବଦଳି କରାଯାଇଥିବା ଉକ୍ତ ନିର୍ଦ୍ଦେଶନାମାରୁ ଜଣାପଡିଛି।

# କଳିଙ୍ଗା ଘାଟିରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ: ୨ ମୃତ



ଭଞ୍ଜନଗର,୧୮।୫(ଡି.ଏନ.ଏ.)

ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟିରେ ଶନିବାର ପ୍ରତ୍ୟୁଷରୁ ଏକ ପାଣି ବୋତଲ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ଓ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଚାଳକ ଜି.ଉଦୟଗିରି ଥାନା ରଡିଙ୍ଗିଆର ଧର୍ମେନ୍ଦ୍ର ମଲିକ ଓ ସୋରଡା ଥାନା ନବରତ୍ନପୁରର ବୁଲୁ ସାହୁ। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି।

ପ୍ରକାଶ ଯେ, ଚାଳକ ଧର୍ମେନ୍ଦ୍ର ଶନିବାର ପ୍ରତ୍ୟୁଷରୁ ଫୁଲବାଣୀ ନିକଟରୁ ପାଣି ବୋତଲ ଧରି ବ୍ରହ୍ମପୁର ଅଭିମୁଖେ ଟ୍ରକ ଯୋଗେ ବାହାରିଥିଲେ। ବାଟରେ ଭଞ୍ଜନଗର ଯିବାକୁ ଅପେକ୍ଷା କରିଥିବା ବୁଲୁ ଟ୍ରକ୍‌ରେ ଚଢିଥିଲେ। କଳିଙ୍ଗା ଘାଟିରେ କୌଣସି କାରଣରୁ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ବଡ ପଥରରେ ପିଟି ହୋଇଯାଇଥିଲା। ସକାଳୁ ଏନେଇ ଲୋକେ ଜାଣିବା ପରେ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ଟ୍ରକ ଭିତରୁ ଗୁରୁତର ଆହତ ଅବସ୍ଥାରେ ବୁଲୁଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ଭଞ୍ଜନଗର ମେଡିକାଲକୁ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଏହାପରେ ପୋଲିସ ପହଞ୍ଚି ଦୀର୍ଘ ୩ ଘଣ୍ଟା ପରିଶ୍ରମ କରି ଗାଡି ଭିତରେ ଚାପିହୋଇ ରହିଯାଇଥିବା ଚାଳକ ଧର୍ମେନ୍ଦ୍ରଙ୍କ ମୃତଦେହ ଉଦ୍ଧାର କରିଥିଲା।

BADRIPRASAD
Group of Institutions
ADMISSION OPEN
DIPLOMA ENGINEERING
BCA BBA BA B.Sc. B.Com
100% Placement Assistance
At: Debaipali, Majhipali Chowk, P.O.- Sason, Dist.- Sambalpur, PIN- 768200
Contact: 7008920803, 7008757504, 8327725282, 7008483493
Web.: www.bitsambalpur.in
E-mail: bitechsbp@gmail.com, bcctsbp@gmail.com / bdcsbp@gmail.com

ଇମ୍ୟୁନିଟି ବଢ଼ାଏ
ସହସ୍ରାଧିକ ରୋଗରୁ ରକ୍ଷା କରେ
ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ
JOLLY ତୁଳସୀ 51 ଡ୍ରପସ
ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
କୌଣସି ସାଧାରଣ କେମିକାଲ ଯୁକ୍ତ ତୁଳସୀ ଡ୍ରପ୍ସ ନୁହେଁ
ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ଜୋଲି ତୁଳସୀ 51 ଡ୍ରପ୍ସ
50% EXTRA
JOLLY TULSI 51 Drops Natural Immunity Booster
CLINICALLY PROVEN
# As per clinical study report
କେବଳ 5 ବୁନ୍ଦା ଦୈନିକ ପିଅନ୍ତୁ, ସୁସ୍ଥ ଓ ନୀରୋଗୀ ଜିଅନ୍ତୁ...
ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ। Helpline: 0161-520-1588



SAMBALPUR UNIVERSITY
SUIIT

**Sambalpur University Institute of Information Technology**
**ADMISSION: 2019-20**
Advt. NO.: 557/SUIIT Dated: 18/05/2019

SUIIT has been established in the year 2010 by Sambalpur University with the approval of Govt. of Odisha as a Constituent Autonomous Institution.

SUIIT offers the following programmes for the session 2019-20 in self-sustaining mode:

**M. Sc. (2 years):**
- Computer Science
- Electronics

**M. C. A. (3 years):**
- 50% seats on the basis of OJEE, 2019 rank
- 50% seats through own entrance

**M. Phil (1 year):**
- Computer Science
- Electronics

**M. Tech (2 years):**
- Computer Science & Engg.
- Communication System Engg.
- Embedded Systems Design

**B. Tech (Regular & Lateral Entry):**
- Computer Sc. & Engg. (CSE)
- Elect. & Comm. Engg. (ECE)
- Elect. & Electronics Engg. (EEE)

All B. Tech admissions will be done exclusively through OJEE Counseling-2019

SUIIT offers state-of-art specializations aiming at market and employability.
We emphasize on creative environment for research and learning.

FOR INFORMATION BROCHURE AND FOR APPLYING PG COURSES
Visit: www.suiit.ac.in

IMPORTANT DATES
Information Brochure and Application Form Available online / offline: 20th May, 2019
Last date for applying online: 17th June, 2019
Last date of Receiving Hard Copy of the Form: 19th June, 2019

CONTACT NUMBERS

| | |
|---|---|
| B. Tech. CSE / MCA / M.Sc. CS / M. Phil. CS / M. Tech. CSE | Dr. S. Jena – 8247679467, Mr. P. K. Ratha – 9937714415, Mr. D. Das – 7327020734 |
| B. Tech. (ECE) / M. Tech. Comm. Sys. Engg. / Embedded Sys. Design | Mrs. S. Kar – 9439657668, Mr. P. Mishra – 9438312045 |
| B. Tech. (EEE) | Dr. A. Panda – 7381111459 |
| M. Sc. / M. Phil. Electronics | Dr. N. K. Barpanda – 9438074077, Mr. P. K. Sethy – 9439489214 |

Email: admin.office@suiit.ac.in/director@suiit.ac.in Director, SUIIT

ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।

–ଶ୍ରୀଅରବିନ୍ଦ



# ମୁଁ ଭୋଟ ଦେଲି କାହିଁକି



ଆକାର ପଟେଲ

ବ୍ୟକ୍ତିଗତ ଭାବେ ଏ ନିର୍ବାଚନରେ କିଏ ଜିତିଲେ ବା ହାରିଲେ ମୋର କିଛି ଯାଏ ଆସେ ନାହିଁ। ମୁଁ ହେଉଛି ଜଣେ ମଧ୍ୟବୟସୀ ସ୍ୱଚ୍ଛଳ ସବର୍ଣ୍ଣ ହିନ୍ଦୁ ପୁରୁଷ। ମୋ ଜୀବନରେ ମୁଁ କୌଣସି କଠିନତା, ପକ୍ଷପାତ ଆଦିର ସମ୍ମୁଖୀନ ହୋଇନାହିଁ। ଦେଶ ବା ସରକାରଙ୍କଠାରୁ ମୁଁ କିଛି ଚାହିଁନାହିଁ ବା ମୋର କିଛି ଆବଶ୍ୟକତା ନାହିଁ। କୌଣସି ସରକାରୀ ନୀତି ମୋତେ କେବେ ବି ପ୍ରଭାବିତ କରିନାହିଁ। ମନମୋହନ ସିଂଙ୍କ ଦଶବର୍ଷର ଶାସନକାଳ ବା ମୋଦି ଓ ବାଜପେୟୀଙ୍କ ଶାସନକାଳ ମୋ ପାଇଁ କୌଣସି ପ୍ରଭେଦ ରଖିନାହିଁ। ଏପରି କି ସରକାରଙ୍କ ସବୁଠୁ ହସ୍ତକ୍ଷେପମୂଳକ ନୀତି ବି ମୋ ଜୀବନରେ ବା ମୋ ପରି ଅନ୍ୟମାନଙ୍କ ଜୀବନରେ କୌଣସି ପ୍ରଭାବ ପକାଇ ନାହିଁ। ମୋଦି ସରକାରଙ୍କ ବିମୁଦ୍ରୀକରଣ ଦ୍ୱାରା ବି ମୁଁ ସାମାନ୍ୟତମ ପ୍ରଭାବିତ ହୋଇ ନ ଥିଲି। ଟଙ୍କା ବଦଳାଇବା ପାଇଁ ମୁଁ କେବେ ଧାଡ଼ିରେ ଠିଆ ହୋଇନାହିଁ ବା ବ୍ୟକ୍ତିଗତଭାବେ ମୋର କୌଣସି ପ୍ରକାର ଅସୁବିଧା ହୋଇ ନାହିଁ। ମୋର ଆଧାର କାର୍ଡ ନାହିଁ କି ରେଶନ କାର୍ଡ ନାହିଁ ଏବଂ ଯେଉଁସବୁ କ୍ଷେତ୍ରରେ ମୋର ସରକାରଙ୍କ ପାଖରେ କିଛି କାମ ପଡ଼େ ତାହାର ସଂଖ୍ୟା ଅତି ନଗଣ୍ୟ। କିଛିବର୍ଷ ଭିତରେ ଥରେ ମୋର ପାସପୋର୍ଟ ନବୀକରଣ କରାଇବାକୁ ପଡ଼େ ଏବଂ ସେଥିପାଇଁ ମୋତେ କେତେକ କାର୍ଯ୍ୟାଳୟରେ ଏକଘଣ୍ଟା ପାଖାପାଖି ଅପେକ୍ଷା କରିବାକୁ ପଡ଼େ। କିନ୍ତୁ ତା’ ଛଡ଼ା ମୁଁ ଭାବିପାରେନା ମୋଦି ବା ସିଂ ବା ବାଜପେୟୀ ତାଙ୍କ ନୀତି ଦ୍ୱାରା ମୋତେ କେମିତି ପ୍ରଭାବିତ କରିପାରିବେ। କୌଣସି ସରକାର ଯଦି ଆୟକର ବଢ଼ାନ୍ତି, ମୁଁ ତାହା ଦେବାକୁ ପ୍ରସ୍ତୁତ କାରଣ ମୋ ପାଖରେ ଆବଶ୍ୟକତାଠାରୁ ଅଧିକ ଟଙ୍କା ଅଛି। ତେଣୁ କେନ୍ଦ୍ର ବଜେଟ ଆୟକର କମାଇଦେଲେ ସେଥିରେ ମୋର କିଛି ଖୁସି ହେବାର ନାହିଁ।

ସୁରକ୍ଷା ଦୃଷ୍ଟିରୁ ଦେଖିଲେ ମୋର ଶ୍ରେଣୀ ଓ ବିଶେଷାଧିକାର ଦୃଷ୍ଟିରୁ ମୁଁ କେବେ ବି ରାଜନୈତିକ ହିଂସାର ଶିକାର ହେବି ନାହିଁ। ଦୁଇଟି ବଡ଼ ଦଙ୍ଗା ମୁଁ ଅଙ୍ଗେ ନିଭେଇଛି ଏବଂ ସେଇ ଦଙ୍ଗା ଭିତରେ ବଞ୍ଚିଛି। ତାହା ଦ୍ୱାରା ମୁଁ ଶାରୀରିକ ଭାବେ ବା ବସ୍ତୁଗତ ଭାବେ ପ୍ରଭାବିତ ହୋଇନାହିଁ। ମୁଁ ଅସୁରକ୍ଷିତ ନ ଥିଲି (ମୁଁ ଏକ ବଡ଼ ମନ୍ଦିର ପାଖରେ ବାସ କରୁଥିଲି ଏବଂ ମୋର ସବୁ ପଡ଼ୋଶୀ ଥିଲେ ହିନ୍ଦୁ) ଏବଂ ମୋ ଜାଣିବାରେ କେହି କ୍ଷତିଗ୍ରସ୍ତ ହୋଇ ନ ଥିଲେ। ହିଂସା ଦ୍ୱାରା ମୁଁ ପ୍ରଭାବିତ ହୋଇ ନାହିଁ କିମ୍ବା ମୁଁ କୌଣସି ଅସ୍ମିତା (ସ୍ୱାଭିମାନ) ହରାଇ ନାହିଁ ବା ଅସ୍ମିତା ଅନୁଭବ କରିନାହିଁ। ମୁଁ ଜଣେ ଗୁଜରାଟୀ ହୋଇଥିବାରୁ ଲଜ୍ଜା ଅନୁଭବ କରୁଥିଲି ଏବଂ ଏବେ ବି କରୁଛି। କାରଣ ଗୋଟିଏ ସମ୍ପ୍ରଦାୟ ଉପରେ ସାମୂହିକ ପ୍ରତିଶୋଧ ନେବା ହେଉଛି ବର୍ବରତା। କୌଣସି ସଭ୍ୟ ମଣିଷ ଏପରି କରେ ନାହିଁ, ଏପରି କାର୍ଯ୍ୟକୁ କ୍ଷମା କରେ ନାହିଁ, ଏହାକୁ ଠିକ୍ ବୋଲି ଦର୍ଶାଇବାକୁ ଚେଷ୍ଟା କରେ ନାହିଁ ବା ଏହାକୁ ଉପେକ୍ଷା କରେ ନାହିଁ।

ଏବେ ଯେଉଁ ନିର୍ବାଚନ ପ୍ରଚାର ସରିଲା, ସେଥିରେ କୌଣସି ଦଳ ଏପରି କିଛି ଘୋଷଣା କରିନାହାନ୍ତି, ଯାହା ମୋ ଜୀବନକୁ ବଦଳାଇ ଦେଇପାରିବ। ମୋର ବୟସ ପ୍ରାୟ ୫୦ ପାଖାପାଖି ଏବଂ ମୁଁ ଅନେକ ସାଧାରଣ ନିର୍ବାଚନ ଦେଖି ସାରିଲିଣି। ସେସବୁ ନିର୍ବାଚନରେ ଯାହା କିଛି କୁହାଯାଇଛି ବା ଘୋଷଣା କରାଯାଇଛି, ସେସବୁ କିଛି ମୋତେ ଆନ୍ଦୋଳିତ କରିନାହିଁ। ଏବେ ଜଣେ ପ୍ରାର୍ଥୀ କହିଲେ ଯେ ଗାନ୍ଧୀଙ୍କ ହତ୍ୟାକାରୀ ଥିଲେ ଜଣେ ଦେଶଭକ୍ତ। ତାଙ୍କ ଦଳ ତାଙ୍କୁ କ୍ଷମା ମାଗିବାକୁ କହିଲା କିନ୍ତୁ ସତକଥା ହେଲା ସେ ଠିକ୍ କହିଥିଲେ। ଏ ସରକାର ଓ ତାଙ୍କ ନେତାମାନଙ୍କ ବିଚାରରେ ଦେଶଭକ୍ତି କହିଲେ ଯାହା ବୁଝାଯାଏ, ସେହି ହିସାବରେ ଗଡ଼ସେ ଥିଲେ ଜଣେ ଦେଶଭକ୍ତ। ଜଣେ ବ୍ୟକ୍ତି ଯିଏ ଟିକସ ପଇଠ କରେ ଓ ଦେଶର ଆଇନକାନୁନ ମାନେ ସିଏ ଦେଶଭକ୍ତ ନୁହଁ। ଦେଶଭକ୍ତ ହେବା ପାଇଁ ଆପଣଙ୍କୁ କୁତ୍ସିତ ଭାଷାରେ ପାକିସ୍ତାନକୁ ଗାଳିଦେବାକୁ ପଡ଼ିବ। ଗାନ୍ଧୀଙ୍କ ସମ୍ପର୍କରେ ଗଡ଼ସେଙ୍କ ଧାରଣା ଥିଲା ଯେ ସେ ହେଉଛନ୍ତି ମୁସଲମାନ–ସପକ୍ଷବାଦୀ। ଯେତେବେଳେ ଗାନ୍ଧୀଙ୍କ ସମ୍ମତି ନେଇ କଂଗ୍ରେସର ତୁଙ୍ଗ ନେତାମାନେ ଦେଶର ବିଭାଜନ କଲେ, ଅର୍ଥାତ୍ ଭାରତମାତାକୁ ଦୁଇଭାଗ କରିଦେଲେ, ସେତେବେଳେ ତାଙ୍କ ମନରେ କ୍ରୋଧାଗ୍ନି ଜଳିଉଠିଥିଲା। ତତ୍କାଳୀନ କଂଗ୍ରେସ ସରକାର ପ୍ରତି ତାଙ୍କର କୌଣସି ସମ୍ମାନ ନ ଥିଲା, କାରଣ ତାଙ୍କ ବିଚାରରେ ସରକାର ଅନ୍ୟାୟ ଭାବରେ କେବଳ ମୁସଲମାନଙ୍କୁ ସମର୍ଥନ କରୁଛନ୍ତି। କିନ୍ତୁ ଗାନ୍ଧୀଙ୍କ ଯୋଗୁ କଂଗ୍ରେସ ସରକାର ଏପରି ନୀତି ଆପଣାଇଛନ୍ତି ବୋଲି ତାଙ୍କ ମନରେ ଧାରଣା ବଦ୍ଧମୂଳ ହେଲା। ତେଣୁ ସେ ଗାନ୍ଧିଜୀଙ୍କୁ ହତ୍ୟା କରିବା ପାଇଁ ନିଷ୍ପତ୍ତି ନେଲେ। ଗଡ଼ସେ ତାଙ୍କ ଶେଷ ବିବୃତିରେ ଯାହା କହିଛନ୍ତି, ସେଥିରୁ କୌଣସି ଗୋଟିଏ ଅଂଶରେ ଏ ସରକାର, ଏ ପ୍ରଧାନମନ୍ତ୍ରୀ, ତାଙ୍କ ଦଳ ଓ ତାଙ୍କ ଆଦର୍ଶ ଅସମ୍ମତ ହେବ ବୋଲି ମୁଁ ଭାବୁନାହିଁ। ତେଣୁ ସାଧ୍ୱୀ ପ୍ରଜ୍ଞା ଯାହା କହିଛନ୍ତି, ତାହା ଭାଜପାର ଆଦର୍ଶ ଅନୁସାରେ ଭୁଲ୍ ନୁହେଁ। ସେଥିପାଇଁ ତାଙ୍କର ଲୋକ ସଭା ଟିକେଟକୁ ପ୍ରତ୍ୟାହାର କରି ନିଆଯାଇ ନାହିଁ।

ମୁଁ କହିଛି ଯେ ମୁଁ କୌଣସି ସରକାରଙ୍କ ନୀତି ଦ୍ୱାରା କେବେ ବି ପ୍ରଭାବିତ ହୋଇ ନାହିଁ। ତେଣୁ ମୁଁ ଭାଜପା ବା କଂଗ୍ରେସକୁ ଭୋଟ ନ ଦେଇ ଜଣେ ସ୍ୱାଧୀନ ପ୍ରାର୍ଥୀ ପ୍ରକାଶ ରାଜଙ୍କୁ ଭୋଟ ଦେଇଛି। ଏ ଭୋଟ ସେଇ ଭାରତୀୟମାନଙ୍କ ପାଇଁ, ଯେଉଁମାନେ ନିର୍ବାଚନ ଓ ସରକାରଙ୍କ ନୀତି ଦ୍ୱାରା ପ୍ରଭାବିତ ହୁଅନ୍ତି। ଆମ ଭିତରେ ଅନେକ ଲୋକ ଅଛନ୍ତି ଯେଉଁମାନେ ସରକାରଙ୍କ କାର୍ଯ୍ୟ ଦ୍ୱାରା କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି। ଅନେକ ଲୋକ ସରକାରଙ୍କ ସଂଖ୍ୟାଗରିଷ୍ଠ ଆଦର୍ଶ ଦ୍ୱାରା ଭୟ ଓ ଅସୁରକ୍ଷା ଭିତରେ ଗତି କରିବେ। ତେଣୁ ମୋର ଭୋଟ ଖଣ୍ଡିକ ସେଇମାନଙ୍କ ସୁରକ୍ଷା ଓ ହିତ ପାଇଁ ଉଦ୍ଦିଷ୍ଟ।

Email: aakar.patel@gmail.com

### ଚିରନ୍ତନୀ

କୁଟିର ଦୁଆରେ ପରଦିନ ପରଭାତେ
ସେହି ପାହାଡକୁ ଚାହିଁ ପୁଣି ମନ ମାତେ।
ଲଙ୍ଘିଲା କେତେ ଜୀବନେ ଏସନ ଗିରି
ଶତ ସଙ୍କଟ ଅନ୍ତର ଗଲା ଚିରି!
ଗତ ସନ୍ଧ୍ୟାର ସ୍ପନ୍ଦନ ପୁଣି ଲୋଡେ!
ଲଭିଥିଲା ଯାହା ପାହାଡ଼ ଉଠାଣି ମୋଡ଼େ!

(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | 6 | 3 | | 7 | | | | | C | E | | 5 | |
| | 0 | 5 | | | | 3 | | | | | 8 | | 2 | |
| | 1 | | 2 | B | | | | 0 | | | D | | 4 | |
| | | | C | | 1 | | | 8 | | B | | | | A |
| | 8 | | E | 6 | | | | | | 1 | 4 | | | 3 |
| | | 3 | | 4 | | | | B | | | | | | 2 |
| 4 | | | B | | | 2 | E | | | | | | | |
| D | | | | 1 | E | | | | 9 | | 0 | 6 | | |
| | | | D | | | | 0 | | | | | 3 | | 1 |
| | | | | 7 | 0 | | | | | 5 | | | | |
| | 2 | | 9 | | | | | 7 | 6 | | 1 | C | 8 | |
| | C | B | | | | 6 | | | | E | | D | | |
| | | | 0 | C | | | | 4 | | | 7 | 5 | 1 | |
| A | | 0 | 4 | 3 | | | | D | | | | | 9 | B |
| 9 | | | | 5 | | | | | A | | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 7 | 9 | 5 | A | E | 0 | C | 2 | 3 | D | B | 6 | 4 | 1 |
| E | 6 | 5 | 2 | 3 | 4 | 9 | B | 7 | 1 | C | A | D | 8 | 0 |
| D | C | 3 | 0 | B | 8 | 6 | 4 | 1 | 9 | 5 | E | 7 | 2 | A |
| 4 | 1 | B | 7 | 6 | D | E | 3 | A | 8 | 2 | 0 | C | 9 | 5 |
| A | 2 | 0 | 9 | C | 1 | D | 8 | 5 | 7 | 6 | 4 | 3 | B | E |
| 6 | 0 | C | 3 | 9 | 5 | 4 | 2 | 8 | D | E | 1 | B | A | 7 |
| 9 | D | 1 | 8 | 4 | B | 5 | 0 | 6 | C | A | 7 | 2 | E | 3 |
| 7 | 3 | 8 | D | 0 | 2 | B | A | E | 5 | 4 | 9 | 1 | 6 | C |
| 2 | 5 | E | C | 7 | A | 1 | 9 | 3 | 6 | B | 8 | 0 | D | 4 |
| B | 4 | A | 1 | E | 6 | 7 | D | C | 2 | 0 | 3 | 9 | 5 | 8 |
| 3 | E | 2 | 6 | D | 9 | A | 1 | 4 | 0 | 8 | C | 5 | 7 | B |
| C | 8 | 4 | A | 1 | 0 | 2 | 5 | 9 | B | 7 | 6 | E | 3 | D |
| 0 | 9 | D | 4 | 5 | 7 | 3 | E | B | A | 1 | 2 | 8 | C | 6 |
| 5 | A | 6 | B | 8 | 3 | C | 7 | 0 | E | 9 | D | 4 | 1 | 2 |
| 1 | B | 7 | E | 2 | C | 8 | 6 | D | 4 | 3 | 5 | A | 0 | 9 |

ଗତକାଲି ପ୍ରକାଶିତ ଉତ୍ତର

# ଟଙ୍କା ମାଟି, ଯଦି ଖୁସି କିଣି ନ ପାରେ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଅର୍ଥ ପଛରେ ଅହରହ ଧାଇଁଚାଲିଛି ମଣିଷ । ପୁଳାଏ ଟଙ୍କା ରୋଜଗାର କରିବାକୁ ସେ ଭାବିଥାଏ ଜୀବନର ଚରମ ସାର୍ଥକତା । କାରଣ ସେ ଜାଣିଥାଏ ଯେ ଟଙ୍କା ହିଁ କେବଳ ସକଳ ପ୍ରକାର ଖୁସି ଆଣିଦେଇପାରେ। ମାତ୍ର ଲକ୍ଷ୍ୟ କରିବାର କଥା, ଟଙ୍କା ବିନିମୟରେ ସବୁକିଛି କିଣାଯାଇପାରେ, ମାତ୍ର ମନର ଖୁସି କି ହୃଦୟର ଆନନ୍ଦ କିଣାଯାଇ ପାରେନା। ତେବେ ଏମିତି କାହିଁକି ହୁଏ। ପୂର୍ଣ୍ଣତା ଭିତରେ ଶୂନ୍ୟତାର ଉଦ୍‌ଭବ ହୁଏ କାହିଁକି? ଟଙ୍କା କ’ଣ ସେଇ ଶୂନ୍ୟତାକୁ ଭରିଦେବା ପାଇଁ ସମର୍ଥ ହୁଅନ୍ତା ନାହିଁ। ବୋଧହୁଏ ନା। ପ୍ରକୃତ ସତ୍ୟ ହେଉଛି ଏହା ଯେ, ଦୁନିଆର ବହୁ ସୁଖ ମାଗଣାରେ ମିଳିଥାଏ। ପଇସାଟିଏ ବି ସେଥିପାଇଁ ଖର୍ଚ୍ଚ କରିବାକୁ ପଡେନା। ତା’ ପାଇଁ ଲୋଡ଼ାପଡ଼େ କେବଳ ଏକ ନିର୍ମଳ ହୃଦୟ, ଏକ ନିଚ୍ଛକ ମଣିଷପଣିଆ।

ଜଣେ ଧନୀ ପିତାର ଏକମାତ୍ର ସନ୍ତାନ ପର୍ଯ୍ୟାପ୍ତ ମେଧାଶକ୍ତି ଅଭାବରୁ ମେଡିକାଲ ପାଠ୍ୟକ୍ରମରେ ଯୋଗ ଦେବାକୁ ପ୍ରବେଶିକା ପରୀକ୍ଷାରେ ସଫଳ ହୋଇ ପାରିଲା ନାହିଁ। ଅର୍ଥ ସବୁ ଅସମ୍ଭବକୁ ସମ୍ଭବ କରିପାରେ ବୋଲି ବିଚାରୁଥିବା ତା’ ବାପା କେଇ ଲକ୍ଷ ଟଙ୍କା ଡୋନେଶନ ଦେଇ ସୁଦୂର ରାଜସ୍ଥାନରେ ପୁଅକୁ ପାଠ ପଢ଼ାଇବାର ବ୍ୟବସ୍ଥା କରିଦେଲେ। ପାଞ୍ଚ ଛଅ ବର୍ଷ ପରେ ପୁଅ ଡାକ୍ତର ହୋଇ ଫେରିବ। ଡାକ୍ତର ପୁଅର ବାପା ଭାବେ ଛାତି ଫୁଲି ଉଠିବ ଗର୍ବରେ। ଚାକିରିରୁ ଓ ଚାକିରି ବାହାରୁ ପୁଳା ପୁଳା ଟଙ୍କା ରୋଜଗାର କରି ପୁଅ ଆଣି ଘରର ସିନ୍ଦୁକ ଭରିବ। ସୁଖ ଆଉ କାହାକୁ କହନ୍ତି କି ! ଏକ ରଙ୍ଗିନ ଭବିଷ୍ୟତର ସ୍ୱପ୍ନରେ ମସ୍‌ଗୁଲ ଥିଲା ବେଳେ ଧନପତି ଖବର ପାଇଲେ ଯେ ପୁଅ ତାଙ୍କର ଗୁରୁତର ଅସୁସ୍ଥ। ତା’ର ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଛି। କାହା ନିକଟରୁ ଉଧାର ଆଣି କିଡ୍‌ନୀଟିଏ ପ୍ରତିରୋପଣ ନ କଲେ ତା’ର ବଞ୍ଚିବା ଅସମ୍ଭବ। ଏକମାତ୍ର ପୁଅ ତାଙ୍କର। ବଂଶର ଶେଷ ଦୀପ ଶିଖା। ସୁତରାଂ ଲିଭି ଆସୁଥିବା ଦୀପକୁ ତେଲ ଯୋଗାଇବା ପାଇଁ ପିତା ମହୋଦୟ ପୁଅ ଲାଗି କିଡ୍‌ନୀ ଖୋଜିବାରେ ଲାଗିପଡିଲେ। ଖବରକାଗଜରେ ବିଜ୍ଞାପନ ପ୍ରକାଶକଲେ, ଟିଭିରେ ଘୋଷଣା କରାଇଲେ, ବନ୍ଧୁବାନ୍ଧବ, ସାଙ୍ଗସାଥୀମାନଙ୍କ ପାଖରେ ନେହୁରା ହେଲେ ଓ ଶେଷରେ ଦୁଇତିନି ଦଫାରେ କିଡ୍‌ନୀର ଦର ବଢ଼ାଇ ସାତଲକ୍ଷରେ ପହଞ୍ଚିଗଲେ ତଥାପି ଉପଯୁକ୍ତ କିଡ୍‌ନୀଟିଏ ପାଇ ପାରିଲେନି ଧନପତି ମହୋଦୟ। ମାସେ ବିତିଗଲା। ଦୀପ ଲିଭି ଲିଭି ଆସୁଥାଏ। ଅର୍ଥର ଏକକରେ ସାରା ସଂସାରକୁ ତଉଲୁଥିବା ଧନପତି ମହୋଦୟ ସାତଲକ୍ଷ ଟଙ୍କାର କିଡ୍‌ନୀଟିଏ ଖୋଜି ପାଇଲେ ନାହିଁ। ତାଙ୍କ ନିଜର ଅବା ସ୍ତ୍ରୀଙ୍କ କିଡ୍‌ନୀ ପୁଅ କାମରେ ଆସିବ ନାହିଁ ବୋଲି ଡାକ୍ତରଙ୍କଠାରୁ ନିରାଶ ବାଣୀ ଶୁଣିଲା ପରେ ସେ ଯେତେବେଳେ ସବୁ ଆଶା ଛାଡି ଦେଇଥିଲେ ସେତେବେଳେ ଏକ ଚମତ୍କାର ଘଟଣା ଘଟିଲା। ପୁଅର ହଷ୍ଟେଲମେଟ୍ ଜଣେ କେରଳୀ ଛାତ୍ର ଅଯାଚିତ ଭାବେ ନିଜର ଗୋଟିଏ କିଡ୍‌ନୀ ଦେଇ ତା’ର ଜୀବନ ରକ୍ଷା କରିଦେଲେ। କିଡ୍‌ନୀ ପ୍ରତିରୋପଣ ସଫଳ ହେଲା ପରେ ନିଜ ପ୍ରତିଶ୍ରୁତି ମୁତାବକ ଧନକୁବେର ପିତା ଯେତେବେଳେ ଛାତ୍ରଟିକୁ ସାତଲକ୍ଷ ଟଙ୍କା ଦେବାକୁ ଚାହିଁଲେ, ସେତେବେଳେ ତାଙ୍କ ପୁଅ ବୟସର ସେଇ କେରଳ ଛାତ୍ରଟି ପାଖରୁ ତାଙ୍କୁ ଯେଉଁ ଉତ୍ତର ମିଳିଲା, ତହିଁରେ ଭରି ରହିଥିଲା ଜୀବନବୋଧର ଏକ ଭିନ୍ନ ପରିଭାଷା। ଅତ୍ୟନ୍ତ ନମ୍ରତାର ସହ ସେଇ କେରଳୀ ଛାତ୍ର କହିଥିଲେ, ‘‘ଯଦି ଆପଣଙ୍କ କିଡ୍‌ନୀ ତାଙ୍କ ଦେହରେ ଖାପ ଖାଇଥାନ୍ତା, ତା’ ହେଲେ କେତେ ଖୁସି ହୋଇଥାନ୍ତେ ଆପଣ! ସେମିତି ଏକ ମୁଗ୍ଧ ଅନୁଭବରୁ ମୋତେ କାହିଁକି ଆପଣ ବଞ୍ଚିତ କରୁଛନ୍ତି। ଆପଣଙ୍କ ପୁଅ ହେଲେ ବି ସେ ମୋର ସହପାଠୀ ବନ୍ଧୁ। ବନ୍ଧୁ ପ୍ରତି କର୍ତ୍ତବ୍ୟର କ’ଣ ମୂଲ୍ୟ ନିଆଯାଏ ?’’ ଧନପତିଙ୍କ ପାଟିରେ ଆଉ ଭାଷା ନ ଥିଲା। ସଂସାରର ସବୁଠୁ ମୂଲ୍ୟବାନ ଦ୍ରବ୍ୟଟିକୁ କିଣିବା ପାଇଁ ତାଙ୍କୁ ତ କାହିଁ ପଇସାଟିଏ ବି ଖର୍ଚ୍ଚ କରିବାକୁ ପଡିଲା ନାହିଁ। ଅଥଚ ସେ ସେଥିପାଇଁ ସାତଲକ୍ଷ ଟଙ୍କା ପଣ ରଖିଥିଲେ। ପାର୍ଥିବ ଅର୍ଥ ତୁଳନାରେ ନିଷ୍କପଟ ସହୃଦୟତାର କି ମହନୀୟ ଆବେଦନ ସତେ!

ଆଉ ଜଣେ ଧନଶାଳୀ ଅଫିସରଙ୍କ କଥା। ଉଚ୍ଚ ପଦବୀଧାରୀ ଏହି ଅଫିସରଙ୍କ ପାଇଁ ନିଜ ସମଧର୍ମା ବନ୍ଧୁମାନଙ୍କ ବ୍ୟତୀତ ଅନ୍ୟମାନେ ଥିଲେ ଅସ୍ପୃଶ୍ୟ, ଇତର । ହାତରେ କ୍ଷମତା ଓ ପକେଟ୍‌ରେ ଟଙ୍କା ଥିଲେ ଅବଶିଷ୍ଟ ଜଗତ ମଥାନତ କରିବାକୁ ବସ୍ତୁତଃ ବାଧ୍ୟ ବୋଲି ସେ ବିଶ୍ୱାସ କରୁଥିଲେ। ଦିନେ ସ୍ତ୍ରୀ ଓ ପିଲା ଦୁହିଁଙ୍କୁ ସାଥିରେ ଧରି ଅଫିସର ପ୍ରମୋଦ ଭ୍ରମଣରେ ବାହାରିଲେ। ନିଜେ କାର ଡ୍ରାଇଭ୍ କରି ଏକ ମନୋରମ ପର୍ଯ୍ୟଟନ ସ୍ଥଳକୁ ଯାତ୍ରା ଆରମ୍ଭକଲେ। ରାତିରେ ସେଠାକାର ସରକାରୀ ବଙ୍ଗଳାରେ ରହିବା ପାଇଁ ଅଧସ୍ତନମାନେ ସବୁ ପ୍ରକାର ବ୍ୟବସ୍ଥା କରି ଅପେକ୍ଷା କରୁଥିଲେ ସାହେବଙ୍କୁ। ଯାତ୍ରା ସରିବାକୁ ଆହୁରି ପ୍ରାୟ ତିରିଶ କି.ମି. ପଥ ବାକି ଅଛି । ହଠାତ୍ ଏକ ପାହାଡଘେରା ଜଙ୍ଗଲ ମଧ୍ୟରେ ଗାଡିଟି ଖରାପ ହୋଇଗଲା। ଶତଚେଷ୍ଟା ତାଙ୍କର ବିଫଳ ହେଲା ଗାଡିଟି ସଜାଡିବା ପାଇଁ। ମୋବାଇଲ କାମ କରୁନାହିଁ। ଅନ୍ୟ କାହା ସହ ସମ୍ପର୍କର ସାମାନ୍ୟ ସମ୍ଭାବନା ନାହିଁ। ଏଣେ ବୈଶାଖୀ ଝଡ ସାଙ୍ଗକୁ ସନ୍ଧ୍ୟାର କଳା ଅନ୍ଧକାର ମାଡି ଆସୁଥିବା ଦେଖି ସେ ଶଙ୍କିତ ହୋଇପଡିଲେ। ଜୀବନରେ କେବେ ବି ଅନ୍ଧାର ଦେଖି ନ ଥିବା ତାଙ୍କ ପରିବାରଟିର ଦୁର୍ଭାଗ୍ୟ ସମ୍ପର୍କରେ ଚିନ୍ତା କରି ସେ ହତାଶ ହୋଇପଡିଲେ। ବର୍ଷା ଆରମ୍ଭ ହୋଇଗଲା ପରେ ତାଙ୍କ ଚିନ୍ତା ବଢୁଥିଲା। ହାତରେ ଅସୁମାରି କ୍ଷମତା ଓ ଅଜସ୍ର ଅର୍ଥ ଥାଇ ବି ତାଙ୍କୁ ଲାଗୁଥିଲା, ସେଇ ମୁହୂର୍ତ୍ତରେ ତାଙ୍କ ପରି ଅସହାୟ ଦ୍ୱିତୀୟ କେହି ସଂସାରରେ ନାହାନ୍ତି।

ଏମିତି ସମୟରେ ଦୁଇଜଣ ଜଙ୍ଗଲୀ ଯୁବକଙ୍କ ଦୃଶ୍ୟପଟରେ ଆବିର୍ଭାବ ତାଙ୍କ ଚିନ୍ତାକୁ ବହୁଗୁଣିତ କରିଦେଲା। ସାରା ଜୀବନ ଏହି ଜାତୀୟ ମୂର୍ଖ, ଅସଭ୍ୟ ପ୍ରାଣୀମାନଙ୍କୁ ପଶୁଠାରୁ ଅଧିକ ହେୟ ମନେକରୁଥିବା ସେଇ ଅଫିସରଙ୍କ ପାଖରେ ପ୍ରକୃତ ମଣିଷ ଚିହ୍ନିବାର ଅବସରଟିଏ ପହଞ୍ଚି ଯାଇଥିଲା। ତାଙ୍କ ପାହାଡି ବସ୍ତିକୁ ଅନ୍ତରଙ୍ଗତାର ସହ ଆମନ୍ତ୍ରଣ କଲେ ଆଦିବାସୀ ଯୁବକ ଦ୍ୱୟ। ମାତ୍ର ଏତେ ସହଜ ନ ଥିଲା ଜାତି ଓ ରଙ୍ଗଭେଦର ଯୁଗ ଯୁଗର ପ୍ରାଚୀରଟିକୁ ଭାଙ୍ଗି ଆଦିବାସୀ ବସ୍ତିରେ ସପରିବାର ରାତ୍ରିଯାପନ କରିବା। ସୁତରାଂ, ସାରା ବର୍ଷା ମୁଖର ରାତିଟି ଅଫିସରଙ୍କ ପରିବାରକୁ ଜଗି ରହିବା ସହ ପରଦିନ ସକାଳୁ ସେଠାରୁ ଦଶ କି.ମି. ଦୂର ବଜାରରୁ ଜଣେ ମେକାନିକ୍ ଡାକି ଗାଡି ସଜାଡିବା ଯାଏଁ ସମସ୍ତ କାର୍ଯ୍ୟ ସମ୍ପନ୍ନ କରି ସହୃଦୟ ମାନବତାର ଏକ ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ ସେଇ ଦୁଇଜଣ ଜଙ୍ଗଲୀ ଯୁବକ।

ଜଙ୍ଗଲୀ ଯୁବକ ଦୁହିଁଙ୍କ ଆନ୍ତରିକପୂର୍ଣ୍ଣ ଆଚରଣ ସେମାନଙ୍କ ଭଳି ଅଜଣା ଲୋକଙ୍କ ପାଇଁ ଅଯାଚିତ ଆତ୍ମତ୍ୟାଗ ଦେଖି ଅଫିସର ଓ ତାଙ୍କ ପରିବାର ଏକ ଅନିର୍ବଚନୀୟ ମୁଗ୍ଧ ଅନୁଭବରେ ତଟସ୍ଥ ହୋଇ ଯାଇଥିଲେ। ପଦବୀର ଉତ୍ତୁଙ୍ଗ ଶିଖର ଉପରେ ବସିଥିବା ମହାମହିମ ସେ। ହାତରେ ପ୍ରଚୁର କ୍ଷମତା, ପାଖରେ ପୁଳା ପୁଳା ଟଙ୍କା। ଅଥଚ ଏ ସବୁର ଉଜ୍ଜ୍ୱଳ ଆଲୋକରେ ସେହି ଅଶୁଭ ରାତିର ଅନ୍ଧକାର ତ କାହିଁ ଦୂର ହୋଇପାରିଲା ନାହିଁ। ତାଙ୍କ ଭଳି ଅନ୍ୟକୁ ହେୟ ମନେକରିବାର ଔଦ୍ଧତ୍ୟ ଓ ଅବଜ୍ଞା ଯଦି ସେହି ଯୁବକ ଦୁହେଁ ପ୍ରଦର୍ଶନ କରିଥାନ୍ତେ ତେବେ କ’ଣ ହୋଇଥାନ୍ତା ତାଙ୍କ ପରିବାରର ଅବସ୍ଥା। ଶିକ୍ଷା, ସଭ୍ୟତା, ପଦବୀ ଓ ପ୍ରାଚୁର୍ଯ୍ୟ ଯେମିତି ମଣିଷକୁ ବଡ଼ କରିପାରେନା, ଅଶିକ୍ଷା ଅସଭ୍ୟତା, ଅଭାବ ଓ ଦାରିଦ୍ର୍ୟ ସେମିତି ମଣିଷକୁ ଛୋଟ ବି କରିପାରେନା। ଏହି ସତ୍ୟଟିକୁ ଜୀବନରେ ପ୍ରଥମଥର ପାଇଁ ଉପଲବ୍ଧି କରି ଅଫିସର ରୋମାଞ୍ଚିତ ହେଉଥିଲେ। ତାଙ୍କର ମନେପଡିଥିଲା ରାମକୃଷ୍ଣ ପରମହଂସ ଦେବଙ୍କ କହିଥିବା ଏକ ଆପ୍ତବାଣୀ, ‘ଟଙ୍କା ମାଟି’। ଯେଉଁ ଟଙ୍କା ମଣିଷ ପାଇଁ ସାମାନ୍ୟ ଖୁସି ଟିକିଏ କିଣି ନ ପାରିଲା, ସେ ଟଙ୍କା ମାଟିଠାରୁ ମଧ୍ୟ ଆହୁରି ମୂଲ୍ୟହୀନ ।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିହାଣି, ଭୁବନେଶ୍ୱର,
ମୋ–୮୮୯୫୬୭୨୪୧୦୫

# ଫିଜିରେ ଭାରତୀୟ ବିଚାରପତି

### ବ୍ୟକ୍ତିତ୍ୱ



ମଦନ ଭୀମରାଓ ଲୋକୁର

ବିଚାର ବ୍ୟବସ୍ଥାରେ ଉତ୍କର୍ଷ ପ୍ରତିପାଦନ କରୁଥିବା ବ୍ୟକ୍ତିଙ୍କ ଚାହିଦା ସର୍ବଦା ରହିଥାଏ। ବାସ୍ତବଧର୍ମୀ ରାୟ ଦେଉଥିବା ବିଚାରପତିଙ୍କୁ ଅନ୍ୟମାନେ ଅନୁସରଣ କରିଥାଆନ୍ତି। ଭାରତରେ ବହୁ ବିଚାରପତି ଅଛନ୍ତି, ଯେଉଁମାନଙ୍କ ରାୟ ଐତିହାସିକ ହୋଇପାରିଛି। ଏବର ସମୟର ସେଭଳି ଜଣେ ବ୍ୟକ୍ତି ହେଉଛନ୍ତି ଜଷ୍ଟିସ ମଦନ ଭୀମରାଓ ଲୋକୁର। ୨୦୧୮ ଡିସେମ୍ବର ୩୧ରେ ସେ ସୁପ୍ରିମକୋର୍ଟ ବିଚାରପତି ପଦରୁ ଅବସର ଗ୍ରହଣ କରିଛନ୍ତି। ହେଲେ ତାଙ୍କ ନ୍ୟାୟିକ ପ୍ରଜ୍ଞା ଫିଜି ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛି। ଫଳରେ ସେଠାକାର ସୁପ୍ରିମକୋର୍ଟ ତାଙ୍କୁ ଅଣଆବାସିକ ପ୍ୟାନେଲରେ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି। ସେ ଆସନ୍ତା ଅଗଷ୍ଟ ୧୫ରେ ନୂତନ ଦାୟିତ୍ୱ ଗ୍ରହଣ କରିବେ। ଭାରତୀୟ ଭାବେ ବିଦେଶର ଏକ ସୁପ୍ରିମକୋର୍ଟରେ ବିଚାରପତି ହେବା ଲାଗି ତାଙ୍କୁ ସୁଯୋଗ ମିଳିବା ନିଶ୍ଚିତ ପ୍ରଶଂସାଯୋଗ୍ୟ କଥା।

ଜଷ୍ଟିସ ମଦନ ବି. ଲୋକୁର ୩୧ ଡିସେମ୍ବର ୧୯୫୩ରେ ଜନ୍ମଗ୍ରହଣ କରିଥିଲେ। ନୂଆଦିଲ୍ଲୀର ମଡର୍ନ ସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରି ଆଲ୍ଲାହାବାଦସ୍ଥିତ ସେଣ୍ଟ ଯୋଶେଫ୍ କଲେଜରୁ ଆଇଏସ୍‌ସିରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ସେଣ୍ଟ ଯୋଶେଫ୍ କଲେଜରୁ ଇତିହାସରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ ପାଇବା ପରେ ସେ ଆଇନ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ। ୧୯୭୭ରେ ଲୋକୁର ବାର୍‌ରେ ନାମ ପଞ୍ଜୀକରଣ କରି ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟରେ ପ୍ରାକ୍ଟିସ କରିଥିଲେ। ଆଡ୍‌ଭୋକେଟ–ଅନ୍–ରେକର୍ଡ (ଏଓଆର୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ୧୯୮୧ରେ ସୁପ୍ରିମକୋର୍ଟରେ ତାଙ୍କ ନାମ ଏଓଆର୍ ଭାବେ ତାଲିକାଭୁକ୍ତ ହୋଇଥିଲା। ଆଇନ ଭଳି କ୍ଲିଷ୍ଟ ବିଷୟରେ ବିଶେଷ ଜ୍ଞାନ ଲାଭ କରିବା ପରେ ୧୯୮୩ରେ ଇଣ୍ଡିଆନ୍ ଲ’ ରିଭ୍ୟୁ (ଡେଲି ସିରିଜ୍)ର ସମ୍ପାଦକ ହୋଇଥିଲେ। ୧୯ ଫେବୃୟାରୀ ୧୯୯୯ରେ ସେ ଦିଲ୍ଲୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଯୋଗ ଦେଇଥିଲେ। ୫ ଜୁଲାଇ ୧୯୯୯ରେ ଲୋକୁର ସେଠାରେ ସ୍ଥାୟୀ ବିଚାରପତି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ପରେ ସେ ଦିଲ୍ଲୀ ହାଇକୋର୍ଟର କାର୍ଯ୍ୟକାରୀ ବିଚାରପତି, ଗୁଆହାଟୀ ଏବଂ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ୪ ଜୁନ୍ ୨୦୧୨ରେ ଲୋକୁର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ଉନ୍ନୀତ ହୋଇଥିଲେ। ଜୁଭେନାଇଲ ଜଷ୍ଟିସରେ ତାଙ୍କର ଅଧିକ ଆଗ୍ରହ ରହିଥିବାରୁ ସେ ଏ ଦିଗରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ସେ ଦିଲ୍ଲୀ ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ କମିଟିର ଅଧ୍ୟକ୍ଷ ରହିଥିଲେ। ଏପରି କି ସୁପ୍ରିମକୋର୍ଟର ଜୁଭେନାଇଲ ଜଷ୍ଟିସ କମିଟି ସହ ଲୋକୁର ଜଡ଼ିତ ଅଛନ୍ତି।

ଲୋକୁରଙ୍କ ନ୍ୟାୟିକ କ୍ୟାରିୟର ଦେଖିଲେ ସଂଖ୍ୟାଲଘୁଙ୍କ ସବ୍–କୋଟା ଏବଂ ଆନ୍ଧ୍ରପ୍ରଦେଶରେ ବେଆଇନ ମାଇନିଂ ମାମଲାରେ ଦେଇଥିବା ରାୟ ଉଲ୍ଲେଖଯୋଗ୍ୟ। ପଛୁଆବର୍ଗଙ୍କ ଲାଗି ଉଦ୍ଦିଷ୍ଟ ୨୭ ପ୍ରତିଶତ ସଂରକ୍ଷଣ ମଧ୍ୟରେ ସଂଖ୍ୟାଲଘୁଙ୍କ ପାଇଁ ୪.୫ ପ୍ରତିଶତ ସବ୍–କୋଟା ଦେବା ଲାଗି ସରକାର ନେଇଥିବା ନିଷ୍ପତ୍ତିକୁ ଲୋକୁରଙ୍କୁ ନେଇ ଗଠିତ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଡିଭିଜନ ବେଞ୍ଚ ୨୦୧୨ ମେ’ରେ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଅନୁରୂପ ଭାବେ ରେଡ୍ଡୀ ଭ୍ରାତାଙ୍କ ଖଣି ଦୁର୍ନୀତି ମାମଲାରେ ସମ୍ପୃକ୍ତ ଥିବା ସ୍ୱତନ୍ତ୍ର ସିବିଆଇ ଜଜ୍ ଟି. ପଟ୍ଟାଭିରାମା ରାଓଙ୍କୁ ଜଷ୍ଟିସ ଲୋକୁର ନିଲମ୍ବିତ କରିବା ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ଅନ୍ୟାନ୍ୟ ଶୁଣାଣି ସହ ଉପରଲିଖିତ ଦୁଇଟି ରାୟ ତାଙ୍କ ବିଚାରପତି କ୍ୟାରିୟରକୁ ଅଧିକ ମଜଭୁତ କରିଥିଲା। ଆଗାମୀ ଦିନରେ ତାଙ୍କ ନ୍ୟାୟିକ ଅଭିଜ୍ଞତା ଫିଜି ସୁପ୍ରିମକୋର୍ଟରେ ପ୍ରତିଫଳିତ ହେବ ବୋଲି ଆଶା କରାଯିବା ସ୍ୱାଭାବିକ।

**–ଜିତେନ୍ଦ୍ର କୁମାର ନାୟକ**

### ଏଇ ଭାରତରେ

ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ଭୋଟର ମତଦାନ କରି ନିଜ ପସନ୍ଦର ଲୋକ ପ୍ରତିନିଧି ବାଛିବା ଆବଶ୍ୟକ। କିନ୍ତୁ ଦେଖାଯାଉଛି ପ୍ରାୟ ୭୦ ପ୍ରତିଶତ ଭୋଟର ମତଦାନ କରୁଥିବାବେଳେ ଅନ୍ୟମାନେ ଭୋଟଦାନରୁ ବିରତ ରହୁଛନ୍ତି। ଏହା ପଛରେ ଭିନ୍ନ ଭିନ୍ନ କାରଣ ଥାଇପାରେ। କିନ୍ତୁ ନିର୍ବାଚନରେ ମତଦାନ ପାଇଁ ହିମାଚଳ ପ୍ରଦେଶର ସୋଲନ ଜିଲାର ଭାଗ ସିଂ ଚନ୍ଦେଲ ବାହାଘର ନିମନ୍ତ୍ରଣପତ୍ର ମାଧ୍ୟମରେ ଅତିଥିମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି। ମେ ୧୯ରେ ତାଙ୍କ ଝିଅର ବାହାଘର ହେଉଛି। ଏଥିପାଇଁ ସେ ନିମନ୍ତ୍ରଣପତ୍ର ଦେଇ ଅତିଥିମାନଙ୍କୁ ବିବାହରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ହେଲେ ସେ ନିମନ୍ତ୍ରଣପତ୍ରରେ ଏକ ବାର୍ତ୍ତା ଲେଖିଛନ୍ତି ଯାହାକୁ ସମସ୍ତେ ପ୍ରଶଂସା କରୁଛନ୍ତି। ବାର୍ତ୍ତାଟି ହେଉଛି ୧୯ ତାରିଖରେ ଲୋକ ସଭା ନିର୍ବାଚନର ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ କାର୍ଯ୍ୟକ୍ରମ ରହିଛି। ତେଣୁ ଅତିଥିମାନେ ପ୍ରଥମେ ମତଦାନ କରି ପରେ ବିବାହରେ ଯୋଗ ଦେବାକୁ ସେ ନିବେଦନ କରିଛନ୍ତି। ନିମନ୍ତ୍ରଣ ପତ୍ର ଖୋଲୁ ଖୋଲୁ ଏହି ବାର୍ତ୍ତା ଦେଖିବାକୁ ମିଳୁଛି। ଭାଗ ସିଂ ନିଜେ ମଧ୍ୟ କହିଛନ୍ତି, ବିବାହ ଦିନ ପ୍ରଥମେ ସେ ତାଙ୍କ ପୈତୃକ ଗ୍ରାମ ଯାଇ ଭୋଟ ଦେଇ ଆସିବା ପରେ କନ୍ୟାଦାନ କରିବେ। ଅଧିକ ସଂଖ୍ୟାରେ ମତଦାନ କରିବାକୁ ସେ ତାଙ୍କ ନିମନ୍ତ୍ରଣ ପତ୍ର ମାଧ୍ୟମରେ ଅତିଥିମାନଙ୍କୁ ପ୍ରୋତ୍ସାହନ ଦେଉଥିବାରୁ ଭାଗ ସିଂଙ୍କ ଏହି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରୁଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୧୯ ମେ ୧୯୯୪

- ମୁକ୍ତ ବାଣିଜ୍ୟ ରାଜିନାମାରେ ମେକ୍‌ସିକୋ, କଲମ୍ବିଆ ଏବଂ ଭେନେଜୁଏଲା ସ୍ୱାକ୍ଷର କରିବା ନେଇ ରାଜି ହୋଇଛନ୍ତି।
- ସିକିମ ମୁଖ୍ୟମନ୍ତ୍ରୀ ନରବାହାଦୁର ଭଣ୍ଡାରୀ ରାଜ୍ୟ ବିଧାନସଭାରେ ସମ୍ମୁଖୀନ ହୋଇଥିବା ଆସ୍ଥା ଭୋଟରେ ହାରିଯାଇ ପଦଚ୍ୟୁତ ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରଙ୍କ ସବୁ ନା, ହଁରେ ପରିଣତ ହେଉଛି

ମହାଶୟ,

ସରକାରୀ ଅଫିସରେ ପିଅନଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ଲାଞ୍ଚ ନେବାରେ ମାହିର। ଏ ଲାଞ୍ଚକୁ କିଏ କହୁଛି ବଟି, ଆଉ କିଏ କହୁଛି ପିସି। ଏ ପିସି କଥାଟା ସରକାରଙ୍କୁ ଠିକ୍ ଜଣା ଅଛି। ତା’ ନ ହେଲେ ଏଣିକି ପିସି ବନ୍ଦ ବୋଲି କହି ନ ଥାନ୍ତେ ସରକାର। ଯେଉଁଦିନ ପିସି ବନ୍ଦ କଥା କହିଲେ ସେହିଦିନଠାରୁ ପିସିର ପରିମାଣ ବଢିଗଲା। ଅନେକ ନିର୍ବାଚିତ ଜନପ୍ରତିନିଧି ତାଙ୍କ ପିସିଟା ଆଗରୁ ସଂଗ୍ରହ କରି କଣ୍ଟ୍ରାକ୍ଟରଙ୍କୁ ୱାର୍କ ଅର୍ଡର ଦେଉଛନ୍ତି। ମନ୍ତ୍ରୀ ଆଉ ଯନ୍ତ୍ରୀମାନେ ବି ତାହା ହିଁ କରୁଛନ୍ତି। ସରପଞ୍ଚମାନେ ବି ବିପିଏଲ କାର୍ଡ ଏବଂ ଇନ୍ଦିରା ଆବାସ ଆଉ ବିଜୁ କୁଡିଆ କ୍ଷେତ୍ରରେ ତାହା ହିଁ କରୁଛନ୍ତି। ଏ ବିଷୟରେ ନେତାଙ୍କ ବିରୋଧରେ କର୍ମୀ ମୁହଁ ଖୋଲିଲେଣି। ଯେ କୌଣସି ଅଫିସକୁ ଗଲେ ବିନା ବଟିରେ କାମ ହେଉନାହିଁ। ଭିଜିଲାନ୍ସ ଡରରେ ଏ ଦେବତା (ଦେ+ବତା)ମାନେ ବଟି ଅର୍ଥକୁ ହାତରେ ଧରୁନାହାନ୍ତି। ଦଲାଲ ଜରିଆରେ ନେଉଛନ୍ତି। ଦଲାଲମାନେ ବଟି ଅର୍ଥରୁ କମିଶନିଟା କାଟି ରଖି ଦେବତାମାନଙ୍କୁ ସେମାନଙ୍କର ପ୍ରାପ୍ୟଟା ଦେଇ ଦେଉଛନ୍ତି। ଫଳରେ ଆଗରୁ ଲୋକେ ସିଧାସଳଖ ଯେତିକି ଲାଞ୍ଚ ଦେଉଥିଲେ, ଏବେ ତା’ର ପରିମାଣ ବଢିଯାଇଛି। ଗୁଟ୍‌ଖା ବ୍ୟବହାରକୁ ନା କହି ସରକାର ତାକୁ ବନ୍ଦ କରିପାରିଲେ ନାହିଁ ବରଂ ଏହାର ଦାମ୍ ବଢିଗଲା ଏବଂ ଅଧିକାଂଶ ଦୋକାନରେ ଗୁଟ୍‌ଖା ପ୍ୟାକେଟଗୁଡ଼ିକ ଟଙ୍ଗାହୋଇ ଝଲମଲ ଝଟକୁଛନ୍ତି। ସରକାର ପଲିଥିନ ବ୍ୟବହାରକୁ ବ୍ୟାନ୍ କଲେ, ଅଥଚ ଏବେ ସବୁ ଦୋକାନରେ ଗ୍ରାହକମାନଙ୍କୁ ଦୋକାନୀମାନେ ପଲିଥିନରେ ଜିନିଷପତ୍ର ଭର୍ତ୍ତିକରି ଦେଉଛନ୍ତି ଏବଂ ଗ୍ରାହକମାନେ ବିଚ୍ ବଜାରରେ ପଲିଥିନରେ ଜିନିଷପତ୍ର ଧରି ଘରକୁ ଫେରୁଛନ୍ତି। ସରକାରଙ୍କ ସବୁ ନା ଏହିଭଳି ଭାବେ ହଁରେ ପରିଣତ ହେଉଛି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଶ୍ରମିକଙ୍କ ପାଇଁ

ସମୟ ବଦଳୁଛି, ତା’ ସଙ୍ଗେ ସଙ୍ଗେ ବଦଳୁଛି ଦେଶର ପରିସ୍ଥିତି। କିନ୍ତୁ ତା’ ସାଙ୍ଗକୁ ତାଳ ଦେଇପାରୁନି ଶ୍ରମିକଙ୍କ ଅବସ୍ଥା। ଶ୍ରମିକମାନେ ଦେଶର ପ୍ରଗତିରେ ମୁଖ୍ୟ ଭୂମିକା ନେଇଥାନ୍ତି। କିନ୍ତୁ ସେହି ଶ୍ରମିକ ଆଜି ତା’ର ଉପଯୁକ୍ତ ପ୍ରାପ୍ୟ ପାଉନି। କମ୍ପାନୀ ଓ ଠିକାଦାରମାନେ ମନଇଚ୍ଛା ଦରମା/ମଜୁରି କାଟୁଛନ୍ତି। ତା’ ସାଙ୍ଗକୁ ବେଡି ଉପରେ କୋରଡା ମାଡ଼ ଭଳି ବାରଘଣ୍ଟିଆ ଡ୍ୟୁଟି, ଯାହାକି ଶ୍ରମିକମାନଙ୍କ ଦୁରବସ୍ଥାକୁ ବହୁଗୁଣିତ କରୁଛି। ଏମିତିକି ମହିଳା ଶ୍ରମିକମାନେ ମଧ୍ୟ ବାରଘଣ୍ଟିଆ ଡ୍ୟୁଟି କରୁଛନ୍ତି। ଇତିହାସରୁ ଶ୍ରମିକ ଆନ୍ଦୋଳନ ଓ ଏହାର ଭୟାବହତାର ଅନେକ ଉଦାହରଣ ରହିଛି। ଏହାର ପୁନରାବୃତ୍ତି ହେବା ଆଗରୁ ସମସ୍ତେ ଚେତିବା ଆବଶ୍ୟକ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ



### ଭାଲୁ ଆକ୍ରମଣରେ ମହିଳା ଗୁରୁତର

ସମ୍ବଲପୁର,୧୮।୫(ବ୍ୟୁରୋ)- ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଗହୀରପାଲି ଗ୍ରାମର ସାବିତ୍ରୀ ପଟେଲ (୫୦) ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ପରିବାର ବର୍ଗ ଗ୍ରାମବାସୀଙ୍କ ସାହାଯ୍ୟରେ ଯୁଯୁମୁରା ଡାକ୍ତରଖାନାକୁ ଆଣିଥିଲେ । ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସାବିତ୍ରୀଙ୍କ ମୁହଁ,ହାତ, ଛାତିରେ ଆଘାତ ଲାଗିଛି। ପ୍ରତିଦିନ ଭଳି ସକାଳେ ସାବିତ୍ରୀ ଗ୍ରାମବାସୀଙ୍କ ସହ କେନ୍ଦୁପତ୍ର ତୋଳିବାକୁ ଯାଇ ଭାଲୁ ସାମ୍ନାରେ ପଡିଥିଲେ। ସାବିତ୍ରୀଙ୍କ ଚିତ୍କାର ଶୁଣି ପାଖରେ ଥିବା ଅନ୍ୟମାନେ ଆସିଥିଲେ। ଏହାପରେ ଭାଲୁ ଚାଲି ଯାଇଥିଲା। ଅନ୍ୟମାନେ ସାବିତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ। ବନ ବିଭାଗ ଗୁରୁତର ସାବିତ୍ରୀଙ୍କ ପାଖରେ ପହଞ୍ଚି ନାହିଁ। ସମ୍ବଲପୁର ଡିଏଫଓ ସଞ୍ଜିତ କୁମାର କହିଛନ୍ତି ଯେ, ଏ ସମ୍ପର୍କରେ ଅଭିଯୋଗ ହୋଇ ନାହିଁ । ମହିଳାଙ୍କୁ ନିଶ୍ଚୟ ବନ ବିଭାଗ ନିୟମ ଅନୁସାରେ ସାହାଯ୍ୟ କରାଯିବ।

### ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମର ବିକାଶ ନେଇ ଗୁରୁତ୍ୱାରୋପ

ସମ୍ବଲପୁର,୧୮।୫ (ବ୍ୟୁରୋ)- ବୁର୍ଲା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବୁର୍ଲା କ୍ରୀଡା ସଂଘର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ୩୫ଜଣ ସଭ୍ୟ ଉପସ୍ଥିତ ଥିଲେ । ଦୀର୍ଘ ୩ବର୍ଷ ପରେ ସଂଘର ବୈଠକ ହୋଇଥିବାରୁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ସେହିପରି ଷ୍ଟାଡିୟମ କିପରି ଭାବେ ଆଧୁନିକୀକରଣ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ମତପ୍ରକାଶ ପାଇଥିଲା । ଏହି ସଭାରେ କାଲୁ ଚରଣ ସାହୁ, ଆରଏ ଶିବ କୁମାର, ଲକ୍ଷ୍ମୀଧର ମହାନ୍ତି, ପ୍ରଦୀପ ମିଶ୍ର, ସୁରେନ୍ଦ୍ର ସିଂ କାବୁଲି, ଚିତ୍ତ ନାୟକ, ଚନ୍ଦ୍ରା ବାହାଦୁର, ରମେଶ ଆଚାର୍ଯ୍ୟ, ମହମ୍ମଦ ଆସିଫ, ସୁବ୍ରତ ସାମଲ, ପ୍ରଦୋଷ ପଣ୍ଡା, ହିରନ୍ୟ ସାମନ୍ତରାୟ, ରାଜକିଶୋର ବାରିକ, ନିମା ଲାମା, ଅଚ୍ୟୁତ ଠେଲା, ଶିବ ପ୍ରଧାନ, ସଦାନନ୍ଦ ପଟ୍ଟନାୟକ, ଅଶୋକ ସାହୁ, ଏସ ପଣ୍ଡା, ନିର୍ମଳ ନାୟକ, ସୁବ୍ରତ ସାମଲ, ସୁଶାନ୍ତ ମିଶ୍ର, ଭାସ୍କର ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ରେଢ଼ାଖୋଲରେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ଭୀମଭୋଇ ସାହିତ୍ୟ ବିଶ୍ୱକୁ ଋଦ୍ଧିମନ୍ତ କରିଛି

ରେଢ଼ାଖୋଲ/ନାକଟିଦେଉଳ, ୧୮।୫ (ଡି.ଏନ.ଏ.)




ରେଢାଖୋଲରେ ଅନୁଷ୍ଠିତ ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସଭାରେ ଅତିଥି ଓ ସାଧୁସନ୍ଥମାନେ।

ସନ୍ଥକବି ଭୀମ ଭୋଇଙ୍କ ସାହିତ୍ୟ ସମଗ୍ର ବିଶ୍ୱକୁ ଋଦ୍ଧିମନ୍ତ କରିଛି। ତାଙ୍କ ସାହିତ୍ୟ କୃତିର ଅଧିକ ଗବେଷଣା ଆବଶ୍ୟକ। ଏକ ଧର୍ମ, ଏକ ସମାଜ, ଏକ ନୀତିର ସମାଜବାଦ ଗଠନ କରିଥିବା ଏହି ବିଶ୍ୱ ବିଦିତ କବିଙ୍କୁ ଜନ୍ମ ଦେଇ ରେଢ଼ାଖୋଲ ମାଟି ଧନ୍ୟ ହୋଇଛି। ସ୍ଥାନୀୟ କଦମ୍ବ ପଡିଆସ୍ଥିତ ଭୀମ ଭୋଇ କଳା ମଣ୍ଡପଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସଭାରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଓଡିଶା ସାହିତ୍ୟ ଏକାଡେମୀ ଓ ପଞ୍ଚଖଣ୍ଡା କଳାପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଗଣେଶରାମ ନାହାକ ପୌରୋହିତ୍ୟ କରିଥିଲେ। ଉପଜିଲାପାଳ ବିଶିକେସନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭୀମ ଭୋଇଙ୍କ ଦ୍ୱାରା ରଚିତ ଏକ ଭଜନ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ। ଡକ୍ଟର ପଞ୍ଚାନନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଲେ ଯେ, ଭୀମ ଭୋଇଙ୍କ ସାହିତ୍ୟ କୃତୀ ଅନନ୍ୟ। ସେ ମାନବ କଲ୍ୟାଣ ପାଇଁ ଦୁଃଖ ଯନ୍ତ୍ରଣାକୁ ଆପଣେଇ ନେଇଥିଲେ। ବହୁ କଷ୍ଟ ସ୍ୱୀକାର କରି ସମାଜର ଦୀନ ଦୁଃଖୀଙ୍କ ପାଇଁ ସଂଗ୍ରାମ କରୁଥିଲେ। ଅନ୍ୟତମ ବକ୍ତା ଭାବେ ଡକ୍ଟର ଶ୍ୟାମ ଭୋଇ ଯୋଗ ଦେଇ କହିଲେ ଯେ, ସମାଜ ଗଠନରେ ଭୀମ ଭୋଇଙ୍କ ଅବଦାନ ତୁଳନା କରି ହେବନି। ଅନ୍ୟମାନଙ୍କ ମଧ୍ୟରେ ଯୋରନ୍ଦାର ସାଧୁ ଶେଷଦେବ ଦାସ ଓ ଆନନ୍ଦ ବାବା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ରଞ୍ଜିତ ଦେହୁରୀ ସଭା ପରିଚାଳନ କରିଥିବାବେଳେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଞ୍ଚଖଣ୍ଡା କଳା ପରିଷଦର ସଭାପତି ମହାବୀର ସିଂ ଦେଓ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବସଷ୍ଟାଣ୍ଡସ୍ଥିତ ସନ୍ଥକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକ ଶୋଭାଯାତ୍ରାରେ ସଭା ମଣ୍ଡପରେ ପହଞ୍ଚି ଥିଲେ। ଭୀମ ଭୋଇଙ୍କ ମାଟି ମଧୁପୁର ଗ୍ରାମର ସଂକୀର୍ତ୍ତନ ଦଳ ଭୀମ ଭୋଇଙ୍କ ଭଜନ ପରିବେଷଣ କରିଥିଲେ। ଜେନାମଣି ଯୋଗ ଜନ୍ମା ଦାସ ଶର୍ମା, ଦେବାନନ୍ଦ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ, ସୁନୀଲ କୁମାର ପ୍ରଧାନ, ରାଜୀବ ଲୋଚନ ପ୍ରଧାନ, ସଂହାର କେଶରୀ ଭଞ୍ଜ, ବାସୁଦେବ ପୃଷେଠ, ନାରାୟଣ ପ୍ରଧାନ ପ୍ରମୁଖଙ୍କ ସହଯୋଗରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା।

ଅନ୍ୟପକ୍ଷେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ମଧ ଶନିବାର ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ଭୀମ ଭୋଇଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ସମଗ୍ର ବିଶ୍ୱ ଦରବାରରେ ଭୀମ ଭୋଇଙ୍କ ସାହିତ୍ୟ ଓ କବିତା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମାନବ ସମାଜର ହିତ ଦିଗରେ ଭୀମ ଭୋଇଙ୍କ ସାହିତ୍ୟ ସାଧନା ଆଜିର ସମାଜ ପାଇଁ ଏକ ଦିଗଦର୍ଶନ ହୋଇଛି। ତାଙ୍କର ନୀତି, ଆଦର୍ଶ ବର୍ତ୍ତମାନର ମାନବ ଜାତି ପାଇଁ ଏକ ପ୍ରାସଙ୍ଗିକତା ପାଲଟିଛି। ଭୀମ ଭୋଇଙ୍କ ରଚିତ 'କାବ୍ୟ ଗ୍ରନ୍ଥ ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛି । 'ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ' ଉକ୍ତିଟି ଆଜି ସମଗ୍ର ମାନବ ସମାଜ ପାଇଁ ନିହାତି ଅନୁକରଣୀୟ। ଏହାକୁ ସମସ୍ତେ ସାକାର କରି ପାରିଲେ ତାଙ୍କ ପ୍ରତି ଏହା ହେବ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଏହି ସଭାରେ ମତ ପ୍ରକାଶ ପାଇଛି। ଅଧ୍ୟାପିକାସରସୀରାଣୀ ନାୟକ ସଭାପତିତ୍ୱ କରିଥିଲେ । ହରିହର ସାହୁ ଏବଂ ଗୋପୀନାଥ ପ୍ରଧାନ ଦୀପ ପ୍ରଜ୍ୱଳନ କରିଥିଲେ। କଲେଜର ଅଧକ୍ଷ ସୁଧୀର କୁମାର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶେଷରେ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅତିଥିମାନେ।




ଶନିବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଚେତନାମୟୀ ବେହେରା ଗୀତ ପରିବେଷଣ କରୁଛନ୍ତି ।

## ଭୀମଭୋଇଙ୍କ ରଚନାରୁ ଗୀତ ପରିବେଷଣ କଲେ କଣ୍ଠଶିଳ୍ପୀ

ସମ୍ବଲପୁର, ୧୮।୫ (ବ୍ୟୁରୋ)

ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଶନିବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପାଳିତ ହୋଇଯାଇଛି । କବିଙ୍କ ରଚନାରୁ କଣ୍ଠଶିଳ୍ପୀମାନେ ଗୀତ ପରିବେଷଣ କରିଥିଲେ। ସଙ୍ଗୀତଜ୍ଞ ମୋତିଲାଲ ଦୋରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଣ୍ଠଶିଳ୍ପୀ ସନ୍ତୋଷ ମିଶ୍ର, ତ୍ରିଲୋଚନ ତ୍ରିପାଠୀ, ଚେତନାମୟୀ ବେହେରା, ରାଜ କୁମାର ଜାଲ ଗୀତ ପରିବେଷଣ କରିଥିଲେ । ବାଦ୍ୟଯନ୍ତ୍ରରେ ହରିବନ୍ଧୁ ବେହେରା, ଶଙ୍କର ସାହୁ ସହଯୋଗ କରିଥିଲେ । ସଙ୍ଗୀତ ସନ୍ଧ୍ୟା ପୂର୍ବରୁ ଉପସଭାପତି ଡ. ମୀନକେତନ ପାଠୀଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଡ. ପ୍ରଦୀପ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସନ୍ଥ କବିଙ୍କ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ । ସାଧାରଣ ସମ୍ପାଦକ ବୋଧରାମ ଦାଶ ସୂଚନା ପ୍ରଦାନ କରିଥିଲେ । ସହ ସମ୍ପାଦକ କମଳଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ବରଗଡ଼ ଅଫିସ୍,୧୮।୫

ବରଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ବାରିକଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ହୋଇଛି । ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି । ପୂର୍ବତନ ବରଗଡ଼ ବିଧାୟକ ତଥା ବିଜେଡ଼ି ନେତା ସାଧୁ ନେପାକ, ସମ୍ବିତ ଆଚାର୍ଯ୍ୟ, ପ୍ରଫୁଲ୍ଲ ନାଏକ ପ୍ରମୁଖ ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ସ୍ୱର୍ଗତ ବାରିକଙ୍କ ପରଲୋକ ଖବର ପାଇଁ ଶୋକପ୍ରକାଶ କରିଛନ୍ତି । ସ୍ୱର୍ଗତ ବାରିକ ଗତ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ବରଗଡ଼ ବ୍ଲକ ଅଧ୍ୟକ୍ଷ ରହିଥିଲେ । ଏହାସହିତ ତାଙ୍କ ଜୀବନକାଳରେ ସେ ଆରସିଏମଏସର ଡାଇରେକ୍ଟର, ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ, ଚକରକେନ୍ଦ ପଞ୍ଚାୟତର ସମିତିସଭ୍ୟ ଭାବେ ମଧ୍ୟ ସୁଚାରୁ ଭାବେ କାର୍ଯ୍ୟ ତୁଲାଇଥିଲେ ।

## ଭୀମଭୋଇ ସାହିତ୍ୟ ସଂସଦ ବାର୍ଷିକୋତ୍ସବ

ସମ୍ବଲପୁର,୧୮।୫ (ବ୍ୟୁରୋ)

ଭୀମ ଭୋଇ ସାହିତ୍ୟ ସଂସଦର ୧୯ତମ ବାର୍ଷିକୋତ୍ସବ ଭୀମଭୋଇ ନଗରଠାରେ ଶନିବାର ରାତିରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ନୌବିହାରୀ ପ୍ରଧାନଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଡ. ବିଭୂତିଭୂଷଣ ମିଶ୍ର ମୁଖ୍ୟଅତିଥି ଓ ସରକାରୀ ମହିଳା କଲେଜ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୀମଭୋଇଙ୍କ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ହେମସାଗର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସହଦେବ ରଣ ଅତିଥି ପରିଚୟ ପ୍ରଦାନ, କରିଥିବାବେଳେ ସାଧାରଣ ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ସେହିପରି ଲମ୍ବୋଦର ମିଶ୍ର ମାନପତ୍ର ପାଠ କରିଥିବା ବେଳେ ସଞ୍ଜୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଂସଦର ବରିଷ୍ଠ ସଭ୍ୟା ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ସହରର ବିଭିନ୍ନ ଅଞ୍ଚଳର ସାହିତ୍ୟକ, କବି, ଲେଖକ, ଅଧ୍ୟାପକ ସାମିଲ ଥିଲେ ।




ଭୀମଭୋଇ ସାହିତ୍ୟ ସଂସଦ ବାର୍ଷିକୋତ୍ସବରେ ହେମସାଗରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଲମ୍ବା ଦାବି ତାଲିକା ଶୁଣି ଅଧିକାରୀମାନେ ଚୁପ୍

ସମ୍ବଲପୁର,୧୮।୫ (ବ୍ୟୁରୋ)

**ଶୀତଳଷଷ୍ଠୀ ଯାତ୍ରା ଶାନ୍ତି କମିଟି ବୈଠକ**

ଶୀତଳଷଷ୍ଠୀ ଯାତ୍ରା ପୂର୍ବରୁ ସହର ମୁଖ୍ୟ ରାସ୍ତା ଗୁଡିକରେ ହୋଇଥିବା ଜବରଦଖଲ ହଟାଯାଉ । ରାସ୍ତା ଉପରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କାମ ପାଇଁ ଆବଶ୍ୟକ ସାମଗ୍ରୀ ରହୁଛି। ସାଧାରଣ ଲୋକମାନେ ମଧ ରାସ୍ତା ଉପରେ ବିଭିନ୍ନ ନିର୍ମାଣ ସାମଗ୍ରୀ ରଖୁଛନ୍ତି। ଏହା ଉପରେ ରୋକ୍ ଲାଗାଯାଉ । ନ ହେଲେ ଶୋଭାଯାତ୍ରା ସମୟରେ ସମସ୍ୟା ହେବ । ଯାତ୍ରା ଦିନ ଗୁଡିକରେ ୨୪ ଘଣ୍ଟିଆ ପାଣି ଦିଆଯାଉ । ଜିଲା ଓ ସହର ବାହାରୁ ଲକ୍ଷାଧିକ ଲୋକ ଯାତ୍ରା ଦେଖିବାକୁ ଆସନ୍ତି । ସେମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯାଉ। ବିଦ୍ୟୁତ କାଟ୍ ବନ୍ଦ କରାଯାଉ । ମହାନଦୀରେ ଥିବା ବିଭିନ୍ନ ଘାଟ ଗୁଡିକୁ ପରିଷ୍କାର ରଖାଯାଉ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତ୍ୟେକ ପଡାର ଶୋଭାଯାତ୍ରାରେ ଏକ ଆମ୍ବୁଲାନ୍ସ ଯୋଗାଇ ଦିଆଯାଉ । ଆଇନ ଶୃଙ୍ଖଳା ପାଇଁ ପୋଲିସ ପୂର୍ବ ପ୍ରସ୍ତୁତି କରୁ । ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶୀତଳଷଷ୍ଠୀ ଯାତ୍ରା ଶାନ୍ତି କମିଟି ବୈଠକରେ ବିଭିନ୍ନ ପଡାର ସଦସ୍ୟମାନେ ଏଭଳି ଦାବି କରିଛନ୍ତି। ତେବେ ଏହି ଲମ୍ବା ଦାବି ତାଲିକା ଶୁଣି ସରକାରୀ ବାବୁମାନେ ଏକପ୍ରକାର ଚୁପ୍ ରହିଥିଲେ।



ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶାନ୍ତି କମିଟି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଜିଲାପାଳ ଶୁଭମ ସକସେନା ଏଥିରେ ଅଧକ୍ଷତା କରିଥିଲେ। ମହାନଗର ନିଗମ କମିସନର ତ୍ରିଲୋଚନ ମାଝି, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଏଡିଏମ୍ ଅଜୟ କୁମାର ଜେନା, ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା ଉପସ୍ଥିତ ଥିଲେ। ବିନୋଦ ବିହାରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଥମେ ସ୍ୱାସ୍ଥ୍ୟ ଓ ପରିମଳ, ପାନୀୟଜଳ, ବିଦ୍ୟୁତ୍ ବିଭାଗ, ଟ୍ରାଫିକ ଓ ଗାଡି ଚଳାଚଳ, ଅଗ୍ନିଶମ ବିଭାଗ, ଦୂରଦର୍ଶନ ପ୍ରସାରଣ, ଅବକାରୀ ବିଭାଗ ଅଧିକାରୀମାନେ ନିଜ ବିଭାଗ କାର୍ଯ୍ୟ ଉପରେ ଜଣାଇଥିଲେ। ବାଲିବନ୍ଧା ସୋମନାଥ ବାବା, ନନ୍ଦପଡାର ଶ୍ରୀ ଶ୍ରୀ ବମ୍‌ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଲୋକନାଥ ବାବା, ମୁଦିପଡାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ବୁଢ଼ାରଜା ମହାଦେବ, ବଡବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡାର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା ପ୍ରମୁଖ ପୂଜା କମିଟି ସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ ।



ଉପସ୍ଥିତ ଯାତ୍ରା କମିଟି ସଦସ୍ୟ ଓ ବିଭାଗୀୟ ଅଧିକାରୀ ।

## ଧାନ ବୋଝେଇ ଗାଡ଼ିକୁ ଟୋଲ୍ ଛାଡ଼

ସମ୍ବଲପୁର,୧୮।୫ (ବ୍ୟୁରୋ)

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ-ୱେ ପରଧିଆପାଲି ଟୋଲ ପ୍ଲାଜାରେ ଚଳିତ ବର୍ଷ ଧାନ ସଂଗ୍ରହ ସମୟରେ ଚାଷୀଙ୍କ ଗାଡିରୁ ଟିକସ ନିଆଯିବ ନାହିଁ । ଟ୍ରାକ୍ଟର, ଟ୍ରକ, ପିକଅପ, ମ୍ୟାଜିକ ଭଳିଗାଡି ଗୁଡିକରେ ଧାନ ବୋଝେଇକୁ ଦେଖିଲା ପରେ ଟିକସ ଛାଡ କରିବାକୁ ଟୋଲ ଅଧିକାରୀଙ୍କୁ ପ୍ରଶାସନ ଚିଠି କରିଛି । ପ୍ରଶାସନ ପକ୍ଷରୁ ଟୋଲ ପ୍ଲାଜା ଅଧିକାରୀ ଓ ଚାଷୀମାନଙ୍କ ସହ ଆଲୋଚନା କରିବା ପରେ ଶନିବାର ଏହି ନିଷ୍ପତ୍ତି ହୋଇଛି । ହେଲେ ଚାଷୀମାନେ ଧାନ ବୋଝେଇ ଗାଡି ସହିତ ଗାଡିର ଟ୍ରାନଜିଟ ପାସ୍ ଓ ପରିଚୟ ପତ୍ର ଦେଖାଇବାକୁ ପଡିବ । ଧାନ କିଣାବିକା ସମୟରେ କେବଳ ଏଭଳି କୋହଳ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ, ଗୁରୁବାରଠାରୁ ଟୋଲପ୍ଲାଜା କର୍ମଚାରୀ ଓ ଶାସନ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଟିକସ ନେବାକୁ ନେଇ ବିବାଦ ହୋଇଥିଲା । ଫଳରେ ଟୋଲ ପ୍ଲାଜାରେ ଉତ୍ତେଜନା ଦେଖା ଦେଇଥିଲା । ଏହାକୁ ନେଇ ଚାଷୀ ପ୍ରତିନିଧି ଦଳ ଜିଲାପାଳ ଶୁଭମ ସକସେନାଙ୍କୁ ଫେରାଦ ହୋଇଥିଲେ । ଉପ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଘଟଣାର ସମାଧାନ ପାଇଁ ଦାୟିତ୍ୱ ଦିଆଯୋଇଥିଲା। ପରେ ଏ ନେଇ ପୂର୍ତ୍ତ ବିଭାଗ ସହ ଆଲୋଚନା ହୋଇଥିଲା । ଶେଷରେ ଧାନ ବୋଝେଇ ଗାଡିରୁ ଟିକସ ନ ନେବାକୁ ଚିଠି କରାଯାଇଛି ।

## ନୂଆ ବସଷ୍ଟାଣ୍ଡ ପାଇଁ ବୈଠକ

ଜମନକିରା, ୧୮।୫ (ଡି.ଏନ୍.ଏ.)

ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଜମନକିରା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ଏକ ନୂତନ ବସଷ୍ଟାଣ୍ଡ ପାଇଁ ଆବଶ୍ୟକ ପଡୁଥିବା ଜମି ପାଇଁ ଏଥିରେ ଆଲୋଚନା କରାଯାଇଥିଲା। ତେବେ ନୂତନ ବସଷ୍ଟାଣ୍ଡ ପାଇଁ ଆବଶ୍ୟକ ଥିବା ଜାଗା ନେଇ ତହସିଲଦାରଙ୍କୁ ଜଣାଇ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ପୂର୍ବରୁ ଜମନକିରା ଗ୍ରାମ୍ୟ ଉନ୍ନୟନ କମିଟି ଜରିଆରେ ଅଞ୍ଚଳବାସୀଙ୍କୁ ଆହ୍ୱାନ କରାଯାଇ ସେମାନଙ୍କ ଉପସ୍ଥିତିରେ ଆଲୋଚନା ଓ ନିଷ୍ପତ୍ତି ନେବା ପାଇଁ ବୈଠକରେ କୁହାଯାଇଥିଲା। ସୁବଳ ସାହୁ, ରବୀନ୍ଦ୍ର ମଲ୍ଲିକ, ଆଦିପ୍ରସାଦ ମହାକୁଳ, ଅମରେଶ୍ୱର ସ୍ୱାଇଁ, ବିରେନ୍ଦ୍ର ଦାନୀ, ସାଲେକରାମ ପଧାନ, ନନ୍ଦଲାଲ ସାହୁ, ଝସକେତନ ଦାଶ, ପ୍ରଶାନ୍ତ ପଣ୍ଡା, ରମେଶଚନ୍ଦ୍ର ସୁନାର, ସରୋଜ ସେଠ, ଅକ୍ଷୟ ଦ୍ୱିବେଦୀ, ବୈରାଗୀ ମହାନନ୍ଦ, ବାବୁଲୁ ନାଏକ, ଆନନ୍ଦ ନାଏକ, ବିରେନ୍ଦ୍ର କାରୱାର, ସତ୍ୟପ୍ରିୟ ମହାପାତ୍ର, ରବୀନ୍ଦ୍ର ଦାନୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍ସନ



## ସଂକ୍ଷେପରେ

### କାଳବୈଶାଖୀ ପରେ ଚିନ୍ତାରେ ଚାଷୀ

**ଭେଡ଼େନ, ୧୮।୫ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅଞ୍ଚଳରେ ଏବେ ଡ଼ାଲୁଅ ଧାନ ଅମଳ ଜୋର୍‌ସୋରରେ ଚାଲିଛି। ତେବେ ଗୁରୁବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖି ଜନିତ ବର୍ଷାରେ ଖେତ ଖଳାରେ ଥିବା ଧାନ ସବୁ ଭିଜି ଯାଇଛି। ଫଳରେ ଓଦା ହୋଇଥିବା ଧାନସବୁକୁ ଚାଷୀମାନେ ବର୍ତ୍ତମାନ ଶୁଖାଇବାରେ ଲାଗିପଡିଛନ୍ତି । ମାର୍କେଟ ୟାର୍ଡ଼ ଗୁଡ଼ିକରେ ଅତ୍ୟନ୍ତ ଧିମା ଗତିରେ ଧାନ ଉଠାଣ ଚାଲିଛି। ବର୍ଷାର ସୁଯୋଗ ନେଇ କଟନି ଛଟନି ପାଇଁ ବେପାରୀ ଏବଂ ମିଲର୍ସ ମାନେ ପ୍ରସ୍ତୁତ ହୋଇଗଲେଣି । ବର୍ତ୍ତମାନ ବସ୍ତା ପ୍ରତି କେଜିଏ ଲେଖାଏଁ କଟନିଛଟନି କରା ନ ଗଲେ ଧାନ ଉଠିବ ନାହିଁ ବୋଲି ଚାଷୀମାନଙ୍କୁ କୁହାଯାଉଥିବା ଅଭିଯୋଗ ହେଉଛି ।

### ଚୋରକୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

**ଭେଡ଼େନ, ୧୮।୫ (ଡ଼ି.ଏନ.ଏ):** ଭେଡ଼େନ ଥାନା ନେଗିପାଲି ଗ୍ରାମରେ ଦିନ ଦ୍ୱିପହରରେ ଚୋରି କରୁଥିବା ବେଳେ ଜଣେ ତାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଏହି ଗ୍ରାମର ନିବାସ ତାଣ୍ଡି ଘରେ ନ ଥିବାବେଳେ ଶୁକ୍ରବାର ଦିନ ୧୧ଟା ବେଳେ ଅଭିଯୁକ୍ତ ବିକାଶ ଝାଙ୍କର ଘରେ ପଶି କଂସାବାସନ ଆଦି ଚୋରି ପଳାଉଥିଲେ । ଏହା ଦେଖି ଗ୍ରାମବାସୀ ତାଙ୍କୁ ଧରିଥିଲେ। ଭେଡ଼େନ ପୋଲିସ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା ( ନଂ.୯୩/୧୯) ରୁଜୁ ହୋଇଛି ।

### ଭୀମମଣ୍ଡଳୀରେ ଅଷ୍ଟପ୍ରହର ନାମଯଜ୍ଞ

**ନାକଟିଦେଉଳ,୧୮।୫ (ଡି.ଏନ.ଏ.):** ଘୋଷରାମାଳ ପଞ୍ଚାୟତ ଚମ୍ପାଳି ନଦୀକୂଳ ମଧରେ ଅବସ୍ଥିତ ଭୀମମଣ୍ଡଳୀ ପର୍ଯ୍ୟଟନ କ୍ଷେତ୍ରରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଚମ୍ପା ନଦୀରୁ ମହିଳାମାନେ କଳସରେ ଜଳ ଧରି ଯଜ୍ଞସ୍ଥଳରେ ଆସି ପହଞ୍ଚିଥିଲେ। ତାହାପରେ ସେଠାରେ ପୂଜାର୍ଚ୍ଚନା ହୋଇଥିଲା। ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରତି ସନ୍ଧ୍ୟାରେ ପ୍ରବଚନ ଦିଆଯାଇଥିଲା। ଏଥିରେ ଘୋଷରାମାଲ, ଲୁସୁରା, ଲାଣ୍ଡିମାଳ, କାଦୋବାହାଲ, ଶିମିଳିପାଳ, ପେଣ୍ଠବାହାଲ, ବଣକୁହି ଆଦି ଗ୍ରାମର ଜନସାଧାରଣ ସହଯୋଗ କରିଥିଲେ।

ସରକାରୀ ନିୟମକୁ ବେଖାତିର

# ଦିନ ଦ୍ୱିପ୍ରହରରେ ଚାଲିଛି କାମ

**ଦେବଗଡ,୧୮।୫(ସ୍ୱ.ପ୍ର.)**



ଖରାରେ ଶ୍ରମିକମାନେ କାମ କରୁଛନ୍ତି।

ଦେବଗଡ଼ ଜିଲା ଏନ୍‌ଏଚ୍‌ଏଆଇ ବିଭାଗ ପକ୍ଷରୁ ତିଲେଇବଣିରୁ ସମ୍ବଲପୁର ୪୯ନଂ ଜାତୀୟ ରାଜପଥ ଚାରିଚକିଆ ରାସ୍ତା ନିର୍ମାଣ ଚାଲିଛି। ଏଥିରେ ସରକାରୀ ନିୟମକୁ ଉଲ୍ଲଘଂନ କରି ଶ୍ରମିକମାନଙ୍କୁ ଦିନ ଦ୍ୱିପ୍ରହର ଟାଣ ଖରାରେ କାମ କରାଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମ ମୁତାବକ, ଖରା ଦିନେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଶ୍ରମିକମାନେ କାମ କରିପାରିବେ। ହେଲେ ଦିନ ଦ୍ୱିପ୍ରହର ଡହଡହ ଖରାରେ ଶ୍ରମିକମାନଙ୍କୁ ରାସ୍ତା କାର୍ଯ୍ୟରେ ନିୟୋଜିତ କରାଯାଉଛି। ଫଳରେ ଶ୍ରମିକମାନଙ୍କୁ ଅଂଶୁଘାତ ହେବା ଆଶଂକା ଦେଖାଦେଇଛି। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ନେଇ ଉଦ୍ୟମ କରାଯିବା ସହ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି କଡାକଡି ନିୟମ କରାଯାଇଛି। ଏ ପରିସ୍ଥିତିରେ ନିୟମକୁ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଆଜି ସିଆରିଆ କେନ୍ଦ୍ରରେ ସାନି ମତଦାନ

**ଦେବଗଡ,୧୮।୫(ସ୍ୱ.ପ୍ର)**

ଏପ୍ରିଲ ୨୩ ତାରିଖରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଇଭିଏମ୍ ଓ ଭିଭିପିଏଟିରେ ତ୍ରୁଟି ଯୋଗୁ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ରିଆମାଳ ବ୍ଲକ ଆଡଶ ପଞ୍ଚାୟତ ସିଆରିଆ ବୁଥ ନଂ-୧୮୩ରେ ମତଦାନ ସ୍ଥଗିତ ରଖାଯାଇଥିଲା। ରବିବାର ଉକ୍ତ ବୁଥରେ ସାନି ମତଦାନ ହେବ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ ହେବ। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ବୁଥରେ ୫୦୦ ମହିଳା ଏବଂ ୫୦୨ ପୁରୁଷ ଭୋଟରଙ୍କୁ ମିଶାଇ ମୋଟ ୧୦୦୨ ଭୋଟର ମତ ସାବ୍ୟସ୍ତ କରିବେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲେଖୁଲେଖୁ କରଣ,**
**ହଗୁ ହଗୁ ମରଣ ।**

ଅଭ୍ୟାସରୁ ଦକ୍ଷତା ବଢ଼େ । ସାଧନା ହିଁ ସିଦ୍ଧି ଦେଇଥାଏ। ପ୍ରଚେଷ୍ଟା ଜାରି ରଖିଲେ ସଫଳତା ମିଳିଥାଏ। ସେହିପରି ବାରମ୍ବାର ଝାଡ଼ାହେଲେ ବ୍ୟକ୍ତି ରୋଗଗ୍ରସ୍ତ ହୋଇଯାଏ। ଶରୀର ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ। ଚାଲିବାକୁ ବଳ ଓ ସାମର୍ଥ୍ୟ ହରାଇବସେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଲାଉଡ଼ଙ୍କ;**
**ବଡ଼ଘର ପୁଅ ଏଡିକି ରଙ୍କ ।**

ଧନୀଲୋକ ମଧ୍ୟ ରଙ୍କୁଣା ହୋଇପାରେ। ଯାହାଘରେ ସବୁ ଅଛି, କିଛି ଅଭାବ ନାହିଁ, ସେ ଘରର ପିଲା ମଧ୍ୟ ବାହାରେ କେଉଁଠି ଜାଗା ଅଜାଗା ନ ବାରି ଭଲ ଜିନିଷ ଦେଖିଲେ ନ ପାଇବା ନ ଖାଇବା ଭଳି ବିକଳ ହେଉଥିବାର ଲକ୍ଷ୍ୟ କରାଯାଏ। ଖାଇବା ଘର ପିଲାଙ୍କର ଏପରି ମନ୍ଦ ସ୍ୱଭାବ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବିନାଖଣ୍ଡିବୁଦ୍ଧଙ୍କ ପ୍ରତିଛବିରେ ପ୍ରଶିକ୍ଷାର୍ଥୀ ପ୍ରଣିପାତ କରୁଛନ୍ତି।

## ବିନାଖଣ୍ଡିରେ ବୁଦ୍ଧ ପୂର୍ଣ୍ଣିମା

**ସମ୍ବଲପୁର, ୧୮।୫ (ବ୍ୟୁରୋ)**

ଶନିବାର ବିନାଖଣ୍ଡଠାରେ ସାଉଲିନ୍ କୁଙ୍ଗୁ ଉଷୁ ଆସୋସିଏସନ୍ ପକ୍ଷରୁ ବୁଦ୍ଧ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି । ମାର୍ଶଲ ଆର୍ଟର ଜନକ ଭଗବାନ ବୁଦ୍ଧଙ୍କ ପ୍ରତିଛବିରେ ପ୍ରଶିକ୍ଷାର୍ଥୀ, ପ୍ରଶିକ୍ଷକ, ଅତିଥିମାନେ ପୁଷ୍ପ ଅର୍ପଣ କରିଥିଲେ । ଏହାପରେ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ମଞ୍ଚ କଳାକାର ଲକ୍ଷ୍ମଣ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସୋନୁ ପ୍ରସାଦ ସୋନାର, ଅରୁଣ ଅଜାଡିୱାଲ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସଙ୍ଗୀତା ପଣ୍ଡା ସଙ୍ଗୀତ ପରିବେଷଣ କରୁଛନ୍ତି ।

## ସଙ୍ଗୀତରେ ତଲ୍ଲୀନ ହେଲେ ଶ୍ରୋତା

**ସମ୍ବଲପୁର,୧୮।୫ (ବ୍ୟୁରୋ)**

ତପସ୍ୱିନୀ ପ୍ରେକ୍ଷାଳୟରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଭୁବନେଶ୍ୱରର କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡାଙ୍କ ଦଳ ଏବଂ ସମ୍ବଲପୁରର ସ୍ୱରାଜ ଦାଶ, ମେଘା ଦଲେଇ, ଇପସିତା ସାହୁ ପ୍ରମୁଖଙ୍କ ସୁଲଳିତ ସଙ୍ଗୀତରେ ଦର୍ଶକ ତଲ୍ଲିନ ହୋଇଥିଲେ। ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ସମରେନ୍ଦ୍ର ନାୟକ, ନିରଞ୍ଜନ ସାହୁ ଓ ବଂଶୀଧର ସହଯୋଗ କରିଥିଲେ । ଓଡିଶା ଦୂରଦର୍ଶନ କେନ୍ଦ୍ର ପୂର୍ବତନ ନିର୍ଦ୍ଦେଶକ ବୈକୁଣ୍ଠ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୌମେନ୍ଦ୍ର ପୂଜାରୀ ସଂଯୋଜନା କରିଥିଲେ।

# ଜନକଲ୍ୟାଣ କାମନା କଲେ କିନ୍ନର ସମ୍ପ୍ରଦାୟ

**ସମ୍ବଲପୁର, ୧୮।୫ (ବ୍ୟୁରୋ)**

ସମ୍ବଲପୁର ମୁଦିପଡାରେ କିନ୍ନରମାନେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହ ଜନକଲ୍ୟାଣ ଉଦ୍ଦେଶ୍ୟରେ ଶନିବାର ବହୁଚରୀ ମାତା ପୂଜାର୍ଚ୍ଚନା କରିଛନ୍ତି। କଳସ ଶୋଭାଯାତ୍ରା, କଳସ ଅଧିବାସ, ଗଣପତି ପୂଜା, ବରୁଣ ପୂଜା, ଦେବୀଙ୍କ ଉପଚାର, ନବଗ୍ରହ ପୂଜା, ଦଶଦିଗପାଳ ପୂଜା ହୋଇଥିଲା। ଏହି ଅବସରରେ କିନ୍ନରମାନେ ଶୋଭାଯାତ୍ରାରେ ବାହାରିଥିଲେ।



ସମ୍ବଲପୁରରେ ଶନିବାର ରାତିରେ ବହୁଚରୀ ମାତା ପୂଜାର୍ଚ୍ଚନା ଅବସରରେ କିନ୍ନରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## କନ୍ୟା ମାତାପିତା ଚୟନ ସମ୍ପନ୍ନ

**ସମ୍ବଲପୁର, ୧୮।୫ (ବ୍ୟୁରୋ)**

ଓଁକାରେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ସକାଶେ କନ୍ୟା ଓ ବର ମାତାପିତା ଚୟନ ସଂପନ୍ନ ହୋଇଛି। ସାକ୍ଷୀପଡା ଓଁକାରେଶ୍ୱର ମନ୍ଦିର ପରିସରରେ ବୈଠକ ହୋଇଥିଲା । କନ୍ୟା ମାତାପିତା ଭାବେ ରେଙ୍ଗାଲି ଗଣେଶନଗର ନିବାସୀ ଅରୁନ୍ଧତୀ ଓ ଜିଜ୍ଞାଶ ସାହୁ ମନୋନୀତ ହୋଇଛନ୍ତି । ସେହିପରି ସାକ୍ଷୀପଡା ନିବାସୀ ଭାରତୀ ଓ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ବର ମାତାପିତା ଦାୟିତ୍ୱ ତୁଲାଇବାକୁ ସ୍ଥିର କରାଯାଇଛି। ଯାତ୍ରା କମିଟି ସଭାପତି ବୁଦ୍ଧରାମ ମୁଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ପଡାର ମୁରବୀ ଓ ଯାତ୍ରା କମିଟି କର୍ମକର୍ତ୍ତା, ସଭ୍ୟମାନେ ଉପସ୍ଥିତ ଥିଲେ।



ଓଁକାରେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରୀ ସକାଶେ ମନୋନୀତ କନ୍ୟା ମାତାପିତା ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

BUSINESS

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ Regd. ଗୋଲ୍ଡ ମେଡାଲିଷ୍ଟ ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଭାରତର ନଂ.୧ କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

See Color Display Classified on every Tuesday & Friday

ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେସନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା

# ଭୂତଳ ଜଳ ବି ଜହର

ହର୍ଷବର୍ଦ୍ଧନ ବେହେରା

ଯାଜପୁର ଅଫିସ,୧୮।୫

ଯାଜପୁର ଜିଲାରେ କେବଳ ନଦୀଜଳ କିମ୍ବା ଭୂପୃଷ୍ଠ ଜଳ ନୁହେଁ ଭୂତଳ ଜଳ ମଧ୍ୟ ବିଷାକ୍ତ ହେବାରେ ଲାଗିଛି। ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫ୍‌ସି) ଅଂଶ ଆବଶ୍ୟକଠାରୁ ବହୁ ଅଧିକ ରହିଥିବା ଜଣାପଡିଛି। ଯାହାକିପାନୀୟ ଉପଯୋଗୀ ନୁହେଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ଜିଲାର ଖଣି ଅଞ୍ଚଳ କାଳିଆପାଣି, ଗିସ୍କୋ, ସାରୁଆବିଲ ଓ କମର୍ଦ୍ଧା ନିକଟରୁ ସଂଗୃହୀତ ହୋଇଥିବା ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ଏସ୍‌ପିସିବିର ସଦସ୍ୟ ସଚିବ ଏହି ମର୍ମରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫଙ୍କୁ ଜଣାଇବା ପରେ ସେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଗତମାସ ୯ତାରିଖରେ ସୂଚିତ କରିଛନ୍ତି। ନିଜ ନିଜ ଅଞ୍ଚଳର ଭୂତଳ ଜଳ ନମୁନା ସଂଗ୍ରହ କରି ପରୀକ୍ଷାଗାରରେ ପରୀକ୍ଷା କରିବା ପରେ ପାନୀୟ ଜଳ ଯୋଗାଣ କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପରାମର୍ଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପ ଓ ଖଣି ଅଞ୍ଚଳ ସମେତ ଏହାର ଆଖପାଖ ବ୍ଲକ ଅଞ୍ଚଳରେ ଶତାଧିକ ଲୋକ କିଡ୍‌ନୀ ରୋଗ ଯୋଗୁ ମୃତ୍ୟୁବରଣ କରୁଛନ୍ତି। ଏବେ ବି ହଜାରରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତେବେ ଭୂତଳ ଜଳରେ ଆଇରନ ସହ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ରହିଥିବା ପ୍ରମାଣିତ ହେବା ସତ୍ତ୍ୱେ ଏହାର ପ୍ରତିକାର ନିମନ୍ତେ ପ୍ରଶାସନସ୍ତରରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନିଆଯିବା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ ହଜାର ହଜାର ମେଟ୍ରିକ ଟନ୍ କ୍ରୋମାଇଟ ଗଚ୍ଛିତ ରହିଛି। ଏହି ପ୍ରାକୃତିକ ସମ୍ପଦକୁ ବିଭିନ୍ନ ଖଣି ସଂସ୍ଥା ଗତ ୭ଦଶନ୍ଧି ହେଲା ଲୁଟ କରି ଆସୁଛନ୍ତି। ତେବେ ଗତ ୫ବର୍ଷ ହେଲା ଖଣି ନିଲାମରେ ସୁଧାର ଆଣିବା ପରେ ଲୁଟ କାରବାର କେତେକାଂଶରେ ପ୍ରଶମିତ ହୋଇଛି। କିନ୍ତୁ ବାୟୁ ଓ ଜଳ ପ୍ରଦୂଷଣକୁ ନେଇ ଖଣି ସଂସ୍ଥାମାନେ କାହାରି ବୋଲ ମାନୁନାହାନ୍ତି। ଫଳରେ ଭୂପୃଷ୍ଠ ଜଳ ସହିତ ଭୂତଳ ଜଳ ମଧ୍ୟ ଜହର ହେବାରେ ଲାଗିଛି। ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ଏସପିସିବି ପକ୍ଷରୁ ଭୂତଳ ଜଳ ନମୁନା ପରୀକ୍ଷା ହୋଇଥିଲା। ଏଥିରେ ଯାଜପୁର ଜିଲାର ଖଣି ଅଞ୍ଚଳ ସାରୁଆବିଲ ଓ କମର୍ଦ୍ଧା ନିକଟସ୍ଥ ଭୂତଳ ଜଳରେ ଆଇରନ ଅଂଶ ଅଧିକ ରହିଥିବା ଜଣାପଡ଼ିଥିଲା। ପରୀକ୍ଷା ରିପୋର୍ଟ ଅନୁସାରେ ସାରୁଆବିଲ ଖଣି ଅଞ୍ଚଳର ଭୂତଳ ଜଳରେ ପ୍ରତି ଲିଟରରେ ୨.୬୨୧ ମିଲିଗ୍ରାମ ଆଇରନ ଅଂଶ ରହିଛି। ସେହିପରି କମର୍ଦ୍ଧା ଅଞ୍ଚଳର ଭୂତଳ ଜଳରେ ଲିଟର ପିଛା ୫.୩୨୪ ମିଲିଗ୍ରାମ ଆଇରନ ଅଂଶ ମିଳିଛି। ଏହି କାରଣରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ଭୂତଳ ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗକୁ ଏସ୍‌ପିସିବିର ସଦସ୍ୟ ସଚିବ ସୂଚିତ କରିଛନ୍ତି। ଏହାବାଦ ଜିଲାର ଗିସ୍କୋ ଓ କାଳିଆପାଣି ଖଣି ଅଞ୍ଚଳର ଭୂତଳ ଜଳରେ ଟୋଟାଲ କୋଲିଫର୍ମ ଓ ଫେକାଲ କୋଲିଫର୍ମ ରହିଛି। ରିପୋର୍ଟ ଅନୁସାରେ ଗିସ୍କୋ ଖଣି ଅଞ୍ଚଳର ଭୂତଳ ଜଳରେ ୧୬୦୦ ଏମ୍‌ପିଏନ୍(ମୋଷ୍ଟ ପ୍ରୋବେବୁଲ ନମ୍ବର)/୧୦୦ଏମ୍‌ଏଲ୍ ଟୋଟାଲ କୋଲିଫର୍ମ ଓ ୫୪୦ଏମ୍‌ପିଏନ୍/୧୦୦ଏମ୍‌ଏଲ୍ ଫେକାଲ କୋଲିଫର୍ମ ମିଳିଛି । ସେହିପରି କାଳିଆପାଣି ଅଞ୍ଚଳର ଭୂତଳ ଜଳରେ ୭.୮ ଏମ୍‌ପିଏନ୍/୧୦୦ଏମ୍‌ଏଲ୍ ଟୋଟାଲ କୋଲିଫର୍ମ ଓ ୧.୮ରୁ ଅଧିକ ଏମ୍‌ପିଏନ୍/୧୦୦ଏମ୍‌ଏଲ୍ ଫେକାଲ କୋଲିଫର୍ମ ମିଳିଛି। ଯାହାକି ପାନୀୟ ଅନୁପଯୋଗୀ ବୋଲି କେତେକ ବେସରକାରୀ ସଂସ୍ଥା ଦ୍ୱାରା ହୋଇଥିବା ପରୀକ୍ଷାରୁ ଜଣାପଡିଛି। ବିଶେଷକରି ପ୍ରଦୂଷିତ ଭୂତଳ ଜଳ ବ୍ୟବହାର ଯୋଗୁ ଜିଲାର ସୁକିନ୍ଦା, ଦାନଗଦୀ, କୋରେଇ, ଧର୍ମଶାଳା ବ୍ଲକ ଅଞ୍ଚଳରେ କିଡ୍‌ନୀ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡ଼ିଛି। ଗତ ୧୦ବର୍ଷ ମଧ୍ୟରେ ଜିଲାରେ ଏପର୍ଯ୍ୟନ୍ତ ଶତାଧିକ ଲୋକଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିବାବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା କୁହାଯାଉଛି । ଖଣି ଅଞ୍ଚଳରେ ବୋହି ଯାଉଥିବା ବର୍ଷା ପାଣିର ଉପଯୁକ୍ତ ପରିଚାଳନା ହୋଇ ପାରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବିଶେଷଜ୍ଞ ମହଲରୁ ପ୍ରକାଶ। ଏନେଇ ବିଭିନ୍ନ ସମୟରେ ଏସ୍‌ପିସିବି ଓ ସିପିସିବି(କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ପକ୍ଷରୁ ତାଗିଦ କରାଯାଉଥିଲେ ହେଁ ଖଣିସଂସ୍ଥାଗୁଡ଼ିକ ଭ୍ରୂକ୍ଷେପ କରୁନାହାନ୍ତି। ହାଇକୋର୍ଟ ମଧ୍ୟ ଏନେଇ ହସ୍ତକ୍ଷେପ କରିଛି। ତଥାପି ଜଳ ପ୍ରଦୂଷଣ ନିୟନ୍ତ୍ରଣ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି ସେଣ୍ଟ୍ରାଲ ଲ୍ୟାବ୍‌ରେ ଭୂତଳ ଜଳ ନମୁନା ପରୀକ୍ଷା ହୋଇଛି। ପରୀକ୍ଷା ରିପୋର୍ଟ ଅନୁସାରେ ଭୂତଳ ଜଳ ପାନୀୟ ଅନୁପଯୋଗୀ ବୋଲି ଜନସ୍ୱାସ୍ଥ୍ୟ ବିଭାଗକୁ ସୂଚିତ କରାଯାଇଛି। ଏଭଳିସ୍ଥଳେ ଜନସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ରାଜ୍ୟର ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, ଯାଜପୁର, କଟକ, ଝାରସୁଗୁଡ଼ା, ପୁରୀ, ସମ୍ବଲପୁର ଓ ତାଳଚେରର ୪୮ଟି ସ୍ଥାନରେ ଭୂତଳ ଜଳ ବିଷାକ୍ତ ଥିବା ଜଣାପଡ଼ିବା ପରେ ଏସ୍‌ପିସିବି ଗତ ମାର୍ଚ୍ଚ ୧୮ ତାରିଖରେ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ପରେ ଗତ ଏପ୍ରିଲ ୯ତାରିଖରେ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀ ଉପରୋକ୍ତ ସହରଗୁଡ଼ିକର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

**ଯାଜପୁର ଜିଲା**

- ଖଣି, ଶିଳ୍ପାଞ୍ଚଳରେ ଶତାଧିକ ଲୋକ କିଡ୍‌ନୀ ଆକ୍ରାନ୍ତ
- ଭୂତଳ ଜଳରେ ଆଇରନ, ଟିସି, ଏଫ୍‌ସି ପରିମାଣ ଅଧିକ
- ଜନସ୍ୱାସ୍ଥ୍ୟ ବିଭାଗକୁ ସୂଚିତ କରିଛି ଏସ୍‌ପିସିବି



## ସଂକ୍ଷେପରେ

### ଆଜି ୩୪ ବୁଥ୍‌ରେ ମତଦାନ

ଭୁବନେଶ୍ୱର, ୧୮।୫(ବ୍ୟୁରୋ): ନିର୍ବାଚନ ସମୟରେ ତୃତୀୟ (ଏପ୍ରିଲ୍ ୨୩) ଓ ଚତୁର୍ଥ (ଏପ୍ରିଲ୍ ୨୯) ପର୍ଯ୍ୟାୟରେ ମନୁଷ୍ୟକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ରହିଥିବା ୩୪ଟି ବୁଥ୍‌ରେ ରବିବାର ପୁନଃ ଭୋଟଗ୍ରହଣ ହେବ। ସେଥିରୁ ତୃତୀୟ ପର୍ଯ୍ୟାୟର ୧୨ଟି ଓ ଚତୁର୍ଥ ପର୍ଯ୍ୟାୟର ୨୨ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ୧୯୬, ଦେବଗଡ଼ ନିର୍ବାଚନମଣ୍ଡଳୀର ୧୮୩, ବ୍ରହ୍ମଗିରି ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡ଼ର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରା ୧୭୧, ଭୁବନେଶ୍ୱର ମଧ୍ୟ ୧୨୭, ବିଞ୍ଝାରପୁର ୧୩୫ ଓ ୧୯୧ ଏବଂ ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨, ୧୮୫, ୧୬୨, ୧୬୩ ଓ ୧୯୪ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ସେହିପରି ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୪୮, ସୁକିନ୍ଦା ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରିପୋଷୀ ୧୦୪, ବାରିପଦା ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭, ୫୮, ୧୪୪ ଓ ୧୫୭, ସାଲେପୁର ୮୭, ୩୯ ଏବଂ ପାରାଦୀପର ୩୯ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ।

### ରେଳ ଧାରଣାରୁ ମହିଳା, ପୁରୁଷ ମୃତଦେହ ଉଦ୍ଧାର

ଅନୁଗୋଳ ଅଫିସ, ୧୮।୫: ଅନୁଗୋଳ କୁମ୍ଭଣ୍ଡ ନିକଟ ରେଳ ଧାରଣାରୁ ଶନିବାର ପୋଲିସ ଜଣେ ମହିଳା ଓ ପୁରୁଷଙ୍କ ମୃତଦେହ ଉଦ୍ଧାର କରିଛି। ସେମାନେ ଦମ୍ପତି ହୋଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ମୃତ ପୁରୁଷଙ୍କ ନାମ ବିଭୂତି ସାହୁ(୨୩) ଓ ତାଙ୍କ ଘର ବଣ୍ଠରପାଳ ଥାନା ଚଉରିଡ଼ିହିରେ ଏବଂ ମୃତା ମହିଳାଙ୍କ ନାମ ପ୍ରୀତି ସାହୁ । ଉଭୟେ ଶୁକ୍ରବାର ରାତିରେ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିବା ତଦନ୍ତ ବେଳେ ଜଣାପଡ଼ିଛି। ମୃତ ବିଭୂତିଙ୍କ ବାପା ରାଜୁ ସାହୁ ବ୍ୟବଚ୍ଛେଦ ପରେ ପୁଅର ମୃତଦେହ ଘରକୁ ନେଇଯାଇଛନ୍ତି। ତେବେ ପ୍ରୀତି ସାହୁଙ୍କୁ ସେ ଜାଣି ନ ଥିବା କହିଛନ୍ତି। ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

କପ୍ତିପଦା, ୧୮।୫ (ଡ଼ି.ଏନ୍.ଏ)- କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ରାଇପାଳ ଗ୍ରାମର ଜଣେ ବୃଦ୍ଧଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଅର୍ଜୁନ ବିଶ୍ୱାଳ(୬୫) । ସେ ଘର ବାରଣ୍ଡାରେ ବସିଥିବା ବେଳେ ହଠାତ୍ ପଡ଼ି ଯାଇଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ ।

## ପୂର୍ବତନ ଆକାଉଣ୍ଟାଣ୍ଟ, ଇନ୍‌ଚାର୍ଜ ଗିରଫ

ଭୁବନେଶ୍ୱର,୧୮(ବ୍ୟୁରୋ)

ନିଜ ପଦବୀର ଅପବ୍ୟବହାର କରି ବ୍ୟାଙ୍କ୍‌ରୁ ୧.୧୫ କୋଟି ଟଙ୍କା ହପଡ଼ କରିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଦୁଇ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ୟୁନାଇଟେଡ୍ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ(ୟୁସିସି)ର ପୂର୍ବତନ ଆକାଉଣ୍ଟାଣ୍ଟ ସହଦେବ ସାହୁ ଓ ବ୍ୟାଙ୍କ୍ ଇନ୍‌ଚାର୍ଜ ଶାନ୍ତନୁ କୁମାର ବରାଳ। ଉଭୟଙ୍କ ଘର ଢେଙ୍କାନାଳ ଜିଲାରେ। ଶନିବାର ସକାଳୁ ଇଓଡବ୍ଲ୍ୟୁ ସେମାନଙ୍କୁ ଢେଙ୍କାନାଳରୁ ଗିରଫ କରିଥିବା ଜଣାପଡିଛି। ଗିରଫ ପରେ ଆଇପିସି ଦଫା ୪୦୯, ୪୬୭, ୪୬୮, ୪୭୧, ୪୭୭(ଏ)୧୨୦(ବି)ରେ ମାମଲା ( ନଂ.୭/୧୯) ରୁଜୁ କରି ସେମାନଙ୍କୁ କାମାକ୍ଷାନଗର ଏସ୍‌ଡିଜେଏମ୍ କୋର୍ଟକୁ ପଠାଇ ଦେଇଛି। ଏଥିସହ ଏହି ଠକେଇରେ ସଂପୃକ୍ତଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ୨୦୧୫ରୁ ୨୦୧୬ ମଧ୍ୟରେ ଅନୁଗୋଳ ୟୁସିସି ବ୍ୟାଙ୍କ୍‌ରେ ଏହି ଠକେଇ ହୋଇଥିଲା। ସେହି ସମୟରେ ବ୍ୟାଙ୍କ୍‌ର ଆକାଉଣ୍ଟାଣ୍ଟ ଥିବା ସହଦେବ ସାହୁ, ଇନ୍‌ଚାର୍ଜ ଶାନ୍ତନୁ କୁମାର ବରାଳଙ୍କ ସମେତ ବ୍ୟାଙ୍କର ଆସିଷ୍ଟାଣ୍ଟ ଓ ଦୁଇ ଜଣ କର୍ମଚାରୀ ଏହି ଠକେଇରେ ସାମିଲ ଥିଲେ ।

## ଅନ୍ୟ ଜାତିରେ ବିବାହ କରିଥିବାରୁ ସାମାଜିକ ବାସନ୍ଦ

ଢେଙ୍କିକୋଟ,୧୮।୫(ଡି.ଏନ୍.ଏ.)

**ଗଛମୂଳେ ଆଶ୍ରୟ ନେଇଛନ୍ତି ବାପା, ଝିଅ**



କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଖଜୁରି ଜିଆଣି ଗାଁ । ସେହି ଗାଁର ନାଭ ନାୟକଙ୍କ ସାନପୁଅ ବାଇଧର (୪୨) ଗତ ୧୫ ବର୍ଷ ହେବ ଘର ଛାଡ଼ି ରୋଜଗାର ଅନ୍ୱେଷଣରେ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ସେଠାରେ ସେ ଅନ୍ୟଜାତିର ଜଣେ ଯୁବତୀଙ୍କୁ ଭଲ ପାଇ ବିବାହ କରିଥିଲେ। ଏବେ ତାଙ୍କର୧୨ ବର୍ଷର ଏକ ଝିଅଟିଏ ଅଛି। ସମୟ, ସୁଯୋଗ ମିଳିଲେ ବାଇଧର ଗାଁକୁ ଆସନ୍ତି । ପରିବାର ସଦସ୍ୟଙ୍କ ଭଲମନ୍ଦ ବୁଝନ୍ତି। ପୁଣି କର୍ମ କ୍ଷେତ୍ରକୁ ଚାଲିଯାଆନ୍ତି। ହେଲେ ଗତ ୨ ବର୍ଷ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। କାମ କରିବାକୁ ଆଉ ବଳ ପାଉନାହିଁ । ସେଥିପାଇଁ ସେ ନିଜ ପରିବାର ସହିତ ଘରକୁ ଫେରି ଆସିବାକୁ ମନସ୍ଥ କରିଥିଲେ । ଏ କଥା ସେ ପରିବାର ଲୋକଙ୍କୁ କହିଥିଲେ। ଶେଷରେ ଏଥିପାଇଁ ସମ୍ମତି ମିଳିଥିଲା । ଗତମାସରେ ସେ ସ୍ତ୍ରୀ, ଓ ଝିଅକୁ ଧରି ଗାଁକୁ ଫେରିଥିଲେ। ହେଲେ ଗାଁ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ । ବାଇଧର ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କୁ ଗାଁ ଲୋକେ ସାମାଜିକ ବାସନ୍ଦ କରିଥିଲେ । ଫଳରେ ପରିବାର ଲୋକେ ତାଙ୍କୁ ଘରେ ଭର୍ତ୍ତି କରି ନ ଥିଲେ। ଏପରି ପରିସ୍ଥିତିରେ ବାଇଧର କଣ କରିବେ କିଛି ଚିନ୍ତା କରି ପାରି ନ ଥିଲେ । ଶାରୀରିକ ଅସୁସ୍ଥତା ତାଙ୍କୁ ଯେତିକି ବାଧି ନ ଥିଲା ; ଗ୍ରାମବାସୀଙ୍କ ନିଷ୍ପତ୍ତି ତାଙ୍କୁ ଅଧିକ କଷ୍ଟ ଦେଇଥିଲା । ଶେଷରେ ସେ ଝିଅ ଓ ସ୍ତ୍ରୀକୁ ନେଇ ପୈତୃକ ଜମି ଉପରେ ଥିବା ଏକ ଗଛମୂଳରେ ଆଶ୍ରୟ ନେଇଥିଲେ । ବୈଶାଖମାସର ଟାଣ ଖରାରେ ଖୋଲା ଆକାଶ ତଳେ ଅଖିଆ ଅପିଆ ତାଙ୍କ ପରିବାର ପଡି ରହିଥିଲେ । ଇତିମଧ୍ୟରେ ଆଉ ଏକ ଦୁଃଖ ବାଇଧର ପାରିବାରିକ ଜୀବନକୁ ଛାରଖାର କରି ଦେଇଛି । ଗାଁ ଓ ପରିବାର ଲୋକଙ୍କ ବିରୋଧ ଦେଖି ତାଙ୍କ ସ୍ତ୍ରୀ ଝିଅ ଓ ସ୍ୱାମୀକୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କୁ ଖୋଜି ଆଣିବାକୁ ବାଇଧରଙ୍କ ପାଖରେ କିଛି ବୁ ନାହିଁ । କେବଳ ଭାଗ୍ୟକୁ ଆଦରି ସେ ଅତି ଦୟନୀୟ ଅବସ୍ଥାରେ ଗଛମୂଳରେ ପଡ଼ି ରହିଛନ୍ତି। ଅସୁସ୍ଥ ବାପାଙ୍କୁ ଚାହିଁ ଝିଅଟି ବି ସେଠାରେ ରହିଛି। ବାଇଧରକୁ ଜିଲା ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଅଭ୍ୟାସ ନୁହେଁ, ବିଶ୍ରାମ କରୁଛନ୍ତି ଭାରତୀୟ ଖେଳାଳି

ନୂଆଦିଲ୍ଲୀ,୧୮।୫: ଆଇସିସି ବିଶ୍ୱକପ୍ ଭଳି ବୃହତ୍ ଟୁର୍ନାମେଣ୍ଟ ଲାଗି ଭାରତୀୟ ଖେଳାଳିମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେଉଛନ୍ତି। ସେମାନେ ଅଭ୍ୟାସ କରିବା ବଦଳରେ ବିଶ୍ରାମ ନେଉଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ ଚଳିତ ମାସ ୨୧ ତାରିଖରେ ଏକାଠି ହେବା ପୂର୍ବରୁ ବିଶ୍ୱକପ୍ ଦଳରେ ସାମିଲ ଥିବା ଖେଳାଳିଙ୍କୁ ପରିବାର ସହ ଭଲ ସମୟ ବିତାଇବାକୁ କୁହାଯାଇଥିଲା। ଭାରତୀୟ ଦଳର ଉପ ଅଧିନାୟକ ରୋହିତ ଶର୍ମା ମାଳଦ୍ୱୀପରେ ପରିବାର ସହ ଛୁଟି କଟାଉଛନ୍ତି। ସେହିଭଳି ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ଗୋଆରେ ସମୟ ବିତାଉଛନ୍ତି। ପ୍ରାୟ ଖେଳାଳିମାନେ ୧୯ ତାରିଖରେ ଘରକୁ ଫେରିବେ। ଭାରତୀୟ ଦଳର ସପୋର୍ଟ ଷ୍ଟାଫ ଏହି ଯୋଜନାକୁ ଆରମ୍ଭ କରିଛନ୍ତି। ପୂର୍ବରୁ ଶୁଣିବାକୁ ମିଳୁଥିଲା ଯେ, ଇଂଲଣ୍ଡ ଗସ୍ତ ପୂର୍ବରୁ ଭାରତୀୟ ଦଳର ଖେଳାଳିଙ୍କ ଲାଗି ଛୋଟିଆ ଅଭ୍ୟାସ ଶିବିର ଆୟୋଜନ କରାଯିବ। କିନ୍ତୁ ଆଇପିଏଲ ଭଳି ବ୍ୟସ୍ତବହୁଳ ଟୁର୍ନାମେଣ୍ଟ ପରେ ଖେଳାଳିଙ୍କୁ ବିଶ୍ରାମ ନ ଦେବା ଉଚିତ ହେବ ନାହିଁ। ଏଣୁ ଖେଳାଳିଙ୍କୁ ଛୁଟି ବିତାଇବା ପାଇଁ କୁହାଯାଇଥିଲା ବୋଲି ସୂତ୍ରରୁ ଜଣାପଡ଼ିଛି। ବିଶ୍ୱକପ୍ ପୂର୍ବରୁ ଅନ୍ୟ ଦଳଗୁଡ଼ିକ ଅନ୍ତର୍ଜାତୀୟ ସିରିଜ୍ ଖେଳୁଛନ୍ତି କିମ୍ବା ଜାତୀୟ କ୍ୟାମ୍ପରେ ଅଭ୍ୟାସ କରୁଛନ୍ତି। ଇଂଲଣ୍ଡ ଓ ପାକିସ୍ତାନ ଦୁଇପାକ୍ଷିକ ସିରିଜ୍ ଖେଳୁଥିବାବେଳେ ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳୁଥିଲେ। ଏପରି କି ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ କିଛି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଖେଳି ୫୦ ଓଭର ବିଶିଷ୍ଟ ଫର୍ମାଟ ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଆଇପିଏଲ ପରେ ବିଶ୍ୱକପ୍ ହେବାକୁ ଯାଉଥିବାରୁ ଭାରତୀୟ ଦଳ ନିକଟରେ କୌଣସି ବିକଳ୍ପ ନାହିଁ।

■ ବ୍ରିଜ୍‌ରେ ଝୁଲି ରହିଲା ବସ୍

## ଅଳ୍ପକେ ବର୍ତ୍ତିଲେ ୬୦ ଯାତ୍ରୀ

ସୋର, ୧୮।୫(ଡି.ଏନ.ଏ.)

ସୋର ୧୬ନଂ. ଜାତୀୟ ରାଜପଥ ଉଉରେଶ୍ୱର ବସ୍ ରହଣିଠାରେ ଏକ ବସ୍ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଶୁକ୍ରବାର ରାତି ୨ଟା ୩୦ମିନିଟ୍ ସମୟରେ ସାହୁ ନାମକ ଘରୋଇ ବସ୍ (ନଂ.ଓଡ଼ି୦୧ଏସ୍-୧୪୧୪) ବ୍ରହ୍ମପୁରରୁ ବାଲିଆପାଳ ଅଭିମୁଖେ ଯାଉଥିବା ବେଳେ ଉଉରେଶ୍ୱର ବସ୍ ରହଣିଠାରେ ଦୁର୍ଘଟଣା ଘଟିଛି। ବସ୍‌ରେ ପାଖାପାଖି ୬୦ଜଣ ଯାତ୍ରୀ ଥିଲେ। ବସଷ୍ଟପ୍‌ରେ ବସ୍ ଅଟକି ଥିବା ବେଳେ ଯାତ୍ରୀମାନେ ଓହ୍ଲାଉଥିଲେ। ଏହି ସମୟରେ ପଛପଟରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ(ନଂ.ଡବ୍ଲ୍ୟୁବି୪୧ଏଚ୍-୨୨୯୬) ଧକ୍କା ଦେଇଥିଲା। ବସ୍ ବ୍ରିଜ୍ ପାର୍ଶ୍ୱକୁ ଚାଲି ଯାଇ ଝୁଲି ରହିଥିଲା। ବସ୍ ଡ୍ରାଇଭର ବ୍ରେକ୍‌କୁ ଚାପି ରଖିବାରୁ ଏକ ବଡ଼ଧରଣର ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ଯାତ୍ରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରୁ ବସ୍‌ରୁ ଓହ୍ଲାଇଥିଲେ। ସୋର ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। ଟ୍ରକ୍ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା।



ବ୍ରିଜ୍‌ରେ ଝୁଲି ରହିଥିବା ବସ୍।

## ଇଏସ୍‌ଆଇ ରିଟର୍ନ ୪୫ ଦିନ ଘୁଞ୍ଚିଲା

ଭୁବନେଶ୍ୱର, ୧୮।୫(ବ୍ୟୁରୋ): ଫନୀ ଦ୍ୱାରା ରାଜ୍ୟର ୧୪ ଜିଲାରେ ଇଣ୍ଟରନେଟ୍ ପ୍ରଭାବିତ ହୋଇଛି। ଏହି କାରଣରୁ ଇପିଏଫ୍ ଓ ଇଏସ୍‌ଆଇ ଉପଭୋକ୍ତା ସେମାନଙ୍କ ରିଟର୍ନ ଦାଖଲ କରି ପାରିନାହାନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ରିଟର୍ନ ଦାଖଲ ଜୁନ୍ ୨୦ ତାରିଖକୁ ଘୁଞ୍ଚାଇବା ସହ ଜରିମାନା ଉଚ୍ଛେଦ ପାଇଁ ଅନୁରୋଧ କରାଯାଇଥିଲା। ରାଜ୍ୟର ଏହି ଅନୁରୋଧକୁ ମନ୍ତ୍ରଣାଳୟ ପକ୍ଷରୁ ବିଚାର କରାଯାଇ ଜରିମାନା ବ୍ୟବସ୍ଥାକୁ ସ୍ଥଗିତ କରାଯାଇଛି। ସେହିପରି ଇଏସ୍‌ଆଇ କର୍ତ୍ତୃପକ୍ଷ ଏପ୍ରିଲ ୨୦୧୯ ଦରମା ବାବଦରେ ଇଏସ୍‌ଆଇ ଦେୟ ପୈଠ କରିବା ଧାର୍ଯ୍ୟ ଅବଧି ୧୫ ପରିବର୍ତ୍ତେ ୪୫ ଦିନ ଘୁଞ୍ଚାଇ ଦେଇଛନ୍ତି। ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଗଞ୍ଜାମ , ଭଦ୍ରକ ଓ ବାଲେଶ୍ୱର ଜିଲାରେ ଏହି ନିୟମ କାର୍ଯ୍ୟକାରୀ ହେବ।

## ଅହମ୍ମଦାବାଦରେ ହେବ ଇଣ୍ଟରକଣ୍ଟିନେଣ୍ଟାଲ କପ୍

ନୂଆଦିଲ୍ଲୀ,୧୮।୫(ପି.ଟି.): ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ଅହମ୍ମଦାବାଦସ୍ଥିତ ଟ୍ରାନ୍ସଷ୍ଟାଡିୟା ଏରିନାଠାରେ ଜୁଲାଇ ୭ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ପୂର୍ବରୁ ଏଆଇଏଫ୍‌ଏଫ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଦଳମାନଙ୍କ ନାମ ଘୋଷଣା କରିସାରିଥିଲା। ଏଥିରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିୟନ ଭାରତ ସମେତ ସିରିଆ, ଉତ୍ତର କୋରିଆ ଓ ତାଜିକସ୍ତାନ ପ୍ରତିଦ୍ୱନ୍ଦ୍ୱିତା କରିବେ।

**Zilla Swasthya Samiti, Ganjam**

**Advt. No. 9140** **Date: 18.05.2019**

**Notice**

In pursuance to the advertisement No. 2901 Dtd. 16.02.19 the detail database of the application received for the Post of 1. AYUSH (Ayurvedic Doctor Male), 2. AYUSH (Ayurvedic Doctor Female), 3. AYUSH (Homoeopathic Doctor Female), 4. Pharmacist, 5. Staff Nurse/ ANM under RBSK programme is hereby web hoisted in the district website https://ganjam.nic.in, for more detail candidates are advised to visit the website.

**Sd./- CDM & PHO, Ganjam**

**ADMISSION NOTIFICATION: 2019-21 FOR THE COURSES**

**C.P.Ed.| B.P.Ed.| M.P.Ed.**

**Baliapal College of Physical Education**
**Baliapal Balasore, Odisha -756026**

LAST DATE FOR RECEIVING APPLICATION: 22/06/2019, DATE OF INTERVIEW FOR C.P.Ed. 01/07/2019, FOR B.P.Ed. 02/07/2019 & FOR M.P.Ed. 03/07/2019. APPLICATION RECEIVED BEYOND THE LAST DATE WILL NOT BE ACCEPTED AND APPLICATION FEES WILL BE FORFEITED.

Recognized by NCTE, Govt. of Odisha and affiliated to F.M. University, Balasore, Odisha under 2 (f) of U.G.C. New Delhi & Board of Secondary Education, Odisha Cuttack

For detail notification and downloading of application form please visit our website: www.bcpe.in, Contact: Mob: 9560901614

**ODISHA POLICE, OISF, HEADQUARTERS**

PLOT NO.139 (P) KESHARI NAGAR, UNIT-V, BHUBANESWAR

**ବିଜ୍ଞାପନ**

କନେଷ୍ଟବଳ ନମ୍ବର - ୭୩୩ ସନାତନ ବେହେରା
ପିତା - ଶ୍ରୀ ହାଡିବନ୍ଧୁ ବେହେରା
ଗ୍ରାମ - କୁଆହରା, ପୋ. - ଜଗନ୍ନାଥପ୍ରସାଦ
ଥାନା - ଫତେଗଡ, ଜିଲ୍ଲା - ନୟାଗଡ଼

No.19-D:- ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ବେଦାନ୍ତ ଆଲୁମିନା ଲିମିଟେଡ୍, ଲାଞ୍ଜିଗଡ, କଳାହାଣ୍ଡି ସ୍ଥିତ ଓ.ଆଇ.ଏସ୍.ଏଫ. କ୍ୟାମ୍ପରୁ ତା.୦୩।୦୩।୨୦୧୯ରିଖ ଅପରାହ୍ନ ଠାରୁ ୦୪।୦୩।୨୦୧୯ ଅପରାହ୍ନ ପର୍ଯ୍ୟନ୍ତ ୦୧ ଦିନ ଛୁଟିରେ ଯାଇଥିଲେ। ଆପଣଙ୍କର ତା.୦୫।୦୪।୨୦୧୯ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି, ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଓ.ଆଇ.ଏସ୍.ଏଫ. କ୍ୟାମ୍ପ ବେଦାନ୍ତ ଆଲୁମିନା ଲିମିଟେଡ୍, ଲାଞ୍ଜିଗଡ, କଳାହାଣ୍ଡିରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ସୁ.ତ୍ରିପାଠୀ
ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

Address-O/O The Commandant, OISF, At- Plot No.139 (P) Keshari Nagar, Unit-V, Bhubaneswar, Pin-751001, Dist- Khurda, E-mail- comdtoisf.odpol@gov.in

12029/11/0007/1920

**ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼**

ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ଙ୍କ ଆନୁକୂଲ୍ୟରେ ଆସନ୍ତା ତା.୦୭।୦୬।୧୯ରିଖ ଦିବା ୧୦ଘଟିକାରେ ଅନୁସୂଚିତ ଜାତି ଓ ଜନଜାତି (SC/ST) ଉଦ୍ୟୋଗୀ/ଶିକ୍ଷିତ ବେକାର ଯୁବକ ଯୁବତୀ/ ଯାନ୍ତ୍ରିକ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଣୁ/କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀମାନଙ୍କ ନିମନ୍ତେ ଜାତୀୟ SC/ST-HUB ଯୋଜନା ଅନ୍ତର୍ଗତ ଏକଦିବଦୀୟ ସମ୍ବେଦିକରଣ ଓ ସଚେତନତା ଶିବିର ହୋଟେଲ ନୀଳମାଧବ, ଖଣ୍ଡପଡ଼ା ରୋଡ, ନୟାଗଡ଼ଠାରେ ଅନୁଷ୍ଠିତ ହେବ। ଏଥିରେ ଉପରୋକ୍ତ ସମସ୍ତ ଇଚ୍ଛୁକ ଅନୁସୂଚିତ ଜାତି ଓ ଜନଜାତି (SC/ST) ଉଦ୍ୟୋଗୀ ଛାତ୍ରଛାତ୍ରୀ ଓ ନୂତନ/ପ୍ରତିଷ୍ଠିତ ଉଦ୍ୟୋଗୀମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ।

ସବିଶେଷ ବିବରଣୀ ପାଇଁ ସଂପୃକ୍ତ ବ୍ଲକ ଶିଳ୍ପବିକାଶ ଅଧିକାରୀ (IPO)/ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ଙ୍କଠାରେ ଯୋଗାଯୋଗ କରିପାରିବେ।

ଯୋଗାଯୋଗ-ଫୋନ ନଂ (୦୬୭୫୩) ୨୫୩୭୮୩

ସ୍ୱା./- ସାଧାରଣ ପରିଚାଳକ
ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼

**SASHI BHUSAN GOVT.(AUTO) WOMENS COLLEGE, BERHAMPUR**

No.1039 Date:18.05.2019

**Tender Call Notice**

**Tender Notice for award of contract for providing of services of Semi Skilled person to work in Controller of Examination Section/College Office.**

Sealed Tenders are invited from reputed manpower agencies/service providers to provide a Semi Skilled person to work in Controller of Examination Section/Office for a period of one year w.e.f. **the Date of Engagement** through a suitable placement agency on contact basic for day to day work which may be extended as per requirement.

The detailed information for outsourcing the services of the aforesaid engagement may be obtained in person from the office of the PRINCIPAL, SASHI BHUSAN RATH GOVT. (AUTO) WOMENS COLLEGE, BERHAMPUR-760001 on any working day between 11.00 A.M. to 3.00 P.M. from 18th may 2019 to 27th may 2019. The Tender Document will be received through Regd. Post/Speed Post or by Person. The last date for submission of tender is 27th may 2019.

Sd./- Principal, Sashi Bhusan Rath
Govt. (Auto) Womens College, Berhampur

See Career Appointment on every Wednesday & Saturday



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ ।

- ଫ୍ରାଙ୍କ୍ଲିନ୍



## ସଂକ୍ଷେପରେ



### ଶର୍ଟ ସର୍କିଟରୁ ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

ରାଉରକେଲା ଅଫିସ,୧୮।୫

ଶର୍ଟ ସର୍କିଟ ଯୋଗୁ ଶନିବାର ଅପରାହ୍ଣ ସାଢ଼େ ଗୋଟାଏରେ ଉଦିତନଗର ମୁଖ୍ୟ ମାର୍ଗରେ ଥିବା ଏକ ମୋବାଇଲ ଶୋ'ରୁମରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ ହୋଇଛି। ଅଗ୍ନିଶମ ବିଭାଗର ୨ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ବନ୍ଧବାହାଲ ଗ୍ରାମରେ ନାମଯଜ୍ଞ

ବାଲିଶଙ୍କରା, ୧୮।୫ (ଡି.ଏନ.ଏ)- ବାଲିଶଙ୍କରା ବ୍ଲକ ବନ୍ଧବାହାଲ ଗ୍ରାମରେ ନମଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ନାମଯଜ୍ଞରେ କର୍ତ୍ତା ରୂପେ ପବିତ୍ର ରାଉତ ଓ ତାଙ୍କ ସହ ଧର୍ମିଣୀ କାର୍ଯ୍ୟ ତୁଲାଇଥିଲେ। ପୁରୋହିତ୍ୟ ଭିକାରୀଚରଣ ଦାସ ତୁଲାଇଥିଲେ । ଏହି ନାମଯଜ୍ଞରେ କିଶୋର ଚୌଧୁରୀ, ସଚିନ୍ଦ୍ର ରାଉତ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ ।

# ତୈଳିକ ସମାଜର ମହାସମାବେଶ

- ମାୟାଧର ସଭାପତ, ଜୟକୃଷ୍ଣ ସମ୍ପାଦକ
- ସୁନୀଲ, କୁନାଲ ସମ୍ବର୍ଦ୍ଧିତ

ବଡ଼ଗାଁ, ୧୮।୫ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଇତମା ଗ୍ରାମର ନନ୍ଦନକାନନ (ଆମ୍ବତୋଟା)ଠାରେ ଶନିବାର ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ ୫୫୦ ଘରର ମହାସଭା ଉଦଘାଟିତ ହୋଇଛି। ପୂର୍ବାହ୍ନରେ ବଣାଇ, ବାମଣ୍ଡା, ଜୟପୁର ଓ ଗାଙ୍ଗପୁର ଗଡଜାତ ଅଞ୍ଚଳର ତୈଳିକ ସମାଜ କର୍ମକର୍ତ୍ତା, ଭଉଣୀ ଭାଇମାନେ ସମବେତ ହେଲାପରେ ପ୍ରାରମ୍ଭରେ ଜାତି, ସମାଜର ଇଷ୍ଟଦେବତା ଗଣେଷଙ୍କ ପୂଜାର୍ଚ୍ଚନା ହୋଇଥିଲା । ଏହା ପରେ ସମାଜର ପୂର୍ବତନ ସଭାପତି ଡା. ଲବଣୀଧର ଦାନୀ, ଉପଦେଷ୍ଟା ମୟାଧର ବେହେରାଙ୍କ ଦ୍ୱାରା ସାମାଜିକ ପତକା ଉତ୍ତୋଳନ କରାଯାଇଥିଲା। ପରେ ସଭା ଆରମ୍ଭ ହୋଇଥିଲା । ସମାଜ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିଲା ପରେ ମହାସଭାର କେନ୍ଦ୍ର କମିଟି ଏବଂ ଶିକ୍ଷା କମିଟି ଗଠନ କରାଯାଇଥିଲା। ପ୍ରଥମଥର ପାଇଁ ଗଣତାନ୍ତ୍ରିତ ପଦ୍ଧତିରେ ନିର୍ବାଚନ କରାଯାଇଥିଲା । ଏଥିରେ ସଭାପତି ଭାବେ ମାୟାଧର ବେହେରା, ସମ୍ପାଦକ ଭାବେ ଜୟକୃଷ୍ଣ ସାହୁ, ସହ ସମ୍ପାଦକ ପୀତାମ୍ବର ବେହେରା, ଉପସଭାପତି ଧନୁର୍ଜ୍ୟୟ ବେହେରା, କୋଷାଧ୍ୟକ୍ଷ ହାରାଧନ ବେହେରା ଏବଂ ଶିକ୍ଷା କମିଟିର ସଭାପତି ଭାବେ ଜୟାନନ୍ଦ ବେହେରା, ସମ୍ପାଦକ ଦଳଗୋବିନ୍ଦ ବେହେରା, ୪ଟି ଆଞ୍ଚଳିକ କମିଟିର ଉପସଭାପତି ଗାଙ୍ଗପୁରଗଡରୁ ହରିଶଙ୍କର ବେହେରା, ବାମଣ୍ଡାଗଡରୁ ବନମାଳୀ ପୃଷେଟ, ଜୟପୁରଗଡରୁ ଭୋପାଳ ଚନ୍ଦ୍ର ବେହେରା ଓ ବଣାଇଗଡରୁ ବିରଞ୍ଚିନାରାୟଣ ସାହୁଙ୍କୁ ମନୋନୀତ କରାଯାଇଛି । କମିଟି ଗଠନ କରାଗଲା ପରେ ନିର୍ବାଚିତ କର୍ମକର୍ତ୍ତାମାନେ ନିଃସ୍ୱାର୍ଥପର ଭାବରେ ସମାଜର ସେବା କରିବାକୁ ଶପଥ ଗ୍ରହଣ କରିଥିଲେ। ଜାତି ସମାଜର ପ୍ରଥମ କରି ଡାକ୍ତରୀ ପାଇଥିବା ବଡଗାଁ ବ୍ଲକ କୁଲଗା ଗ୍ରାମର ବସନ୍ତ କୁମାର ସାହୁଙ୍କ ପୁଅ ସୁନୀଲ ଏବଂ କାରାଟେରେ ରାଜ୍ୟସ୍ତରରେ ସ୍ୱର୍ଣ୍ଣ, ବ୍ରୋଞ୍ଜ, ଅଲ ଇଣ୍ଡିଆ କରାଟେ ଚାମ୍ପିୟନସିପ୍‌ରେ କାତା ଏବଂ କୁମିତେରେ ସିଲଭର ମେଡାଲ ଓ ଜାତୀୟସ୍ତରରେ ଜୁନରେ ଭୋପାଳଠାରେ ହେବାକୁ ଥିବା ପ୍ରତିଯୋଗୀତାରେ ସ୍ଥାନ ପାଇଥିବା ଝାରସୁଗୁଡା ଜିଲା, କିରମିରା ବ୍ଲକ ଠାକୁରନିକିତିମାଲର କୁନାଲ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ଅପରାହ୍ନରେ ମହାସଭା ଉଦଯାପିତ ହେବ ।



ନିର୍ବାଚିତ କର୍ମକର୍ତ୍ତା ଶପଥ ପାଠ କରୁଛନ୍ତି ।

### ଏଲ୍ଏନ୍‌ଟି ପାଟ୍ରୋଲିଂ ଗାଡ଼ିକୁ ଧକ୍କାଦେଲା ଟ୍ରକ୍: ୨ଗୁରୁତର

ବେଦବ୍ୟାସ, ୧୮।୫ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ- ୧୦ର କଲୁଙ୍ଗା କରତକଳ ଛକ ନିକଟରେ ଶନିବାର ଭୋର ପ୍ରାୟ ୩ଟା ୪୫ରେ ଏକ ଟ୍ରକ ଧକ୍କାରେ ଏଲଏନଟି ପାଟ୍ରୋଲିଂ ଗାଡିର କାର୍ଯ୍ୟରତ ୨ଜଣ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ରାଉରକେଲା ସରକାରୀ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି । ଏଲଏନଟି କମ୍ପାନୀର ପାଟ୍ରୋଲିଂ ଗାଡି (ନଂ. ଓଡି ୧୬ ଡି- ୬୬୮୬) କଲୁଙ୍ଗା କରତକଳ ଛକରେ ପାଟ୍ରୋଲିଂ କରୁଥିବା ବେଳେ ରାଉରକେଲା ପାର୍ଶ୍ୱରୁ ରାଜଗାଙ୍ଗପୁର ଆଡକୁ ଯାଉଥିବା ଟ୍ରକ (ନଂ. ଓଡି ୧୩ ଏମ- ୩୦୭୭)ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଫଳରେ ପାଟ୍ରୋଲିଂ ଗାଡିର କାର୍ଯ୍ୟରତ ଚାଳକ ସମେତ ଜଣେ କର୍ମଚାରୀ ଗୁରୁତର ହୋଇଥିଲେ। ଖବର ପାଇ ବ୍ରାହ୍ମଣୀତରଙ୍ଗ ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ସଦଳବଳେ ଘଟଣାସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ହୋଇଥିବା ଦୁଇ କର୍ମଚାରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁଇ ଗୁରୁତର ବ୍ୟକ୍ତିଙ୍କ ନାମ ଜଣାପଡିନାହିଁ। ପାଟ୍ରୋଲିଂ ଗାଡିଟି ବିଶେଷ କ୍ଷୟକ୍ଷତି ହୋଇଛି।ଟ୍ରକଚାଳକଫେରାରହୋଇଛି।

## ଆଦିବାସୀ ନାଟକ, ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା ଅଫିସ,୧୮।୫

ଆର୍‌ଏସ୍‌ପି ଆନୁକୂଲ୍ୟରେ କଳା ଓ ସାଂସ୍କୃତିକ ଆନୁଷ୍ଠାନ ସ୍ପନ୍ଦନ ପକ୍ଷରୁ ୪ର୍ଥ ସର୍ବଭାରତୀୟ ଆଦିବାସୀ ନାଟକ ଓ ନୃତ୍ୟ ମହୋତ୍ସବ ସିଭିକ୍ ସେଣ୍ଟରଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ରବିବାର ସନ୍ଧ୍ୟାରେ ଏହା ଉଦ୍‌ଯାପିତ ହେବ। ମହୋତ୍ସବକୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ବରିଷ୍ଠ ଉପନିର୍ଦ୍ଦେଶକ ଡା. ମାଇସା ସୋରେନ ଏବଂ ବିଶ୍ରା ବିଇଓ ଗୋରେଟି ଟେଟେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ଆଦିବାସୀ କଳା ସଂସ୍କୃତିର ପ୍ରଚାର ପ୍ରସାର ନେଇ ସ୍ପନ୍ଦନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି କହିଥିଲେ। ଏହାଦ୍ୱାରା ଅନେକ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରିବେ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ପ୍ରଦୀପ ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଚାର ସୱାଲ' ପରିବେଷଣ କରାଯାଇଥିଲା। ଏଥିରେ ରାଉରକେଲା ସାରନା ନବଯୁବକ ସଂଘ କଳାକାରମାନେ ବେଶ୍ ନିଖୁଣ ଭାବେ ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ନାଟକଟି ସାମ୍ପ୍ରତିକ ସମସ୍ୟାକୁ ଅଧାର କରି ରଚନା କରାଯାଇଥିଲା। ଆମେ ସମସ୍ତେ ସେହି ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ପୃଥିବୀ ରୂପକ ରଙ୍ଗମଞ୍ଚରେ ଅଭିନୟ କରୁଛୁ। କିଏ ନିଜ ତୃପ୍ତି ପାଇଁ ତ ଆଉ କିଏ ଦର୍ଶକର ସନ୍ତୋଷ ପାଇଁ, ପୁଣି କେହି କର୍ତ୍ତବ୍ୟ ତୁଲାଇବାକୁ ଏଭଳି ଅଭିନୟରେ ମଜ୍ଜି ରହିଛି। ଏହାକୁ ନେଇ ମୂଳଭିତ୍ତି ରହିଥିଲା ନାଟକଟିର। ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଏହାକୁ ଉପଭୋଗ କରିଥିଲେ।




ଆଦିବାସୀ ନୃତ୍ୟ ମହୋତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

## ବସ୍ ଓଲଟି ୫ ଯାତ୍ରୀ ଆହତ

ଲହୁଣୀପଡା, ୧୮।୫ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଠିଆବେର୍ଣ୍ଣା ନିକଟରେ ଶନିବାର ସକାଳ ସାଢ଼େ ୮ଟାବେଳେ ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ ୨୦ ଫୁଟ ତଳକୁ ଯାଇ ଓଲଟି ପଡିଥିଲା। ଅଳ୍ପକେ ବହୁ ଯାତ୍ରୀ ବର୍ତ୍ତି ଯାଇଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁସାରେ ପାଲଲହଡାରୁ ରାଉରକେଲାକୁ ଯାତ୍ରୀ ନେଇ ଯାଉଥିବା ସୁଶାନ୍ତ ବସ ଓଆର୍ ୧୪ ଆର-୫୧୫୭ ଠିଆବେର୍ଣ୍ଣା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ପ୍ରାୟ ୫ଜଣ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାକୁ ପଠାଇ ଚିକିତ୍ସା କରାଯାଇଥିବା ଜଣାଯାଇଛି। ଖବର ପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।



୨୦ ଫୁଟ ତଳକୁ ଯାଇ ବସ ଓଲଟି ପଡ଼ିଛି।

## ସେବକର ୨୪ତମ ପ୍ରତିଷ୍ଠା ଦିବସ ପାଳିତ




ସେବକର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ, ୧୮।୫ (ଡି.ଏନ୍.ଏ)

ମହୁଲପାଲିସ୍ଥିତ ରୁରାଲ ରିର୍ସୋସ ସେଣ୍ଟର ଠାରେ ସାମାଜିକ ଅନୁଷ୍ଠାନ ସେବକର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର, ସୁନ୍ଦରଗଡ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ କୀର୍ତ୍ତିକାନ୍ତ ସ୍ୱାଇଁ ଓ ସାମାଜିକ କର୍ମୀ ଜ୍ଞାନେନ୍ଦ୍ର ନାଏକ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ ପରେ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ୨୪ବର୍ଷ ମଧ୍ୟରେ ଏହି ଅନୁଷ୍ଠାନ ତରଫରୁ ୨୨୮୩ଜଣ ବେକାର ଯୁବତୀ ଯୁବକଙ୍କୁ ବିଭିନ୍ନ ପ୍ରକାର ଆତ୍ମନିଯୁକ୍ତି ତାଲିମ ଦିଆଯାଇ ରୋଜଗାରକ୍ଷମ କରାଯାଇଥିବା ସମ୍ପାଦକ ସୂଚନା ଦେଇଥିଲେ । ସୁନ୍ଦରଗଡ ଜିଲାର ଲେଫ୍ରିପଡା, ଟାଙ୍ଗରପାଲି,ବାଲିଶଙ୍କରା ଓ ବଡଗାଁ ବ୍ଲକର ୨୨୫୦ଟି ଅତି ଗରିବ ପରିବାରକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। ଏହା ବ୍ୟତୀତ ସଂସ୍ଥା ତରଫରୁ ଚାଲିଥିବା ଜୀବନ ଜୀବିକା, ପାର୍ଟନର ଏନଜିଓ ପାଉଡିଭୂୟାଁଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କୀତ ତଥ୍ୟ ଉପସ୍ଥାପନ କରିଥିଲେ । ସୁନ୍ଦରଗଡ ଭାରତୀୟ ଷ୍ଟେଟବ୍ୟାଙ୍କର କୀର୍ତ୍ତିକାନ୍ତ ସ୍ୱାଇଁ ତାଙ୍କ ଅଭିଭାଷଣରେ ସ୍ୱୟଂ ସହାୟକ ଗୋଷ୍ଠୀର କିପରି ଉନ୍ନତି ହେବ ଏବଂ ଆର୍ଥିକ ଅନ୍ତରଭୂକ୍ତିକରଣ ଉପରେ ଆଲୋଚନା କରିଥିଲେ । ସାମାଜିକ କର୍ମୀ ଜ୍ଞାନେନ୍ଦ୍ର ନାଏକ ମାନବିକତାର ମୂଲ୍ୟବୋଧ ଓ ଆଜିର ଯୁଗରେ ଜଣେ ସମାଜସେବୀର କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର ଅତି ଗରିବ ଶ୍ରେଣୀର ଲୋକଙ୍କ ଉନ୍ନତି, ଫନି ପ୍ରଭାବିତ ଅଞ୍ଚଳ ପାଇଁ ଚାରା ଉତ୍ପାଦନ ଏବଂ ମିଶ୍ରିତ କୃଷି ତଥା କନଭରଜେନସ ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ରୁରାଲ ରିର୍ସୋସ ସେଣ୍ଟରଠାରେ ଏକ ମିନି କୋଲ୍ଡ କ୍ୟାବିନ୍ ନିର୍ମାଣ ପାଇଁ ଅତିଥିଙ୍କ ଦ୍ୱାରା ଭୂମିପୂଜନ ହୋଇଥିଲା। ଏହି କୋଲ୍ଡକ୍ୟାବିନ ନିର୍ମାଣ ହେଲେ ଅଞ୍ଚଳର ଚାଷୀମାନେ ତାଙ୍କର ଉତ୍ପାଦିତ ପନିପରିବାକୁ ସେଠାରେ ରଖି ଉପକୃତ ହେବେ ବୋଲି ବନଖଣ୍ଡ ଅଧିକାରୀ ମିଶ୍ର ସୂଚନା ଦେଇଥିଲେ। ପରିଶେଷରେ ଚକ୍ରଧର ପୃଷେଠ ଧନ୍ୟବାଦ ଦେଇଥିଲେ।

### ଆର୍‌ଏସ୍‌ପି ଟ୍ରାଫିକ ଓ କଞ୍ଚାମାଲ ବିଭାଗ

## ସର୍ବକାଳୀନ ରେକର୍ଡ: କର୍ମଚାରୀ ପୁରସ୍କୃତ

ରାଉରକେଲା ଅଫିସ,୧୮।୫

ରେଳ ଯୋଗେ ମାସିକ ଇସ୍ପାତ ଚାଲାଣ ନିମନ୍ତେ ଆର୍‌ଏସ୍‌ପି ଟ୍ରାଫିକ ଓ କଞ୍ଚାମାଲ ବିଭାଗ କର୍ମଚାରୀ ସର୍ବକାଳୀନ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି। ଗତ ୧୭ ତାରିଖରେ ଏ ନେଇ ଆୟୋଜିତ ଏକ ଉତ୍ସବରେ ବିଭାଗର ୩୨ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଗତ ମାର୍ଚ୍ଚରେ ରେଳ ଯୋଗେ ୨.୯୩ ଲକ୍ଷ ଟନ୍ ଷ୍ଟିଲ ଚାଲାଣ ପୂର୍ବକ ସର୍ବକାଳୀନ ଶ୍ରେଷ୍ଠ ମାସିକ ଚାଲାଣ ରେକର୍ଡ ହାସଲ ନିମନ୍ତେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ କରାଯାଇଥିଲା। ପୂର୍ବରୁ ୨୦୧୮ ଡିସେମ୍ବରରେ ରେଳ ଯୋଗେ ୨.୬୧ଲକ୍ଷ ଟନ୍ ଷ୍ଟିଲ ଚାଲାଣ ବିଭାଗର ସର୍ବଶ୍ରେଷ୍ଠ ମାସିକ ପ୍ରଦର୍ଶନ ରେକର୍ଡ ରହିଥିଲା। କର୍ମଚାରୀଙ୍କୁ ଟ୍ରାଫିକ ଓ କଞ୍ଚାମାଲ ବିଭାଗ ଡିଜିଏମ୍ ଏସ୍.କେ. ବେହେରା ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଏହି ଅବସରେ ବେହେରା କର୍ମଚାରୀଙ୍କ ସଫଳତା ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଶଂସନୀୟ ପ୍ରୟାସ ନିମନ୍ତେ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ଦିନରେ ଅନୁରୂପ ଉତ୍ସାହ ସହକାରେ ସୁରକ୍ଷାକୁ ପ୍ରଥମିକତା ପ୍ରଦାନ ପୂର୍ବକ କାର୍ଯ୍ୟଧାରା ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଟ୍ରାଫିକ ଓ କଞ୍ଚାମାଲ ବିଭାଗ ସହକାରୀ ମ୍ୟାନେଜର ଧିରଜ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଆର୍‌ଏସ୍‌ପି ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗ ପକ୍ଷରୁ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି।

### ମାନସିକ ବିକୃତ ଯୁବକ ଅଟକ

ରାଉରକେଲା ଅଫିସ,୧୮।୫

ଲୁଚିଛପି ମହିଳାଙ୍କୁ ଗାଧୁଆ ଘରେ ନିରୀକ୍ଷଣ କରୁଥିବା ଜଣେ ଅସାମାଜିକ ତଥା ମାନସିକ ବିକୃତ ଯୁବକଙ୍କୁ ସେକ୍ଟର-୧୫ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଯୁବକ ଜଣକ ଶନିବାର ସକାଳେ ପାଖ ୧୬ନଂ ଡି ବ୍ଲକ ଅଞ୍ଚଳରେ ବୁଲାବୁଲି କରି ଏଭଳି କାରନାମା କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ଯୁବକଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି।

## ସେଲ୍ ପେନ୍‌ସନ ଯୋଜନା ଉପରେ ସଚେତନତା ୨୧ରେ

ରାଉରକେଲା ଅଫିସ,୧୮।୫

ଯୋଗ୍ୟ ବିବେଚିତ ସମସ୍ତ ପୂର୍ବ କର୍ମଚାରୀଙ୍କ ନିମନ୍ତେ ସେଲ୍ ପେନସନ ଯୋଜନା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖ ସକାଳ ୯ଟା୧୫ରେ ସିଭିକ୍ ସେଣ୍ଟରଠାରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସ (ଡିପିଇ) ଏବଂ ଇସ୍ପାତ ମନ୍ତ୍ରଣାଳୟ ଅନୁମୋଦନ କ୍ରମେ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ସେଲ୍ ପରିଚାଳନା କର୍ତ୍ତୃପକ୍ଷ ପେନସନ ଯୋଜନା ପ୍ରଚଳନ ପାଇଁ ପଦକ୍ଷେପ ନେଇଛନ୍ତି। ମ୍ୟାନେଜମେଣ୍ଟ ଟ୍ରେନିଜଙ୍କ ସମେତ ବୋର୍ଡ ସ୍ତରରେ ନିଯୁକ୍ତ କର୍ମକର୍ତ୍ତାଙ୍କୁ ମିଶାଇ ୨୦୦୭ ଜାନୁୟାରୀ ୧ ପରଠାରୁ କମ୍ପାନୀ ରୋଲ୍‌ରେ ଥିବା ସମସ୍ତ ଏକ୍‌ଜିକ୍ୟୁଟିଭ୍‌ମାନେ ସେଲ୍ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ୨୦୧୨ ଜାନୁୟାରୀ ୧ କିମ୍ବା ଏହା ପରଠାରୁ କମ୍ପାନୀ ରୋଲ୍‌ରେ ଥିବା ଚାକିରି ପାଇଁ ନିଯୁକ୍ତ ପ୍ରଶିକ୍ଷାର୍ଥୀଙ୍କ ସମେତ ସମସ୍ତ ନନ୍‌ଏକ୍‌ଜିକ୍ୟୁଟିଭ୍ ମଧ ଏହି ଯୋଜନାରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହେବେ ବୋଲି କୁହାଯାଇଛି।

### ଇସ୍ପାତ କାରଖାନା ସହରସେବା ବିଭାଗ

## ବ୍ୟାପକ ଆଉଟ୍ ସୋର୍ସିଂ ସମସ୍ୟାକୁ ଦ୍ୱିଗୁଣିତ କରିଛି

ରାଉରକେଲା ଅଫିସ,୧୮।୫

ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ସିଆଇଟିୟୁ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ସାଧାରଣ ସମ୍ପାଦକ ବସନ୍ତ ନାୟକଙ୍କ ନେତୃତ୍ୱରେ ଆର୍‌ଏସ୍‌ପି ଟାଉନ ମେଣ୍ଟେନାନ୍ସ (ସହର ସେବା) ବିଭାଗ ଡିଜିଏମ୍ ଇନ୍‌ଚାର୍ଜ ବି. ସିଂଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ବିଭାଗରେ ଆଉଟ୍ ସୋର୍ସିଂ ସମସ୍ୟାକୁ ଦ୍ୱିଗୁଣିତ କରିବାକୁ ବସିଛି। ଏହି କାରଣରୁ ବିଭିନ୍ନ ସେକ୍ଟର ଅଞ୍ଚଳରେ ମେଣ୍ଟେନାନ୍ସ କାର୍ଯ୍ୟ ସମ୍ଭବ ହୋଇପାରୁନି। ଲୋକେ ମୌଳିକ ସେବା ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ସେଥିପ୍ରତି ଦୃଷ୍ଟି ଦିଆଯାଉନି। ଏକ ପରିକଳ୍ପିତ ସହର ଭାବେ ଏଠାରେ ଯେଉଁଭଳି ପଦକ୍ଷେପ ନିଆଯିବା କଥା ସେଭଳି ହେଉନି ବୋଲି ନାୟକ ଅଭିଯୋଗ କରିଥିଲେ। ଆବଶ୍ୟକ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ ନେଇ ଟାଳଟୁଳ ନୀତି ଆପଣାଯାଉଛି। ସମୟ କ୍ରମେ ଅଭିଜ୍ଞ ଶ୍ରମିକଙ୍କ ଅବସର କାରଣରୁ ନାନା ସମସ୍ୟା ମୁଣ୍ଡ ଟେକିବାରେ ଲାଗିଛି। ଅନ୍‌ଲାଇନ ଅଭିଯୋଗ ଆଳରେ ବିଭିନ୍ନ ମେଣ୍ଟେନାନ୍ସ ଅଫିସରେ ତାଲା ପକାଇ ଦିଆଯାଇଛି। ଠିକା ଶ୍ରମିକଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଇବାକୁ ପଦକ୍ଷେପ ନିଆଯିବା ବିଭାଗ ପାଇଁ ବୁମେରାଂ ସାବ୍ୟସ୍ତ ହେବାକୁ ଯାଉଛି। ହାତଗଣତି ଶ୍ରମିକ କର୍ମଚାରୀଙ୍କୁ ନେଇ ଷ୍ଟିଲ ଟାଉନଶିପ୍ ଭଳି ବୃହତ ସହରାଞ୍ଚଳ ରକ୍ଷଣାବେକ୍ଷଣ କରିବାକୁ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିବା କାର୍ଯ୍ୟରେ ପ୍ରତିଫଳିତ ହୋଇପାରୁନି ବୋଲି ନାୟକ କହିଥିଲେ। ଫର୍ଟିଲାଇଜର ଟାଉନଶିପ ପ୍ରତି କର୍ତ୍ତୃପକ୍ଷ ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏପରି ଅବସ୍ଥାରେ ଇସ୍ପାତ ସହରାଞ୍ଚଳବାସୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ନାୟକ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଆଗାମୀ ଦିନରେ ୟୁନିୟନ ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସହରବାସୀଙ୍କୁ ସେବା ଯୋଗାଇବାକୁ ହେଲେ ଆବଶ୍ୟକ ପଦକ୍ଷେପ ନିଆଯିବା ଆବଶ୍ୟକ। ଅନ୍ୟଥା ବ୍ୟବସ୍ଥା ବିଗିଡ଼ିଯିବା ସୁନିଶ୍ଚିତ ବୋଲି ନାୟକ କହିଛନ୍ତି। ବର୍ଷାଦିନ ପୂର୍ବରୁ ଡ୍ରେନେଜ୍ ଅବସ୍ଥା ସୁଧାରିବା, ସେକ୍ଟର ଅଞ୍ଚଳର ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯିବା ନିହାତି ଆବଶ୍ୟକ। ପ୍ରତ୍ୟେକ ମାର୍କେଟ ଅଞ୍ଚଳରେ ପାନୀୟ ଜଳ ଓ ଶୌଚାଳୟ ନିର୍ମାଣ ପାଇଁ ସିଟୁ କର୍ମକର୍ତ୍ତା ଦାବି କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାରେ ନାୟକଙ୍କ ସମେତ ସୁରେନ୍ଦ୍ର ମହାନ୍ତି, ରତ୍ନାକର ନାୟକ, ପି.ସି. ପ୍ରଧାନ, ଶିବରାମ ବେହେରା, ସୁଦର୍ଶନ ଜେନା ଓ ଏସ୍.କେ. ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ମନ୍ତ୍ରୀଙ୍କ ବିୟୋଗରେ ଶୋକ

ସୁନ୍ଦରଗଡ, ୧୮।୫ (ଡି.ଏନ୍.ଏ)

ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ପ୍ରଧାନଙ୍କ ବିୟୋଗରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଶୁକ୍ରବାର ସ୍ୱର୍ଗତ ପ୍ରଧାନଙ୍କ ପୈତୃକ ଗ୍ରାମ ବଡଗାଁ ଥାନା ଅନ୍ତର୍ଗତ ଚେମଠାପଡା ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏହି ସମୟରେ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲା ପ୍ରଶାସନ ତରଫରୁ ସହକାରୀ ଜିଲାପାଳ ମନୋରଞ୍ଜନ ଚୌଧୁରୀ ଓ ଉପବିଭାଗ ଅଧିକାରୀ ଲୀଳାଧର କାଲୋ ସ୍ୱର୍ଗତଃ ପ୍ରଧାନଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ସମର ଭ୍ୟାକେଶନ୍

**ଏବେ ଚାଲିଛି ସମର ଭ୍ୟାକେଶନ୍। ଯୁବପିଢି ସକାଳୁ ରାତି ପର୍ଯ୍ୟନ୍ତ ବ୍ୟସ୍ତ ରହୁଛନ୍ତି। ସାଙ୍ଗ ସାଥୀଙ୍କ ଘରକୁ ଯିବା, ବାହାରେ ବୁଲିବା, ମଉଜମସ୍ତି କରିବା, କ୍ୟାରମ୍ ଖେଳିବା, ଫିଲ୍ମ ଦେଖିବା ଭଳି ବିଭିନ୍ନ କାମରେ। ସେମାନେ ପର୍ଯ୍ୟାପ୍ତ ସମୟ ପାଆନ୍ତି ନିଜ ରୁଚି, ସଉକ ଆଦିକୁ ସୁନ୍ଦର ଭାବେ ଉପଯୋଗ ପାଇଁ। ତେବେ ସମର ଭ୍ୟାକେଶନ୍‌ରେ କିପରି ସମୟର ସଦୁପଯୋଗ କରି ପାରିବେ, ଜାଣନ୍ତୁ ସେ ନେଇ କିଛି ଟିପ୍ସ...**







### ଆତ୍ମନିର୍ଭରଶୀଳ ହୁଅନ୍ତୁ

ଯୁବାବସ୍ଥାରେ ଛୋଟ ଛୋଟ ଦାୟିତ୍ୱ ନେବା ଶିଖନ୍ତୁ। ଘରର କାମରେ ପରିବାର ସଦସ୍ୟଙ୍କୁ ସାହାଯ୍ୟ କରନ୍ତୁ। ଯୁବକ ବା ଯୁବତୀ ହୁଅନ୍ତୁ ରୋଷେଇ ଶିଖିବା ବି ଭଲ।

### ରଚନାତ୍ମକ କଳାର ବିକାଶ

ଯଦି ଆପଣଙ୍କୁ ଫଟୋଗ୍ରାଫି,ସଙ୍ଗୀତ, ଅଭିନୟ ଆଦିର ସଉକ ଅଛି ତେବେ କଳା ପ୍ରଶିକ୍ଷଣ କେନ୍ଦ୍ରରୁ ଶିକ୍ଷାଗ୍ରହଣ କରିପାରିବେ। ଏହାଦ୍ୱାରା ଆପଣଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ। ଏହା ଭବିଷ୍ୟତରେ ଆପଣଙ୍କ ପାଇଁ ବ୍ୟବସାୟର ମାଧ୍ୟମ ମଧ୍ୟ ହୋଇପାରିବ।

### ସର୍ଟ ଟର୍ମ କୋର୍ସ

ଖରାଛୁଟିରେ ଆପଣ ସର୍ଟ ଟର୍ମ କୋର୍ସ କରିପାରିବେ। କମ୍ପ୍ୟୁଟର, ସ୍ପୋକନ୍ ଇଂଲିଶ୍, ଗ୍ରୁପ୍ ଡିସ୍‌କସନ୍ ଆଦି କ୍ଲାସ୍ କରିପାରିବେ। ଡ୍ରଇଂ, ପେଣ୍ଟିଂ ଆଦିରେ ରୁଚି ଥିଲେ ଟ୍ରେନିଂ ନେଇପାରିବେ। ଏହାଦ୍ୱାରା ଆପଣଙ୍କ ଏକାଗ୍ରତା ବଢିଥାଏ। ଶାରୀରିକ ଅକ୍ଷମ ଯୁବତୀଯୁବକଙ୍କର ଏହା ବେଶ୍ କାମରେ ଆସିପାରିବ। ବ୍ଲକ୍ ପ୍ରିଣ୍ଟିଂ, ବୁଟିକ୍ ଏବଂ ଡାଇ ଏଣ୍ଡ୍ ଟାଇ ୱାର୍କ କେବଳ ଯୁବତୀ ନୁହନ୍ତି ଯୁବକଙ୍କ ପାଇଁ ବି କାମରେ ଆସିବ। ଏକ ସଫା କପଡା ଖଣ୍ଡରେ ଆକର୍ଷକ ରଙ୍ଗ ଦେଇ ଡିଜାଇନ୍ କରିବା ବି ରଚନାତ୍ମକ କଳା। ଯୁବକମାନେ ସେମାନଙ୍କ ପାଇଁ ଡାଇ ଏଣ୍ଡ୍ ଟାଇ ଦ୍ୱାରା କମିଜ୍‌ର ଡିଜାଇନ୍ କରିପାରିବେ। ଡ୍ରାଇଭିଂ, ସ୍ୱିମିଙ୍ଗ, କରାଟେ ଆଦି ଶିକ୍ଷାଲାଭ କରିବା ପାଇଁ ମଧ୍ୟ ଏହା ଏକ ଉତ୍କୃଷ୍ଟ ସମୟ।

### ଲାଇବ୍ରେରି ସଦସ୍ୟ ହୋଇପାରିବେ

ଯଦି ଆପଣଙ୍କର ପଢ଼ିବାର ସଉକ ଅଛି ତେବେ ଲାଇବ୍ରେରିର ସଦସ୍ୟ ହୋଇପାରିବେ। ଏହାଦ୍ୱାରା ଶବ୍ଦକୋଷ ଜ୍ଞାନ ବଢ଼ିବା ସହ ରଚନାତ୍ମକ କଳାର ବିକାଶ ହୋଇଥାଏ। କିଛି ଯୁବକ ମିଶି କରି ଏକ ଲାଇବ୍ରେରି ଗଢିପାରିବେ। ଏଥିରେ ପତ୍ରିକା, ଗପ ବହି, ଉପନ୍ୟାସ ଆଦି ଉପଲବ୍ଧ ହେବା ଦରକାର। ଲାଇବ୍ରେରିର ସଦସ୍ୟ ହେବା ପାଇଁ କିଛି ଫିସ୍ ରଖିପାରିବେ। ଖରାଛୁଟି ଶେଷ ହେବା ପରେ ଉକ୍ତ ଟଙ୍କାରେ ଲାଇବ୍ରେରି ସଦସ୍ୟଙ୍କୁ ପାର୍ଟି ଦେବାକୁ ଭୁଲନ୍ତୁ ନାହିଁ।



### ଗ୍ରୁପ୍ ପିକ୍‌ନିକ୍ ଏବଂ ଅଭିନୟ ୱାର୍କଶପ୍

ଗ୍ରୁପ୍ ପିକ୍‌ନିକ୍‌ରେ ଯାଆନ୍ତୁ। ଯୁବକ ଅବା ଯୁବତୀ ହୁଅନ୍ତୁ କ୍ୟାମ୍ପର ମଜା ନିଶ୍ଚୟ ଉଠାନ୍ତୁ। କିଛି ନାଟକ ଗ୍ରୁପ୍ ଖରାଛୁଟିରେ ଥିଏଟର ୱାର୍କଶପ୍‌ର ଆୟୋଜନ କରିଥାନ୍ତି। କିଛି ସ୍ଥାନରେ ଯୁବକମାନେ ମିଶି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି। ଆପଣ ଚାହିଁଲେ ଏଥିରେ ବି ସାମିଲ ହୋଇପାରିବେ।

### ସମାଜ ସେବାରେ ନିଜକୁ ନିୟୋଜିତ କରିପାରିବେ

ସମାଜ ହିତରେ ଯଦି କିଛି କରିବାକୁ ଇଚ୍ଛା ଥାଏ ତେବେ ସମରଭ୍ୟାକେଶନ୍ ହେଉଛି ସବୁଠାରୁ ଉତ୍କୃଷ୍ଟ ସମୟ। ଏହି ସମୟରେ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ଯଥା ବୃକ୍ଷ ରୋପଣ, ମାଗଣା ଶିକ୍ଷାଦାନ ଆଦିରେ ନିଜକୁ ନିୟୋଜିତ କରିପାରିବେ।

### ଏମାନେ କ'ଣ କରନ୍ତି...

ସମରଭ୍ୟାକେଶନ୍‌ରେ ମୁଁ କମ୍ପିଟେଟିଭ୍ ବୁକ୍ ପଢାପଢି କରୁଛି। ଏକ୍ସରସାଇଜ୍ ଜାରି ରଖିଛି। ରୋଷେଇ ବି କିଛି କିଛି ଶିଖୁଛି। ଫ୍ରି ଟାଇମ୍‌ରେ ଉପନ୍ୟାସ ପଢୁଛି। ନିଜେ ଗଛ ଲଗାଇବା ସହ ଅନ୍ୟମାନଙ୍କୁ ଗଛ ଲଗାଇବା ପାଇଁ କହିବି।



*– ଜୟଶ୍ରୀ ବେହେରା, ଜଗତ୍‌ସିଂହପୁର*

ସମରଭ୍ୟାକେଶନ୍‌ରେ ମୁଁ ଲାଇବ୍ରେରି ଯାଇ ପଢାପଢି କରିବି। ସାଙ୍ଗସାଥୀଙ୍କ ସହ ମିଶି କଲ୍‌ଚରାଲ୍ ପ୍ରୋଗ୍ରାମ୍‌ର ଆୟୋଜନ କରିବୁ। ଫ୍ରି ଟାଇମ୍‌ରେ କମ୍ପିଟେଟିଭ୍ ବୁକ୍ ପଢିବା ଉପରେ ଗୁରୁତ୍ୱ ଦେବି। ଛୋଟ ପିଲାମାନଙ୍କୁ ପାଠ ପଢ଼ାଇବି।



*–ଶାଶ୍ୱତ ତ୍ରିପାଠୀ, ଖୋର୍ଦ୍ଧା*

---

ଯୁବ ପ୍ରତିଭା

# ଫଟୋଗ୍ରାଫି ଦେଇଛି ପରିଚୟ

ଓଡ଼ିଶାର କିଛି ସୁନାମଧନ୍ୟ ଯୁବ ଫଟୋଗ୍ରାଫରଙ୍କ ମଧ୍ୟରେ ଏକ ପରିଚିତ ନାଁ ଦେବେଶ କୁମାର ପଟ୍ଟନାୟକ। ପିଲାଟି ଦିନୁ ତାଙ୍କର ଆର୍ଟ, ପେଣ୍ଟିଂ, ଡିଜାଇନ୍ ପ୍ରତି ଅନେକ ଦୁର୍ବଳତା। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଏକ କ୍ୟାମେରା ମୋବାଇଲ ବ୍ୟବହାର କରିବାର ସୁଯୋଗ ପାଇଲେ। ସେଥିରେ ଉଠାଉଥିବା ଫଟୋକୁ ସେ ନିଜ ମୋବାଇଲର ୱାଲପେପର ଭାବେ ସେଭ୍ କରୁଥିଲେ। ଯାହା ତାଙ୍କୁ ଦେଉଥିଲା ଆନନ୍ଦ। ନୂଆ ନୂଆ ୱାଲପେପର ବନେଇବା ନିଶାରେ ସେ ସେହି ମୋବାଇଲରେ ଅନେକ ଫଟୋ ଉଠାଇଲେ। କାଳକ୍ରମେ ଫଟୋଗ୍ରାଫି ପାଇଁ ତାଙ୍କର ଆଗ୍ରହ ବଢିବାରେ ଲାଗିଲା। ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଆସିବା ପରେ ସେ ଏକ ଫଟୋଗ୍ରାଫର ଗ୍ରୁପ ସହ ଜଡିତ ହେଲେ, ଯେଉଁଠାରେ ସେ ନିଜର ଅନୁଭୂତି ବାଣ୍ଟିବା ସହ ଫଟୋଗ୍ରାଫି ବିଷୟରେ ଅନେକ କିଛି ଶିକ୍ଷା ଲାଭ ମଧ୍ୟ କଲେ। କାଳକ୍ରମେ ଫଟୋଗ୍ରାଫିର ବିସ୍ତୃତ ଦୁନିଆ ସହ ତାଙ୍କର ପରିଚୟ ହେବାରେ ଲାଗିଲା। ଫଟୋଗ୍ରାଫି ପ୍ରତି ଅହେତୁକ ଦୁର୍ବଳତା ଦେଖି ତାଙ୍କ ମା' ପ୍ରତିମା ପଟ୍ଟନାୟକ ସଞ୍ଚିତ ଅର୍ଥରେ ଦେବେଶଙ୍କ ପାଇଁ ଏକ କ୍ୟାମେରା କିଣିଦେଲେ। ସେବେଠାରୁ ପ୍ରକୃତ ରୂପେ ଆରମ୍ଭ ହେଲା ତାଙ୍କର ଫଟୋଗ୍ରାଫିର ଯାତ୍ରା। ପିଲାବେଳୁ ମହାକାଶଚାରୀ ହେବାର ସ୍ୱପ୍ନ ଦେଖୁଥିବା ଦେବେଶ କିନ୍ତୁ ପଡିଯାଇଥିଲେ କ୍ୟାମେରା ଲେନ୍ସ ଆଉ ଫ୍ରେମ୍ ପ୍ରେମରେ। ତାଙ୍କ ଦ୍ୱାରା ଉତ୍ତୋଳନ କରାଯାଉଥିବା ଫଟୋ ଅନେକ ପ୍ରଶଂସା ସାଉଁଟିବାରେ ଲାଗିଲା। ଯାହା ତାଙ୍କୁ ପ୍ରତିଥର କିଛି ନୂଆ ଏକ୍ସପେରିମେଣ୍ଟ କରିବାର ପ୍ରେରଣା ଯୋଗାଇଲା। ମାତ୍ର ୨୨ ବର୍ଷ ବୟସରେ ବିଶ୍ୱ ପ୍ରସିଦ୍ଧ ପ୍ଲାଟଫର୍ମ ନ୍ୟାଶନାଲ ଜିଓଗ୍ରାଫିକ୍ ଚ୍ୟାନେଲରେ ତାଙ୍କ ଉତ୍ତୋଳିତ ଫଟୋ ପ୍ରକାଶିତ ଏବଂ ସମ୍ମାନିତ ହେବା ପରେ ତାଙ୍କ ପାଖକୁ ଛୁଟିଥିଲା ଅଭିନନ୍ଦନର ସୁଅ। ଏହା ପରେ ସେ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାର ଯଥା ୩୫ ଇଣ୍ଟରନ୍ୟାଶନାଲ ଫଟୋଗ୍ରାଫି ଆୱାର୍ଡସ୍-୨୦୧୭, ଲେନ୍ସ କଲଚର ଷ୍ଟ୍ରିଟ୍ ଫଟୋଗ୍ରାଫି ଆୱାର୍ଡସ୍‌ରେ ଏଡିଟର ଚଏସ୍ ଆଦି ଲାଭ କରିବା ସହ ବିଭିନ୍ନ ସରକାରୀ ତଥା ସ୍ଥାନୀୟ ସଂସ୍ଥା ତରଫରୁ ଆୟୋଜିତ ଅନେକ ପ୍ରତିଯୋଗିତାରେ ପୁରସ୍କାର ଲାଭ କରିଛନ୍ତି । ଏହା ବ୍ୟତୀତ କ୍ୟାମେରିନା ଏକାଡେମି ଫଟୋଗ୍ରାଫି ଆୱାର୍ଡସ୍ ଏବଂ ୱାର୍ଲ୍ଡ ଫଟୋଗ୍ରାଫିକ ଫୋରମ୍ ଆୱାର୍ଡସ୍ ପାଇଁ ମଧ୍ୟ ମନୋନୀତ ହୋଇଛନ୍ତି। ତାଙ୍କ ଉତ୍ତୋଳିତ ବିଭିନ୍ନ ଫଟୋ ନ୍ୟାଶନାଲ ଜିଓଗ୍ରାଫିକ୍ ୟୋର ଶଟ୍ , ନ୍ୟାଶନାଲ ଜିଓଗ୍ରାଫିକ୍ ଟ୍ରାଭେଲର ଇଣ୍ଡିଆ, ସ୍ମାର୍ଟ ଫଟୋଗ୍ରାଫି ମାଗାଜିନ୍, ବେଟର ଫଟୋଗ୍ରାଫି ମାଗାଜିନ୍, ଚିଜ୍ ଫଟୋଗ୍ରାଫି ମାଗାଜିନ୍, କ୍ୟାନନ୍ ଇଣ୍ଡିଆ ଆଦିରେ ପ୍ରକାଶିତ ହେବାର ଗୌରବ ଅର୍ଜନ କରିଛି। ଅନେକ ଯୁବ ଫଟୋଗ୍ରାଫରଙ୍କ ପାଇଁ ପ୍ରେରଣା ସାଜିଥିବା ଦେବେଶ ଫଟୋଗ୍ରାଫିରେ ସେପରି କିଛି ବିଶେଷ ଟ୍ରେନିଂ ନେଇ ନାହାନ୍ତି କିନ୍ତୁ ତାଙ୍କର ଫଟୋଗ୍ରାଫି ପ୍ରତି ଥିବା ଆଗ୍ରହ ଏବଂ ଭଲପାଇବା ତାଙ୍କୁ ଏଇ ସବୁ ସଫଳତାର ଅଧିକାରୀ କରିପାରିଛି। ଲୋକପ୍ରିୟ ଫଟୋଗ୍ରାଫର ଷ୍ଟିଭ ମ୍ୟାକ୍ କ୍ୟୁରୀ, ହେନ୍‌ରୀ କାର୍ଟିଅର ବ୍ରିଶନ, ଅନ୍‌ଶଲ୍ ଆଡାମ୍ସ ଏବଂ ରଘୁ ରାଏଙ୍କୁ ନିଜର ଆଦର୍ଶ ମାନୁଥିବା ଦେବେଶ କୁହନ୍ତି, ''ଫଟୋ ଦ୍ୱାରା ଏକ କାହାଣୀର ରଚନା କରାଯାଇପାରେ ଏବଂ ଗୋଟିଏ ଫଟୋ ହଜାରେ ଶବ୍ଦ ପରିପ୍ରକାଶ କରିପାରେ। ଏହା ଦେଖଣାହାରୀଙ୍କ ପରିକଳ୍ପନା ଉପରେ ନିର୍ଭର କରେ ସେ କେଉଁ ଦୃଷ୍ଟିରେ ଫଟୋଟିକୁ ଦେଖୁଛନ୍ତି।'' ତେବେ ଷ୍ଟ୍ରିଟ୍ ଏବଂ ଟ୍ରାଭେଲ ଫଟୋଗ୍ରାଫିରେ ରୁଚି ରଖୁଥିବା ଦେବେଶ ଆଗକୁ ଫଟୋଗ୍ରାଫିରେ ରୁଚି ରଖୁଥିବା ଯୁବ ଫଟୋଗ୍ରାଫରଙ୍କ ଲାଗି ଏକ ଲର୍ନିଂ ପ୍ରୋଗ୍ରାମ ଆରମ୍ଭ କରିବାର ଯୋଜନା ରଖିଥିବା ସହ ଫଟୋଗ୍ରାଫିକୁ ଫୁଲ୍‌ଟାଇମ୍ ପ୍ରଫେଶନ କରିବାକୁ ଇଚ୍ଛା ରଖିଛନ୍ତି ।

**– ଲିପ୍‌ସା ବିଶୋଇ**



ଦେବେଶ





---

# ଏକମାସ ମଧ୍ୟରେ ଓଜନ କମ୍ କରିବେ କିପରି

**ଆଜିକାଲି ଯୁବପିଢ଼ି ଫିଟ୍ ରହିବାକୁ କେତେ କ'ଣ ଉପାୟ ଆପଣାଉଛନ୍ତି। ସେଥି ମଧ୍ୟରୁ ଆପଣ ବିନା ଡାଏଟିଂରେ କିପରି ଓଜନ କମାଇବେ ଜାଣନ୍ତୁ ସେ ସମ୍ପର୍କରେ...**



ହର୍ବାଲ ଟି ପିଇବା ଦ୍ୱାରା ଶରୀରରେ ଥିବା ଏକ୍ସଟ୍ରା ଚର୍ବି ବର୍ନ କରିଥାଏ। ଏଥିସହ ଏହା ପାଚନ କ୍ରିୟାକୁ ଠିକ୍ ରଖିବା ସହ ଭୋକ କଣ୍ଟ୍ରୋଲ କରିଥାଏ। ଫଳରେ ଆପଣ ଓଭର ଇଟିଂରୁ ରକ୍ଷା ପାଇପାରିବେ। ଯାହା ଓଜନ କମାଇବାରେ ସାହାଯ୍ୟ କରିବ।

### ଓଜନ କମାଇବା ପାଇଁ ପିଅନ୍ତୁ ହର୍ବାଲ୍ ଟି।

### ବ୍ଲାକ୍ ଟି

ସକାଳୁ ଏକ କପ୍ ବ୍ଲାକ୍ ଟି ପିଇବା ଦ୍ୱାରା ଓଜନ କମାଇବାରେ ସାହାଯ୍ୟ କରେ । କିନ୍ତୁ ଏହାକୁ ପିଇବା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ। ଏଥିରେ ଭରପୂର ମାତ୍ରାର ଆଣ୍ଟି ଅକ୍ସିଡାଣ୍ଟ ରହିଛି, ଯାହା ୱେଟ୍ ଲସ୍ କରିବାରେ ସାହାଯ୍ୟ କରେ। ଏହା ଷ୍ଟ୍ରୋକ୍‌ରୁ ମଧ ରକ୍ଷା କରିଥାଏ।

### ଲେମନ୍ ଟି

ଲେମନ୍ ଟି ପିଇବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ। ଯାହା ଫଳରେ ଓଜନ ଅଳ୍ପଦିନରେ କମିବାକୁ ଲାଗେ। ଏହା ମେଟାବଲିଜମ୍‌କୁ ବୁଷ୍ଟ କରିଥାଏ, ଯାହା ଓଜନ କମାଇବାରେ ସାହାଯ୍ୟ କରେ।

### ଗ୍ରୀନ୍‌ଟି

ଆୟୁର୍ବେଦିକ ଗୁଣରେ ଭରପୂର ଗ୍ରୀନ୍‌ଟି ନା କେବଳ ଓଜନ କମାଇଥାଏ, ଏହା ଆପଣଙ୍କୁ ସୁସ୍ଥ ରଖିବାରେ ମଧ ସାହାଯ୍ୟ କରେ। ଯଦି ଆପଣ ଓଜନ କମ୍ କରିବାକୁ ଚାହୁଁଛନ୍ତି ଖାଦ୍ୟ ଖାଇବାର ୧ରୁ ୨ଘଣ୍ଟା ପୂର୍ବରୁ ଗ୍ରୀନ୍ ଟି ପିଅନ୍ତୁ। ଏହାଦ୍ୱାରା ଭୋକ ଡେରିରେ ଲାଗିବ ଏବଂ ଆପଣଙ୍କୁ ଓଭର ଇଟିଂରୁ ରକ୍ଷା କରିବ। ଏହା ବ୍ୟତୀତ ଦିନ ମଧ୍ୟରେ ଦୁଇ ତିନିଥର ଗ୍ରୀନ୍ ଟି ପିଅନ୍ତୁ।

### ତୁଳସୀ ଟି

ତୁଳ୍‌ସୀରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି, ଯାହା ଓଜନକୁ ଖୁବ୍ କମ୍ ଦିନରେ କମାଏ। ପ୍ରତିଦିନ ଏକ କପ ତୁଳ୍‌ସୀ ଟି ପିଇବା ଦ୍ୱାରା ଫ୍ୟାଟ୍ ବର୍ନ ହୋଇଥାଏ। ଏହା ପାଚନତନ୍ତ୍ର,ରୋଗ ପ୍ରତିରୋଧକ ଶକ୍ତି ମଧ ଠିକ୍ ରଖିଥାଏ।

### ପୋଦିନା ଟି

ପୋଦିନା ଟି ପାଚନ ତନ୍ତ୍ରକୁ ସୁଧାରିବା ସହ ୱେଟ୍ ଲସ୍ କରେ। ପ୍ରତିଦିନ ଏକ କପ୍ ପୋଦିନା ଟି ପିଇବା ଦ୍ୱାରା କ୍ୟାନ୍‌ସର, ହାର୍ଟଜନିତ ରୋଗ ତଥା ଡାଇବେଟିସ୍ ରୁ ମଧ ରକ୍ଷା କରିଥାଏ।







## ଏ ସପ୍ତାହର ପ୍ରଶ୍ନ

୧. ନ୍ୟୁୟର୍କ ସିଟିର ନିକ୍ ନେମ୍ କ'ଣ ?
୨.ସିଙ୍ଗାପୁର ସହର କିଏ ପ୍ରତିଷ୍ଠା କରିଥିଲେ ?
୩.ବ୍ରିଟେନ୍‌ର ଜାତୀୟ ଫୁଲ କ'ଣ ?
୪. ସାମ୍ବା ନୃତ୍ୟ ପାଇଁ କେଉଁ ଦେଶ ପ୍ରସିଦ୍ଧ ?
୫. ପାରାଡାଇଜ ରିଗେନଡ କିଏ ରଚନା କରିଥିଲେ ?

## ଗତ ଥରର ଉତ୍ତର

୧ ଅପସରା
୨ ୩୦ ଟ୍ରିଲିୟନ
୩ ଅଗଷ୍ଟ ୩୦, ୧୯୯୨
୪ କଲପକମ୍,ଚେନ୍ନାଇ
୫ ୧୦ ଡିସେମ୍ବର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

# SUNDAY classifieds




## BRIDE WANTED

କୌଣସି ଜାତିର ଛାଡ଼ପତ୍ର ବା ସ୍ୱାମୀ ନଥିବା ପାତ୍ରୀ ସରକାରି ଚାକିରି କରିଥିବା କନ୍ୟାପାତ୍ରୀ ଆବଶ୍ୟକ। 38+, 8260793228, 8280507228. D-12477

Now Matrimonial ads. only on Wednesday & Sunday Book 1 Get 1 FREE

Kumbhara boy 30, B.Tech (NIT) MBA (IIM) Engineer MNC: 9437555525. D-58083

## GROOM WANTED

39 ବର୍ଷ Khandayat ଘର ନିଜର Nursery plant farm ଥିବା ଝିଅ ପାଇଁ Businessman proposal ଆବଶ୍ୟକ: 8895398591. D-12555

43 ବୟସ୍କା ସରକାରୀ ଚାକିରିଆ ଅବିବାହିତା ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତି ବିବାହିତ/ଅବିବାହିତ ପୁଅ ଦରକାର। 7381460017. D-60833

Divorcee bride OAS 38, Bank 42, Engineer 30 (caste-no-bar). 7873374269. D-66463




300 sqft. Shop for Medicine, Etc., A/43, near Reliance fresh, Ruchika Market, Baramunda, Bhubaneswar: 8763246739. D-58085

160,000 sqft. vacant land with compound wall to let for godown stock yard and ware housing purpose at Totapada, Adjacent to NH.16 near Khurdha. Contact: 9937033933, 8328835823. D-12335

Independent fully furnished house. 3BHK 1st floor parking, Kalpana family or Job Bachelors. Rent 18,000/- 9348888914. D-12486

25,000 sqft of land near Dhauli on rent for any commercial use/marriage/function/events etc. For long term lease basis. Contact: 8917576258. D-12462

17'x10', 25'x21', 50'x21' shops, fully furnished, mainroad, Sahidnagar, Bhubaneswar, 9438344444. D-12482

Shop at NH-16, 260 sqft., Rasulgarh, Bhubaneswar. Phone: 9861031002, 8480830749. D-12489

ଢେଙ୍କାନାଳ ଟାଉନ ମେନରୋଡ୍ କାରିଗରସାହି ପେଟ୍ରୋଲ ପମ୍ପ ନିକଟରେ ୫୫x୧୦୦ ଫୁଟ୍ ଲମ୍ବର ଘର Godown/ Showroom ପାଇଁ ଭଡ଼ା ଦିଆଯିବ। Contact: 9437001630, 9437984109 D-62097

Two 14/16 marveled rooms, toilet, kitchen, balconies behind Durgamandap, Bomikhal. 9937142422. D-12503

1 Lac sqft. area for godown stockyard per sqft Rs.5 NH-16 near Khurdha Collector Office, 7735899789, 8847897226. D-12481

Well furnished offices with individual cabin for executives in first floor by main roadside ready to occupy garage space for multiple vehicles. Easily catch public transport. Own transformer with 100KW capacity. 24 hours water supply. Contact: 9438081042, 9438668573. D-12513




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674- 2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Summer special mesmerizing offer expert therapeutic refreshing massage appointment. 9668374480. D-66521

Physiotherapy, full body massage by trained ladies/ gents therapy: 7008773793. D-66454




MBBS (Clinical Medicine in English) at Kunming Medical University, China, Contact: School of Chinese Language, Kolkata. 7596011781-5, Dr. Dash- 8249817936. D-12499

### ଷଷ୍ଠ ଜନ୍ମବାର୍ଷିକୀ



ତ୍ରିଲୋକାଦିତ୍ୟ ସେଠ (ମନିଷ)
ବରପାଲି

ତୋର ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ସହ ମାଁ ସମଲେଶ୍ୱରୀଙ୍କ ଠାରେ ଆମର ପ୍ରାର୍ଥନା ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ସୁଖମୟ ହେଉ।

ଶୁଭେଚ୍ଛାରେ:
ମାଆ, ବାପା, ବଡ଼ବାପା, କାକା, ମାମୁଁ-ମାଇଁ ସହ ହେପି, ଛବି, ସୁମନ ଓ ପରିବାର।

ଧ-୧୨୫୫୯

### ୧୪ତମ ଜନ୍ମଦିନ ଶୁଭେଚ୍ଛା



(ମୁନ୍ନା)

ରାକେଶ ସ୍ୱାଇଁ
ଭୁବନେଶ୍ୱର-୨

ଆଜି ତୁମର ୧୪ତମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମେ ପ୍ରାର୍ଥନା କରୁଛୁ କି ତୋରି ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସର୍ବଦା ବିଦ୍ୟା, ବୁଦ୍ଧି ପ୍ରଦାନ କରନ୍ତୁ।

ଶୁଭେଚ୍ଛା ସହ
ଜେଜେବାପା, ଅଜା, ଆଈ, ମାମୁ, ମାଇଁ, ବାପା, ବୋଉ, ଆନୀ, କାହ୍ନୁ, ମୁନା, ସନ୍ତୋଷ, ଗଣେଶ, ସାଙ୍ଗ, ସାଥୀ, ଗୁରୁଜନ, ପରିବାରବର୍ଗ ଓ ବିନୋଦ।

ଧ-୧୨୫୧୮

### 21st Birthday Wish



A.A. Sidhant

Wishing you a birthday filled with sweet moments and wonderful memories to cherish always.

*Happy birth day*

wishes from: Family & Friends.

D-12556

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## SALE

Hyundai I10 sportz model 2010 run 22,000k.m. in excellent condition. 7008129593. D-12485

## HIRE

JCB, Hitachi, Hyundai, Roller ଭଡ଼ା ନେବା ପାଇଁ ଯୋଗାଯୋଗ କରନ୍ତୁ। 8249328176 D-12515

Volvo 210B Excavator available on rental basis for earth work. Contact: 9658683328. D-12552




## SALE

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Urgent sale 0.73 decimal road side land near Mirgamunda Bus Stop. At.- Maneswar, Dist.- Sambalpur. Interested parties may Contact- 9090571675. D-12506

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66523

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘର କରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040, 8144658008. D-12488

2BHK Simplex 15,00,000/- finishing Hanspal (Bank finance available)- 7790027610, 8093465134. D-66455

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12549

ଭୁବନେଶ୍ୱର-ପିତାପଲ୍ଲୀ NH-16 ନିକଟରେ (Tata Motors ସାମ୍ନାରେ) ଆବାସିକ plot ମିଳୁଅଛି। ଯୋଗାଯୋଗ: 8093636334. D-66461

GA Plot Ghatikia 2700 sqft., Building 4300 sqft. at Ghatikia, Bhubaneswar, Price 2Crores: 8018510988. D-66457

3BHK/ 5BHK ready to move flat, GA plot Ghatikia, Bhubaneswar, price 85 lakhs: 9178518254. D-66458

1500 sqft. (6nos.), 2000 sqft. (7nos.) main road side plot, infront Tata Ariana Ghatikia, Sankarpur, Bhubaneswar 30ft. Road, Electricity, supply water available- 8114744495, 8328943165. D-66459

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12548

ପିତାପଲ୍ଲୀ- କଟକ Bypass 100ft. ରାସ୍ତାକୁ ଲାଗି କଣ୍ଟାବାଡ ଠାରେ ବାସଉପଯୋଗୀ ଆଦିବାସୀ plot ମିଳୁଅଛି। ଯୋଗାଯୋଗ: 8093636334. D-66460

1200 gharabari boundary plot 30ft. internal road, Ranga bazar 8,40,000/-, 8144998588. D-66373

Bhubaneswar ପାତ୍ରପଡ଼ା ମାର୍କେଟ HDFC Bankରୁ 500' କଲୋନୀ ଭିତରେ BDA yellow zone ସ୍ଥିତିବାନ plot sqft. 1950/- 6370292040. D-66371

Bank and ORERA approved under-construction apartment project at Patia 3BHK 67lacs, 2BHK 56lacs, at Tamando 3BHK 37lacs, 2BHK 28lacs. 9438749776, 9337951595. D-12546

Purchase 1200 sqft. land BJEM-(2) monthly installment 10,000/- simplex Tankapani road Sai Temple 20,50,000/-, Badagada canal road. Plots available, 7735738102. D-12533

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

Book 2BHK/ 3BHK flat at GGP colony Rasulgarh, near Palasuni canal road. 9439716901. (Broker not allowed). D-66525

New 1BR flat 597sqft. furnished with 4 wheeler garage near ITER, Khandagiri for sale. Contact: 9439331053. D-66522

Jupiter Science back side, Per sqft. 300/- possession plot. 9777544478. D-56642

Gharabari yellowzone plot at Khandagiri near Amri Hospital & Duplex/ Simplex at Atala near Hanspal square: 9438419823, 9337086655. D-66462




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12550

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

## CLASSIFIED BOOKING STATIONS

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384




### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସତ୍ୟଭାମା ସାହୁ
ମାଳପାଟଣା, ଆଳି, କେନ୍ଦ୍ରାପଡ଼ା
ତିରୋଧାନ: ୦୯.୦୫.୨୦୧୯

ତୁମର ଅନାବିଳ ସ୍ନେହ ଓ ଶ୍ରଦ୍ଧା ନିକଟରେ ଆମେ ସମସ୍ତେ ଚିର ଋଣୀ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ସ୍ୱାମୀ-ନାରାୟଣ ସାହୁ, ଦିଅର-ଜା, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

ଧ-୧୨୫୬୦

### ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମନୋରଞ୍ଜନ ବେହେରା
ବାଦାମବାଡ଼ି, କଟକ
ତିରୋଧାନ: ୦୧।୦୫।୨୦୧୮

ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆପଣ ଆମ ମାନଙ୍କୁ ଶୋକ ସାଗରରେ ଭସେଇ ଦେଇ ଚାଲିଗଲେ। ଆପଣଙ୍କର ଅଭାବ ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆମେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ କମଳରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସ୍ତ୍ରୀ-ସୌଭାଗିନୀ, ଭଉଣୀ, ଭାଇ, ପୁତ୍ର, ପୁତ୍ରବୋହୂ, କନ୍ୟା, ନାତି, ନାତୁଣୀ, ଜ୍ୱାଇଁ, ଭଣଜା ଏବଂ ସମସ୍ତ ପରିବାରବର୍ଗ।

ଧ-୧୨୫୫୭

### ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ସୁବ୍ରତ କୁମାର ମହାନ୍ତି
(ତପୁ)
ଆବିର୍ଭାବ: ୦୪।୦୧।୧୯୭୨
ତିରୋଧାନ: ୦୫।୦୫।୨୦୦୪

ଶ୍ରୀଜଗନ୍ନାଥ ତୋର ଅମରାତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା।

ତୋର ବାପା, ମା ଓ ପରିବାରବର୍ଗ

ଧ-୬୬୪୬୪

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜଗବନ୍ଧୁ ସାହୁ
ମଦନମୋହନ ସାହି, ଟାଙ୍ଗି, କଟକ
ଆବିର୍ଭାବ: ୧୩।୦୭।୧୯୩୪
ତିରୋଧାନ: ୦୯।୦୫।୨୦୧୯

''ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ''

ତୁମର ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଏକାଦଶାହରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାରବର୍ଗ

ଧ-୬୬୬୪୪

ରାଜ୍ୟ ସରକାରଗୁଡ଼ିକ ପ୍ରତିରକ୍ଷା, ରେଲୱେ, ଜାତୀୟ ରାଜପଥ ଯୋଜନାଗୁଡ଼ିକ ଲାଗି ଆର୍ଥିକ ସହାୟତା ଦେବା ଉଚିତ।

–ବିବେକ ଦେବରୟ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ



ଏଡୁଲ୍‌ଫି ଏକାଡେମୀ ଆସନ୍ତା ୩ ବର୍ଷ ମଧ୍ୟରେ ୧ ଲକ୍ଷ ଉଦ୍ୟୋଗୀଙ୍କୁ ତିଆରି କରିବ। ଇ–କମର୍ସ ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ।

–ଆଲୋହା କୁମାରନ, ଏମ୍‌ଡି, ଏଡୁଲଫି ଏକାଡେମୀ



## ସଂକ୍ଷେପରେ

### ସଙ୍କଟରେ ପାକିସ୍ତାନୀ ମୁଦ୍ରା



ଇସଲାମାବାଦ,୧୮-୫: ଭାରତୀୟ ମୁଦ୍ରା ଟଙ୍କା ଏବେ ପଡ଼ୋଶୀ ପାକିସ୍ତାନର ମୁଦ୍ରାଠାରୁ ଅଧିକ ମୂଲ୍ୟବାନ ହୋଇଛି। ଶୁକ୍ରବାର ଭାରତୀୟ ଟଙ୍କା ଡଲାର ତୁଳନାରେ ୭୦ ସ୍ତରରେ ଥିଲା ବେଳେ ପାକିସ୍ତାନ ଟଙ୍କା ୧୫୦ ଟପିଯାଇଛି। ଏପରି ନୁହେଁ ଯେ, ପାକିସ୍ତାନୀ ଟଙ୍କାର ମୂଲ୍ୟ ଏବେ ହ୍ରାସ ପାଇଛି। ଗତ କିଛି ମାସ ହେବ ସେଦେଶର ଟଙ୍କା ବେଶ୍ ଚାପରେ ରହିଛି। କିନ୍ତୁ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏହା ଭାରତୀୟ ମୁଦ୍ରା ତୁଳନାରେ ଅଧା ହୋଇ ନ ଥିଲା। ଚଳିତ ସପ୍ତାହରେ ପାକିସ୍ତାନୀ ଟଙ୍କା ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି। ନିକଟରେ ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପାକିସ୍ତାନକୁ ୬ ବିଲିୟନ ଡଲାର ଋଣ ପ୍ୟାକେଜ ଦେବାକୁ ରାଜି ହୋଇଛି। ଆଇଏମ୍ଏଫ୍ ୧୯୮୦ରୁ ଅଦ୍ୟାବଧି ପାକିସ୍ତାନକୁ ୧୨ ଥର ସହାୟତା ପ୍ୟାକେଜ ଦେଇସାରିଲାଣି। ଗତ ବର୍ଷକ ଭିତରେ ପାକ୍‌ର ମୁଦ୍ରା ୨୦%ରୁ ଅଧିକ ହ୍ରାସ ପାଇସାରିଛି ଏବଂ ଡଲାର ତୁଳନାରେ ଏହା ଏସିଆରେ ସବୁଠୁ ଖରାପ ପ୍ରଦର୍ଶନ କରିଛି। ଟଙ୍କାର ମୂଲ୍ୟ କମିବା କାରଣରୁ ଏବେ ପଡୋଶୀ ଦେଶର ମୁଦ୍ରାସ୍ଫୀତି ୮% ହୋଇସାରିଛି। ଏହାକୁ ଦୃଷ୍ଟିରେ ରଖି ପାକିସ୍ତାନ ରିଜର୍ଭ ବ୍ୟାଙ୍କ ସୋମବାର ସୁଧ ହାର ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛି ବୋଲି ଜଣାପଡିଛି।

### ଆଇଓସିଏଲ୍‌କୁ ତେଲ ଯୋଗାଇବ ଆମେରିକା, ସୌଦି ଆରବ

ନୂଆଦିଲ୍ଲୀ,୧୮-୫: ଆମେରିକା ପକ୍ଷରୁ କଟକଣା ଲାଗୁ ପରେ ଇରାନରୁ ଅଶୋଧିତ ତେଲ ମିଳିବା ବନ୍ଦ ହୋଇଯାଇଛି। ତେବେ ଏଥିଯୋଗୁ କିଛି ଅସୁବିଧା ହେବ ନାହିଁ ବୋଲି ଦେଶର ସର୍ବବୃହତ ତୈଳ ବିତରଣ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍) କହିଛି। ଇରାନ ତେଲର ଅଭାବ ଭରଣା ପାଇଁ କମ୍ପାନୀ ଆମେରିକା ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି। ସେହିପରି ସୌଦି ଆରବ ମଧ୍ୟ କମ୍ପାନୀକୁ ଅଧିକ ଅଶୋଧିତ ତେଲ ଯୋଗାଇ ଚାଲିଛି। ଆଇଓସିଏଲ୍ ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି ଯେ, ତେଲ ଯୋଗାଣ ଜାରି ରଖିବା ଲାଗି କମ୍ପାନୀ ବିକଳ୍ପ ସ୍ରୋତ ଖୋଜି ନେଇଛି। ଏଥିଲାଗି ଆମେରିକା ଓ ସୌଦି ଆରବ ସହ ଚୁକ୍ତି ସ୍ୱାକ୍ଷର କରାଯାଇସାରିଛି। ତେଲ ଯୋଗାଣ ବିଭିନ୍ନ ବିକଳ୍ପ ଉପରେ କମ୍ପାନୀ କାମ କରୁଛି। ଇରାନ ତେଲ ଭରଣା ଲାଗି ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୩୧ ଶେଷ ହୋଇଥିବା ଆର୍ଥିକ ବର୍ଷ ୨୦୧୮-୧୯ରେ ଇରାନରୁ ଭାରତ ମୋଟରେ ୨.୪୦ କୋଟି ଟନ ଅଶୋଧିତ ତେଲ କିଣିଥିଲା। ଏଥିରୁ ୯୦ ଲକ୍ଷ ଟନ କେବଳ ଆଇଓସିଏଲ୍ କିଣିଛି।

### ଗାଡ଼ି ଆମଦାନୀ ଶୁଳ୍କ ନିଷ୍ପତ୍ତି ୬ ମାସ ଟାଳିଲେ ଟ୍ରମ୍ପ



ୱାଶିଂଟନ,୧୮-୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଡ଼ି ଆମଦାନୀ ଉପରେ ଲାଗୁଥିବା ଶୁଳ୍କରେ ଭାରି ବୃଦ୍ଧି କରିବାକୁ ଚାହୁଁଛନ୍ତି। ତେବେ ସେ ଏହି ନିଷ୍ପତ୍ତିକୁ ଆସନ୍ତା ୬ ମାସ ପାଇଁ ଟାଳି ଦେଇଛନ୍ତି। ଗାଡ଼ି ଆମଦାନୀ-ରପ୍ତାନି କ୍ଷେତ୍ରରେ ୟୁରୋପ ଓ ଜାପାନକୁ ଆଲୋଚନା ଟେବୁଲକୁ ଆଣିବା ଲାଗି ଟ୍ରମ୍ପଙ୍କ ଏହା ଏକପ୍ରକାର ଚାପ ପକାଇବା କୌଶଳ ବୋଲି କୁହାଯାଉଛି। ଆମେରିକା ରାଷ୍ଟ୍ରପତିଙ୍କ ଏହି ନିଷ୍ପତ୍ତି ଯୋଗୁ ତାଙ୍କ ଦେଶ ବିଭିନ୍ନ ଦେଶ ସହ ଆରମ୍ଭ କରିଥିବା ବାଣିଜ୍ୟ ଯୁଦ୍ଧକୁ କିଛି ପରିମାଣରେ ରୋକିପାରିବ। ସୂଚନାଥାଉ କି, ଗାଡ଼ି ଉପରେ ଅଧିକ ଆମଦାନୀ ଶୁଳ୍କ ଆଦାୟ ଲାଗି ଟ୍ରମ୍ପ ନିଷ୍ପତ୍ତି ନେଲେ ବିଶ୍ୱ ଅର୍ଥନୀତିରେ ଏହାର ବଡ଼ଧରଣର ପ୍ରଭାବ ପଡ଼ିବା ନିଶ୍ଚିତ ଥିଲା। କାରଣ ପ୍ରତିବର୍ଷ ବହୁ ବିଲିୟନ ଡଲାରର ଗାଡ଼ି ନିର୍ମାଣ ଓ ଆମଦାନୀ-ରପ୍ତାନି ହୋଇଥାଏ। ୟୁରୋପ୍, ଜାପାନ ଓ ଅନ୍ୟ ଦେଶଗୁଡ଼ିକ ସହ ଗାଡ଼ି ଆମଦାନୀ ନେଇ ଆଲୋଚନାର ଫଳାଫଳ ଜଣାଇବାକୁ ରାଷ୍ଟ୍ରପତି ଟ୍ରମ୍ପ ଆମେରିକା ବାଣିଜ୍ୟ ପ୍ରତିନିଧି ରବର୍ଟ ଲାଇଟହାଇଜରଙ୍କୁ ୧୮୦ ଦିନ ସମୟ ଦେଇଛନ୍ତି।

# ବୀମାରେ ସାମିଲ ହେବ ମାନସିକ, ଜେନେଟିକ ରୋଗ

ନୂଆଦିଲ୍ଲୀ,୧୮–୫





ଭାରତୀୟ ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ(ଆଇଆର୍‌ଡିଏ) ବୀମା କମ୍ପାନୀଗୁଡ଼ିକୁ ମାନସିକ ଅସୁବିଧା, ଜେନେଟିକ ରୋଗ, ନ୍ୟୁରୋ ସମ୍ପର୍କିତ ବିକାର ତଥା ମନୋବୈଜ୍ଞାନିକ ବିକାର ଭଳି ଗମ୍ଭୀର ରୋଗଗୁଡ଼ିକୁ ଚିକିତ୍ସା ବୀମା ପଲିସିରେ ସାମିଲ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହାର ଅର୍ଥ ଏବେ ବୀମା କମ୍ପାନୀଗୁଡ଼ିକ ମେଡିକାଲ ବୀମା ପଲିସିରେ ଉକ୍ତ ରୋଗଗୁଡ଼ିକୁ ସାମିଲ କରିବାକୁ ବାଧ୍ୟ ହେବେ।

ବୀମା ଜଗତ ଚିକିତ୍ସା ବୀମା ପଲିସିରୁ ରୋଗଗୁଡ଼ିକୁ ବାଦ୍ ଦେବାର ଏକ ସମାନ ନୀତି ଆପଣାଇବାକୁ ଆଇଆର୍‌ଡିଏ ନିଜ ପ୍ରସ୍ତାବରେ କହିଛନ୍ତି। ବଜାରରେ ଚିକିତ୍ସା ବୀମା କମ୍ପାନୀ ଏବଂ ଚିକିତ୍ସା ବୀମା ଯୋଜନା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଗାଇଡ୍‌ଲାଇନ ଜାରି କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ମେଡିକାଲ ଇନସ୍ୟୁରାନ୍ସରୁ ରୋଗଗୁଡ଼ିକୁ ବାଦ୍ ଦେବାର ଏକ ନିଶ୍ଚିତ ମାନଦଣ୍ଡ ନିର୍ଦ୍ଧାରଣ ଲାଗି କ୍ରିୟାନ୍ୱୟନ କମିଟି ଗଠନ କରାଯାଇଥିଲା। ଏହି କମିଟିର ସୁପାରିସ୍ କ୍ରମେ ଆଇଆର୍‌ଡିଏ ମେଡିକାଲ ପଲିସିରୁ ରୋଗଗୁଡ଼ିକୁ ବାଦ୍ ଦେବା ନେଇ ଗାଇଡଲାଇନ ଜାରି କରିବାକୁ ପ୍ରସ୍ତାବ ଦେଇଛି। ପ୍ରସ୍ତାବ ମୁତାବକ ବୀମା ନେବା ପରେ ହେବାକୁ ଥିବା କୌଣସି ପ୍ରକାର ରୋଗ ସମ୍ପର୍କିତ ଚିକିତ୍ସାକୁ ବୀମା ପରିସରରୁ ବାଦ୍ ଦିଆଯାଇପାରିବ ନାହିଁ। ଏଥିସହ ବୀମାର ନିୟମ ଓ ସର୍ତ୍ତରେ ଏଭଳି କୌଣସି ବ୍ୟବସ୍ଥା ରଖାଯାଇପାରିବ ନାହିଁ। ଦୀର୍ଘ ୮ ବର୍ଷ ଧରି ପଲିସି ଚାଲିଥିବା ବେଳେ ବୀମା ହୋଇଥିବା ବ୍ୟକ୍ତି ଧୂମପାନ କରୁଛନ୍ତି ଅଥବା କୌଣସି ରୋଗରେ ପୀଡିତ ବୋଲି ବୀମା କମ୍ପାନୀ ଜାଣି ତାଙ୍କର କ୍ଲେମ୍‌କୁ ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ। ଏହାବ୍ୟତୀତ କୌଣସି ରୋଗୀ ଅଧାରୁ ମେଡିକାଲ ଟ୍ରିଟ୍‌ମେଣ୍ଟ ବନ୍ଦ କରିଦେଇଥିଲେ ମଧ୍ୟ ବୀମା କମ୍ପାନୀ ତାଙ୍କର ଦାବିକୁ ଫେରାଇ ପାରିବେ ନାହିଁ। ସେହିପରି ଯୁବତୀ ଏବଂ ମହିଳାଙ୍କୁ ଯୁବାବସ୍ଥା ଓ ମେନୋପଜ୍ ସମୟରେ ଅଧିକ ରକ୍ତକ୍ଷରଣ ତଥା ହର୍ମୋନାଲ ପରିବର୍ତ୍ତନ ଦେଇ ଗତିକରିବାକୁ ପଡିଥାଏ। ସେମାନଙ୍କ ରୋଗର ଚିକିତ୍ସା ଖର୍ଚ୍ଚକୁ ମଧ୍ୟ ବୀମା ପଲିସି ମଧ୍ୟରେ ସାମିଲ କରିବାକୁ ଆଇଆର୍‌ଡିଏ ପ୍ରସ୍ତାବ ଦେଇଛନ୍ତି। ଏହାବ୍ୟତୀତ ବୀମା କମ୍ପାନୀଗୁଡ଼ିକ ବୃଦ୍ଧାବସ୍ଥାଜନିତ ରୋଗ, ଦୁର୍ଲଭ ରୋଗକୁ ମଧ୍ୟ ବୀମା ପଲିସିରୁ ବାଦ୍ ଦେଇ ପାରିବେ ନାହିଁ। ବୀମା କମ୍ପାନୀ ପାରାଗ୍ଲାଇଡିଂ, ରାଫ୍ଟିଙ୍ଗ, ଏଫ୍୧ ରେସିଂ ଭଳି ଆଡ୍‌ଭେଞ୍ଚର ସ୍ପୋର୍ଟ୍ସ ତଥା ଜଲିକଟ୍ଟୁ ଓ କମ୍ବାଲା ଭଳି ଅନ୍ୟ ପାରମ୍ପରିକ ଖେଳକୁ ମଧ୍ୟ ବୀମାଭୁକ୍ତ କରିବାକୁ ବାଧ୍ୟ ରହିବେ।

**ମେଡିକାଲ ବୀମା ହେବ ଅଧିକ ଶକ୍ତିଶାଳୀ**

- ଚିକିତ୍ସା ବୀମା ପଲିସିରେ ରୋଗ ବାଦ୍ ଦେବାର ଗୋଟିଏପ୍ରକାର ନୀତି ଆପଣାଇବାକୁ ହେବ
- ଗାଇଡଲାଇନ ପ୍ରସ୍ତାବ ଦେଇଛି ଆଇଆର୍‌ଡିଏ
- କମିଟି ଗଠନ କରାଯାଇଥିଲା
- ଆଡ୍‌ଭେଞ୍ଚର ସ୍ପୋର୍ଟ୍ସ ବୀମାଭୁକ୍ତ ହେବ

# ନିଶାନ 'ଟେରାନୋ'ରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୧୮–୫





ନିଶାନ ମୋଟର କମ୍ପାନୀର ପ୍ରମୁଖ ଲୋକପ୍ରିୟ ମଡେଲ ଯାନ ଟେରାନୋ ଉପରେ କମ୍ପାନୀ ଆକର୍ଷଣୀୟ ରିହାତି ଘୋଷଣା କରିଛି। ଏହି ମଡେଲ ଉପରେ ଗ୍ରାହକ ୨.୩୬ ଲକ୍ଷ ଟଙ୍କାର ରିହାତି ପାଇପାରିବେ। ଡିଜେଲ ଭର୍ସନରେ ଆସୁଥିବା ଏହି ଏସ୍‌ୟୁଭିରେ ୨୨ ପ୍ରମୁଖ ଫିଚର ରହିଛି। ଏହାର ଡିଜାଇନ ଷ୍ଟାଇଲିଶ ହୋଇଥିବା ବେଳେ ଇଣ୍ଟେରିୟର ମଧ୍ୟ ବେଶ ଆକର୍ଷଣୀୟ କରାଯାଇଥିବା କମ୍ପାନୀ ପ୍ରକାଶ କରିଛି। ଯାନଟିରେ ଗ୍ରାହକଙ୍କର ନିରାପତ୍ତାକୁ ଧ୍ୟାନରେ ରଖାଯାଇଛି। ଏଥିରେ ୭.୦ ଟଚ୍ ସ୍କ୍ରିନ ନାଭିଗେଶନ, ଇଲେକ୍ଟ୍ରିକାଲି ରିଟ୍ରାକ୍ଟେବଲ ଓଆର୍‌ଭିଏମ୍, ଅତ୍ୟାଧୁନିକ ଷ୍ଟିଅରିଂ ହ୍ୱିଲ, କ୍ରୁଜ କଣ୍ଟ୍ରୋଲ ରହିଛି। ନିକଟସ୍ଥ ନିଶାନ ଡିଲରଶିପକୁ ଯାଇ ଏହାର ଲାଭ ଉଠାଇବା ପାଇଁ କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ସୂଚନା ଦିଆଯାଇଛି।

# ଟିଭି ଚ୍ୟାନେଲ ଷ୍ଟ୍ରିମିଂ କରୁଥିବା ଆପ୍ସକୁ ନିୟନ୍ତ୍ରିତ କରିବ ଟ୍ରାଇ

ନୂଆଦିଲ୍ଲୀ,୧୮–୫

ଟିଭି ଚ୍ୟାନେଲଗୁଡ଼ିକର ଲାଇଭ ଷ୍ଟ୍ରିମିଂ କରୁଥିବା ଆପ୍ସଗୁଡ଼ିକୁ ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ(ଟ୍ରାଇ) ନିୟନ୍ତ୍ରିତ କରିବ। ସୂଚନାଥାଉ କି, ହଟ୍‌ଷ୍ଟାର୍, ଏୟାରଟେଲ ଟିଭି, ଜିଓ ଟିଭି, ସୋନୀ ଲାଇଭ୍, ଏମ୍‌ଏକ୍ସ ପ୍ଲେୟାର, ଜିଓ ଭଳି ଆପ୍ସ ଲାଇଭ ଷ୍ଟ୍ରିମିଂ ଅର୍ଥାତ୍ ସିଧାପ୍ରସାରଣ କରିଥାଏ। ବ୍ରଡକାଷ୍ଟିଂ କମ୍ପାନୀଙ୍କ ଭଳି ସେମାନଙ୍କୁ ମଧ୍ୟ ଏବେଠାରୁ ଲାଇସେନ୍ସ ନେବାକୁ ହେବ। ବର୍ତ୍ତମାନ ମାଗଣାରେ ଉକ୍ତ ମୋବାଇଲ ଆପ୍ସ ଜରିଆରେ ଟିଭି ଚ୍ୟାନେଲଗୁଡ଼ିକର ଲାଇଭ ଷ୍ଟ୍ରିମିଂ କରାଯାଉଛି। ଏହି ଆପ୍ସଗୁଡ଼ିକ ଉପରେ ଟ୍ରାଇର କୌଣସି ନିୟନ୍ତ୍ରଣ ନାହିଁ। ବ୍ରଡକାଷ୍ଟିଂ କମ୍ପାନୀ ନିଜର କଣ୍ଟେଣ୍ଟକୁ କେବୁଲ ଅପରେଟର ଅଥବା ଡିଟିଏଚ୍ କମ୍ପାନୀ ଜରିଆରେ ବ୍ରଡ୍‌କାଷ୍ଟିଂ ଅଥବା ପ୍ରସାରଣ କରିପାରିବେ। ଏଥିପାଇଁ ସେମାନଙ୍କୁ ଲାଇସେନ୍ସ ଦିଆଯାଇଛି ବୋଲି ଟ୍ରାଇ ଯୁକ୍ତିବାଢ଼ିଛି। ତେବେ ମୋବାଇଲ ଆପ୍ସ ଭଳି ତୃତୀୟ ପାର୍ଟି ଏଭଳି ସିଧା ପ୍ରସାରଣ ପ୍ରଦର୍ଶନ କରିବା ବୈଧ ନୁହେଁ। ଏ ସଂକ୍ରାନ୍ତରେ ଟ୍ରାଇ ଜୁଲାଇ-ଅଗଷ୍ଟରେ ଏକ ଡ୍ରାଫ୍ଟ ଜାରି କରିବ ଏବଂ ଲୋକଙ୍କ ଠାରୁ ପରାମର୍ଶ ଆହ୍ୱାନ କରିବ। ତେବେ ମୋବାଇଲ ଆପ୍ସ ଚଳାଉଥିବା କମ୍ପାନୀଗୁଡ଼ିକ ଏହାକୁ ବିରୋଧ କରିଛନ୍ତି। ଟ୍ରାଇ ଏଭଳି କରିପାରିବ ନାହିଁ ବୋଲି ସେମାନେ କହୁଛନ୍ତି। କାରଣ ଟ୍ରାଇକୁ ଏଭଳି କୌଣସି ଅଧିକାର ମିଳିନାହିଁ। ଏଭଳି ଆପ୍ସ ଆଇଟି ଆଇନ ଅଧୀନରେ ଆସୁଛି।

## ବିଦେଶରେ ଏମ୍‌ବିବିଏସ୍ ଡିଗ୍ରୀ

# ସୁଯୋଗ ଦେଉଛି ଗ୍ଲୋବାଲ ଫୋକସ

ଭୁବନେଶ୍ୱର,୧୮–୫

Global Focus education group

- ଚଳିତ ବର୍ଷ ଲାଗି ନାମଲେଖା ଆବେଦନ ସମ୍ପର୍କରେ ଘୋଷଣା
- ନିଟ୍‌ରେ ସଫଳ ଛାତ୍ରୀଛାତ୍ର ଆବେଦନ କରିପାରିବେ

ବିଦେଶରେ ଏମ୍‌ବିବିଏସ୍ ଡିଗ୍ରୀ ଲାଗି ଗ୍ଲୋବାଲ ଫୋକସ ଏଜୁକେଶନ ଗ୍ରୁପ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରୀ ମେଡିକାଲ କଲେଜଗୁଡିକରେ ସିଟ୍ ସଂଖ୍ୟା କମ୍ ରହୁଥିବା ବେଳେ ଘରୋଇ ମେଡିକାଲ କଲେଜରେ ପାଠ ପଢ଼ିବା ବ୍ୟୟବହୁଳ । ଏଭଳି ସ୍ଥିତିରେ ୟୁକ୍ରେନରେ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟି ସମେତ ଅନ୍ୟାନ୍ୟ ଜାତୀୟ ସ୍ତରର ମେଡିକାଲ ପ୍ରତିଷ୍ଠାନଗୁଡିକରେ ଡାକ୍ତରୀ ଶିକ୍ଷା ଗ୍ରହଣ ଲାଗି ଗ୍ଲୋବାଲ ଫୋକସ ପକ୍ଷରୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଚଳିତ ବର୍ଷ ଉକ୍ତ ପ୍ରତିଷ୍ଠାନଗୁଡିକରେ ନାମଲେଖା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରତିଷ୍ଠାନଗୁଡିକ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ। ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ନିଟ୍‌ରେ ସଫଳ ହୋଇଥିବା ଛାତ୍ରୀଛାତ୍ର ଏହି ପ୍ରତିଷ୍ଠାନଗୁଡିକରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଗ୍ଲୋବାଲ ଫୋକସର ଏମ୍‌ଡି ଅବଦୁଲ ଜାହିର ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ବିଦେଶରେ ପାଠପଢା, ରହିବା ଏବଂ ଭାରତୀୟ ଖାଦ୍ୟ ବ୍ୟବସ୍ଥାକୁ ଧ୍ୟାନରେ ରଖାଯାଉଥିବା ଜାହିର କହିଛନ୍ତି। ସେହିଭଳି ୟୁକ୍ରେନର ଥିମା ସରକାରୀ ବିଶ୍ୱବିଦ୍ୟାଳୟ,ଖାଲକିବ୍ ୟୁନିଭର୍ସିଟି ଭଳି ପ୍ରତିଷ୍ଠାନ ସହ ସହବନ୍ଧିତ ଥିବା ବେଳେ ଛାତ୍ରୀଛାତ୍ରଙ୍କ ଲାଗି ସ୍କଲାରଶିପ ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରତିବର୍ଷ ରାଜ୍ୟରୁ ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ୟୁକ୍ରେନରେ ଡାକ୍ତରୀ ଶିକ୍ଷା ଗ୍ରହଣ ଲାଗି ସୁବିଧା କରାଯାଉଛି। ଆଶାୟୀ ଛାତ୍ରୀଛାତ୍ର ଭୁବନେଶ୍ୱର ଶହୀଦନଗର କାର୍ଯ୍ୟାଳୟ ସମେତ ବ୍ରହ୍ମପୁର, ସମ୍ବଲପୁର କାର୍ଯ୍ୟାଳୟ ସହ ସମ୍ପର୍କ କରିବାକୁ ଜାହିର ସୂଚନା ଦେଇଛନ୍ତି।

# ଝାରସୁଗୁଡ଼ା-ଅନୁଗୋଳ ସେକ୍ସନରେ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ

ଭୁବନେଶ୍ୱର,୧୮–୫

**ଗଡିବ ୯ ଯୋଡା ଏକ୍ସପ୍ରେସ ଟ୍ରେନ**





ଝାରସୁଗୁଡା–ସମ୍ବଲପୁର–ଅନୁଗୋଳ ସେକ୍ସନରେ ବିଦ୍ୟୁତୀକରଣ କାର୍ଯ୍ୟକୁ ରେଲୱେ ସମ୍ପୂର୍ଣ୍ଣ କରିଛି। ଏହାଦ୍ୱାରା ଉକ୍ତ ରୁଟରେ ୯ ଯୋଡା ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବ। ବର୍ତ୍ତମାନ ଏହି ରୁଟରେ ଗୋଟିଏ ଯୋଡା ପେସେଞ୍ଜର ଟ୍ରେନ ଚଳାଚଳ କରୁଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଚାଲିବାକୁ ଥିବା ଟ୍ରେନଗୁଡିକ ମଧ୍ୟରେ ସମ୍ବଲପୁର–ହାଓଡା–ସମ୍ବଲପୁର ସାପ୍ତାହିକ ସୁପରଫାଷ୍ଟ ଏକ୍ସପ୍ରେସ, ଭୁବନେଶ୍ୱର–ଆନନ୍ଦ ବିହାର ଟର୍ମିନାଲ–ଭୁବନେଶ୍ୱର ସାପ୍ତାହିକ ଏସ୍‌ଏଫ୍ ଏକ୍ସପ୍ରେସ, ଭୁବନେଶ୍ୱର–ନୂଆଦିଲ୍ଲୀ–ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଭାୟା ସମ୍ବଲପୁର, ବୋକାରୋ ଷ୍ଟିଲ ସିଟି–ଭୁବନେଶ୍ୱର–ବୋକାରୋ ଷ୍ଟିଲ ସିଟି ଗରିବ ରଥ ତ୍ରିସାପ୍ତାହିକ ଏକ୍ସପ୍ରେସ, ରାଉରକେଲା–ଭୁବନେଶ୍ୱର–ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ, ବିକାନେର–ପୁରୀ–ବିକାନେର ସାପ୍ତାହିକ ଏକ୍ସପ୍ରେସ, ଲୋକମାନ୍ୟ ତିଲକ–ଭୁବନେଶ୍ୱର–ଲୋକମାନ୍ୟ ତିଲକ ଦ୍ୱିସାପ୍ତାହିକ ଭଳି ଅନ୍ୟ ଏକ୍ସପ୍ରେସ ସାମିଲ ରହିଛି।

ଇଲେକ୍ଟ୍ରିକ ଲୋକୋମୋଟିଭ ଗୁଡିକ ପ୍ରଦୂଷଣମୁକ୍ତ ହୋଇଥିବା ବେଳେ ଶକ୍ତି ସଞ୍ଚୟକାରୀ, ପରିବେଶ ଉପଯୋଗୀ ଏବଂ ଡିଜେଲ ସଞ୍ଚୟ ଦିଗରେ ସହାୟକ ହୋଇଥାଏ। ସମ୍ବଲପୁର ଡିଭିଜନ ତ୍ୱରିତ ଭାବେ ବିଦ୍ୟୁତୀକରଣ କାର୍ଯ୍ୟ ହାତକୁ ନେଉଥିବାବେଳେ ଏହା ପରିସରରେ ଆସୁଥିବା ସବୁ ଟ୍ରେନ ଇଲେକ୍ଟ୍ରିକ ଲୋକୋମୋଟିଭରେ ଚଳାଚଳ କରିବ।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ଏଲ୍‌ଜି ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ



ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ରିଲିଫ ସହାୟତା ପ୍ରଦାନ କରାଯାଇଛି। ରିଲିଫ ନେଇ ଯାଉଥିବା ୨ଟି ଯାନକୁ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ପ୍ରବଲ ସକ୍ସେନା ଶୁଭାରମ୍ଭ କରିଥିଲେ। କମ୍ପାନୀ ମୋଟ ୮୦୦ ପରିବାରକୁ ସହାୟତା କରିବାକୁ ଯୋଜନା ରହିଛି। ଏହି ଅବସରରେ ବ୍ରାଞ୍ଚ ମ୍ୟାନେଜର ମନୀଶ ସିଂଘଲ, ମାର୍କେଟିଂ ମ୍ୟାନେଜର ବିଭୁ ପ୍ରସାଦ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ଟାଟା ମୋଟର୍ସର ସହାୟତା



ଫନୀ ପ୍ରଭାବିତ ଅଞ୍ଚଳରେ ଟାଟା ମୋଟର୍ସ ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କଟକ, ଯାଜପୁର, କେନ୍ଦ୍ରାପଡା ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରିଛି। 'ଅବ୍ କି ବାର୍ ଅଚ୍ଛେ ପରିବାର' ନାମରେ କମ୍ପାନୀ ଏଭଳି ପଦକ୍ଷେପ ନେଉଛି। ଚଳିତ ମାସ ୧୦ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲିବ। ଖାଦ୍ୟ ସାମଗ୍ରୀ ସହ ଔଷଧ, ପାନୀୟ ଜଳ ଏବଂ ଫାଷ୍ଟ ଏଡ୍ ଲୋକଙ୍କୁ ପ୍ରଦାନ କରାଯାଇଛି। ଲୋକଙ୍କ ଉନ୍ନତି ଦିଗରେ ପଦକ୍ଷେପ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ରିଲିଫ ଲାଗି ଆକ୍ସିସ ବ୍ୟାଙ୍କର ୨.୬୫ କୋଟି



ରାଜ୍ୟର ୧୪ ଜିଲାରେ ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ଆକ୍ସିସ ବ୍ୟାଙ୍କ ୨.୬୫ କୋଟି ଟଙ୍କା ସହାୟତା ପ୍ରଦାନ କରିଛି। ସେହିଭଳି ଗ୍ରାମାଞ୍ଚଳରେ ଆକ୍ସିସ ସହଯୋଗ ନାମରେ ଏହା ଲୋକଙ୍କୁ ସେବା ଯୋଗାଉଛି। ସର୍ବାଧିକ ପ୍ରଭାବିତ ଲୋକଙ୍କ ରିଲିଫ କାର୍ଯ୍ୟ ଲାଗି ଅତିରିକ୍ତ ୧ କୋଟି ଟଙ୍କା ପ୍ରଦାନ କରିବାକୁ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ଥିବା କହିଛି। ଆକ୍ସିସ ବ୍ୟାଙ୍କ ଫାଉଣ୍ଡେଶନ ପକ୍ଷରୁ ରିଲିଫ କାର୍ଯ୍ୟରେ ନିୟୋଜିତ ସଂସ୍ଥାଗୁଡିକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଠାରେ ଅନୁଷ୍ଠିତ ଏକ ଖବରଦାତା କାର୍ଯ୍ୟକ୍ରମରେ ବ୍ୟାଙ୍କର ସଭାପତି ରବି ନାରାୟଣନ କହିଛନ୍ତି ଯେ, ରାଜ୍ୟରେ ଭ୍ରାମ୍ୟମାଣ ଭ୍ୟାନ, ୭ ମାଇକ୍ରୋ ଏଟିଏମ୍ ଏବଂ ୭ ପିଓଏସ୍ ମେଶିନ ଜରିଆରେ ଲୋକଙ୍କୁ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦିଆଯାଉଛି। ଶାଖା ଏବଂ ଏଟିଏମ୍‌ଗୁଡିକୁ ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ଉତ୍ପାଦ ଏବଂ ସେବାର ପେମେଣ୍ଟ ସମୟକୁ ବଢାଯାଇଥିବା ବେଳେ ବିଭିନ୍ନ ଚାର୍ଜ ଛାଡ କରାଯାଇଛି ବୋଲି ନାରାୟଣନ ସୂଚନା ଦେଇଛନ୍ତି। ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି) ରିଲିଫ ସହାୟତା ଭାବେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

### ଏନ୍‌ଟିପିସି ପକ୍ଷରୁ ଏଲ୍‌ଟି ନେଟ୍‌ୱର୍କ ପୁନରୁଦ୍ଧାର କାର୍ଯ୍ୟ

ଏନ୍‌ଟିପିସି ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ଏଲ୍‌ଟି ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି। ପୁରୀ ଜିଲାର ନିମାପଡା, ପୁରୀ ସଦର, ଗୋପ ଏବଂ ସତ୍ୟବାଦୀରେ କମ୍ପାନୀ ଏହି କାର୍ଯ୍ୟ କରୁଛି। କେନ୍ଦ୍ର ବିଦ୍ୟୁତ୍ ସଚିବ ଏ.କେ.ଭଲ୍ଲା ଏବଂ ଏନ୍‌ଟିପିସି ସିଏମ୍‌ଡି ଗୁରଦୀପ ସିଂଙ୍କ ପୁରୀ ଗସ୍ତ ପରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେହିଭଳି ପୁରୀ, ଖୋର୍ଦ୍ଧା,ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡାରେ ବିଦ୍ୟୁତ୍ ବ୍ୟବସ୍ଥାର ପୁନରୁଦ୍ଧାର ଲାଗି ୧୦୦୦ ତାଲିମପ୍ରାପ୍ତ ବିଦ୍ୟୁତ୍ ଶ୍ରମଶକ୍ତି ମୁତୟନ କରାଯାଇଛି। ଏହାବାଦ ଭ୍ରାମ୍ୟମାଣ ମେଡିକାଲ ଶିବିର ଦ୍ୱାରା ଲୋକଙ୍କ ଚିକିତ୍ସା କରାଯାଉଛି।

# କ୍ୱିକ୍ ହିଲର ନୂଆ ସିକ୍ୟୁରିଟି ସଲ୍ୟୁଶନ

ପୁଣେ,୧୮–୫

Quick Heal
Security Simplified

କ୍ୱିକ୍ ହିଲ ଟେକ୍ନୋଲୋଜି ଲିମିଟେଡ ପକ୍ଷରୁ ପରବର୍ତ୍ତୀ ପିଢିର ସାଇବର ସିକ୍ୟୁରିଟି ସଲ୍ୟୁଶନ ଲାଇଟର ସ୍ମାର୍ଟର ଫାଷ୍ଟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏଗୁଡିକ ଲାପ୍‌ଟପ ଏବଂ ଡେକ୍ସଟପ୍ ପାଇଁ ସହାୟକ ହୋଇ ପାରିବ। ଭବିଷ୍ୟତକୁ ସୁହାଇଲା ଭଳି ସିକ୍ୟୁରିଟି ସମାଧାନ ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ସାଇବର ଆଟାକ୍ ବର୍ତ୍ତମାନ ସମୟରେ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ନୂଆ ପ୍ରଡକ୍ଟ ଏହାକୁ ପ୍ରତିରୋଧ କରିବା ଦିଗରେ ଯୋଗଦାନ ରଖି ପାରିବ ବୋଲି ଏହା ସୂଚନା ଦେଇଛି। ୨୦୧୮ରେ ୯୭୩ ନିୟୁତ ମାଲୱେର ଆଟାକ ହୋଇଥିବା କମ୍ପାନୀ ଏହାର ଆନୁଆଲ ଥ୍ରେଟ୍ ରିପୋର୍ଟ–୨୦୧୯ରେ ପ୍ରକାଶ କରିଛି। ଏପରି ସ୍ଥିତିରେ ସିଷ୍ଟମର ନିରାପତ୍ତା ଜରୁରୀ ହୋଇ ପଡିଛି। ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ସାଇବର ସିକ୍ୟୁରିଟି ସମାଧାନ ପ୍ରଦାନ ଦିଗରେ ନିରନ୍ତର ଉଦ୍ୟମ ଜାରିରହିଥିବା କ୍ୱିକ୍ ହିଲର ଏମ୍‌ଡି ତଥା ସିଇଓ କୈଳାସ କଟକାର କହିଛନ୍ତି।

ଏକ ଭିନ୍ନ ଶୈଳୀରେ ପ୍ରଭାବୀ ବୋଲିଂ କରିପାରୁଥିବା ଯଶପ୍ରୀତ୍ ବୁମ୍‌ରାଙ୍କ ସଫଳତା ପଛରେ 'ରକେଟ ସାଇନ୍ସ'ର ବିଶେଷ ଭୂମିକା ରହିଛି ।

–ସଞ୍ଜୟ ମିତ୍ତଲ, ଆଇଆଇଟି, କାନପୁର ପ୍ରଫେସର



ଆଇଏଏଏଫ୍ ଗୋଲ୍ଡ ଲେବଲ ଟିସିଏସ୍ ୱାର୍ଲ୍ଡ ୧୦କେ ରନ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ବିଶ୍ୱ ଚାମ୍ପିୟନଶିପ୍ ଲାଗି ଯୋଗ୍ୟତା ଅର୍ଜନ ମୋର ଲକ୍ଷ୍ୟ ରହିଛି ।

–ପଲ୍ ଟାନୁଇ, କେନିଆ ଆଥ୍‌ଲେଟ



## ସଂକ୍ଷେପରେ

### ନୌଚାଳକ ଭୋକନାଲଙ୍କ ନାମରେ ମାମଲା

**ନାଶିକ,୧୮।୫:** ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୌକା ଚାଳକ ଦତ୍ତୁ ଭୋକାନାଲଙ୍କ ବିରୋଧରେ ନାଶିକର ଜଣେ ମହିଳା କନଷ୍ଟେବଲ ଠକାମି ଓ ଉତ୍ପୀଡନା ମାମଲା ଦାଏର କରିଛନ୍ତି। ଉକ୍ତ କନଷ୍ଟେବଲ ଦାବି କରିଛନ୍ତି ଯେ ଦତ୍ତୁ ଦୁଇ ବର୍ଷ ପୂର୍ବେ ତାଙ୍କୁ ଲୁଚି ବିବାହ କରିଥିଲେ। କିନ୍ତୁ ଏବେ ଦତ୍ତୁ ପାରମ୍ପରିକ ବିବାହ କରିବାକୁ ଅସ୍ୱୀକାର କରୁଛନ୍ତି। ଏହାକୁ ଭିତ୍ତିକରି ଆଡ୍‌ଗାନ ପୋଲିସ ଷ୍ଟେଶନ ତଦନ୍ତ ଆରମ୍ଭ କରିଛି। ଭୋକନାଲଙ୍କୁ ଡକାଯାଇ ପଚାରାଉଚରା କରାଯିବ। କିନ୍ତୁ ନୌକା ଚାଳକଙ୍କ ଓକିଲ ଚାରଭାକ କାମ୍ଭଲେ ସମସ୍ତ ଆରୋପକୁ ଭିତ୍ତିହୀନ କହିବା ସହ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କୂଅ ଖୋଳାଳିଙ୍କ ପୁତ୍ର ଭୋକନାଲ ୨୦୧୨ରେ ନୌକା ଚାଳନା ଆରମ୍ଭ କରିଥିଲେ। ସେ ୨୦୧୬ ରିଓ ଅଲିମ୍ପିକ୍‌ରେ ଅଂଶଗ୍ରହଣ କରିଥିଲେ। ପୁଣେସ୍ଥିତ ମିଲିଟାରି ଇଞ୍ଜିନିୟରିଂ କଲେଜରେ ସେ ଏବେ ରୋଇଂ ଅଭ୍ୟାସ କରୁଛନ୍ତି।

### ସୁଦିରମାନ କପ୍‌ରେ ପଦକ ଲକ୍ଷ୍ୟରେ ଭାରତ

**ନାନ୍ଜିଙ୍ଗ (ଚାଇନା), ୧୮।୫(ପି.ଟି.):** ଚାଇନାର ନାନ୍ଜିଙ୍ଗଠାରେ ରବିବାରଠାରୁ ସୁଦିରମାନ କପ୍‌ର ୧୬ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଭାରତର ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ, କିଡାମ୍ବୀ ଶ୍ରୀକାନ୍ତଙ୍କ ପରି ଟପ୍ ଶଟ୍‌ଲରଙ୍କୁ ନେଇ ଗଠିତ ଭାରତୀୟ ଦଳ ଏହି ସମ୍ମାନଜନକ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଭାରତ ଏଠାରେ ୨୦୧୧ ଓ ୨୦୧୭ ସଂସ୍କରଣରେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପ୍ରବେଶ କରିବାରେ ସଫଳ ହୋଇଥିଲା। ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରେ ଭାରତ ପଦକ ସମ୍ଭାବନା ରହିଛି। ଏହି ଟିମ୍‌ରେ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ବିଜୟିନୀ ସିନ୍ଧୁ, ଚଳିତ ବର୍ଷ ଇଣ୍ଡୋନେସିଆ ମାଷ୍ଟର୍ସ ଚାମ୍ପିୟନ ହୋଇଥିବା ସାଇନା, ଇଣ୍ଡିଆ ଓପନ୍ ଫାଇନାଲରେ ପ୍ରବେଶ କରିଥିବା ଶ୍ରୀକାନ୍ତ ଓ ୱାର୍ଲ୍ଡ୍ସ ଟୁର୍ ଫାଇନାଲ୍ସ ସେମିଫାଇନାଲିଷ୍ଟ ସମୀର ବର୍ମାଙ୍କ ପରି ପ୍ରମୁଖ ଖେଳାଳି ରହୁଥିବାରୁ ଭାରତ ନିକଟରେ ସୁଯୋଗ ରହିଛି। ଭାରତ ଏହାର ପ୍ରଥମ ମୁକାବିଲାରେ ସୋମବାର ମାଲେସିଆକୁ ଭେଟିବ। ଏହା ପରଦିନ ୧୦ଥର ଚାମ୍ପିୟନ ଚାଇନା ସହିତ ଭାରତ ମୁକାବିଲା କରିବ। ୧୩ ସଦସ୍ୟଙ୍କୁ ନେଇ ଗଠିତ ଭାରତୀୟ ଦଳ ଟୁର୍ନାମେଣ୍ଟରେ ୮ମ ସିଡ୍ ମାନ୍ୟତା ପାଇଛି। ଅପରପକ୍ଷରେ ବିଶ୍ୱର ଏକ ନମ୍ବର ଖେଳାଳି ଲି ଚୋଙ୍ଗ୍‌ଙ୍କ ବିନା ଏହି ପ୍ରତିଯୋଗିତାକୁ ଖେଳିବାକୁ ଆସିଥିବା ମାଲେସିଆ ଚାପରେ ରହିଛି।

# ସିରିଜ୍ କବ୍‌ଜା କଲା ଇଂଲଣ୍ଡ



ଶତକ ହାସଲ ପରେ ଜାସନ ରୟ।

**ନଟିଂହାମ,୧୮।୫**

ଏଠାରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ୪ର୍ଥ ମ୍ୟାଚ୍‌ରେ ଇଂଲଣ୍ଡ ଦଳ ୩ ଉଇକେଟରେ ବିଜୟ ହାସଲ କରିଛି। ଏଥିସହ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ଇଂଲଣ୍ଡ ଦଳ ୩–୦ ବ୍ୟବଧାନରେ ଜିତି ନେଇଛି। ତେବେ ସିରିଜର ପୂର୍ବ ଦୁଇ ମ୍ୟାଚ୍ ଭଳି ଏଥିରେ ମଧ୍ୟ ଉଭୟ ଇନିଂସରେ ବୃହତ୍ ଦଳଗତ ସ୍କୋର ଦେଖିବାକୁ ମିଳିଥିଲା। ପାକିସ୍ତାନ ଦଳ ପକ୍ଷରୁ ଧାର୍ଯ୍ୟ ୩୪୧ ରନ୍‌ର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଅନ୍ତିମ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୩୪୦ ରନ୍ କରିଥିଲା। ଦଳ ପାଇଁ ବାବର ଆଜାମ ୧୧୫ ରନ୍ କରିଥିବାବେଳେ ମହମ୍ମଦ ହାଫିଜ ୫୯ ଓ ଫକର ଜାମନ ୫୭ ରନ୍‌ର ଉପଯୋଗୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଘରୋଇ ଦଳ ପକ୍ଷରୁ ଟମ କୁରାନ ୪ ଓ ମାର୍କ ଉଡ ୨ ଉଇକେଟ ନେଇଥିଲେ। ଜବାବରେ ଜାସନ ରୟଙ୍କ ବିସ୍ଫୋରକ ୧୧୪ ଓ ବେନ ଷ୍ଟୋକ୍ସଙ୍କ ଧୈର୍ଯ୍ୟପୂର୍ଣ୍ଣ ୭୧ ରନ୍‌ର ଇନିଂସ ଯୋଗୁ ଇଂଲଣ୍ଡ ୪୯.୩ ଓଭରରେ ୭ ଉଇକେଟ ହରାଇ ୩୪୧ ରନ୍ କରି ମ୍ୟାଚ୍ ଜିତିନେଇଥିଲା। ଦଳ ପାଇଁ ଜେମ୍ସ ଭିନ୍ସ ୪୩, ଜୋ ରୁଟ୍ ୩୬ ଓ କୁରାନ ୩୧ ରନ୍ କରିଥିଲେ। ଭ୍ରମଣକାରୀ ପାକିସ୍ତାନ ଲାଗି ବୋଲିଂରେ ମହମ୍ମଦ ହାସନାନ ଓ ଇମାଦ ୱାସିମ ୨ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- ପାକିସ୍ତାନ- ୫୦ ଓଭର, ୩୪୦/୭ (ବାବର ୧୧୫, ହାଫିଜ ୫୯ ଓ ଫାଖର ୫୭, କୁରାନ ୪/୭୫, ଉଡ୍ ୨/୭୧)।
- ଇଂଲଣ୍ଡ- ୪୯.୩ ଓଭରରେ ୩୪୧/୭ (ରୟ ୧୧୪, ଷ୍ଟୋକ୍ସ ୭୧, ଭିନ୍ସ ୪୩, ଇମାଦ ୨/୬୩, ହାସନାନ ୨/୮୦)।

## ପାକିସ୍ତାନ ବିଶ୍ୱର ପ୍ରଥମ ଟିମ୍

ବିଶ୍ୱର ପ୍ରଥମ ଟିମ୍ ଭାବେ ପାକିସ୍ତାନ ଲଗାତର ୩ଟି ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ୩୪୦ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ରନ କରିବାର ରେକର୍ଡ ସ୍ଥାପନ କରିଛି। ଏଠାରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଅନୁଷ୍ଠିତ ୪ର୍ଥ ଦିନିକିଆ ମ୍ୟାଚ୍ ଅବସରରେ ପାକିସ୍ତାନ ଏହି କୀର୍ତ୍ତିମାନ କରିଛି। ତେବେ ଏହାର କିଛି ଘଣ୍ଟା ପରେ ଇଂଲଣ୍ଡ ବିଶ୍ୱର ୨ୟ ଦଳ ଭାବେ ଏହି ରେକର୍ଡର ଅଧିକାରୀ ହୋଇଛି। ବିଶାଳ ସ୍କୋର କରିଥିଲେ ମଧ୍ୟ ପାକିସ୍ତାନ ସିରିଜକୁ ଆଗୁଆ ୦–୩ରେ ହାରିସାରିଛି।

ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଏହାପରେ ୨ୟ ଦିନିକିଆରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୩୭୩/୩ ରନ କରିଥିବାବେଳେ ପାକିସ୍ତାନ ୩୬୧/୭ ରନରେ ଅଟକିଯାଇଥିଲା। ଦ୍ୱିତୀୟ ଦିନିକିଆରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ୍‌ରେ ୩୫୮ ରନ କରିଥିଲା। କିନ୍ତୁ ଘରୋଇ ଇଂଲଣ୍ଡ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଚତୁର୍ଥ ଦିନିକିଆରେ ମଧ୍ୟ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୭ ଉଇକେଟ୍‌ରେ ୩୪୦ ରନ କରିଥିଲା। ଓପନର ଜାସନ ରୟଙ୍କ ଶତକ ବଳରେ ଇଂଲଣ୍ଡ ୩ ଉଇକେଟ୍‌ରେ ମ୍ୟାଚ୍ ଜିତି ସିରିଜ କବ୍‌ଜା କରିନେଇଥିଲା। ସିରିଜର ଅନ୍ତିମ ମ୍ୟାଚ୍ ରବିବାର ଲିଡ୍ସରେ ଖେଳାଯିବ।

# ସର୍ତ୍ତରେ ହରଭଜନଙ୍କୁ ହରାଇଲେ ଅଂଶୁମାନ ରଥ



ଅଂଶୁମାନ ରଥ।

**ନୂଆଦିଲ୍ଲୀ, ୧୮।୫:** ହଂକଂ କ୍ରିକେଟ ଦଳର ଅଧିନାୟକ ତଥା ଓଡ଼ିଆ କ୍ରିକେଟର ଅଂଶୁମାନ ରଥ ଏକ ସର୍ତ୍ତରେ ଭେଟେରାନ ଭାରତୀୟ ଅଫ୍ ସ୍ପିନର ହରଭଜନ ସିଂଙ୍କୁ ହରାଇ ଦେଇଛନ୍ତି। ଏଥିସହ ଅଂଶୁମାନ ସର୍ତ୍ତ ବାବଦରେ ରଖାଯାଇଥିବା ୧୦୦ ଟଙ୍କା ଦେବାକୁ ହରଭଜନଙ୍କୁ କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ନିକଟରେ ଚେନ୍ନାଇ ସୁପର୍ କିଙ୍ଗ୍ସର ଦୁଇ ବରିଷ୍ଠ ଖେଳାଳି ହରଭଜନ ଓ ଅଲ୍‌ରାଉଣ୍ଡର କେଦାର ଯାଦବ ଏକ ଟିଭି ଶୋ 'ହ୍ୱାଟ୍ ଦି ଡକ୍'ରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କେଦାରଙ୍କ ସହ ଏକ ଫଟୋ ଉଠାଇ ହରଭଜନ ଏହାକୁ ନିଜ ଟ୍ୱିଟର୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏଥିସହ ମଜାରେ ଉଲ୍ଲେଖ କରିଥିଲେ ଯେ, ଯେଉଁ ଖେଳାଳି କେଦାରଙ୍କ ବଲ୍‌କୁ ବ୍ୟାକ୍ ଫୁଟ୍‌ରେ ଛକା ମାରିବ ସେ ତାଙ୍କୁ ୧୦୦ ଟଙ୍କା ଦେବେ। ଏହି ଶୋ'କୁ ଦେଖୁଥିବା ୨୧ ବର୍ଷୀୟ ଅଂଶୁମାନ ସଙ୍ଗେ ସଙ୍ଗେ ୨୦୧୮ ଏସିଆ କପ୍‌ରେ ଭାରତ ଓ ହଂକଂ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଏକ ଭିଡିଓକୁ ହରଭଜନଙ୍କ ଆକାଉଣ୍ଟରେ ଶେୟାର କରିଥିଲେ। ଯେଉଁଥିରେ କେଦାରଙ୍କ ବଲକୁ ବ୍ୟାକ୍‌ଫୁଟ୍‌ରେ ଅଂଶୁମାନ ଛକା ମାରିଥିବାର ଦେଖିବାକୁ ମିଳିଥିଲା। ଭିଡିଓ ସହିତ ଅଂଶୁମାନ ଲେଖିଥିଲେ 'ହରଭଜନ ସିଂ ମୋତେ ଲାଗୁଛି ଆପଣଙ୍କ ପାଖରେ ମୋର ୧୦୦ ଟଙ୍କା ଧାର ରହିଲା। ରମିଜ୍ ରାଜା ଓ କେଭିନ ପିଟରସନ ଏହାର ସାକ୍ଷୀ ରହିଛନ୍ତି'। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ବାସିନ୍ଦା ଅଂଶୁମାନ ଗତବର୍ଷ ଏସିଆ କପ୍‌ର ଏହି ରୋମାଞ୍ଚକ ମ୍ୟାଚ୍‌ରେ ୭୩ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ କେଦାରଙ୍କୁ ମଧ୍ୟ ଏକ ଛକା ମାରିଥିଲେ। କିନ୍ତୁ ହଂକଂ ମାତ୍ର ୨୬ ରନରେ ଏହି ମ୍ୟାଚ୍‌ରେ ଭାରତ ନିକଟରୁ ପରାସ୍ତ ହୋଇଥିଲା।

## କୋଲମ୍ୟାନଙ୍କୁ ପଛରେ ପକାଇଲେ ଲାଇଲ୍ସ

**ସାଂଘାଇ, ୧୮।୫ (ଏଏଫ୍‌ପି):** ନୋଆ ଲାଇଲ୍ସ ଏଠାରେ ଚାଲିଥିବା ସାଂଘାଇ ଡାଇମଣ୍ଡ ଲିଗ୍ ୧୦୦ ମିଟର ରେସ୍ ଜିତିଛନ୍ତି। ଆମେରିକାର ଖ୍ରିଷ୍ଟିଆନ କୋଲମ୍ୟାନଙ୍କୁ ୦.୦୦୬ ସେକେଣ୍ଡ ବ୍ୟବଧାନରେ ପଛରେ ପକାଇ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଲାଇଲ୍ସ ୯.୮୬ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ, ଯାହାକି ଚଳିତ ବର୍ଷର ଶ୍ରେଷ୍ଠ ଏବଂ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ। ଆଗକୁ ବିଶ୍ୱ ଚାମ୍ପିୟନଶିପ୍ ଏବଂ ଟୋକିଓ ଅଲିମ୍ପିକ୍ସରେ ତାଙ୍କଠାରୁ ଭଲ ଆଶା କରାଯାଉଛି। ୨୧ ବର୍ଷୀୟ ନାଇଲ୍ସ ନୂଆପୀଢି ଆମେରିକୀୟ ସ୍ପ୍ରିଣ୍ଟରମାନଙ୍କ ମଧ୍ୟରେ ଅନ୍ୟତମ ରେସ୍‌ରେ ଦକ୍ଷିଣ ଆଫ୍ରିକାର ଆକାନି ସିମ୍ବିନେ ତୃତୀୟ ଏବଂ ଗତବର୍ଷର ସାଂଘାଇ ବିଜେତା ବ୍ରିଟେନର ରିସେ ପ୍ରେସ୍‌କୋଡ୍ ଚତୁର୍ଥ ହୋଇଥିଲେ।

# ଫାଇନାଲରେ କୋଣ୍ଟା



**ରୋମ୍, ୧୮।୫ (ଏଏଫ୍‌ପି)**

କିକି ବର୍ଟେନ୍ସଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ସହ ବ୍ରିଟେନ୍‌ର ଜୋହାନା କୋଣ୍ଟା ଇଟାଲିଆନ ଓପନ୍ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୪୨ ର୍‍ୟାଙ୍କିଙ୍ଗପ୍ରାପ୍ତ କୋଣ୍ଟା ପ୍ରଥମ ସେଟ୍‌ରେ ୫–୭ ପଛୁଆ ରହିବା ପରେ ପରବର୍ତ୍ତୀ ଦୁଇ ସେଟ୍ ୭–୫, ୬–୨ରେ ଗତ ସପ୍ତାହରେ ମାଡ୍ରିଡ୍ ଓପନ ଜିତିଥିବା ବର୍ଟେନ୍ସଙ୍କୁ ହରାଇ ଦେଇଥିଲେ। ଶୁକ୍ରବାର ହାତରେ ଆଘାତପ୍ରାପ୍ତ ଯୋଗୁ ବିଶ୍ୱର ନମ୍ବର ୱାନ ଖେଳାଳି ଜାପାନର ନାଓମି ଓସାକା କ୍ୱାର୍ଟର ଫାଇନାଲରୁ ଓହରିଯିବା ଫଳରେ ଡଚ୍ ମହିଳା ଖେଳାଳି ବର୍ଟେନ୍ସ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। କୋଣ୍ଟା ଫାଇନାଲରେ ଚେକ୍ ରିପବ୍ଲିକର ଚତୁର୍ଥ ସିଡ୍ କାରୋଲିନା ପ୍ଲିସ୍‌କୋଭା କିମ୍ବା ଗ୍ରୀକ୍ କ୍ୱାଲିଫାୟର ମାରିଆ ସାକାରିଙ୍କୁ ଭେଟିବେ।

# ସୋମବାରଠାରୁ କୋରିଆ ବିପକ୍ଷ ସିରିଜ

**ବେଙ୍ଗାଲୁରୁ, ୧୮।୫ (ପି.ଟି.)**



କୋରିଆ ବିପକ୍ଷ ସିରିଜ ଲାଗି ମନୋନୀତ ଭାରତୀୟ ମହିଳା ହକି ଦଳ।

ଭାରତୀୟ ମହିଳା ହକି ଦଳ କୋରିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ସୋମବାର ଜିନ୍‌ଚୁନ୍‌ଠାରେ ପ୍ରଥମ ମ୍ୟାଚ ଖେଳାଯିବ। ଦଳ ଶନିବାର ସକାଳେ କୋରିଆ ଅଭିମୁଖେ ଯାତ୍ରା କରିଛି। ଏହି ସିରିଜ ସଂଘର୍ଷପୂର୍ଣ୍ଣ ହେବ ବୋଲି ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ ଆଶା ପ୍ରକାଶ କରିଛନ୍ତି। କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ପୂର୍ବରୁ ମାଲେସିଆ ସିରିଜରେ ଖେଳିପାରି ନ ଥିଲେ। ସେହିପରି ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ପାଇଁ ଡ୍ରାଗ୍ ଫ୍ଲିକର ଗୁରଜିତ୍ କୌର ମଧ୍ୟ ଏହି ସିରିଜରେ ସାମିଲ ହୋଇ ପାରି ନ ଥିଲେ। ଆଗକୁ ହିରୋସିମାରେ ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରସ୍ତୁତି କ୍ଷେତ୍ରରେ ଏହି ସିରିଜ ବେଶ୍ ଉପଯୋଗୀ ହେବ ବୋଲି ରାଣୀ ପ୍ରକାଶ କରିଛନ୍ତି। ରିହାବିଲିଟେଶନରୁ ଫେରିଥିବାରୁ ଏହି ସିରିଜ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଗୁରଜିତ୍ କହିଛନ୍ତି। ଅନ୍ୟପକ୍ଷରେ ରାଣୀ କହିଛନ୍ତି, ନିକଟରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପରେ ଆମକୁ ସର୍କଲ ଭିତରେ କିପରି ବିବିଧତା ସୃଷ୍ଟି କରାଯାଇପାରିବ ସେ ନେଇ ତାଲିମ ପ୍ରଦାନ କରାଯାଇଛି। ଏହି ପଦ୍ଧତିକୁ ଆମେ କୋରିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଚେଷ୍ଟା କରି ଦେଖିବୁ। ମହିଳା ସିରିଜ ଫାଇନାଲ୍ସ ହିରୋସିମା ୨୦୧୯ ଆସନ୍ତା ମାସ ୧୫ରୁ ୨୩ ତାରଖ ପର୍ଯ୍ୟନ୍ତ ଖେଳାଯିବ। ଚଳିତ ବର୍ଷ ଆରମ୍ଭ ଜାନୁୟାରୀ–ଫେବୃୟାରୀରେ ଭାରତୀୟ ଦଳ ସ୍ପେନ ଗସ୍ତ କରିଥିଲା। ସେଠାରେ ଦଳ ଆୟୋଜକ ଦେଶ ବ୍ୟତୀତ ଆୟର୍ଲାଣ୍ଡ ବିପକ୍ଷରେ ଖେଳିଥିଲା। ଭାରତ ଦୁଇଟି ମ୍ୟାଚରେ ବିଜୟ ଲାଭ କରିଥିବାବେଳେ ତିନୋଟି ଡ୍ର ରଖିବାରେ ସକ୍ଷମ ହୋଇଥିଲା ଏବଂ ଗୋଟିଏ ମ୍ୟାଚରେ ପରାଜିତ ହୋଇଥିଲା।

# ଅଂଶୁ କୁମାର ରନର୍ସଅପ୍

**ଭୁବନେଶ୍ୱର, ୧୮।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସୋର୍ଟ୍ସ ଟେନିସ୍ କମ୍ପ୍ଲେକ୍ସଠାରେ ଗୁରୁକୁଳ ଏଆଇଟିଏ–ଓଟିଏ ପୁରୁଷ ୧ ଲକ୍ଷ ଟେନିସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟପ୍ ସିଡ, ଅଲ୍ ଇଣ୍ଡିଆ ୨୭ ର୍‍ୟାଙ୍କିଙ୍ଗପ୍ରାପ୍ତ ଓଡ଼ିଶାର ଅଂଶୁ କୁମାର ଭୂୟାଁ ରନର୍ସଅପ୍ ହୋଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ କ୍ୱାଲିଫାୟର ତଥା ତେଲେଙ୍ଗାନାର ଜି. ସାଇ କାର୍ତ୍ତିକ ରେଡ୍ଡୀଙ୍କଠାରୁ ୩–୬, ୩–୬ ସିଧାସଳଖ ସେଟ୍‌ରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ଅଂଶୁ କୁମାର ଏବଂ ତାଙ୍କ ପାର୍ଟନର କବୀର ହଂସ ଡବଲ୍ସ ଟାଇଟଲ ଜିତିବାରେ ସଫଳ ହୋଇପାରିଛନ୍ତି। ଏହି ଯୋଡ଼ି ଟପ୍ ସିଡ୍ ସିଦ୍ଧାର୍ଥ ଆର୍ଯ୍ୟ (ତାମିଲନାଡୁ) ଏବଂ ତାଙ୍କ ପାର୍ଟନର ଭିଲାସିର୍ ଖାଟେ (ହରିୟାଣା)ଙ୍କୁ ଏକ ରୋମାଞ୍ଚକ ଡବଲ୍ସ ଫାଇନାଲରେ ୭–୫, ୪–୬ (୧୦–୪)ରେ ହରାଇ ଦେଇଥିଲେ।




ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରାୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ରାଜ୍ୟର ମୋଟ ୫୨ ଖେଳାଳି ଅଂଶଗ୍ରହଣ କରିଥିଲେ। ଶନିବାର ଉଦ୍‌ଯାପନୀ ଉତ୍ସବରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଫାଇନାଲିଷ୍ଟଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ରେଫରି ଯତୀନ ବସ୍ୟ, ମ୍ୟାନେଜର ଓଟିଏ ପ୍ରକାଶ ପଟ୍ଟନାୟକ ଏବଂ ଗୁରୁକୁଳ ରିସୋର୍ଟ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ସିଙ୍ଗଲ୍ସ ବିଜେତା ଓ ରନର୍ସଅପ୍ ଯଥାକ୍ରମେ ୧୨,୫୦୦ ଓ ୮,୪୦୦ ଟଙ୍କା ସହିତ ୨୦ ଓ ୧୫ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିପାରିଛନ୍ତି। ସେହିପରି ଡବଲ୍ସ ଚାମ୍ପିୟନ ଓ ରନର୍ସଅପ୍ ଯଥାକ୍ରମେ ୧୫ ଓ ୧୦ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ସହ ଯଥାକ୍ରମେ ୬,୨୦୦ ଓ ୩,୮୦୦ ଟଙ୍କା ଆର୍ଥିକ ପୁରସ୍କାର ପାଇଥିଲେ।

## ସେମିରେ ନାଡାଲ, ଜୋକୋଭିଚ୍

**ରୋମ,୧୮।୫ (ଏଏଫ୍‌ପି)**

ବିଶ୍ୱର ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି ନୋଭାକ ଜୋକୋଭିଚ୍ ଓ ୮ ଥର ଚାମ୍ପିୟନ ରାଫାଲ ନାଡାଲ ଏଠାରେ ଚାଲିଥିବା ଇଟାଲିଆନ ଓପନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ୩ ସେଟ୍ ବିଶିଷ୍ଟ କ୍ୱାର୍ଟର ଫାଇନାଲରେ ୟୁଏସ୍ ଚାମ୍ପିୟନ ଜୁଆନ ମାର୍ଟିନ ଡେଲ ପୋର୍ଟୋଙ୍କୁ ହରାଇ ଦେଇଛନ୍ତି। ଶୀର୍ଷ ସିଡ୍ ଜୋକୋଭିଚ୍ ୪–୬, ୭(୮)–୬, ୬–୪ ସେଟ୍‌ରେ ମ୍ୟାଚ୍ ଜିତିଛନ୍ତି। ଜିତିବା ପାଇଁ ତାଙ୍କୁ ୩ ଘଣ୍ଟା ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ୩୨ ବର୍ଷୀୟ ନାଡାଲ ୬–୪, ୬–୦ ସେଟ୍‌ରେ ଫର୍ନାଣ୍ଡୋ ଭର୍ଡାସ୍କୋଙ୍କୁ ହରାଇ ଦେଇଛନ୍ତି। ୧୭ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ଫାଇନାଲ ପାଇଁ ଗ୍ରୀସର ଉଦୀୟମାନ ଖେଳାଳି ଷ୍ଟିଫାନସ ଟିସିତ୍‌ସିପାସ୍‌ଙ୍କ ସହ ମୁକାବିଲା କରିବେ। ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ୩୧ ବର୍ଷୀୟ ଜୋକୋଭିଚ୍ ଆର୍ଜେଣ୍ଟିନାର ଡିଏଗୋ ସ୍କୱାର୍ଟଜମ୍ୟାନଙ୍କୁ ଭେଟିବେ।



କ୍ୱାର୍ଟର ଫାଇନାଲରେ ବିଜୟ ହାସଲ ପରେ ନୋଭାକ ଜୋକୋଭିଚ୍।

DSPL - 15

“ଫୋନି” ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା



- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
- ସାପ କାମୁଡ଼ିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0011/1920

## ସଂକ୍ଷେପରେ

### ବିସିସିଆଇ ନିୟମ ଭାଙ୍ଗିଛନ୍ତି ଇର୍ଫାନ



**ମୁମ୍ବାଇ,୧୮।୫:** କାରବିୟାନ ପ୍ରିମିୟର ଲିଗ୍ (ସିପିଏଲ)ରେ ଖେଳିବା ପାଇଁ ଉପଲବ୍ଧ ଥିବା ଦର୍ଶାଇବା ଭାରତୀୟ ଅଲରାଉଣ୍ଡର ଇର୍ଫାନ ପଠାନଙ୍କୁ ବିଚିତ୍ର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଦେଶ ଲିଗ୍‌ରେ ଖେଳିବା ଲାଗି ବ୍ୟାକୁଳ ହେଉଥିବା ପଠାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନିୟମ ଭଙ୍ଗ କରିଛନ୍ତି। ସେ ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଓ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇ ନାହାନ୍ତି। ଏହାସତ୍ତ୍ୱେ ସିପିଏଲ ପାଇଁ ନାମ ପଠାଇ ଇର୍ଫାନ ଅଡୁଆରେ ପଡ଼ିଛନ୍ତି। ବିସିସିଆଇର ନିୟମ ଅନୁଯାୟୀ ଜଣେ ଖେଳାଳି ସମସ୍ତ ପ୍ରକାର ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରୁ ଅସବର ନେବା ପରେ ହିଁ ବିଦେଶୀ ଲିଗ୍ ଖେଳିପାରିବ। ପଠାନଙ୍କୁ ଗତ ଦୁଇ ବର୍ଷ ହେଲା କୌଣସି ଆଇପିଏଲ ଫ୍ରାଞ୍ଚାଇଜ କିଣୁ ନାହାନ୍ତି। ପୂର୍ବରୁ ବରୋଦା କ୍ରିକେଟର ବିସିସିଆଇର ଜଣେ ସିନିୟର ଅଫିସିଆଲଙ୍କ ସହ ପରାମର୍ଶ କରିଥିଲେ। ଏଥିରୁ ଜଣାପଡୁଛି, ଇର୍ଫାନ ଭୁଲ ପରାମର୍ଶର ଶୀକାର ହୋଇଛନ୍ତି। ଏବେ ପ୍ରଶ୍ନ ହେଉଛି, ପଠାନଙ୍କୁ ସିପିଏଲ ଡ୍ରାଫ୍ଟ ପାଇଁ ନାମ ପଠାଇବାକୁ କିଏ ପରାମର୍ଶ ଦେଇଥିଲା। ଏହାର ଉତ୍ତର ବିନୋଦ ରାଇ କିମ୍ବା ଡାଇନା ଇଡୁଲଜି ଦେଇପାରିବେ। ଉଲ୍ଲେଖଥାଉ କି, ସିପିଏଲ ଆଗାମୀ ସଂସ୍କରଣ ପାଇଁ ୫୩୬ କ୍ରିକେଟର ଉପଲବ୍ଧ ଥିବା ଦର୍ଶାଇଛନ୍ତି। ଏଥିରେ ପଠାନ କେବଳ ଏକମାତ୍ର ଭାରତୀୟ।

# କୋହଲିଙ୍କ ଲାଗି ନେତୃତ୍ୱର ପରୀକ୍ଷା

ନୂଆଦିଲ୍ଲୀ,୧୮।୫(ପି.ଟି.)



ବିରାଟ କୋହଲି ବିଶ୍ୱ କ୍ରିକେଟରେ ସୁପରଷ୍ଟାର ମାନ୍ୟତା ପାଇଛନ୍ତି। ବ୍ୟାଟିଂରେ କ୍ରମାଗତଭାବେ ସ୍ଥିର ପ୍ରଦର୍ଶନ କରି ସେ ଜଣେ ମହାନ୍ ବ୍ୟାଟ୍ସମ୍ୟାନର ମାନ୍ୟତା ମଧ୍ୟ ପାଇସାରିଛନ୍ତି। କିନ୍ତୁ ଆଉ କିଛି ଦିନ ପରେ ଇଂଲଣ୍ଡରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱକପ୍‌ରେ କୋହଲିଙ୍କ ସମ୍ମୁଖରେ ଏକ ଭିନ୍ନ ଧରଣର ପରୀକ୍ଷା ଅପେକ୍ଷା କରି ରହିଛି। ନିଜ ନେତୃତ୍ୱ ଓ ପଡିଆରେ ସାମରିକ କୌଶଳକୁ କିପର କାର୍ଯ୍ୟକାରୀ କରିବା ନେଇ ସେ ପରୀକ୍ଷାର ସମ୍ମୁଖୀନ ହେବେ।

ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଭାରତୀୟ ଅଧିନାୟକ ଭାବେ କୋହଲି ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିଥିଲେ। କିନ୍ତୁ ବିଶ୍ୱକପ୍‌ରେ କଥା ଟିକିଏ ଅଲଗା। ତାଙ୍କୁ ବିଶେଷ ରଣନୀତି ସହ ପଡିଆକୁ ଓହ୍ଲାଇବାକୁ ହେବ। ୪ ନମ୍ବରରେ କିଏ ବ୍ୟାଟିଂ କରିବେ ତାହା ଏକ ବଡ଼ ପ୍ରଶ୍ନ। ପୁଣି ଦଳରେ ଜଣେ ତୃତୀୟ ଦ୍ରୁତ ବୋଲରକୁ ନିଆଯିବା ଠିକ୍ ହେବ ନା ଜଣେ ଅତିରିକ୍ତ ଅଲରାଉଣ୍ଡରଙ୍କୁ ଖେଳାଯିବ? ବିଶ୍ୱକପ୍‌ରେ କୋହଲି କେବଳ ଜଣେ ବ୍ୟାଟ୍ସମ୍ୟାନ ଭାବେ ନୁହେଁ ଜଣେ ଅଧିନାୟକ ଭାବେ ସାରା ବିଶ୍ୱ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ। ତେବେ ସେ କେତେ ସଫଳ ବା ବିଫଳ ହେଉଛନ୍ତି ତାହା ଅବଶ୍ୟ ପରେ ଜଣାପଡିବ। ବିଶ୍ୱକପ୍ ଜିତିଲେ କୋହଲିଙ୍କ ପାଇଁ ନିଶ୍ଚିତ ଭାବେ ସ୍ୱତନ୍ତ୍ର ହେବ। ଏହି ମେଗା ଇଭେଣ୍ଟରେ ତାଙ୍କର ବୁଦ୍ଧିର ପରୀକ୍ଷା ହେବ। ୭ ସପ୍ତାହଧାରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ କୋହଲି ୧୧,୦୦୦ ରନ ପାର କରିବା ଆଶା ମଧ୍ୟ କରାଯାଉଛି। ଏପର୍ଯ୍ୟନ୍ତ ସେ ୪୧ଟି ଶତକ ହାସଲ କରିଛନ୍ତି। ଆଉ କେତୋଟି ଶତକ ହାସଲ କରି ସେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ରେକର୍ଡର ସେ ସମକକ୍ଷ ହେବେ। ଇଂଲଣ୍ଡର ପିଚ୍‌ଗୁଡିକ ଫ୍ଲାଟ ରହିଛି। ତେଣୁ ପ୍ରାୟ ସବୁ ମ୍ୟାଚ୍ ହାଇସ୍କୋରିଂ ହେବ ବୋଲି ଆଶାକରାଯାଉଛି। ତାରକା ଓପନର ତଥା ଉପଅଧିନାୟକ ରୋହିତ ଶର୍ମା ମଧ୍ୟ ନିଜ ଦମ୍ ଦେଖାଇବାର ଭରପୂର ସୁଯୋଗ ହାସଲ କରିବେ। ସେ ୩ଟି ଦ୍ୱିଶତକ ହାସଲ କରିଥିବା ବେଳେ ଆଉ କେତୋଟି ଶତକ ଓ ଏକ ଦ୍ୱିଶତକ ହାସଲ କରିବେ ବୋଲି ଆଶା କରାଯାଉଛି। ପୁଣି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଇଭେଣ୍ଟଗୁଡିକରେ ଅଭିଜ୍ଞ ଓପନର ଶିଖର ଧାୱନ ସବୁବେଳେ ଭଲ ପ୍ରଦର୍ଶନ କରିବାର ଉଦାହରଣ ରହିଛି। ସେ ପୁଣି ଏଥର ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ଟପ୍ ୩ଜଣ ବ୍ୟାଟ୍ସମ୍ୟାନ ଦମ୍‌ଦାର ପ୍ରଦର୍ଶନ କରି ଆସିଛନ୍ତି। ତେବେ ଏହା ପରେ ଟିମ୍ ଇଣ୍ଡିଆରେ ସମସ୍ୟା ଦେଖାଯାଉଛି। ଅମ୍ବାତି ରାୟୁଡୁ ଓ ରିଷଭ ପନ୍ତ ବିଶ୍ୱକପ୍ ଦଳରେ ସ୍ଥାନ ପାଇନାହାନ୍ତି। ତେଣୁ ୪ ନମ୍ବରରେ ଏହି ଦୁଇ ଖେଳାଳି ବ୍ୟାଟିଂ କରିବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ଏବେ ଏହାର ଆଉ ଆବଶ୍ୟକତା ନାହିଁ।

ଦୀନେଶ କାର୍ତ୍ତିକ ଚାପରେ ଭଲ ପ୍ରଦର୍ଶନ କରିବେ ବୋଲି ପନ୍ତଙ୍କୁ ପଛରେ ପକାଇ ତାଙ୍କୁ ଦଳରେ ନିଆଯିବା କଥା କୋହଲି ଓ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦ ପୂର୍ବରୁ କହିସାରିଛନ୍ତି। ଅଲରାଉଣ୍ଡର ବିଜୟ ଶଙ୍କର ଓ ସ୍ପେଶାଲିଷ୍ଟ ଓପନର ଲୋକେଶ ରାହୁଲଙ୍କ ଉପରେ ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରୁଛି। ଏହି ଦୁହିଁଙ୍କ ମଧ୍ୟରୁ ଜଣକୁ ୪ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ମିଳିପାରେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ପାଇଁ ଏହି ବିଶ୍ୱକପ୍ ବିଶେଷ ଭାବେ ମହତ୍ତ୍ୱ ରଖୁଛି। ସେ କ୍ୟାରିୟର ଶେଷ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ତାଙ୍କର ଷ୍ଟ୍ରାଇକରେଟ ୭୦ ଥିବା ବେଳେ ଓ ୩୫ରୁ ୫୦ ଓଭରରେ ସେ ଦ୍ରୁତ ବୋଲରଙ୍କୁ ସଫଳତାର ସହ ସାମ୍ନା କରବାକୁ ସଂଘର୍ଷ କରୁଛନ୍ତି। ତେଣୁ ତାଙ୍କ ପାଇଁ ଆଗକୁ ବଡ଼ ଚ୍ୟାଲେଞ୍ଜ ରହିଛି। ଆଇପିଏଲ୍‌ରେ ଧୋନୀ ଯୁବ ଭାରତୀୟ ବୋଲରଙ୍କୁ ସାମ୍ନା କରି ରନ ସଂଗ୍ରହ କରୁଥିଲେ। ତେବେ ବିଶ୍ୱକପ୍‌ରେ ତାଙ୍କୁ କାଗିସୋ ରାବାଡ଼ା, ପ୍ୟାଟ କମିନ୍ସ କିମ୍ବା ମହମ୍ମଦ ଆମୀରଙ୍କୁ ସାମ୍ନା କରିବାକୁ ହେବ। ୬ ନମ୍ବରରେ ଫିଟ୍ ଘୋଷିତ ହୋଇଥିବା କେଦାର ଯାଦବ ବ୍ୟାଟିଂ କରିବାକୁ ଆସିବେ। ୭ ନମ୍ବରରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟାଟିଂ କରିବେ। ଡେଥ ଓଭରରେ ବଡ଼ ଛକା ମାରିବାର କ୍ଷମତା ତାଙ୍କ ପାଖରେ ରହିଛି ଓ ସେ ଦଳ ପାଇଁ ଟୁର୍ନାମେଣ୍ଟରେ ଉପଯୋଗୀ ସାବ୍ୟସ୍ତ ହେବେ।

ଗତ ଦୁଇବର୍ଷ ହେବ ଭାରତ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲଙ୍କ ଉପରେ ଅଧିକ ନିର୍ଭରଶୀଳ ହୋଇପଡିଛି। ଏମାନେ ମଧ୍ୟ ସଫଳ ହୋଇଛନ୍ତି ଓ ବିଶ୍ୱକପ୍‌ରେ ଏହାକୁ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଗତ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜରେ ଏମାନେ ଅବଶ୍ୟ ସଫଳ ହୋଇପାରି ନ ଥିଲେ। ଆଇପିଏଲ୍‌ରେ କୁଲଦୀପ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଭାରତ ପାଇଁ ମ୍ୟାଚ୍ ୱିନର ସାବ୍ୟସ୍ତ ହେବେ। ସେହିପରି ଦ୍ରୁତ ବୋଲର ମହମ୍ମଦ ସାମି ସୁଇଂ ଓ ବୁମ୍‌ରାଙ୍କ ୟର୍କର ଡେଥ ଓଭରରେ ଭାରତ ପାଇଁ ବେଶ୍ କାମରେ ଆସିବ। ୯ଟି ଲିଗ୍ ମ୍ୟାଚ୍‌ରୁ ୬ଟିରେ ବିଜୟୀ ହେଲେ ଗୋଟିଏ ଦଳ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିପାରିବ। ତେଣୁ ଏଥିରେ ଭାରତ ଅବଶ୍ୟ ସଫଳ ହେବ ବୋଲି ଜୋର ଦେଇ କୁହାଯାଇପାରେ। ଭାରତ ମଧ୍ୟ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ସମେତ ବିଶ୍ୱକପ୍ ଫେଭରାଇଟ୍ ବିବେଚିତ ହେଉଛି।

### ବିଶ୍ୱକପ୍ ଲାଗି କେଦାର ଫିଟ୍



**ମୁମ୍ବାଇ,୧୮।୫:** ଭାରତୀୟ ଦଳର ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଓ କାମଚଳା ସ୍ପିନର କେଦାର ଯାଦବଙ୍କ ବିଶ୍ୱକପ୍‌ରେ ଖେଳିବା ନେଇ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ହୋଇଛି। ତାଙ୍କୁ ଶନିବାର ଫିଟ୍ ଘୋଷିତ କରାଯାଇଛି। ଫଳରେ ଆସନ୍ତା ୨୨ ତାରିଖରେ ବଳକା ଭାରତୀୟ ଦଳର ଖେଳାଳିଙ୍କ ସହ ଲଣ୍ଡନ ଗସ୍ତ କରିବେ ବୋଲି ସ୍ପଷ୍ଟ ହୋଇଛି। ଚେନ୍ନାଇ ସୁପର କିଙ୍ଗ୍ସର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୩୪ ବର୍ଷୀୟ ଅଲରାଉଣ୍ଡରଙ୍କ କାନ୍ଧରେ ଆଘାତ ଲାଗିଥିଲା। ଟିମ୍ ଇଣ୍ଡିଆ ଫିଜିଓ ପାର୍ଟିକ ଫରହାର୍ଟଙ୍କ ତତ୍ତ୍ୱାବଧାନରେ କେଦାର ସମ୍ପୂର୍ଣ୍ଣ ଫିଟ୍‌ନେସ ହାସଲ କରିଛନ୍ତି। ଏ ନେଇ ଫିଜିଓ ପାର୍ଟିକ ଫିଟନେସ ରିପୋର୍ଟ ଦାଖଲ କରିଛନ୍ତି। ଭାରତୀୟ ଦଳର ଫିଜିଓ ଓ କେଦାର ଗତ ସପ୍ତାହରେ ମୁମ୍ବାଇ ଏକ ପଞ୍ଚ ତାରକା ହୋଟେଲକୁ ଆସିଥିଲେ। ଏମ୍‌ସିଏର ବି.କେ.ସି. ଫାସିଲିଟରେ କିଛି ଟ୍ରେନିଂ ସେସନ ପରେ ଯାଦବ ଫିଟ୍‌ନେସ ଟେଷ୍ଟ ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ଯାଦବ ଏପର୍ଯ୍ୟନ୍ତ ୫୯ ଦିନିକିଆ ମ୍ୟାଚ୍ ଖେଳି ୪୩.୫୦ ଆଭରେଜରେ ୧୧୭୪ ରନ୍ କରିଛନ୍ତି। ତାଙ୍କ ଛୋଟିଆ କ୍ୟାରିୟରରେ ୨ ଶତକ ଓ ୫ ଅର୍ଦ୍ଧଶତକୀୟ ଇନିଂସ ରହିଛି। ବୋଲିଂରେ ମଧ ତାଙ୍କର ଦକ୍ଷତା ରହିଛି। ସେ ୩୪.୭୦ ହାରରେ ୨୭ ଉଇକେଟ ନେଇଛନ୍ତି। ଏଥିଯୋଗୁ ଭାରତୀୟ ଦଳର ସେ ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ।

# ୧୯୯୬: ସେମିରେ ଭାରତର ବିପର୍ଯ୍ୟୟ

ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କା ମିଳିତ ଭାବେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣକୁ ୧୯୯୬ରେ ଆୟୋଜନ କରିଥିଲେ। ଏଥିରେ ଶ୍ରୀଲଙ୍କା ଚାମ୍ପିୟନ ହୋଇଥିବା ବେଳେ ପାକିସ୍ତାନ କ୍ୱାର୍ଟର ଫାଇନାଲରେ ଭାରତଠାରୁ ହାରି ବିଦାୟ ନେଇଥିଲା। ସେହିପରି ଭାରତ ସେମିଫାଇନାଲରେ ଶ୍ରୀଲଙ୍କାଠାରୁ ହାରି ଦୁଃଖଦ ବିଦାୟ ନେଇଥିଲା। ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ, ଜିମ୍ବାୱେ ଓ କେନିଆ ସମେତ ଭାରତ ଗ୍ରୁପ୍ ଏ’ରେ ସ୍ଥାନ ପାଇଥିଲା। ୫ଟି ମ୍ୟାଚ୍ ଖେଳି ଭାରତ ୩ ବିଜୟ, ୨ ପରାଜୟ ୬ ପଏଣ୍ଟ ପାଇ ଗ୍ରୁପ୍‌ର ତୃତୀୟ ସ୍ଥାନରେ ରହିଥିଲା। ଅନ୍ୟପଟେ ଶ୍ରୀଲଙ୍କା ୫ଟି ମ୍ୟାଚ୍ ଖେଳି ୫ ବିଜୟ ସହ ୧୦ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହିବା ସହ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୬ ପଏଣ୍ଟ ପାଇ ଉନ୍ନତ ନେଟ୍ ରନ୍‌ରେଟ୍‌ରେ ଭାରତ ଉପରକୁ ରହି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ବିଶ୍ୱକପ୍‌ରେ ସଚିନ ତେନ୍ଦୁଲକର, ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ, ଅଜୟ ଜାଡେଜା, ନଭଜୋତ ସିଂ ସିଦ୍ଧୁ, ବିନୋଦ କାମ୍ବଲି ଓ ସଞ୍ଜୟ ମଞ୍ଜରେକରଙ୍କୁ ନେଇ ଭାରତୀୟ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ଼ଥିଲା। ସେହିପରି ଘରୋଇ ପରିବେଶରେ ଜାଭାଗାଲ ଶ୍ରୀନାଥ, ଅନିଲ କୁମ୍ବଲେ, ମନୋଜ ପ୍ରଭାକର ଓ ଭେଙ୍କଟପତି ରାଜୁଙ୍କୁ ନେଇ ଭାରତୀୟ ବୋଲିଂ ବିଭାଗ ସେତେଟା ଖରାପ୍ ମଧ ନ ଥିଲା।

କଟକର ବାରବାଟୀ ଷ୍ଟାଡିୟମରେ କେନିଆ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିଥିଲା। ଏହି ମ୍ୟାଚ୍‌ରେ ୪୯ଟି ବଲ ବାକି ରଖି ଭାରତ ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଥିଲା। ଟସ୍ ହାରି କେନିଆ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୬ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୧.୫ ଓଭରରେ ୩ ଉଇକେଟ ହରାଇ ୨୦୩ ରନ କରି ବିଜୟୀ ହୋଇଥିଲା। ଭାରତ ତରଫରୁ ତେନ୍ଦୁଲକର ୧୩୮ଟି ବଲ୍ ଖେଳି ୧୫ ଚୌକା ଓ ୧ ଛକା ସହ ୧୨୭ରନର ଅପରାଜିତ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଅଜୟ ଜାଡେଜା ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୬୨ଟି ବଲ୍ ବାକି ରଖି ୫ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୧୭୩ ରନ କରି ଅଲଆଉଟ ହୋଇଥିଲେ। ରିଚି ରିଚାର୍ଡସନ ସର୍ବାଧିକ ୪୭, ଶିବନାରାୟଣ ଚନ୍ଦରପଲ ୩୮ ରନ କରିଥିଲେ। ବୋଲିଂରେ ଭାରତ ତରଫରୁ ପ୍ରଭାକର ଓ କୁମ୍ବଲେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୩୯.୪ ଓଭରରେ ୫ ଉଇକେଟ ହରାଇ ୧୭୪ ରନ କରି ବିଜୟୀ ହୋଇଥିଲା। ତେନ୍ଦୁଲକର ସର୍ବାଧିକ ୭୦, ଆଝାରୁଦ୍ଦିନ ୩୨ ରନ କରି ଆଉଟ ହୋଇଥିବା ବେଳେ କାମ୍ବଲି ୩୩ ଓ ଉଇକେଟକିପର ନୟନ ମୋଙ୍ଗିଆ ୨୪ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ତେନ୍ଦୁଲକର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



ସେମିଫାଇନାଲରେ ଭାରତ ପରାସ୍ତ ହେବା ପରେ ଦର୍ଶକଙ୍କ ଦ୍ୱାରା ଷ୍ଟାଡ଼ିୟମ ଭଙ୍ଗାରୁଜା।

ଏହାପରେ ଭାରତ ତା’ର ତୃତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭେଟିଥିଲା। ତେବେ ଭାରତ ଏହି ମ୍ୟାଚ୍‌ରେ ମାତ୍ର ୧୬ ରନରେ ପରାସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ୫୦ ଓଭରରେ ୨୫୮ ରନ କରି ଅଲଆଉଟ ହୋଇଥିଲା। ମାର୍କ ୱ ସର୍ବାଧିକ ୧୨୬, ଅଧିନାୟକ ମାର୍କ ଟେଲର ୫୯ ରନ କରିଥିଲେ। ଭାରତ ତରଫରୁ ଭେଙ୍କଟେଶ ପ୍ରସାଦ ଓ ଭେଙ୍କଟପତି ରାଜୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୪୮ ଓଭରରେ ୨୪୨ ରନ କରି ଅଲଆଉଟ ହୋଇଥିଲା। ତେନ୍ଦୁଲକର ସର୍ବାଧିକ ୯୦, ମଞ୍ଜରେକର ୬୨, ମୋଙ୍ଗିଆ ୨୭ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆର ଡାମିଏନ ଫ୍ଲେମିଙ୍ଗ୍ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ଭାରତ ତା’ର ଚତୁର୍ଥ ମ୍ୟାଚ୍‌ରେ ଶ୍ରୀଲଙ୍କାଠାରୁ ୬ ଉଇକେଟରେ ପରାସ୍ତ ହୋଇଥିଲା। ଭାରତ ୫୦ ଓଭରରେ ୩ ଉଇକେଟ ହରାଇ ୨୭୧ ରନ କରିଥିଲା। ଦଳ ତରଫରୁ ତେନ୍ଦୁଲକର ୧୩୭ ବଲରୁ ୮ ଚୌକା ଓ ୫ ଛକା ସହ ୧୩୭ ରନ ସଂଗ୍ରହ କରିଥିଲେ। ସେହିପରି ମଞ୍ଜରେକର ୩୨ ଓ ଆଝାରୁଦ୍ଦିନ ଅପରାଜିତ ୭୨ ରନ ସଂଗ୍ରହ କରିଥିଲେ। ଜବାବରେ ଶ୍ରୀଲଙ୍କା ୪୮.୪ ଓଭରରେ ୪ ଉଇକେଟ ହରାଇ ୨୭୨ ରନ ସଂଗ୍ରହ କରିଥିଲା। ବୋଲିଂରେ ଭାରତ ତରଫରୁ କୁମ୍ବଲେ ୨, ପ୍ରସାଦ ଗୋଟିଏ ଉଇକେଟ ନେଇଥିଲେ। ଜୟସୁରିୟା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୪୦ ରନରେ ଜିମ୍ବାୱେକୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୨୪୭ ରନ କରି ଅଲଆଉଟ ହୋଇଥିଲା। ସିଦ୍ଧୁ ୮୦, କାମ୍ବଲି ୧୦୬ ରନକରି ଆଉଟ ହୋଇଥିବା ବେଳେ ଜାଡେଜା ୪୪ ରନ କରି ଅପରାଜିତ ରହିଥିଲେ। ଜବାବରେ ଜିମ୍ବାୱେ ୪୯.୪ ଓଭରରେ ୨୦୭ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା।





କ୍ୱାର୍ଟର ଫାଇନାଲରେ ଭାରତସ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ବାଙ୍ଗାଲୋରରେ ଭେଟିଥିଲା। ଏହି ହାଇଭୋଲ୍ଟେଜ ମ୍ୟାଚ୍‌ରେ ଭାରତ ୩୯ ରନରେ ପାକିସ୍ତାନକୁ ହରାଇଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୨୮୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ସିଦ୍ଧୁ ସର୍ବାଧିକ ୯୦, ତେନ୍ଦୁଲକର ୩୧, ମଞ୍ଜରେକର ୨୦, ଆଝାରୁଦ୍ଦିନ ୨୭, କାମ୍ବଲି ୨୪, ଜାଡେଜା ୨୫ ବଲରୁ ୪ ଚୌକା ଓ ୨ ଛକା ସହ ୪୫ ରନ କରିଥିଲେ। ବୋଲିଂରେ ଦଳ ତରଫରୁ ୱାକର ୟୁନିସ ଓ ମୁସ୍ତାକ ଅହମ୍ମଦ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପାକିସ୍ତାନ ୮୪ ରନରେ ପ୍ରଥମ ଉଇକେଟ ହରାଇ ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୯ ଉଇକେଟ ହରାଇ ପାକିସ୍ତାନ ୨୪୮ରେ ସୀମିତ ରହିଥିଲା। ବୋଲିଂରେ ଭାରତ ପକ୍ଷରୁ ପ୍ରସାଦ ଓ କୁମ୍ବଲେ ୩ଟି ଲେଖାଏ, ଶ୍ରୀନାଥ ଓ ରାଜୁ ଗୋଟିଏ କରି ଉଇକେଟ ଅକ୍ତିଆର କରିଥିଲେ।

ଇଡେନ ଗାର୍ଡେନରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା। ଟସ୍ ହାରି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୨୫୧ ରନ ସଂଗ୍ରହ କରିଥିଲା। ଅରବିନ୍ଦ ଡି ସଲ୍‌ଭା ୬୬, ରୋଶନ ମାହାନାମା ୫୮, ଅଧିନାୟକ ଅର୍ଜୁନ ରଣତୁଙ୍ଗା ୩୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ଶ୍ରୀନାଥ ୩, ତେନ୍ଦୁଲକର ୨ ଉଇକେଟ ପାଇଥିଲେ। ଜବାବରେ ଭାରତ ୩୪.୧ ଓଭରରେ ୮ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ଦର୍ଶକ ନିରାଶ ହୋଇ ପଡିଆ ଭିତରକୁ ବୋତଲ ଓ ଫଳ ଫୋପାଡି ଥିଲେ। ଦର୍ଶକମାନେ ଷ୍ଟାଣ୍ଡରେ ନିଆଁ ଲଗାଇ ଦେଇଥିଲେ। ଦର୍ଶକମାନେ ବେକାବୁ ହେବାରୁ ମ୍ୟାଚ୍ ସମ୍ଭବ ହୋଇ ପାରି ନ ଥିଲା। ଶେଷରେ ଶ୍ରୀଲଙ୍କାକୁ ବିଜୟୀ ଘୋଷିତ କରାଯାଇଥିଲା ଓ ଏହି ଦଳ ଫାଇନାଲରେ ପ୍ରବେଶ କରିଥିଲା। ଅରବିନ୍ଦ ଡି ସିଲଭା ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ବିଶ୍ୱକପ୍‌ରେ ସଚିନ୍ ସ୍ଥିର ପ୍ରଦର୍ଶନ କରିଥିଲେ। ସେ ୮୭.୧୬ ରନ ହାରରେ ସର୍ବାଧିକ ୫୨୩ ରନ ସଂଗ୍ରହ କରିଥିଲେ। ସେହିପରି ସ୍ପିନର କୁମ୍ବଲେ ଟୁର୍ନାମେଣ୍ଟରେ ସର୍ବାଧିକ ୧୫ଟି ଉଇକେଟ ଅକ୍ତିଆର କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ମେ ୧୯/୨୦୧୯ Sambalpur, Sunday, May 19/ 2019

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ

ବାଲିଆପାଳ, ୧୮।୫ (ଡି.ଏନ.ଏ./ସ୍ୱ.ପ୍ର.)

ବାଲିଆପାଳ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିବା ପରେ ଯୁବକଜଣକ ତାଙ୍କୁ ନୃଶଂସ ଭାବେ ହତ୍ୟା କରିବା ଲାଗି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏନେଇ ବାଲିଆପାଳ ଥାନାରେ ଏକ ମାମଲା (ନଂ. ୭୬/୧୯) ରୁଜୁ ହୋଇଛି । ସୂଚନା ଅନୁଯାୟୀ, ନାବାଳିକାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ରାତିରେ ଯୁବକଜଣକ ତାଙ୍କୁ ଘରଠାରୁ ୧୦ କି.ମି. ଦୂର ମଧୁପୁରା ପଞ୍ଚାୟତ ହାସିମପୁର ଗ୍ରାମର ଏକ ନିଛାଟିଆ ପଡିଆକୁ ନେଇଯାଇଥିଲେ। ସେଠାରେ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିବା ପରେ ଏକ ଧାରୁଆ ବ୍ଲେଡରେ ଶରୀରର ବିଭିନ୍ନ ସ୍ଥାନକୁ କାଟି କ୍ଷତବିକ୍ଷତ କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରାତି ପ୍ରାୟ ୧୧ଟା ବେଳେ ଝିଅଟିର ପାଟି ଶୁଣି ସ୍ଥାନୀୟ ଯୁବକମାନେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶନିବାର ବାଲିଆପାଳ ଚାଇଲ୍ଡ ଲାଇନ ମୁଖ୍ୟ ପ୍ରଶାନ୍ତ ରାଉତ ଏବଂ ତାଙ୍କ ସହଯୋଗୀ ଉତ୍ତମ ନାୟକ ବାଲେଶ୍ୱର ଯାଇ ସିଡବ୍ଲ୍ୟୁସିର ଚେୟାର ପର୍ସନ ଭାଗିରଥୀ ବାରିକଙ୍କ ସହିତ ବାଲେଶ୍ୱର ଜିଲାପାଳ ଓ ଏସ୍‌ପିଙ୍କୁ ଏ ବାବଦରେ ଭେଟିଛନ୍ତି।

### ■ ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉଦ୍‌ଯାପିତ

# ନୃତ୍ୟଗୀତରେ ଝୁମିଲେ ଦର୍ଶକ

ଖପ୍ରାଖୋଲ, ୧୮।୫(ଡି.ଏନ.ଏ.)



ଶଙ୍କର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପୁଣ୍ୟକ୍ଷେତ୍ର ହରିଶଙ୍କରଠାରେ ଚାଲିଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅଧ୍ୟାପକ ବଳଭଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାଟଣାଗଡ ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ସୁରେଶ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାଟଣାଗଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେହେରା, ଆଦିବାସୀ ନେତା ନିରଞ୍ଜନ ବିଶି, ଜିଲା ବୈଦ୍ୟ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସବ୍ କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଗନ୍ଧମାର୍ଦ୍ଦନ ଏବଂ ନୃସିଂହ ଚତୁର୍ଦ୍ଦଶୀ ମେଳା ଏହି ଅଞ୍ଚଳର ଶହଶହ ବର୍ଷର ଆସ୍ଥା, ବିଶ୍ୱାସର ପ୍ରତୀକ। ଶୈବ, ଶାକ୍ତ, ବୈଷ୍ଣବ ଓ ବୌଦ୍ଧ ଧର୍ମର ମିଳନସ୍ଥଳୀ ଏହି ପୁଣ୍ୟ କ୍ଷେତ୍ର ହରିଶଙ୍କର ସାରା ଦେଶରେ ବିରଳ ବୋଲି ମଞ୍ଚାସୀନ ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ପାଟଣାଗଡ ଏଡିପିଆରଓ ରୀତାକାନ୍ତି ବଳିୟାରସିଂ। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଥମ ଷ୍ଟେଜରେ ମହେଶ ଶର୍ମା ଏବଂ ଗ୍ରୁପ୍ (ଝାଡ଼ଖଣ୍ଡ) କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ପୁଷ୍ପାଞ୍ଜଳି ମହିଳା ଦଣ୍ଡନୃତ୍ୟ ପରିବେଶିତ ହୋଇଥିଲା। ସେହିପରି ଷ୍ଟେଜ ନଂ-୨ ଯାତ୍ରା ପଡିଆଠାରେ ଶଙ୍କର ବେହେରା ଓ ସାଥୀ ଲୋଇସିଂହା ଓ ଲଳିତ ଡ୍ୟାନ୍ସ ଏକାଡେମୀ ବଲାଙ୍ଗୀରର ସାଂସ୍କୃତିକ କାର୍ଯ୍ୟକ୍ରମର ନାଚଗୀତରେ ଦର୍ଶକ ନାଚି ଉଠିଥିଲେ। ପରେ ଜୟମା' ଶକ୍ତିମୟୀ ମହିଳା ଦଣ୍ଡନୃତ୍ୟ ପରିବେଶିତ ହୋଇଥିଲା। ତିନିଦିନ ଧରି ଅନୁଷ୍ଠିତ ନୃସିଂହ ଚତୁର୍ଦ୍ଦଶୀ ମେଳାର ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ପାପନାଶିନୀ ଝରଣାରେ ସ୍ନାନ କରି ହରିଶଙ୍କର ବାବାଙ୍କ ଦର୍ଶନ କରିଥିଲେ। ସେହିପରି ପାହାଡ ଚଢିବାର ନିଆରା ଅନୁଭୂତି ସମସ୍ତଙ୍କୁ ଆନନ୍ଦ ଦେଇଥିଲା । ଚଳିତ ବର୍ଷ ନିର୍ବାଚନ ଆଚରଣବିଧି ଥିବାରୁ ପ୍ରଶାସନିକସ୍ତରରେ ମେଳା ପରିଚାଳନା ପାଇଁ ଉଦାସୀନତା ଦେଖାଦେଇଥିଲେ ବି ବେଶ୍ ସୁରୁଖୁରୁରେ ମେଳା ସମାପ୍ତ ହୋଇଥିଲା। ଭିଡ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟଣାଗଡ ଏସ୍‌ଡିପିଓ ନାଏକ, ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତିଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ । ସେହିପରି ହୋମଯଜ୍ଞ ପାପନାଶିନୀ ଝରଣା କୂଳରେ ଅନୁଷ୍ଠିତ ହୋଇଥିବାବେଳେ ଶନିବାର ପୂର୍ଣ୍ଣାହୁତି ହୋଇଥିଲା । ପ୍ରଶାସନ ତରଫରୁ ପଲ୍ଲିଶ୍ରୀ ମେଳା ଆୟୋଜିତ ହୋଇଥିଲା।

ଖପ୍ରାଖୋଲ ମହାବିଦ୍ୟାଳୟର ଜୁନିୟର ରେଡକ୍ରସ୍, ବିଜୁ ଯୁବ ବାହିନୀ, ସ୍ୱେଚ୍ଛାସେବୀଙ୍କ ସହିତ ସବ୍ କମିଟି ସଭାପତି ବିପ୍ର ବିଶି, ସମ୍ପାଦକ ଶଶି ପୂଝାରୀ, ମନ୍ଦିର ପରିଚାଳକ ବେଣୁଧର ସାହୁ, ବିପିନ ପଟେଲ, ଗୁପ୍ତେଶ୍ୱର କୁଅଁର, ସାଧୁ ମେହେର, ବଳରାମ ବେହେରା, ଅଭୟ ତ୍ରିପାଠୀ, ଗଜ ନାଗ, ଇନ୍ଦ୍ର ସାହୁ, ସୁଶୀଲ ଗୁରୁ, ସରୋଜ ପାଣିଗ୍ରାହୀ, ଶତ୍ରୁଘ୍ନ ନାଏକ, ପ୍ରହଲ୍ଲାଦ ଚାନ୍ଦ ପ୍ରମୁଖ ସବ୍‌କମିଟି ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କ୍ୟାଡ଼ର ମାଓବାଦୀଙ୍କ ଆତ୍ମସମର୍ପଣ

ନୂଆପଡା ଅଫିସ,୧୮।୫

ମୈନପୁର ଡିଭିଜନର କ୍ୟାଡର ମାଓବାଦୀ ପରଶୁରାମ ଧରୁଆ ଓରଫ ମଣ୍ଟୁ(୨୮) ମୁଖ୍ୟସ୍ରୋତକୁ ଫେରିଛନ୍ତି। ଗୁରୁବାର ଜିଲା ପୋଲିସ ନିକଟରେ ସେ ଆତ୍ମସମର୍ପଣ କରିଥିବା ନୂଆପଡ଼ା ଏସ୍‌ପି ସ୍ମିତ ପରମାର ଶନିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ପୂର୍ବରୁ ୩ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ପରଶୁରାମଙ୍କ ଘର ବୋଡେନ ବ୍ଲକ ଭଇଁଷାଦାନୀ ଗ୍ରାମପଞ୍ଚାୟତର କାରିପାଣି ଗାଁରେ। ଏହି ଅବସରରେ ସେ ପୋଲିସକୁ ୧୫ ଗୁଳି ସହ ବନ୍ଧୁକ ହସ୍ତାନ୍ତର କରିଛନ୍ତି।

ପରଶୁରାମ ୨୦୧୪-୧୫ରେ ମାଓବାଦୀ ସଙ୍ଗଠନ ଆଡକୁ ଆକୃଷ୍ଟ ହୋଇ ମିଲିସିଆ ଭାବେ କାମ କରୁଥିଲେ। ପରେ ମୈନପୁର ଡିଭିଜନରେ ୨୦୧୭ରେ ଯୋଗଦେଇଥିଲେ। ସେ କ୍ୟାଡର ମାଓବାଦୀ ଅଞ୍ଜୁ, ରଞ୍ଜିତ ଏବଂ ସୀମାଙ୍କ ସହ ମିଶି ବହୁ ଆକ୍ରମଣରେ ସାମିଲ ହୋଇଥିଲେ। ରାଜ୍ୟ ସରକାର ପରଶୁରାମଙ୍କୁ ଧରାଇଦେବା ପାଇଁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଅନ୍ୟପଟେ ଅଣଓଡ଼ିଆ କ୍ୟାଡରମାନେ ଓଡ଼ିଆଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରୁଥିବାରୁ ତାଙ୍କୁ ବ୍ୟଥିତ କରିଥିଲା । ବିଭିନ୍ନ ସମୟରେ ପୋଲିସର ସଂସ୍କାରଧର୍ମୀ କାର୍ଯ୍ୟକଳାପରେ ଆକୃଷ୍ଟ ହୋଇ ସେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିବା ପରଶୁରାମ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ କ୍ୟାଡର ମାଓବାଦୀ ପରଶୁରାମ।

### ■ ଜୁଆଆଡ୍ଡା ଉପରେ ପୋଲିସର ଚଢ଼ାଉ

# ଭୟରେ ପାଣିକୁ ଡେଇଁ ଜଣେ ମୃତ

ମାଲକାନଗିରି/ବାଲିମେଳା, ୧୮।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ବାଲିମେଳା ଅଞ୍ଚଳରେ ଶନିବାର ଘଟିଛି ଏକ ଦୁଃଖଦ ଘଟଣା। ଜୁଆ ଖେଳୁଥିବାବେଳେ ପୋଲିସ ନିକଟରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଓର୍କେଲ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଚିତାପାରୀ ନିକଟସ୍ଥ ନଦୀ କୂଳରେ ୪ ଯୁବକ ଜୁଆ ଖେଳୁଥିଲେ। ଖବର ପାଇ ଓର୍କେଲ ପୋଲିସ ଜୁଆଆଡ୍ଡା ଉପରେ ଚଢାଉ କରିଥିଲା। ପୋଲିସ ଚଢାଉରେ ଭୟଭୀତ ହୋଇ ସେମାନେ ନଦୀ ଭିତରେ ପଶି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ନଦୀ ପାର ହୋଇ ଯାଇଥିଲେ। ମାତ୍ର ଜଣେ ଯୁବକ ନଦୀରେ ନିଖୋଜ ହୋଇଯାଇଥିଲେ। ତେବେ ପୋଲିସ, ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ନଦୀରେ ସମ୍ପୃକ୍ତ ଯୁବକଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ରାତିରେ ପାଇ ନ ଥିଲେ। ଶନିବାର ସକାଳୁ ସମ୍ପୃକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କ ନାମ ବିନୋଦ ଖେମୁଡୁ। ତାଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ପୋଲିସକୁ ଦାୟୀ କରିବା ସହ କ୍ଷତିପୂରଣ ଦାବି କରି ଶତାଧିକ ଲୋକ ଓର୍କେଲ ଥାନା ଘେରାଉ କରିଥିଲେ। ପୋଲିସ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ପରିବାର ତରଫରୁ କ୍ଷତିପୂରଣ ବାବଦରେ ୨୦ ଲକ୍ଷ ଟଙ୍କା, ଜଣକୁ ସରକାରୀ ଚାକିରି ଓ ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍ଧବ ନାୟକଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

# ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ବରଗଡ଼ ଅଫିସ/ବୁର୍ଲା,୧୮।୫

**ଡାକ୍ତରଖାନାରେ ଉତ୍ତେଜନା**


ରଞ୍ଜିତ ପଟ୍ଟନାୟକ।

ବରଗଡ଼ ସବ୍‌ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଚିକିତ୍ସାଧୀନ ଅବସ୍ଥାରେ ଭୀମସାର୍, ବୁର୍ଲା ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ମୃତକ ହେଲେ ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ବନ୍ଧପଡ଼ା ନିବାସୀ ବାବୁଲା ଓରଫ ରଞ୍ଜିତ ପଟ୍ଟନାୟକ (୫୨) । ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି । ଖବର ଲେଖାହେବା ବେଳକୁ (ରାତ୍ରି ୮ଟା ସୁଦ୍ଧା) ବୁର୍ଲା ଡାକ୍ତରଖାନାରେ ମୃତକଙ୍କ ପରିବାର ଲୋକେ ମୃତଦେହ ଗ୍ରହଣ କରୁ ନ ଥିବା ସୂଚନା ମିଳିଛି । ତାଙ୍କୁ ମିଥ୍ୟା ମାମଲାରେ ଗିରଫ କରାଯାଇଥିଲା ଏବଂ ଅସୁସ୍ଥତା ସତ୍ତ୍ୱେ ଉପଯୁକ୍ତ ଚିକିତ୍ସା କରାଯାଇ ନ ଥିବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏ ନେଇ ବରଗଡ଼ ସବ୍‌ଜେଲ ସୁପରିଣ୍ଟେଣ୍ଡେଣ୍ଟ ନୀଳିମା କୁଲୁ କହିଛନ୍ତି, ମୃତକ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଏହା ଜାଣିବା ପରେ ଗତ ୧୧ତାରିଖରେ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ସୂଚନାଯୋଗ୍ୟ, ମୃତକ ସ୍ଥାନୀୟ ସ୍କୁଲ ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଥିଲେ । ଏକ ଅସଦାଚରଣ ମାମଲାରେ ସେ ଗିରଫ ହୋଇଥିଲେ । ବରଗଡ଼ ଟାଉନ ଥାନା ପୋଲିସ ଦଫା ୩୪୧, ୩୫୪, ୩୫୪(ଏ), ୮/୧୦ ପକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୨୨/୧୯) ରୁଜୁ କରି ଗତ ୬ତାରିଖରେ ତାଙ୍କୁ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସେହିଦିନଠାରୁ ସେ ବରଗଡ଼ ସବ୍‌ଜେଲରେ ଥିଲେ।

# ଭୋଟ ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା

କଟକ ଅଫିସ, ୧୮।୫

**ଡିଜିପିଙ୍କ ସମୀକ୍ଷା ବୈଠକ**
- ■ ମୁତୟନ ହେବେ ୨୫୩ ପ୍ଲାଟୁନ୍ ଫୋର୍ସ
- ■ ଗଣତି କେନ୍ଦ୍ରକୁ ମୋବାଇଲ ନିଷେଧ

ଓଡ଼ିଶାରେ ସାଧାରଣ ନିର୍ବାଚନ ଶେଷ ହୋଇଥିବାବେଳେ ଆସନ୍ତା ୨୩ ତାରିଖରେ ଭୋଟ ଗଣତି ହେବ। ଏଥିପାଇଁ ଓଡ଼ିଶା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କିପରି ଶାନ୍ତିଶୃଙ୍ଖଳାର ସହ ଭୋଟ ଗଣତି ଶେଷ ହେବ ସେ ନେଇ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଶନିବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ସମୀକ୍ଷା କରିଛନ୍ତି। ଭିଡିଓ କନଫରେନ୍ସି ଯୋଗେ ଡିଜିପି ସମସ୍ତ ଆଇଜି, ଡିଆଇଜି, ଏସ୍‌ପି, କମିଶନରେଟ ପୋଲିସର କମିଶନର ଏବଂ ଡିସିପିମାନଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶାରେ ୨୧ ଲୋକ ସଭା ଏବଂ ୧୪୬ ବିଧାନସଭା ଆସନ ପାଇଁ ୬୨ଟି ସ୍ଥାନରେ ଭୋଟ ଗଣତି ହେବ। ତେବେ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଗଣତି ହେବାକୁ ଥିବା ସ୍ଥାନରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ଦାୟିତ୍ୱରେ ସେଣ୍ଟ୍ରାଲ ଆର୍ମ୍ଡ ପୋଲିସ ଫୋର୍ସ(ସିଏପିଏଫ)ର ଯବାନମାନେ ରହିବେ। ଦ୍ୱିତୀୟ ସ୍ତରରେ ଷ୍ଟେଟ ଆର୍ମ୍ଡ ପୋଲିସ ଫୋର୍ସ ଗଣତି ହେଉଥିବା ରୁମ୍ ବାହାରେ ରହିବେ। ତୃତୀୟ ସ୍ତରରେ ଜିଲାର ପୋଲିସମାନେ ଜଗି ରହିବେ। ଏଥିସହିତ ଭୋଟ ଗଣତି ହେଉଥିବା ସ୍ଥାନରେ ଭିଏଚ୍‌ଏଫ୍, ପିଏ ଏବଂ ଯୋଗାଯୋଗ କରିବା ପାଇଁ ସବୁ ବ୍ୟବସ୍ଥା କରିବାକୁ ଡିଜିପି ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଭୋଟ ଗଣତି ଶେଷ ହେବାବେଳକୁ ରାତି ହେବାର ସମ୍ଭାବନା ଥିବାରୁ ଲାଇଟ୍ ଏବଂ ପିଇବା ପାଣିର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଛି। ତେବେ ମୋଟ୍ ଉପରେ ୧୭୨ ପ୍ଲାଟୁନ ଏସ୍‌ଏପି ଏବଂ ୬୯ କମ୍ପାନୀ ସିଏପିଏଫ୍ ଯବାନ ମୁତୟନ ରହିବେ। ଆଉ ୧୨ କମ୍ପାନୀ ସିଏପିଏଫ୍ ଯବାନ ଭୋଟ ଗଣତି ପୂର୍ବରୁ ଆସିବେ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡା ଓଡ଼ିଶା ପୋଲିସ, ଓଏସ୍‌ଏପି, ଏପିଆର, ଓଏପିଏଫ୍, ହୋମଗାର୍ଡ ଏବଂ ଅନ୍ୟ ପାରା ମିଲିଟାରୀ ଫୋର୍ସ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିବେ। ତେବେ ପରିସ୍ଥିତିକୁ ଦେଖି ଏସ୍‌ପିମାନେ ଭୋଟ ଗଣତି ସ୍ଥାନରେ ଅଧିକ ଫୋର୍ସ ମୁତୟନ କରିପାରିବେ। ଭୋଟ ଗଣତି ପୂର୍ବରୁ ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ଖିଲାପ ନ ରୁହେ ସେଥିପାଇଁ ସଜାଗ ରହିବାକୁ ଡିଜିପି ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟ ଗଣତି ହେଉଥିବା ସ୍ଥାନରେ ବ୍ୟାରିକେଡ ବ୍ୟବସ୍ଥା, ଗଣତି ହେଉଥିବା ସ୍ଥାନ ଭିତରେ ଏବଂ ବାହାରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ରହିଛି। ସମସ୍ତ ଗଣତି ସ୍ଥାନରେ ଲୋକଙ୍କୁ ସୂଚନା ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି। ତେଣୁ ଆସନ୍ତା ୨୩ ତାରିଖରେ ପୋଲିସ ପାଟ୍ରୋଲିଂ ଦିନରାତି ଜାରି ରଖିବାକୁ କୁହାଯାଇଛି। ଭୋଟ ଗଣତି ହେଉଥିବା ପ୍ରକୋଷ୍ଠକୁ ମୋବାଇଲ ନିଷେଧ କରାଯାଇଥିବାବେଳେ ଭିତରକୁ ଯାଉଥିବା ସମସ୍ତଙ୍କୁ ଯାଞ୍ଚ କରିବାକୁ କୁହାଯାଇଛି। ତେବେ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଏସ୍‌ଓଜି ଯବାନମାନଙ୍କୁ ମୁତୟନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଭୋଟ ଗଣତିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭିଡିଓ ରେକର୍ଡିଂ କରିବାକୁ ନିର୍ଦ୍ଦେଶ ରହିଛି। ତେବେ ସର୍ବପ୍ରଥମେ ଇଭିଏମ୍‌ର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିବା ଡିଜିପି କହିଛନ୍ତି। ଏହି ସମୀକ୍ଷା ବୈଠକରେ ଡିଜିପିଙ୍କ ସମେତ ଓଡ଼ିଶା ପୋଲିସର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ■ ଖଲିଆପାଲିରେ ସନ୍ଥକବିଙ୍କ ଜୟନ୍ତୀ

# ଅପ୍ରକାଶିତ ପାଣ୍ଡୁଲିପିର ପ୍ରକାଶନ ଉପରେ ଗୁରୁତ୍ୱ

ସୋନପୁର,୧୮।୫(ନି.ପ୍ର.)



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

ଭୀମ ଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠ ଖଲିଆପାଲିରେ ସନ୍ଥକବିଙ୍କ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାବାଚସ୍ପତି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୀମ ଭୋଇଙ୍କ ସାହିତ୍ୟ ସାଧନା ଓ ସମାଜକୁ ତାଙ୍କର ଅବଦାନ ବିଷୟରେ ଆଲୋଚନା କରିଥିଲେ। ଡ. ଉଦ୍‌ଗାତା କହିଲେ, ଭୀମ ଭୋଇ ବିଶ୍ୱ ବିଦିତ ଶ୍ରେଷ୍ଠ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଅନ୍ୟତମ। ହେଲେ ତାଙ୍କର ସାହିତ୍ୟିକ, ଧାର୍ମିକ ଓ ଆଧ୍ୟାତ୍ମିକ କୃତିର ସୁରକ୍ଷା ସକାଶେ ସରକାର ସମୁଚିତ ଉଦ୍ୟମ କରିନାହାନ୍ତି। ତେଣୁ କବିଙ୍କ ଅପ୍ରକାଶିତ ପାଣ୍ଡୁଲିପିର ପ୍ରକାଶନ ପାଇଁ ସେ ଗୁରୁତ୍ୱ ଦେଇଥିଲେ। ଲୋକକବି ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୀମ ଭୋଇ ସମାଜର ନିଷ୍ପେଷିତ ଓ ଗରିବଙ୍କ ପାଇଁ ଲେଖନୀ ଚାଳନା କରୁଥିଲେ ବୋଲି କହିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି କବିଙ୍କୁ ମାନବବାଦୀ ଭାବେ ଅଭିହିତ କରିଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡିଆ ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ରଥ, ଗୋରେଖନାଥ ସାହୁ ଓ ନିମାଇଁ ଚରଣ ନାଏକ ଯୋଗଦେଇ ଭୀମ ଭୋଇଙ୍କ ଜୀବନି ଓ କୃତି ବିଷୟରେ ବିଶଦ ଆଲୋଚନା କରିଥିଲେ। ସୁବର୍ଣ୍ଣପୁରରେ ମହାଯୋଗୀ ସନ୍ଥକବିଙ୍କ ନାମରେ ଏକ ଗବେଷଣା କେନ୍ଦ୍ର ଓ ଅତିଥି ଭବନ ନିର୍ମାଣ ପାଇଁ ଦାବି ହୋଇଥିଲା। ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ତତ୍ତ୍ୱାବଧାରକ ଛତ୍ରଧାରୀ ଅଗ୍ରୱାଲା ସଭାପତିତ୍ୱ କରିଥିଲେ। ଏହି ଅବସରରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ ସୁବର୍ଣ୍ଣପୁରଠାରେ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତାଙ୍କ ନାମରେ ଏକ ପାଠାଗାର ପ୍ରତିଷ୍ଠା କରିବା ପାଇଁ ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ଘୋଷଣା କରିଥିଲେ। ସେଥିରେ ଉଦ୍‌ଗାତାଙ୍କ ୩୦ ହଜାର ପୁସ୍ତକ ସ୍ଥାନ ପାଇବ। ଟ୍ରଷ୍ଟର ସମ୍ପାଦକ ଜନ୍ମେଜୟ ସ୍ୱାଇଁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ବାବା ପରମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଖଲିଆପାଲି ସମାଧି ପୀଠ ଟ୍ରଷ୍ଟର ସଭ୍ୟ ମହାଦେବ ବଗର୍ତ୍ତି, ବାଙ୍କବିହାରୀ ପଣ୍ଡା, ମିନୁ ବଗର୍ତ୍ତି, ମୁନା ଦାନୀ ଓ ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



“ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ ।

- ଫ୍ରାଙ୍କଲିନ୍



## ସଂକ୍ଷେପରେ



### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ବରଗଡ଼ ଅଫିସ୍,୧୮।୫

ବରଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ବାରିକଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ହୋଇଛି । ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି । ପୂର୍ବତନ ବରଗଡ଼ ବିଧାୟକ ତଥା ବିଜେଡ଼ି ନେତା ସାଧୁ ନେପାକ, ସମ୍ବିତ ଆଚାର୍ଯ୍ୟ, ପ୍ରଫୁଲ୍ଲ ନାଏକ ପ୍ରମୁଖ ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ସ୍ୱର୍ଗତ ବାରିକଙ୍କ ପରଲୋକ ଖବର ପାଇଁ ଶୋକପ୍ରକାଶ କରିଛନ୍ତି । ସ୍ୱର୍ଗତ ବାରିକ ଗତ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ବରଗଡ଼ ବ୍ଲକ ଅଧ୍ୟକ୍ଷ ରହିଥିଲେ । ଏହାସହିତ ତାଙ୍କ ଜୀବନକାଳରେ ସେ ଆରସିଏମଏସର ଡାଇରେକ୍ଟର, ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ, ଚକରକେନ୍ଦ ପଞ୍ଚାୟତର ସମିତିସଭ୍ୟ ଭାବେ ମଧ୍ୟ ସୁଚାରୁ ଭାବେ କାର୍ଯ୍ୟ ତୁଲାଇଥିଲେ ।

### ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବରପାଲି, ୧୮।୫ (ଡି.ଏନ.ଏ)

ବରପାଲି ସହରର ୱାର୍ଡ ନଂ. ୪ ସ୍ଥିତ ଗାନ୍ଧୀ ବ୍ଲକ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଯଜ୍ଞମଣ୍ଡପରେ କଳସ ସ୍ଥାପନ ପୂର୍ବକ ଅଧିବାସ, ନାମ କୀର୍ତ୍ତନ ଆଦି ହୋଇଥିଲା । ଏଥିରେ ଅମୂଲ୍ୟ ସାଗର ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ସାଗର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ନଗର କୀର୍ତ୍ତନ ପରେ ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା ।

### ନୃସିଂହ ମହାପ୍ରଭୁଙ୍କ ଜନ୍ମ ମହୋତ୍ସବ

ବରପାଲି, ୧୮।୫ (ଡି.ଏନ.ଏ)

ନୃସିଂହ ଚତୁର୍ଦ୍ଦଶୀ ଅବସରରେ ବରପାଲି ନୃସିଂହ ମନ୍ଦିରରେ ମହାପ୍ରଭୁଙ୍କ ଜନ୍ମ ମହୋତ୍ସବ ଶୁକ୍ରବାର ପାଳିତ ହୋଇଛି । ଏଥିରେ ବିବେକା ମେହେର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସକାଳେ ପୂଜକଙ୍କ ଦ୍ୱାରା ଦେବ ଆବାହନ, ସ୍ନାନୋତ୍ସବ ଓ ଅଭିଷେକ ଆଦି ହୋଇଥିଲା । ଶନିବାର ପୂର୍ଣ୍ଣମୀରେ ପୂଜାକାର୍ଯ୍ୟ ସମାପନ ପୂର୍ବକ ଦେବ ଆଳତୀ ପ୍ରଦାନ କରାଯାଇଥିଲା । ଦର୍ଶନ ପାଇଁ ମନ୍ଦିରରେ ଜନସମାଗମ ଲାଗି ରହିଥିଲା ।

### ଭାଲିଆପଦରରେ ନାମଯଜ୍ଞ

ମନମୁଣ୍ଡା, ୧୮।୫ (ଡି.ଏନ.ଏ)

ମନମୁଣ୍ଡା ପଞ୍ଚାୟତ ଭାଲିଆପଦରରେ ଚାଲିଥିବା ନାମଯଜ୍ଞ ଶନିବାର ପୂର୍ଣ୍ଣାହୂତି ହୋଇଛି । ଦୁଇ ଦିନ ଧରି ଅନୁଷ୍ଠିତ ଏହି ନାମଯଜ୍ଞରେ ୧୦ଟି କୀର୍ତ୍ତନ ଦଳ ଯୋଗଦେଇ ନାମଜପ କରିଥିଲେ । ନଗର କୀର୍ତ୍ତନ ଓ ଦହିହାଣ୍ଡି ଭଙ୍ଗା ଆକର୍ଷଣୀୟ ଥିଲା । ପ୍ରତ୍ୟେକ ଦିନ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା । ଏଥିରେ ପୁରୁଷୋତ୍ତମ ମହଲା ସସ୍ତ୍ରୀକ କର୍ତ୍ତା ଏବଂ ଜ୍ୟୋତି ପଣ୍ଡା କାର୍ଯ୍ୟ ତୁଲାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବ୍ୟବସାୟୀ ତ୍ରିନାଥ ପ୍ରଧାନ, ବିଘ୍ନେଶ୍ୱର ମହାକୁଡ, ଜୟଲାଲ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ମିଲର୍ସଙ୍କ ମର୍ଜିରେ ଧାନ କିଣାବିକା

ବରଗଡ଼ ଅଫିସ୍,୧୮।୫

ବରଗଡ଼ ଜିଲାରେ ରବିରତୁ ଧାନ କିଣାବିକା ପ୍ରକ୍ରିୟାକୁ ସପ୍ତାହେ ବିତି ଯାଇଛି । ତଥାପି ଏହା ସ୍ୱାଭାବିକ ହୋଇପାରି ନାହିଁ । ମଣ୍ଡି ଗୁଡ଼ିକରେ ଯେଉଁ ପରିମାଣରେ ଧାନ ସଂଗୃହୀତ ହେଉଛି, ସେହି ହାରରେ ଉଠାଣ ହେଉନାହିଁ । ଫଳରେ ବିକ୍ରି ହୋଇ ନ ଥିବା ଧାନ ପରିମାଣ ବଢ଼ିବାରେ ଲାଗିଛି । ସେହିପରି ମଣ୍ଡି ଗୁଡ଼ିକରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନେକ ମଣ୍ଡିରେ ଧାନକୁ ସୁରକ୍ଷା ଦିଆଯାଇପାରୁନାହିଁ । ଯେଉଁ ମଣ୍ଡିରେ

**ସ୍ଥିତି ସୁଧୁରିନି**

- ବିକ୍ରି ନ ହୋଇ ପଡ଼ି ରହୁଛି ଧାନ
- ଚାଷୀ ବଦଳରେ ବେପାରୀ ଭିଡ଼
- ମିଲ୍ ପଏଣ୍ଟରେ କଟନୀ ଛଟନୀ

ଗୋଦାମ ଅଛି, ତାହା ଚାଷୀଙ୍କ ଧାନରେ ଭରପୂର ହୋଇ ଗଲାଣି । ଫଳରେ ସେହି ମଣ୍ଡିରେ ଅନେକ ଚାଷୀଙ୍କୁ ଖୋଲା ଆକାଶତଳେ ଧାନ ରଖିବାକୁ ପଡ଼ୁଛି। ସମସ୍ୟା ଏତିକିରେ ସରି ନାହିଁ। ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଜରିଆରେ ଯୋଗାଣ ନିଗମ ଧାନ କିଣୁଛି। କଷ୍ଟମ ମିଲିଂ ଜରିଆରେ ମିଲର୍ସମାନେ ସେହି ଧାନକୁ ନେଉଛନ୍ତି । ଏହି କ୍ରମରେ ମଣ୍ଡିରୁ ଉଠାଇଥିବା ଧାନ ହାରରେ ଯୋଗାଣ ନିଗମକୁ ଚାଉଳ ଜମା



ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାର ଜଣେ ଚାଷୀ ଖଳାରେ ଧାନ ଶୁଖାଉଛନ୍ତି।



ଅତାବିରା ଆରଏମସି ଅଧୀନ ଲରମ୍ବା ମଣ୍ଡିରୁ ଧାନ ଉଠାଯାଉଛି।

ଦେବା ହିଁ ମିଲର୍ସଙ୍କ କର୍ତ୍ତବ୍ୟ । ସେହିପରି ଧାନ ସଂଗ୍ରହ କମିଟି ନିଷ୍ପତ୍ତି ଅନୁଯାୟୀ, ମଣ୍ଡିରୁ ମିଲ୍‌କୁ ଧାନ ପରିବହନ ଖର୍ଚ୍ଚ ମିଲର୍ସମାନେ ବହନ କରିବା କଥା । ମାତ୍ର ତାହା ମଧ୍ୟ ସେମାନଙ୍କୁ ବହନ କରିବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏଭଳି ଭାବେ ମିଲର୍ସଙ୍କ ମର୍ଜିରେ ଧାନ କିଣାବିକା ଚାଲିଛି । ଚାଷୀମାନେ ଖଳାରେ ଧାନ ଶୁଖାଇ ମଣ୍ଡିକୁ ବିକ୍ରି ପାଇଁ ଆଣୁଛନ୍ତି । କିନ୍ତୁ ମଣ୍ଡି ବଦଳରେ ମିଲ୍ ପଏଣ୍ଟରେ କଟନୀ ଛଟନୀ ହେଉଥିବାବେଳେ ମଣ୍ଡି ଗୁଡ଼ିକରେ ଚାଷୀଙ୍କ ଅପେକ୍ଷା ମିଲର୍ସଙ୍କ ଏଜେଣ୍ଟ ତଥା ବେପାରୀଙ୍କ ଭିଡ଼ ଜମୁଥିବା ପରିଲକ୍ଷିତ ହେଉଛି । ଏଭଳିସ୍ଥଳେ ଯେଉଁ ଚାଷୀ ବେପାରୀ ମାଧ୍ୟମରେ ଧାନ ବିକୁଛନ୍ତି, ସେହି ଧାନକୁ ତୁରନ୍ତ ମଣ୍ଡିରୁ ଉଠାଯାଉଥିବା ବେଳେ ଅନ୍ୟ ଚାଷୀଙ୍କ ଧାନ ଦୀର୍ଘଦିନ ଧରି ମଣ୍ଡିରେ ପଡ଼ି ରହୁଥିବା ଅଭିଯୋଗ ହୋଇଛି । ଏଭଳି କାରଣରୁ ଧାନ କିଣାବିକା ସମସ୍ୟା ଦିନକୁ ଦିନ ଜଟିଳ ହୋଇପଡୁଛି । ଚାଷୀ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି ।

**ଏମାନେ କହନ୍ତି...**



“ଗତ ୮ତାରିଖରେ କଳାପାଣି ମଣ୍ଡିରେ ଅଢ଼େଇ ଶହ ପ୍ୟାକେଟ୍ ଧାନ ପକାଇଥିଲି । ୪/୫ଦିନ ପରେ ତାହା ବିକ୍ରି ହେଲା । ବିକ୍ରିଧାନର ପ୍ରାପ୍ୟ ମଧ୍ୟ ଠିକ୍ ସମୟରେ ଜମା ହେଲା । କିନ୍ତୁ ମଣ୍ଡି ଗୁଡ଼ିକ ଯେଭଳି ଅବ୍ୟବସ୍ଥିତ ହୋଇ ପଡ଼ିଛି ଏବଂ ମିଲର୍ସଙ୍କ ମର୍ଜିରେ ଧାନ କିଣାବିକା ହେଉଛି, ଚାଷୀଙ୍କୁ ବହୁତ କ୍ଷତି ସହିବାକୁ ପଡୁଛି । ମଣ୍ଡିରେ ନୁହେଁ, ମିଲ୍ ପଏଣ୍ଟରେ କଟନୀ ଛଟନୀ କରାଯାଉଛି ।

-ସୁରେଶ ନେକାଣ୍ଟି, କଳାପାଣି



“ମଣ୍ଡି ଗୁଡ଼ିକରେ ଧାନ କିଣାବିକା ମନମାନି ଚାଲିଛି । ଧାନ ମଣ୍ଡିକୁ ନେଲେ ତାହା ମିଲକୁ ନେବା ପାଇଁ ଚାଷୀଙ୍କୁ କୁହାଯାଉଛି । କଟନୀଛଟନୀ ମଧ୍ୟ ମିଲରେ ହେଉଛି । ମୁଁ ମୋର ଅମଳ ଧାନକୁ ଟ୍ରାକ୍ଟର ଲଗାଇ ଖରାରେ ଶୁଖାଉଛି । ଦିନେ ଦୁଇଦିନ ପରେ ତାହା ବିକ୍ରି ପାଇଁ ମଣ୍ଡିକୁ ନେବି । ମେଘୁଆ ପାଗ ଆସିଲେ, ତାରପୋଲିନ ଘୋଡ଼ାଉଛି । ଏଭଳି ସ୍ଥଳେ ମଧ୍ୟ ନାନା ଆଳ ଦେଖାଯାଉଛି ।

-ଏକାଦଶିଆ ସାହୁ, ବରାହଗୋଡ଼ା



“ବରଗଡ଼ ମଣ୍ଡିରେ ୩/୪ଦିନ ହେଲା ଦେଢ଼ଶହ ପ୍ୟାକେଟ୍ ଧାନ ପକାଇଛି । ତାହା ଉଠିନାହିଁ । ଧାନ ଓଦା ନ ଥିଲେ ମଧ୍ୟ କାଟ୍‌ଛାଟ୍ କରାଯାଉଛି । ଏଥିପାଇଁ ମିଲର୍ସ, ବେପାରୀ ମାଲେମାଲ ହେଉଥିବାବେଳେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ଏଭଳି ସମସ୍ୟା ପାଇଁ ଚାଷୀମାନେ ବହୁତ ଚେଷ୍ଟା, ଲଢ଼େଇ କରୁଛନ୍ତି । ହେଲେ କେବେ ତାହା ସୁଧୁରିନି । ଆଉ ମିଲର୍ସଙ୍କ ମର୍ଜିରେ ଧାନ କିଣାବିକା ଚାଲିଛି ।

-ଲକ୍ଷ୍ମଣ ପ୍ରଧାନ, ଗୋବିନ୍ଦପାଲି

### ଚୋରକୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

ଭେଡ଼େନ, ୧୮।୫ (ଡ଼ି.ଏନ.ଏ)

ଭେଡ଼େନ ଥାନା ନେଗିପାଲି ଗ୍ରାମରେ ଦିନ ଦ୍ୱିପହରରେ ଚୋରି କରୁଥିବା ବେଳେ ଜଣେ ତାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି । ଏହି ଗ୍ରାମର ନିବାସ ତାଣ୍ଡି ଘରେ ନ ଥିବାବେଳେ ଶୁକ୍ରବାର ଦିନ ୧୧ଟା ବେଳେ ଅଭିଯୁକ୍ତ ବିକାଶ ଝାଙ୍କର ଘରେ ପଶି କଂସାବାସନ ଆଦି ଚୋରି ପଳାଉଥିଲେ । ଏହା ଦେଖି ଗ୍ରାମବାସୀ ତାଙ୍କୁ ଧରିଥିଲେ। ଭେଡ଼େନ ପୋଲିସ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଏ ନେଇ ଥାନାରେ ଏକ ମାମଲା ( ନଂ.୯୩/୧୯ ) ରୁଜୁ ହୋଇଛି ।

### କାଳ ବୈଶାଖି ପରେ ଚିନ୍ତାରେ ଚାଷୀ

ଭେଡ଼େନ, ୧୮।୫ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅଞ୍ଚଳରେ ଏବେ ଡ଼ାଲୁଅ ଧାନ ଅମଳ ଜୋର୍‌ସୋରରେ ଚାଲିଛି। ତେବେ ଗୁରୁବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖି ଜନିତ ବର୍ଷାରେ ଖେତ ଖଳାରେ ଥିବା ଧାନ ସବୁ ଭିଜି ଯାଇଛି। ଫଳରେ ଓଦା ହୋଇଥିବା ଧାନସବୁକୁ ଚାଷୀମାନେ ବର୍ତ୍ତମାନ ଶୁଖାଇବାରେ ଲାଗିପଡିଛନ୍ତି । ମାର୍କେଟ ୟାର୍ଡ଼ ଗୁଡ଼ିକରେ ଅତ୍ୟନ୍ତ ଧିମା ଗତିରେ ଧାନ ଉଠାଣ ଚାଲିଛି। ବର୍ଷାର ସୁଯୋଗ ନେଇ କଟନି ଛଟନି ପାଇଁ ବେପାରୀ ଏବଂ ମିଲର୍ସ ମାନେ ପ୍ରସ୍ତୁତ ହୋଇଗଲେଣି । ବର୍ତ୍ତମାନ ବସ୍ତା ପ୍ରତି କେଜିଏ ଲେଖାଏଁ କଟନିଛଟନି କରା ନ ଗଲେ ଧାନ ଉଠିବ ନାହିଁ ବୋଲି ଚାଷୀମାନଙ୍କୁ କୁହାଯାଉଥିବା ଅଭିଯୋଗ ହେଉଛି ।

## ବଢୁଛି ତାତି, ଜମୁଛି ଥଣ୍ଡା ପାନୀୟ ବେପାର

ବରପାଲି, ୧୮।୫ (ଡି.ଏନ.ଏ)

ବରପାଲିରେ ପ୍ରବଳ ଗରମ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଦିନ ୧୧ଟାରେ ଘର ପଦାକୁ ବାହାରିବା ମୁସ୍କିଲ। ତାପମାତ୍ରା ୪୪ ଡିଗ୍ରୀ ଉପରେ ରହୁଛି। ଜରୁରୀ କାମରେ ଘରୁ ବାହାରିଲେ ଖରା ପ୍ରକୋପରୁ ବର୍ତ୍ତିବା ପାଇଁ ମୁଣ୍ଡରେ କପଡା ଘୋଡାଇବା ସହ ଛତା ଧରିବାକୁ ପଡୁଛି । ଏପରି ସ୍ଥଳେ ରାଜରାସ୍ତାର ପ୍ରମୁଖ ଛକ ସ୍ଥାନମାନଙ୍କରେ ଦହିବରା, ଗୁପଚୁପ ଓ ଥଣ୍ଡା ପାନୀୟ, ଲସି ବେପାର ଜମୁଛି। ଏବେ ଲୋକଙ୍କ ମୁଖ୍ୟ ଆହର ସାଜିଛି ଦହିବରା । ସକାଳେ ଅନ୍ୟାନ୍ୟ ଜିନିଷଠାରୁ ଏହି ଖାଦ୍ୟ ସମସ୍ତଙ୍କ ପସନ୍ଦ ପାଲଟିଛି ।





ବସଷ୍ଟାଣ୍ଡରେ ଦହିବରା ଦୋକାନରେ ଭିଡ ।

## ଗମ୍ଭାରିଗୋରାରେ ଅନନ୍ତମୁଖି ପୂଜନୋତ୍ସବ

ମନମୁଣ୍ଡା, ୧୮।୫ (ଡି.ଏନ.ଏ)

ବିଲାସପୁର ପଞ୍ଚାୟତ ଗମ୍ଭାରିଗୋରା (ପଦରପଡା) ଜଗନ୍ନାଥ ମନ୍ଦିରରେ ଶନିବାର ଶ୍ରୀମଦ୍ ଭାଗବତ ଅନନ୍ତମୁଖି ପଠନ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍ତ୍ତା ଭାବେ ଦେବଦତ୍ତ ଖମାରୀ ଓ ତାଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ଖମାରୀ ଏବଂ ପୂଜକ ଭାବେ ଶୁକଦେବ ହୋତା କାର୍ଯ୍ୟ ନିର୍ବାହ କରିଥିଲେ । ମନମୁଣ୍ଡା ବ୍ରାହ୍ମଣ ସମାଜ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ସମ୍ପାଦକ ବୈଦ୍ୟନାଥ ହୋତା, ଶିବ ମିଶ୍ର, ହରିଶ୍ଚନ୍ଦ୍ର ହୋତା, ଲାଲବାହାଦୁର ମିଶ୍ର ପ୍ରମୁଖଙ୍କ ସମେତ ୨୫ଜଣ ବ୍ରାହ୍ମଣ ଦ୍ୱାଦଶସ୍କନ୍ଦ ଶ୍ରୀମଦ ଭାଗବତ ପଠନ କରିଥିଲେ । ଏହା ସହ ମନ୍ଦିରରେ ହୋମଯଜ୍ଞ, ପୂଜା, କୀର୍ତ୍ତନ ପରିବେଷଣ ହୋଇଥିଲା। ସୁଦାମ ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାମାଜିକ କର୍ମୀ ନୀଳାମ୍ବର ଖମାରୀ, ସରୋଜ ସାହୁ, ନୃତ୍ୟମଣି ପ୍ରଧାନ, ଜ୍ଞାନେନ୍ଦ୍ର ମେଣ୍ଡିଲି ଓ ସରପଞ୍ଚ ଅଜିତ ସାହୁ ସହଯୋଗ କରିଥିଲେ ।

## ଅରେଇଗୁଡ଼ିରେ ବୈଶାଖ ଚତୁର୍ଦ୍ଦଶୀ ପାଳିତ



ଅରେଇଗୁଡ଼ି ନୃସିଂହ ମନ୍ଦିର ସମ୍ମୁଖରେ ହୋମ ଯଜ୍ଞ ଚାଲିଛି ।

ଭେଡ଼େନ, ୧୮।୫ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକର ଅନ୍ତର୍ଗତ ଅରେଇଗୁଡ଼ି ଗ୍ରାମର ନୃସିଂହ ମନ୍ଦିର ପରିସରରେ ଦୁଇଦିନ ଧରି ଚାଲିଥିବା ନୃସିଂହ ଚତୁର୍ଦ୍ଦଶୀ ଶନିବାର ଉଦ୍‌ଯାପିତ ହୋଇଛି । ଏହି ଅବସରରେ ହୋମଯଜ୍ଞ, ତୁଳସୀ ରାମାୟଣ ପାଠ, ନୃସିଂହ ବୀଜମନ୍ତ୍ର ଜପ ଆଦି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପୁରୋହିତ ଭାବେ ଯୋଗେଶ୍ୱର ପାଣିଗ୍ରାହୀ ଏବଂ କର୍ତ୍ତା ଭାବେ ସୁରେନ୍ଦ୍ର ନାୟକ, ପୁଷ୍ପାଞ୍ଜଳି ନାୟକ, ପ୍ରାଣବନ୍ଧୁ ବାଗ, ଆନନ୍ଦିନୀ ବାଗ ଦାୟିତ୍ୱ ସମ୍ପାଦନ କରିଥିଲେ । ସେହିପରି ଏହି ଗ୍ରାମର ମହିମା ଆଶ୍ରମ ମଠରେ ଶୁକ୍ରବାର ବୈଶାଖ ଚତୁର୍ଦ୍ଦଶୀ ପର୍ବ ପାଳିତ ହୋଇଛି । ବାବାଜୀ ବିକ୍ରମ ଦାଶଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସକାଳୁ ଧୂନି ପ୍ରଜ୍ୱଳନ ହୋଇଥିଲା । ଏହି ଅବସରରେ ଭଜନ ପରିବେଷିତ ହୋଇଥିଲା।

## ଜଳପ୍ରକଳ୍ପ ଅଚଳ, ଲୋକେ ହଇରାଣ

ଜାମଟିଙ୍ଗ୍ରା, ୧୮।୫ (ଡି.ଏନ.ଏ)

ଅତାବିରା ବ୍ଲକ ଲଚିଦା ପଞ୍ଚାୟତର ଲଚିଦା ଗ୍ରାମରେ ଥିବା ପାନୀୟ ଜଳପ୍ରକଳ୍ପ ଅଚଳ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି । ଜଳଯୋଗାଣ ପାଇଁ ଗ୍ରାମର ବିଭିନ୍ନ ପଡାରେ ମୋଟ ୧୦ଟି ଷ୍ଟାଣ୍ଡପୋଷ୍ଟ ରହିଛି । ସେଥିମଧ୍ୟରୁ ୪ଟି ପୋଷ୍ଟରୁ ଆରମ୍ଭରୁ ପାଣି ବାହାରୁନାହିଁ । ଲଚିଦା ଗ୍ରାମରୁ ପ୍ରାୟ ତିନି ଶହ ମିଟର କଦଳୀପାଲିରେ ଗୋଟିଏ ପୋଷ୍ଟ, ଦର୍ଲିପଡାରେ ୨ଟି ଓ ଗୋଟପଡାରେ ଗୋଟିଏ ପାଣି ପୋଷ୍ଟ ଥିବା ବେଳେ ସେଥିରୁ ପାଣି ବାହାରୁ ନାହିଁ । ଅବଶିଷ୍ଟ ପୋଷ୍ଟ ଗୁଡିକରେ ଅଳ୍ପ ପାଣି ବାହାରୁଛି । ବାଲଟିଏ ପାଣି ପାଇଁ ଅଧଘଣ୍ଟା ସମୟ ଲାଗୁଛି । ଟାଙ୍କି ପରିସର ଏବେ ଘାସଲଟାରେ ପରିପୂର୍ଣ୍ଣ ହୋଇ ଅଳିଆ ଗଦା ପାଲଟିଛି । ପମ୍ପ ଚାଳକଙ୍କ କହିବା ଅନୁସାରେ ସକାଳେ ଓ ସନ୍ଧ୍ୟାରେ ୨ ଘଣ୍ଟା ଲେଖାଏଁ ପାଣି ଦିଆଯାଏ । ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁ ପମ୍ପରୁ ସିଧାସଳଖ ଜଳଯୋଗାଣ ଅନେକ ସମୟରେ ବାଧାପ୍ରାପ୍ତ ହୋଇଥାଏ । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

## ପ୍ରକଳ୍ପ ଅଛି, ତଥାପି ପାଣି ସମସ୍ୟା

ପୁରୁଣାକଟକ, ୧୮।୫(ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ପଞ୍ଚାୟତ ଅନ୍ତର୍ଗତ ଜିଆଁକଟା ଗାଁରେ ରହିଛି ପୁରୁଣାକଟକ ସହରକୁ ପାନୀୟ ଜଳ ଯୋଗାଇବା ପାଇଁ ୩ ହଜାର ଲିଟର ବିଶିଷ୍ଟ ପାଣିଟାଙ୍କି। ଏହାସତ୍ତ୍ୱେ ଏହି ଗାଁରେ ବର୍ତ୍ତମାନ ପାଣି ସମସ୍ୟା ଦେଖାଦେଇଛି । ଗତ କିଛିଦିନ ହେବ ଗାଁରେ ଥିବା ୩ଟି ଯାକ ନଳକୂପ ଖରାପ ହୋଇଥିବାରୁ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ନିକଟରେ ଥିବା ନାଳରୁ ଦୂଷିତ ପାଣି ସଂଗ୍ରହ କରି ତାକୁ ବ୍ୟବହାର କରୁଛନ୍ତି । ଗାଁକୁ ଯାଇଥିବା ପାଇପ ଦ୍ୱାରା ମାତ୍ର ଅଧଘଣ୍ଟା ପାଣି ଦିଆଯାଉଛି । ଯାହା ୧୦୦ରୁ ଊର୍ଦ୍ଧ୍ୱ ପରିବାର ପାଇଁ ଯଥେଷ୍ଟ ନୁହେଁ । ନଳକୂପ ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି କାଲସାଏଙ୍କୁ ପଚରାଯିବାରୁ ଉକ୍ତ ଗାଁକୁ ପାଣି ଯୋଗାଣ ଉପରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## ଲୁଟ୍ ଘଟଣାରେ ୬ ଗିରଫ

ପଦ୍ମପୁର, ୧୮।୫ (ଡି.ଏନ.ଏ)

ପଦ୍ମପୁରରେ ଏକ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମନୋଜ ନାଗ, ମଲିଆ ନାଗ, କାଲିଆ ନାଗ, ଅର୍ଜୁନ ତାଣ୍ଡି, ରଞ୍ଜନ ତାଣ୍ଡି ଏବଂ ଖପ୍ରାଖୋଲ ଥାନା ଅନ୍ତର୍ଗତ ସାନଉଡେନ ଗ୍ରାମର କେଶବ ଦୀପ। ସେମାନଙ୍କଠାରୁ ଲୁଟ୍ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ।

ସୂଚନା ଅନୁସାରେ, ଭାରତ ଫାଇନାନସିଆଲ ଏନକ୍ଲୋଜର ଲିମିଟେଡର କର୍ମଚାରୀ ବାବୁଲାଲ ମେହେର ଗତ ଏପ୍ରିଲ ୧୨ ତାରିଖ ପୂର୍ବାହ୍ନ ୧୦ଟାରେ ଖପ୍ରାଖୋଲ ଥାନା ଅନ୍ତର୍ଗତ ଅନକାମୁଣ୍ଡା ଗ୍ରାମରୁ ଟଙ୍କା ଆଦାୟ କରି ଫେରୁଥିଲେ। ସିଲେଟପାଲି ରାସ୍ତା ତେତେଲମୁଣ୍ଡାଠାରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଗଛରେ ବାନ୍ଧିଦେବା ସହ ତାଙ୍କଠାରୁ ଟାବଲେଟ, ବାଇକ୍ ଓ ୨ଟି ମୋବାଇଲ ସହ ୩୬ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ। ବାବୁଲାଲ ଏ ସମ୍ପର୍କରେ ବୁଡେନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ଏସଡିପିଓ ପ୍ରଦୀପ କୁମାର ସାହୁ ଓ ବୁଡେନ ଥାନା ଆଇଆଇସି ଟି. କେରକେଟା ଖବରଦାତା ସମ୍ମିଳନୀରେ ସମସ୍ତ ଅଭିଯୁକ୍ତଙ୍କୁ ହାଜର କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ ।





ପୋଲିସ ଅଭିଯୁକ୍ତମାନଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରିଛି ।

## ନାଁ’କେ ନିୟମ କାନୁନ୍
## ଦୁଇଛକିରେ ଆଦିବାସୀକଁର ଜୀବନ୍ ଜୀବ୍‌କା

ଜାମଟିଙ୍ଗ୍ରା, ୧୮।୫ (ଡି.ଏନ.ଏ)

ପଶ୍ଚିମ ଓଡ଼ିଶାର ଅନେକ ଜିଲା ଆଦିବାସୀ ବହୁଲ ଆଏ। ଜଂଗଲ ଭିତରେ ଆର ପାସେପାସେ ଥିବାର ଗାଁଗଁଡ଼ାର ବଡ଼ଭାଗି ଲୋକ୍ ଜଂଗଲି ଦରବ୍ ଉପରେ ନିରଭର କରି ଚଲୁଛନ୍। ସେମାନେ ଭିନେ ଭିନେ ରୁତୁରେ ଅନେକ କିସମର ଫଲମୂଲ, କଁଦା, ଉଷୋକଷା, ଚେରମୂଲି, ପତର, ଛାଲି ଠୁଲେଇ ସେଟାକେ ବିକାଭଂଗ କରି ନିଜର ତେଲନୁନ ଚଲଉଛନ୍। ଇ ସବୁ ଜଂଗଲଜାତ ଦରବ୍ ଲାଗି ବି ଅନେକ ସରକାରୀ ନିୟମ ରହିଛେ। ହେଲେ ଅନେକ୍ ଜାଗାରେ ଇ ନିୟମର ପାଲନ୍ ନାଇଁ ହେବାର। ଯେନ୍‌ଥିରଲାଗି ଇ ବନ୍‌ଜାତ ଦରବ୍ ଉପରେ ନିରଭର କରି ଚଲୁଥିବାର ଲୋକ୍‌ମାନେ ଅନେକ ସମିଆରେ ଶୋଷନ୍‌ର ଶିକାର ହେଉଛନ୍। ଝୁପ୍‌ରେ ଖରା, ବର୍ଷା, ଶୀତ୍ କାକରରେ ଜଂଗଲରୁ ଦରବ୍ ଠୁଲଉଛନ୍, ହେଲେ ସରକାରୀ ଧାୟ୍ ଦରରେ ଜିନିଷ ବିକାଭଂଗା ନାଇଁକରି ପାରବାର। ଏନ୍‌ତା ବରଗଡ଼ ଜିଲା ଅତାବିରା ବ୍ଲକ ବାରପାହାଡ଼ ଜଂଗଲ ପାସେ ଥିବାର ଖରମୁଣ୍ଡା, ଯୁଯୁଗାଁ, ଲାଣ୍ଡିଜୁରୀ, ଘନଘାଟି, ଚୁଳଦର, ଗଡ଼ଗଡ଼ଦଲାଗାଁ ମହୁଲ ଲାଗି ନାଁ କମେଇଛେ। ହେଲେ ଦୁଖର କଥା ଇ ଗାଁବାସୀମାନକୁ ଦଲାଲମାନେ ଶୋଷନ୍ କରୁଥିବାର ଅଭିଯୋଗ ହେଉଛେ। ଲୋକ୍ ପରିଶ୍ରମ କରି ପହଁଟିଆରୁ ମହୁଲ ଗୁଟେଇ କରି ଆନୁଛନ୍, ସେଟାକେ ଖରାରେ ଶୁଖେଇ ବତରଛତର କରୁଛନ୍। ହେଲେ ଜିଲା ସରକାରୀ ବିଧି ବେବସ୍‌ତାର ଲାଗି ଇ ମହୁଲ ଗୁଟାଲିମାନେ ଅଲପ୍ ଦାମ୍‌ରେ ମଦ ବେପାରୀ, ଦଲାଲମାନକୁ ମହୁଲ ବିକି ନୁକ୍‌ସାନ ସହୁଛନ୍। ଦଲାଲମାନେ ଥାନୀୟ ଲୁକ୍‌କରନୁ ଅଲପ୍ ଦାମ୍‌ରେ ମହୁଲ ଘିନି ବାହାର ରାଏଜ୍‌କେ ଚାଲନ କରୁଛନ୍ ଆର ମୁଟା ଆକାରେ ଟଁକା ସାଉଁଟୁଛନ୍। ପଁଚେତ୍ ସ୍ତରରେ ମଣ୍ଡି ବେବସ୍‌ତାର ଅଭାବ ଲାଗି ମହୁଲ ଗୁଟାଲିମାନେ ଶୋଷନ୍‌ର ଶିକାର ହେଉଛନ୍। ପଁଚେତ୍‌ସ୍ତରରେ ମହୁଲ ଘିନାବିକାର ଲାଗି ଲାଇସେନ୍ସ ଦିଆଯାଉଛେ। ହେଲେ ଇ ସବୁ ଖାଲି ଲୋକ୍ ଦେଖାନିଆଁ ବଲି ମହୁଲ ଗୁଟାଲିମାନେ ଅଭିଯୋଗ କରିଛନ୍। ଧାନ ବିକ୍‌ରି ଲାଗି ଯେନ୍‌ତା ସରକାରୀ ସୁବିଧା ସୁଯୋଗ ରହିଛେ, ସେନ୍‌ତା ଖୁଚରା ମହୁଲ ବିକବାର ଲାଗି ବି ଗାଁଗଁଲିରେ ବେବସ୍‌ତା ରହିବାର ଦରକାର ବଲି ସେମାନେ ମତ ଦେଇଛନ୍। ଇ ଗାଁମାନକେ ଝନେ ଝନେ ଲୋକ୍ ଦିନକ ୨୦ରୁ ୨୫ କେ.ଜି. ମହୁଲ ଠୁଲଉଛନ୍। ସେ ହିସାବେ ଅଂଚଲରେ ଫିଦିନ କୁଇଣ୍ଟାଲ କୁଇଣ୍ଟାଲ ମହୁଲ ଠୋଲ ହେଉଛେ। ହେଲେ ଇ ଗାଁବାସୀମାନକର ଆରଥିକ୍ ଥିତି ଆଏଜ୍ ବି ସୁଧିରି ନାଇଁପାରବାର। ଇତାର ଗୁଟେ କାରନ୍ ହେଉଛେ ମହୁଲ ବିକ୍‌ରିବଟାରେ ଇମାନେ ଶୋଷନ୍‌ର ଶିକାର ହେଉଛନ୍। ଇ ଦିଗେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ ।

-ପୁରୀ ଗଜପତି ଦିବ୍ୟସିଂହ ଦେବ

## ସଂକ୍ଷେପରେ

### ଚବିଶ ପ୍ରହର ନାମଯଜ୍ଞ

ବିଜେପୁର, ୧୮।୫ (ଡି.ଏନ.ଏ)

ବିଜେପୁର ମାରୁତି ଛକରେ ଚାରିଦିନ ବ୍ୟାପୀ ଚାଲିଥିବା ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଶନିବାର ସମ୍ପନ୍ନ ହୋଇଛି । ଏହି ଉପଲକ୍ଷେ ବୁଧବାର ଅପରାହ୍ନରେ ଦାମୋଦର କଟାରୁ ଭବ୍ୟ ମାନସିକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅଧିବାସ ସହ ପାରମ୍ପରିକ ରୀତିରେ ନାମଜପ ଆରମ୍ଭ ହୋଇଥିଲା । ଶନିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି, ଦଧିଭାଣ୍ଡ ଭଙ୍ଗା ଯିବା ସହ ନାମଯଜ୍ଞ ସମ୍ପନ୍ନ ହୋଇଥିଲା । ଉଦଯାପନୀ ଦିବସରେ ଜମଲା, ପଣ୍ଡକିପାଲି, ଝର, ଦେକୁଲବା, ହୁତମା, ତାଲପାଲିର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ବିଷ୍ଣୁନାମ ଜପ କରିବା ସହ ନଗର ପରିକ୍ରମା କରିଥିଲେ । ସଞ୍ଜୟ ଖମାରୀ ଦମ୍ପତି କର୍ତ୍ତା ଓ ସୁରେନ୍ଦ୍ର ମହାପାତ୍ର ପୁରୋହିତ କର୍ମ ତୁଲାଇଥିଲେ ।

### ସନ୍ଥକବି ଭୀମ୍ ଭୋଇ ଜୟନ୍ତୀ ପାଳିତ

ଜମ୍ପାପଙ୍କ, ୧୮।୫ (ଡି.ଏନ.ଏ)

ପବିତ୍ର ବୈଶାଖ ପୂର୍ଣ୍ଣିମା ଅବସରରେ ବଳାସିଙ୍ଗା ସ୍ଥିତ ପ୍ରସିଦ୍ଧ ମହିମା ପୀଠ ଗୋବିନ୍ଦ ବାବା ଓ ସନ୍ଥକବି ଭୀମ ଭୋଇଙ୍କ ଜ୍ଞାନପୀଠ ମହୁଲମୂଳଠାରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। ମହିଳା ବିକାଶ ପରିଷଦ ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧାପକ ବାସୁଦେବ ପାତ୍ର ମୁଖ୍ୟଅତିଥି, ଶିକ୍ଷାବିତ ତଥା ଶିକ୍ଷକ ସଂଘ ରାଜ୍ୟ ଉପସଭାପତି ଶମ୍ଭୁ ଗିରି ମୁଖ୍ୟବକ୍ତା ଓ ଯୁବ ସଂସ୍କୃତି ଗବେଷକ ସତ୍ୟନାରାୟଣ ପାଣି ସମ୍ମାନିତ ଅତିଥି, ପୂର୍ବତନ ସରପଞ୍ଚ ସଦାନନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମହିମା ବିକାଶ ପରିଷଦର ସମ୍ପାଦକ ବାବା କୃଷ୍ଣଚନ୍ଦ୍ର ଦାସ ବିବରଣୀ ପାଠ କରିଥିବା ବେଳେ ପରିଷଦର ସଭ୍ୟ ପ୍ରଭାତ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିମା ଧର୍ମାବଲମ୍ବୀ ଭକ୍ତ ଯୋଗଦାନ କରିଥିଲେ ।

## ସରକାରୀ ପୋଉଛାହନ୍‌ର ଅଭାବ୍:

# ଦୁରଦିନ୍‌ରେ ମୁରଦୁଁଗ୍ କାରିଗର

ଗୁଡଭେଲିପଦର, ୧୮।୫ (ଡି.ଏନ.ଏ):

ଭାରତୀୟ ସଂସ୍କୃତି ଆର ପରମ୍ପରାରେ ଅନେକ ପରକାର ବାଦ୍ୟର ପରଚଳନ ଅଛେ। ପୂଜାପାଠ୍‌ନୁ ମୂଳ କରି ବିହାବରପନ, ଉଛବ୍, ପରବ୍, ଜାନିଯାତରାରେ ଘଁଟ୍, ଶଁଖ୍, ମୁହୂରି, ଢ଼ୋଲ, ଲିସାନ୍, ମୁରଦୁଁଗ୍, ଗିନିର ପରଚଳନ ଦେଖିବାକେ ମିଲସି। ଇ ସବୁ ବାଦ୍ୟଯନ୍ତ୍ର କେନ୍ ଯୁଗୁ ଆମର ସଂସ୍କୃତି, ପରମ୍ପରା ସଂଗେ ଜୁଡ଼ି ହେଇ ରହିଛେ। ହେଲେ ଆଏଜ୍‌କାଲି ବିଦେଶୀ ସଂସ୍କୃତିର ବଡ଼ଭାରି ପରଚଳନ ଲାଗି ଆମର ଦେଶୀ ବାଦ୍ୟଯନ୍ତ୍ର ଲୋପ୍ ପାଏବାକେ ବସଲାନ। ଦିନୁଦିନ୍‌କେ ଏନ୍‌ତା ହେଲାନ ଯେ, ଆଗଲା ପିଢ଼ି ଇ ସବୁ ବାଦ୍ୟଯନ୍ତ୍ର ସଂଗ୍ରହାଳୟମାନକେ ଦେଖିବାକେ ପାଏବେ।

ସେନ୍‌ତା ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ହେଉଛେ ଗୁଟେ କଳା, ସଂସ୍କୃତି ପୂରି ରହିଥିବାର ଅଂଚଲ। ଇ ଅଂଚଲରେ ଭିନେ ଭିନେ ସମିଆରେ ଅନେକ ଉଛବ୍, ପରବ୍ ପାଲନ ହେଉଛେ। ସେନ୍‌ତା ଲୋକ୍‌କଳାକେ ବଁଚେଇ ରଖିବାର ଲାଗି ଅଂଚଲର ଲୋକ୍ ସବୁବେଲେ ଚେରେଷ୍ଟା କରୁଛନ୍। ଅଂଚଲରେ ଗାଁଗାଁରେ କିରତନ୍ ଦଲ ରହିଛେ। ସେମାନେ ଭିନେ ଭିନେ ଜାନିଯାତରା, ଉଛବ୍, ପୂଜାପାଠ୍‌କେ ଯାଇ କିରତନ୍ କରୁଛନ୍। ଇ କିରତନ୍‌ର ମୁଖିଆ ବାଦ୍ୟଯନ୍ତ୍ର ହେଉଛେ ମୁରଦୁଁଗ୍। ଇଥିର ବିନା କିରତନ୍ ସମ୍ଭବ ନୁହେ। ହେଲେ ସରକାରୀ ପୋଉଛାହନ୍ ଅଭାବୁ ଆଏଜ୍ ମୁରଦୁଁଗ୍ ବାଦ୍ୟଯନ୍ତ୍ର କାରିଗରୀ ଲୋପ୍ ପାଏବାକେ ବସଲାନ। ଅନେକ କାରିଗର ଇ ବୁରତି ଛାଡ଼ି ଉନିଆ ଧଁଦାବାଡ଼ି କଲେନ। ମୁରଦୁଁଗ୍ କାରିଗରମାନେ ମାଟିରେ ତିଆର ହେଇଥିବାର ଖଁଜ୍‌କେ କୁମ୍ଭାରନୁ ଘିନିଆନି ତାର ଉପରେ ଆଗରୁ ଶୁଖେଇ ରଖିଥିବାର ଚମଡ଼ାକେ ସାଇଜ କରି କାଟି ସେଥିରେ ଲଗାସନ୍। ଚମଡ଼ା ଖଁଜି ସାଏଲା ଉତାରୁ ମୁରଦୁଁଗ୍‌ର ଦୁଇଫାଲେ କିରନ୍ ଦିଆଯାଏସି। ଇ ହିସାବେ ଗୁଟେ ମୁରଦୁଁଗ୍ ତିଆରିବାର ଲାଗି କାରିଗରମାନକୁ ୪ରୁ ୫ ଦିନ୍ ଲାଗିଯାଏସି। ଆଏଜ୍‌କାଲି ଚମଡ଼ା ଅଭାବ ଲାଗି କାରିଗରମାନକୁ ବଜାରରୁ ଘିନବାକେ ପଡୁଛେ। ଇ ଚମଡ଼ା ଆଗରୁ ଗାଁଗଁଲିରେ ସୁବିଧା ଆର ସସ୍‌ତାରେ କାରିଗରମାନକୁ ମିଲିଯାଉଥିଲା। ହେଲେ ଆଏଜ୍‌କାଲି ମୁରଦୁଁଗ୍ ତିଆରି ଲାଗି ଦରକାର ପଡୁଥିବାର ସାଜୋସାମାନ ସୁବିଧାରେ ନାଇଁ ମିଲବାର। ଯେନ୍‌ଥିରଲାଗି କାରିଗରମାନେ ବାପ୍‌ଅଜା ଅମଲୁ ଆପନେଇଥିବାର ଇ କୁଲବୁରତିକେ ଛାଡ଼ି ଉନିଆ ଧଁଦାବାଡ଼ିରେ ଧିଆନ୍ ଦେଉଛନ୍। କଳାକାର ପାରିବାରର ଯୁବକ୍‌ମାନେ ବି କୁଲବୁରତିକେ ପସନ୍ ନାଇଁକରବାର। ଇଆଡ଼େ ସରକାର ଲୋକକଳା, ଲୋକ୍ ସଂସ୍କୃତି, ନାଚ୍‌ଗୀତ୍‌କେ ବଁଚେଇ ରଖିବାର ଲାଗି କୋଟି କୋଟି ଟଁକା ଖରଚ୍ କରୁଛନ୍। କଳାକାରମାନକୁ ଡାକି ଅନେକ୍ ଉଛବ୍‌ରେ ସନ୍‌ମାନିତ କରୁଛନ୍। ହେଲେ ଇ ବାଦ୍ୟଯନ୍ତ୍ରମାନ ତିଆର କରୁଥିବାର କାରିଗରମାନେ ଆଏଜ୍ ବି ସରକାରୀ ପୋଉଛାହନ୍ ଅଭାବୁ ଅବହେଲିତ ହେଇ ପଡ଼ିରହିଛନ୍। ଇ ବାବ୍‌ଦେ ଗୁଡ଼ଭେଲିପଦର ଗାଁର ମୁରଦୁଁଗ୍ କାରିଗର ରାମଚନ୍ଦ୍ର ପାଣିଗ୍ରାହୀକୁଁ ପଚରାଲାରୁ ଇ ବୁରତିରେ କାମ୍ ହିସାବେ ଦାମ୍ ନାଇଁ ମିଲବାର। ସରକାରକଁର ତରଫୁ ଯଦି କିଛି ପୋଉଛାହନ୍ ମିଲତା ଆମର କଳା ସଂସ୍କୃତି ସଂଗେ ଜଡ଼ିତ ଥିବାର ଇ ବୁରତିକେ ବଁଚେଇ ରଖିହେତା ବଲି ସେ କହିଥିଲେ।



ରାମଚନ୍ଦ୍ର ମୁରଦୁଁଗ୍ ତିଆରିରେ ବାଇ ଅଛନ୍।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲେଖୁଲେଖୁ କରଣ,**
**ହଗୁ ହଗୁ ମରଣ ।**

ଅଭ୍ୟାସରୁ ଦକ୍ଷତା ବଢ଼େ । ସାଧନା ହିଁ ସିଦ୍ଧି ଦେଇଥାଏ। ପ୍ରଚେଷ୍ଟା ଜାରି ରଖିଲେ ସଫଳତା ମିଳିଥାଏ। ସେହିପରି ବାରମ୍ବାର ଝାଡ଼ାହେଲେ ବ୍ୟକ୍ତି ରୋଗଗ୍ରସ୍ତ ହୋଇଯାଏ। ଶରୀର ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ। ଚାଲିବାକୁ ବଳ ଓ ସାମର୍ଥ୍ୟ ହରାଇବସେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଲାଉଡ଼ଙ୍କ;**
**ବଡ଼ଘର ପୁଅ ଏଡିକି ରଙ୍କ ।**

ଧନୀଲୋକ ମଧ୍ୟ ରଙ୍କୁଣା ହୋଇପାରେ। ଯାହାଘରେ ସବୁ ଅଛି, କିଛି ଅଭାବ ନାହିଁ, ସେ ଘରର ପିଲା ମଧ୍ୟ ବାହାରେ କେଉଁଠି ଜାଗା ଅଜାଗା ନ ବାରି ଭଲ ଜିନିଷ ଦେଖିଲେ ନ ପାଇବା ନ ଖାଇବା ଭଳି ବିକଳ ହେଉଥିବାର ଲକ୍ଷ୍ୟ କରାଯାଏ। ଖାଇବା ଘର ପିଲାଙ୍କର ଏପରି ମନ୍ଦ ସ୍ୱଭାବ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ରିଷିଡ଼ାରେ ପାନୀୟଜଳ ସଂକଟ

# ଟ୍ୟାଙ୍କର ଯୋଗେ ଜଳଯୋଗାଣ

ରିଷିଡା, ୧୮।୫ (ଡି.ଏନ.ଏ)

ରିଷିଡାରେ ପାନୀୟଜଳ ସଂକଟ ଦେଖାଦେଇଛି। ଏପରିସ୍ଥିତିରେ ରିଷିଡା ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯାଇଛି। ମିଳିଥିବା ସୂଚନା ମୁତାବକ, ରିଷିଡାରେ ଏବଂ ମାତୃପୁରୀରେ ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଥିବା ବେଳେ ଏଭଳିପରିସ୍ଥିତି ଦେଖାଦେଇଛି। ତୁରନ୍ତ ପ୍ରକଳ୍ପ ଚାଲୁ କରିବାକୁ ସାଧାରଣରେ ଦାବି ହୋଇଛି।

# ବିକାଶ ଉପରେ ଗୁରୁତ୍ୱ

ସମ୍ବଲପୁର, ୧୮।୫ (ବ୍ୟୁରୋ)

**ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ**

ବୁର୍ଲା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବୁର୍ଲା କ୍ରୀଡା ସଂଘର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ୩୫ଜଣ ସଭ୍ୟ ଉପସ୍ଥିତ ଥିଲେ । ଦୀର୍ଘ ୩ବର୍ଷ ପରେ ସଂଘର ବୈଠକ ହୋଇଥିବାରୁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ସେହିପରି ଷ୍ଟାଡିୟମ କିପରି ଭାବେ ଆଧୁନିକୀକରଣ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ମତପ୍ରକାଶ ପାଇଥିଲା । ଏହି ସଭାରେ କାଲୁ ଚରଣ ସାହୁ, ଆରଏ ଶିବ କୁମାର, ଲକ୍ଷ୍ମୀଧର ମହାନ୍ତି, ପ୍ରଦୀପ ମିଶ୍ର, ସୁରେନ୍ଦ୍ର ସିଂ କାବୁଲି, ଚିତ୍ତ ନାୟକ, ଚନ୍ଦ୍ରା ବାହାଦୁର, ରମେଶ ଆଚାର୍ଯ୍ୟ, ମହମ୍ମଦ ଆସିଫ, ସୁବ୍ରତ ସାମଲ, ପ୍ରଦ୍ୟୋଷ ପଣ୍ଡା, ହିରନ୍ୟ ସାମନ୍ତରାୟ, ରାଜକିଶୋର ବାରିକ, ନିମା ଲାମା, ଅଚ୍ୟୁତ ଠେଲା, ଶିବ ପ୍ରଧାନ, ସଦାନନ୍ଦ ପଟ୍ଟନାୟକ, ଅଶୋକ ସାହୁ, ଏସ ପଣ୍ଡା, ନିର୍ମଳ ନାୟକ, ସୁବ୍ରତ ସାମଲ, ସୁଶାନ୍ତ ମିଶ୍ର, ଭାସ୍କର ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ, ବୈଶାଖ ମେଳା ସମ୍ପନ୍ନ

## ୧.୨୫ ଲକ୍ଷ ନୃସିଂହ ବୀଜମନ୍ତ୍ର ଜପ

ପାଇକମାଳ, ୧୮।୫ (ଡି.ଏନ.ଏ)

ପାଇକମାଳର ନୃସିଂହନାଥ ପୀଠରେ ପ୍ରସିଦ୍ଧ ବୈଶାଖ ମେଳା ତଥା ନୃସିଂହ ଜନ୍ମୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଅପରାହ୍ନ ୪ଟାରେ ବିଶ୍ୱ କଲ୍ୟାଣ ପାଇଁ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପଡିଛି । ଶୁକ୍ରବାର ନୃସିଂହ ମହାପ୍ରଭୁଙ୍କ ଜନ୍ମୋତ୍ସବ ଅବସରରେ ଲକ୍ଷାଧିକ ଭକ୍ତ ପ୍ରଭୁ ମାର୍ଜାର କେଶରୀଙ୍କ ଦର୍ଶନ କରିଥିଲେ। ରାତି ୧୦ଟାରେ କନ୍ଧ ସମାଜର ମୁଖିଆ ଶଙ୍କର ଭୁଏଙ୍କ ଦ୍ୱାରା ମୁଖ୍ୟ ମନ୍ଦିରରେ ଧ୍ୱଜା ବନ୍ଧନ କରାଯିବା ପରେ ମହାଦୀପ ଉଠିଥିଲା । ଶୁକ୍ରବାର ମନ୍ଦିର ମଧ୍ୟରେ ହୋମଯଜ୍ଞ କରାଯାଇଥିଲା । ଶନିବାର ପ୍ରତ୍ୟୁଷରୁ ଠାକୁରଙ୍କୁ ବାଳବ୍ରହ୍ମଚାରୀମାନେ ନୂତନ ବେଶରେ ସଜ୍ଜିତ କରି ରୀତିନୀତି ଅନୁସାରେ ପୂଜା କରିଥିଲେ । ଭକ୍ତମାନେ ବିଭିନ୍ନ ଘାଟ ମାନଙ୍କରେ ସ୍ନାନ କରି ଠାକୁରଙ୍କ ଦର୍ଶନ କରିଥିଲେ । ସେହିପରି ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ୧୮ ଜଣ ପଣ୍ଡିତ ୧ ଲକ୍ଷ ୨୫ ହଜାର ମନ୍ତ୍ରଜପ ପୂର୍ଣ୍ଣ କରିଥିଲେ । ପୂର୍ଣ୍ଣାହୁତିରେ ଯଜ୍ଞକର୍ତ୍ତା ଶଙ୍କର ଭୁଏ ଓ ପ୍ରେମ ଭୁଏଙ୍କ ସହ ଅନେକ ଭକ୍ତ ମଧ୍ୟ ଅଂଶଗ୍ରହଣ କରିଥିଲେ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ରାମାୟଣ ପ୍ରବଚନ, ମୂଷିକ ଦୈତ୍ୟ ନାଟକ ଅଭିନୀତ ହୋଇଥିଲା । ଶନିବାର ମୂଷିକ ଦୈତ୍ୟ ଗନ୍ଧଗିରିଙ୍କଠାରେ ଶରଣାପନ୍ନ ଓ ଭଗବାନ ମାର୍ଜାର କେଶରୀ ଦୈତ୍ୟଙ୍କୁ ମାରିବା ପାଇଁ ନୃସିଂହନାଥରେ ବିରାଜମାନ କରିଥିବା ଦୃଶ୍ୟ ବେଶ୍ ମନୋହର ଥିଲା ।



ଶନିବାର ଭକ୍ତମାନେ ନୃସିଂହନାଥର ଝରଣାରେ ବୁଡ ପକାଉଛନ୍ତି ।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ସମ୍ବଲପୁର, ୧୮।୫ (ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଗହୀରପାଲି ଗ୍ରାମର ସାବିତ୍ରୀ ପଟେଲ (୫୦) ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ପରିବାର ବର୍ଗ ପ୍ରଥମେ ଯୁଯୁମୁରା ଡାକ୍ତରଖାନାକୁ ଆଣିଥିଲେ । ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସାବିତ୍ରୀଙ୍କ ମୁହଁ,ହାତ, ଛାତିରେ ଆଘାତ ଲାଗିଛି। ସକାଳେ ସାବିତ୍ରୀ ଗ୍ରାମବାସୀଙ୍କ ସହ କେନ୍ଦୁପତ୍ର ତୋଳିବାକୁ ଯାଇ ଭାଲୁ ସାମ୍ନାରେ ପଡିଥିଲେ। ଅନ୍ୟମାନେ ସାବିତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ। ବନ ବିଭାଗ ଗୁରୁତର ସାବିତ୍ରୀଙ୍କ ପାଖରେ ପହଞ୍ଚି ନାହିଁ। ସମ୍ବଲପୁର ଡିଏଫଓ ସଞ୍ଜିତ କୁମାର କହିଛନ୍ତି ଯେ, ଅଭିଯୋଗ ହୋଇ ନାହିଁ । ମହିଳାଙ୍କୁ ନିଶ୍ଚୟ ବନ ବିଭାଗ ନିୟମ ଅନୁସାରେ ସାହାଯ୍ୟ କରାଯିବ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ Regd. ଗୋଲ୍ଡ ମେଡାଲିଷ୍ଟ ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

ASTROLOGY

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

EDUCATION

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

See Color Display Classified on every Tuesday & Friday

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### 'ଭୀମଭୋଇ ସାମ୍ୟବାଦ୍, ମାନବବାଦର ଉଦ୍‌ଘୋଷକ'

ବଲାଙ୍ଗୀର ଅଫିସ, ୧୮।୫: ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଶନିବାର ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଗଣ୍ଡାବଜାର ସମ୍ପାଦକ ତ୍ରିଲୋଚନ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଗ୍ରନ୍ଥକାର ତଥା ସୂଚନା ଅଧିକାରୀ କର୍ମୀ ହେମନ୍ତ ପଣ୍ଡା ମୁଖ୍ୟଅତିଥି ଓ ମହିମାଧର୍ମର ଗବେଷକ ଅଧାପକ ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ସରପଞ୍ଚ ମନୋରଞ୍ଜନ କୁମ୍ଭାର, ସାମାଜିକ କର୍ମୀ ତରଣୀସେନ ଦୀପ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଋଷିଆରେ ସାମ୍ୟବାଦ ଆରମ୍ଭ ହେବା ପୂର୍ବରୁ କବି ଭୀମଭୋଇ ସାମ୍ୟବାଦର ଉଦ୍‌ଘୋଷଣା କରିସାରିଥିଲେ ବୋଲି ମୁଖ୍ୟବକ୍ତା ଦୁଆନ୍ କହିଥିଲେ। ଭୀମଭୋଇ ବାସ୍ତବରେ ଜଣେ ମାନବବାଦୀ କବି ବୋଲି ମୁଖ୍ୟଅତିଥି ପଣ୍ଡା କହିଥିଲେ। ଏହି ଅବସରରେ ଐତିହାସିକ ତଥା ମହିମାଧର୍ମର ଗବେଷକ ସ୍ୱର୍ଗତ ଡ. ସଦାନନ୍ଦ ଅଗ୍ରୱାଲଙ୍କ ପୁତ୍ର ଆଶିଷ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ ସିବିଏସ୍‌ଇ ପରୀକ୍ଷାରେ ଦଶମ ଶ୍ରେଣୀରେ ଜିଲାରେ ସର୍ବାଧିକ ମାର୍କ ରଖି ପ୍ରଥମ ହୋଇଥିବା ଛାତ୍ର ଦୁର୍ଯ୍ୟୋଧନ ଦୀପ ଏବଂ ଯୁକ୍ତଦୁଇ କଳା ଛାତ୍ର ଅମ୍ବିକା ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାଇକ୍ ଚୋରି ଅଭିଯୋଗ

ବିନିକା, ୧୮।୫(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ବାବୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଲସାପାଲି ଗ୍ରାମରେ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ସାରସମାଲ ଗ୍ରାମର ମନୋଜ ନାଏକ। ସେ ପଲସାପାଲି ଗ୍ରାମକୁ ତାଙ୍କ ଭାଣିଜୀ ବିବାହ ଉତ୍ସବରେ ଗୁରୁବାର ଯୋଗଦେବାକୁ ଆସିଥିଲେ। ବିଳମ୍ବିତ ରାତିରେ ତାଙ୍କ ବାଇକକୁ କେହି ଚୋରି କରି ନେଇ ଯାଇଥିଲେ। ଶୁକ୍ରବାର ମନୋଜ ଏ ନେଇ ବିନିକା ଥାନାରେ ତାଙ୍କ ବାଇକ୍ ନଂ-ଓଡି୩୧-୪୬୮୭ ଚୋରି ହୋଇଥିବା ସମ୍ପର୍କରେ ସେ ଲିଖିତ ଅଭିଯୋଗ କରିଛନ୍ତି।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୪ ଆହତ

ଉଲୁଣ୍ଡା, ୧୮।୫(ଡି.ଏନ.ଏ.)
ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ଉଲୁଣ୍ଡା କଲେଜ ଛକରେ ୨ବାଇକ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଆହତ ହୋଇଛନ୍ତି। ଗଇଲମରା ଗ୍ରାମର ନିଲେଶ ଘିବିଲା(୨୨) ଏକ ବାଇକ ଯୋଗେ ସମ୍ବଲପୁର ପଟରୁ ଆସୁଥିଲେ। ସେହିପରି ସାଗଜୁରି ଗ୍ରାମର ରାଜେନ୍ଦ୍ର ବାଘ (୪୮), ଅଶୋକ ବାଘ (୩୫) ଏବଂ ଦାଶରଥି କର୍ଣ୍ଣ (୪୫) ଖଲିଆପାଲିରେ କୀର୍ତ୍ତନ ସାରି ଘରକୁ ଅନ୍ୟ ଏକ ବାଇକ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣା ହୋଇଥିଲା। ଫଳରେ ସମସ୍ତେ ଆହତ ହୋଇ ରାସ୍ତା ଉପରେ ପଡିରହିଥିଲେ। ଖବର ପାଇ ଉଲୁଣ୍ଡା ଦମକଳ ବାହିନୀ ଆହତମାନଙ୍କୁ ଉଦ୍ଧାର କରିବା ସହ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ସୁବର୍ଣ୍ଣପୁରରେ ଗ୍ରୀଷ୍ମ ଲହରି

# ବଢୁଛି ତାପମାତ୍ରା, ଜନଜୀବନ ଅସ୍ତବ୍ୟସ୍ତ

ସୋନପୁର,୧୮।୫(ନି.ପ୍ର.)

ମେ ମାସ ଆରମ୍ଭରୁ ସୁବର୍ଣ୍ଣପୁର ଜିଲାରେ ଏବେ ନିଆଁ ବର୍ଷୁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। ଅବସ୍ଥା ଅସମ୍ଭାଳ ହେଲାଣି। ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢି ଚାଲିଛି। ତାତି, ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ମଧ୍ୟ ବୃଦ୍ଧି ପାଉଛି। ଅଞ୍ଚଳଟି ତତଲା କଡେଇରେ ପରିଣତ ହେଲାଣି। ମାତ୍ର ବର୍ଷାର ନାଁ ଗନ୍ଧ ନାହିଁ। ଗତ ୯ ଓ ୧୦ ତାରିଖରେ ତାପମାତ୍ର ୪୫ଡିଗ୍ରୀ ଉପରେ ରହିଥିଲା। ଶନିବାର ପାରଦ ୪୪.୨ ଡିଗ୍ରୀ ଛୁଇଁଛି। ସୁବର୍ଣ୍ଣପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଖରାର ପ୍ରକୋପ ସାଙ୍ଗକୁ ଝାଞ୍ଜିମାଡ ସ୍ଥିତିକୁ ଅଧିକ ସଙ୍ଗୀନ କରିଛି। ଲୋକେ ତହଲବିକଳ ହେଉଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ଗରମ ଝାଞ୍ଜି ପବନ ଅସହ୍ୟ ହୋଇପଡୁଛି। ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଯାନବାହାନ ଚଳାଚଳ ସହ ଲୋକଙ୍କ ଯାତାୟାତ ଏକପ୍ରକାର ବ୍ୟାହତ ହୋଇ ପଡୁଛି। ନିହାତି କାମ ନ ଥିଲେ ଲୋକେ ଘରୁ ବାହାରୁ ନାହାନ୍ତି। ରାସ୍ତାଘାଟ ଖାଁ ଖାଁ ଲାଗୁଛି । କ୍ରମାଗତ ତାପମାତ୍ରା ବୃଦ୍ଧି ଫଳରେ ଆଗକୁ ଅବସ୍ଥା କିପରି ହେବ ତାକୁ ନେଇ ସହରବାସୀ ଆତଙ୍କିତ



ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ସକାଳଠାରୁ ସୋନପୁର ସହର ଶୂନଶାନ୍ ହୋଇଯାଇଛି।

ହୋଇ ପଡିଛନ୍ତି। ଏଭଳି ପରିସ୍ଥିତିରେ ଲୋଭୋଲଟେଜ୍, ପାନୀୟ ଜଳ ସମସ୍ୟା ଜନସାଧାରଣଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି। ଜିଲାର ଗ୍ରାମାଞ୍ଚଳରେ ଅବସ୍ଥା ସଙ୍ଗୀନ। ଅଧିକାଂଶ ନଳକୂପ ଓ ଜଳ ଯୋଗାଣ ପ୍ରକଳ୍ପ ଅଚଳ ରହିଛି। ସେଗୁଡିକୁ ସଜଡା ଯାଉନି। ମହାନଦୀ ଓ ତେଲନଦୀ କୂଳରେ ଥାଇ ମଧ୍ୟ ସୋନପୁର ସହରବାସୀ ଜଳକଷ୍ଟ ଭୋଗୁଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ପଶୁପକ୍ଷୀ ମଧ୍ୟ ପାଣି ମୁନ୍ଦାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନର ସାମାନ୍ୟ ଦୃଷ୍ଟି ନାହିଁ। ଜିଲାରେ ଆବଶ୍ୟକତାଠାରୁ ବହୁ କମ୍ ଜଙ୍ଗଲ ରହିଛି। ମାତ୍ର ବନୀକରଣ ସଠିକ୍ ଢଙ୍ଗରେ ହେଉନି। ଓସାରିଆ ରାସ୍ତା ଓ କୋଠାବାଡି ନିର୍ମାଣ ପାଇଁ ପୁରୁଣା ଗଛଗୁଡିକୁ କାଟି ଦିଆଯାଉଛି। ଠିକାଦାରଙ୍କ ସ୍ୱାର୍ଥ ପାଇଁ ସବୁଠି କେବଳ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ କରା ଯାଉଛି। ବ୍ୟାପକ ବନୀକରଣ ଓ ପାରମ୍ପରିକ ଜଳଉତ୍ସର ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନି। ନଦୀରେ ଜଳସ୍ତର ହ୍ରାସ ପାଇବାରୁ ବିସ୍ତୀର୍ଣ୍ଣ ବାଲୁକା ରାଶି ଓ ପ୍ରସ୍ତର ଖଣ୍ଡ ତାତିକୁ ବଢାଉଛି। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଗାଁ ଗଣ୍ଡାରେ ଥିବା ଜଳାଶୟଗୁଡିକ ସମ୍ପୂର୍ଣ୍ଣ ଶୁଷ୍କ ହୋଇ ପଡିଛି। ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଅନେକ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର ପରେ ଅଚଳ ନଳକୂପଗୁଡିକ ମରାମତି ହେଉନାହିଁ। ଯନ୍ତ୍ରାଂଶ ନଥିବା ଦର୍ଶା ଯାଉଛି। ଏପଟେ ବିଭିନ୍ନ ଥଣ୍ଡା ପାନୀୟ, ସରବତ, ଆଖୁରସ, ଲସି, ଦହିବରା ଓ ତରଭୁଜ ଦୋକାନରେ ଲୋକଙ୍କ ଭିଡ ଜମୁଛି । ମାତ୍ର ସରକାରୀ ଅଫିସ ଗୁଡିକ ଖାଁ ଖାଁ ଲାଗୁଛି। ଅସହ୍ୟ ତାତି ସହ ଗୁଳୁଗୁଳି ଯୋଗୁଁ ଲୋକେ କୌଣସି କାମରେ ଅଫିସ ଆସୁ ନାହାଁନ୍ତି। ପଙ୍ଖା ଓ କୁଲରରୁ ଗରମ ପବନ ବାହାରୁ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତାତି ଏବେ ସବୁ ସୀମା ଟପି ଯାଇଥିବା ବେଳେ ବର୍ଷା ଟୋପେ ପାଇଁ ଲୋକେ ଚାହିଁ ରହିଛନ୍ତି। ତାତିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିସାରିଛି । ତେଣୁ ଜିଲାବାସୀ ଏହି ଅସହ୍ୟ ତାତି ଓ ଗୁଳୁଗୁଳିରେ ସିଝିବେ । ସ୍ଥିତି ଆହୁରି ଉଗ୍ର ରୂପ ଧାରଣ କରିବା ସ୍ପଷ୍ଟ ହୋଇଗଲାଣି । ତେବେ ବିଦ୍ୟୁତ୍ ସରବରାହକୁ ସ୍ଥିର ରଖିବା, ପର୍ଯ୍ୟାପ୍ତ ଭାବେ ଜଳଛତ୍ର ଖୋଲିବା, ଅଚଳ ନଳକୂପ ଗୁଡିକୁ ସଜାଡିବା ଓ ଗୋରୁ ଆଦି ଗୃହପାଳିତ ପଶୁଙ୍କ ପିଇବା ପାଇଁ ଜଳଯୋଗାଣ ବ୍ୟବସ୍ଥା ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

ତ୍ରିନାଥଙ୍କର ଅଜବ୍ ବଏସିରା

# ସବୁବେଳେ ହାତେ ଖଜୁର ପତେଇ

ଲୋଇସିଂହା,୧୮।୫(ଡି.ଏନ.ଏ)

ସବୁ ମୁନୁସ୍‌ର ଶରୀରକେ ଦେଖିଲେ ପାଖାପାଖି ସଭେ ସମାନ ଆଏ। ସମକର ରକତ୍, ହାତ୍‌ଗୋଡ଼, ନାକ୍‌କାନ୍, ଆଏଁଖି ଅଛେ। ହେଲେ ସମକର ଚାଲିଚଲନ, ବେଭାର ଆଚର, ବଏସିରା, ସଉକ୍ ଭିନେ ଭିନେ। ଏନ୍‌ତା ଝନେ ଭିନେ ଚରିତ୍ର ଲୋକ୍‌କେ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କର୍ଲପାଟ ଗାଁରେ। ଗାଁର ତ୍ରିନାଥ ପଧାନ (୪୪)। ବୁରତିରେ ସେ ଝନେ ବସ୍ କଣ୍ଡକ୍ଟର। ହେଲେ ତାକର ଗୁଟେ ଅଜବ୍ ବଏସିରା, ସବୁବେଳେ ଗୁଟେ ଖଜରି ପତେଇ ସେ ହାତେ ଧରିଛନ୍। ତାହାକୁ ଯେ ପଚରାଲେ ମୁଲ୍‌କରି ହସି ଦେଇ କହୁଛନ୍ ଇଟା ମୋର ଛୁଆବେଲର ବଏସିରା ଆଏ, ହେନ୍‌ତା କିଛି ନାଇଁ। ହାତେ ଖଜୁର ପତେଇ ନାଇଁଥିଲେ ଗୁଟେ କେନ୍‌ତା କେନ୍‌ତା ଲାଗ୍‌ସି, ବାସ୍ ଏତ୍‌କି ନ କହୁଛନ୍। ହେଲେ ଯେ ଦେଖିଲେ ସଭେ ଆଶିରିଯ୍ ହେଉଛନ୍। ଏଡେଟେ ଲୋକ୍ ଗୁଟେ ଖଜୁର ପତେଇ ହାତେ କାଏଁଯେ ଧରିଛନ୍, କିଛି ତ କାରନ୍ ଥିବା। ଇଟା ହେଉଛେ ପରିବାରନୁ ମୂଲ୍ କରି ସାଂଗ୍‌ସରସା, ଲାଗେଲେସର ସମକର ଭାବନା।



ତ୍ରିନାଥ ପଧାନ

ସୂଚନା ଅନ୍‌ସାରେ କର୍ଲପାଟ ଗାଁର ତ୍ରିନାଥ ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଉତାରୁ ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ପାଠ୍ ପଢ଼ିଛନ୍। ସେ ଗଲା ବାର ବଛର ହେଲା ବଲାଙ୍ଗୀର-କଣ୍ଟାବାଞ୍ଜି ରୋଡ଼ରେ ଗୁଟେ ବସ୍‌ରେ କଣ୍ଡକ୍ଟର କାମ୍ କରୁଛନ୍। ବଲାଙ୍ଗୀର, ବରଗଡ଼, ବୌଦ୍ଧ, ସୋନପୁର, କଣ୍ଟାବାଞ୍ଜିରେ ଖଜୁର ପତେଇ କଣ୍ଡକ୍ଟର ହିସାବେ ସେ ଜନାଶୁନା। ତାକର ପରିବାର କହେଲେ ମାଏକିନା ଆର ଦୁଇ ପିଲାକୁ ନେଇ ସୁଖର ସଁସାର। ତ୍ରିନାଥଙ୍କର କହେବାର ହିସାବେ ଗାଁରେ ବଁଧି ନାଁଇଁନ। ହେଲେ ଗାଁ ପାସେ କୁଶଙ୍ଗାଇ ନାଲ ଅଛେ। ସେଠାନେ ଗାଁର ଲୋକ୍ ଝାଡ଼ାଝପଟ, ଗଧାବୁଡ଼ା କରସନ୍। ତ୍ରିନାଥ ଛୁଆବେଲେ ଦିନେ ଇ ନାଲ୍‌କେ ଝାଡ଼ା ଯାଇଥିଲେ। ଝାଡ଼ା ଗଲା ଉତାରୁ କାଠି କରବାର ଲାଗି ଗୁଟେ ଖଜୁର କାଠି ଭାଂଗୁଥିଲେ। ସେଦିନ୍‌ଠାନୁ ସେ ଗୁଟେ ଖଜୁର ପତେଇ ନିଜର ଭୁଜନି ହାତେ ଧରୁଛନ୍। ସ୍କୁଲରେ ସାଂଗସାଥିନୁ ଶିକ୍ଷକ୍ ତକ୍ ସଭେ ପଚରେଇଛନ୍, ଶିକ୍ଷକମାନେ ଇଟା କାଏଁ ବଏସିରା, ଖଜୁର ପତେଇ ନାଇଁ ଧରବୁ ବଲି ବି ବୁଝେଇଛନ୍। ହେଲେ ସେ କେଭେ ଇ ବଏସିରା ନାଇଁଛାଡ଼ି। ଘରେ ମା'ବାପ୍, ମାଏକିନା ସଭେ ମନା କରିଛନ୍ ହେଲେ ସେ ବଏସିରା ନାଇଁ ଛାଡ଼ିପାରବାର। ଖାଲି ରାତିରେ ଶୁଇଲାବେଲେ ମୁଚଲା ତଲେ ଖଜୁର ପତେଇକେ ରଖି ଦେଉଛନ୍। ଫେନ୍ ସଖାଲୁ ଉଠୁନ୍‌ସାର ହାତେ ପତେଇ ଧରୁଛନ୍। ଖଜୁର ପତେଇ ଶୁଖି ଭାଂଗିଗଲେ ନୂତନ୍ ପତେଇ ଆନି ଧରୁଛନ୍। ବସ୍‌ରେ ଗଲାଆଏଲା ବେଲେ, ରାସ୍‌ତାଘାଟରେ ଲୋକ୍ ତାହାକୁ ଦେଖିଲେ ଡରୁଛନ୍। ହେଲେ ତ୍ରିନାଥ କେହି ଡରୁଥିବାର ଜାନ୍‌ଲେ ତାହାକୁ ବୁଝେଇ ଦେଉଛନ୍, ମୁଇଁ ବି ତମର ଲେଖେଁ ଗୁଟେ ମୁନୁଷ୍ ଆଏ, ମୋତେ ଡରବାର କିଛି କାରନ୍ ନାଇଁ, ଇଟା ମୋର ବଏସିରା ଆଏ। ମୁଇଁ ଗୁନି ଗାରେଡ଼ି, ମନ୍‌ତର ଯନ୍‌ତର କିଛି ନାଇଁ ଜାନି ବଲି କହୁଛନ୍। ସେନ୍‌ତା ତାକର ଝନେ ପାଠ୍‌ପଢ଼ା ବେଲର ସାଂଗ ସରୋଜ ବିଶ୍ୱାଳ କହିଛନ୍ ଯେ, ଆମେ ହାଇସ୍କୁଲରେ ପଢ଼ଲାବେଲୁ ତ୍ରିନାଥ ଖଜୁର ପତେଇ ଧରବାର ଦେଖୁଛୁଁ। ତାହାକେ ଅନେକ ଥର ପଚରେଇଛୁଁ, ହେଲେ ହସି ଦେବା ଆର କହେବା ଇଟା ମୋର ଗୁଟେ ବଏସିରା ଆଏ। ନାଇଁ ଧଏଲେ କେନ୍‌ତା କେନ୍‌ତା ଗୁଟେ ଲାଗ୍‌ସି। ହେଲ ଇ ଖଜୁର ପତେଇ ଧରବାର ରହସ୍ ଆଏଜ୍ ବି ରହସ୍ ହେଇ ରହିଛେ ବଲି ସେ କହିଥିଲେ।

# ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

ଅମରପାଲି, ୧୮।୫ (ଡି.ଏନ.ଏ)

ବୀରମହାରାଜପୁର ଉପଖଣ୍ଡୀୟ ଚିକିତ୍ସାଳୟ ପକ୍ଷରୁ ବଡଖମାର ଗ୍ରାମରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଯାଇଛି। ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ହରିବୋଲ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡା. ବିଶ୍ୱନାଥ ରଥ, ସୁପରଭାଇଜର ଆଲୋକ ସେଠୀ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିମା କୁଅଁର ପ୍ରମୁଖ ଯୋଗଦେଇ ଉଚ୍ଚ ରକ୍ତଚାପର କାରଣ ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ । ସଭାରେ ହରିବୋଲ ଭୋଇ ସ୍ୱାଗତ କରିବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଗ୍ରାମର ମହିଳା, ପୁରୁଷ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ।

# ଭୋଟ ଗଣତି ତାଲିମ କାର୍ଯ୍ୟକ୍ରମ

ସୋନପୁର,୧୮।୫(ନି.ପ୍ର.)

ନିର୍ବାଚନ କମିଶନଙ୍କ ଆଦେଶକ୍ରମେ ସୁବର୍ଣ୍ଣପୁର ଜିଲାରେ ଭୋଟ ଗଣତି କାର୍ଯ୍ୟକ୍ରମ ସୁଚାରୁରୁପେ ସମ୍ପାଦନ କରିବା ପାଇଁ ବୀରମହାରାଜପୁର ପଞ୍ଚାୟତ ସମିତି ସଭାଗୃହ ଓ ସୁବର୍ଣ୍ଣପୁର ଜିଲାପାଳଙ୍କ ସଭାଗୃହରେ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୮ଜଣ କାଉଣ୍ଟିଂ ସୁପରଭାଇଜର, ୫୮ କାଉଣ୍ଟିଂ ଆସିଷ୍ଟାଣ୍ଟ ଓ ୬୨ଜଣ ମାଇକ୍ରୋ ଅବଜରଭର ତାଲିମ ନେଇଛନ୍ତି। ତାଲିମ ଶିବିରର ସୁପରିଚାଳନା ନିମନ୍ତେ ମୁଖ୍ୟ ନିର୍ବାଚନ କମିଶନଙ୍କ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଭୋଟ ଗଣତି କିଭଳି ଭାବେ ସୁଚାରୁରୂପେ ସମ୍ପାଦନ କରାଯିବ କାଉଣ୍ଟିଂ ସୁପରଭାଇଜର, ଆସିଷ୍ଟାଣ୍ଟ ଓ ମାଇକ୍ରୋ ଅବଜରଭାରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବୀରମହାରାଜପୁରରେ ତହସିଲଦାର ସୂର୍ଯ୍ୟାଂଶୁ ରୁଟ୍ ଓ ଗୁପ୍ତେଶ୍ୱର ରଣା, ସୁବର୍ଣ୍ଣପୁରରେ ତରଭା ବିଡିଓ ନିହାର ରଞ୍ଜନ କହଁର, ବିକାଶ ରଞ୍ଜନ ନାୟକ ଉପସ୍ଥିତ ରହି ଭୋଟ ଗଣତିର ବିଭିନ୍ନ ପ୍ରକ୍ରିୟା, ଇଭିଏମ ଓ ଭିଭିପିଏଟି ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ। ସୋନପୁର ଉପଜିଲାପାଳ ତଥା ରିଟର୍ନି ଅଫିସର ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ସୁବ୍ରତ ବେହେରା ରାଜ୍ୟସ୍ତରରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇ ଏହି ଶିବିରକୁ ପରିଚାଳନା କରିଥିଲେ ।



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତାଲିମ ଶିବିରରେ ଉପସ୍ଥିତ ଅଧିକାରୀମାନେ।

### ୩ ପରିବାରର ୫ ବଖରା ଜଳିଗଲା

ଉଲୁଣ୍ଡା, ୧୮।୫ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧୁଲଧୁଲା ଗ୍ରାମରେ ନିଆଁ ଲାଗି ୩ ପରିବାରର ୫ ବଖରା ଘର ପୋଡି ଭସ୍ମୀଭୂତ ହୋଇଯାଇଛି। ନିଆଁ ଲାଗିବା ସମୟରେ ପରିବାରର କୌଣସି ସଦସ୍ୟ ଘରେ ଉପସ୍ଥିତ ନ ଥିଲେ। ପ୍ରାପ୍ତ ସୂଚନା ମତେ, ଗାଁରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଦେଖିବା ପାଇଁ ସମ୍ପୃକ୍ତ ପରିବାରର ସଦସ୍ୟମାନେ ଯାଇଥିବା ବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ଗ୍ରାମର ରାଜେନ୍ଦ୍ର ଲୁହାଙ୍କ ୨ ବଖରା, ପ୍ରଶାନ୍ତ ଲୁହାଙ୍କ ୨ ବଖରା ଏବଂ ସୁଦାମ ଲୁହାଙ୍କ ଗୋଟିଏ ବଖରା ପୋଡି ଯାଇଛି। ପୋଡି ଯାଇଥିବା ସାମଗ୍ରୀ ମଧ୍ୟରେ ଆସବାବପତ୍ର ଓ ୬କୁଇଣ୍ଟାଲ ଧାନ ଓ ଚାଉଳ ଅନ୍ତର୍ଭୁକ୍ତ। ପରେ ଉଲୁଣ୍ଡା ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ତେବେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଯଥାଶୀଘ୍ର ରିଲିଫ ଯୋଗାଇଦେବା ସହ ସମସ୍ତ ସରକାରୀ ସହାୟତା ଉପଲବ୍ଧ କରାଇବାକୁ ଦାବି ହେଉଛି।

**Zilla Swasthya Samiti, Ganjam**

**Advt. No. 9140** **Date: 18.05.2019**

**Notice**

In pursuance to the advertisement No. 2901 Dtd. 16.02.19 the detail database of the application received for the Post of 1. AYUSH (Ayurvedic Doctor Male), 2. AYUSH (Ayurvedic Doctor Female), 3. AYUSH (Homoeopathic Doctor Female), 4. Pharmacist, 5. Staff Nurse/ ANM under RBSK programme is hereby web hoisted in the district website https://ganjam.nic.in, for more detail candidates are advised to visit the website.

**Sd./- CDM & PHO, Ganjam**

# ପିଆଇସିଏଲ୍ ଅର୍ଥ ଠକେଇ, ଜେଲଗଲେ ନିର୍ଦ୍ଦେଶକ

ବଲାଙ୍ଗୀର ଅଫିସ, ୧୮।୫

ପିଆଇସିଏଲ ମଲ୍ଟି ଷ୍ଟେଟ୍ କ୍ରେଡିଟ୍ କୋଅପରେଟିଭ ସୋସାଇଟି ଜରିଆରେ ୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲା ଉପରୁ ପର୍ଦ୍ଦା ହଟିବାରେ ଲାଗିଛି । ଠକାମିର ଶିକାର ଏଜେଣ୍ଟ ଓ ଗ୍ରାହକଙ୍କ ଅଭିଯୋଗକୁ ଭିତ୍ତିକରି ବଲାଙ୍ଗୀର ଥାନା ପୋଲିସ ଏହି ସଂସ୍ଥାର ନିର୍ଦ୍ଦେଶକ ହୁତାସନ୍ ଯାଦବଙ୍କୁ ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ୍ ଆବେଦନ ଖାରଜ୍ ପରେ ତାଙ୍କୁ ଶେଷରେ ଜେଲ ଯିବାକୁ ପଡିଛି । ପୋଲିସ ଏହି ସଂସ୍ଥାର ଦୁଇଟି କମ୍ପ୍ୟୁଟର ସିଷ୍ଟମ, ପ୍ରିଣ୍ଟର ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ୨୦୧୮ ମସିହାର କୌଣସି ଏକ ସମୟରେ କମ୍ପାନୀ ତ୍ରିକ୍ରାପଡାସ୍ଥିତ ତେରାପନ୍ଥ ଭବନ ନିକଟ ପିଆଇସିଏଲ ସଂସ୍ଥା ଅଫିସ ବନ୍ଦ କରିଦେଇ ଫେରାର ହୋଇଯାଇଥିଲା । ଏହାପରେ ସହସ୍ରାଧିକ ଏଜେଣ୍ଟଙ୍କ ଭିତରୁ ଦୁଇଜଣ ଅଫିସ ଭିତରୁ ଦୁଇଟି କମ୍ପ୍ୟୁଟର ଓ ଏକ ପ୍ରିଣ୍ଟର ସହ ଅନ୍ୟ କାଗଜପତ୍ର ନେଇ ଯାଇଥିଲେ । ଶନିବାର ଟାଉନ୍ ଥାନା ପୋଲିସ ସେମାନଙ୍କଠାରୁ ଏସବୁ ଜବତ କରିଛି ।

ବଲାଙ୍ଗୀର ସହରରେ ୨୦୧୨ ମସିହାରୁ ପିଆଇସିଏଲ ସଂସ୍ଥା ଅଫିସ ଖୋଲି ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, ବୌଦ୍ଧ ଓ କଳାହାଣ୍ଡି ଜିଲାରେ କାର୍ଯ୍ୟ କରୁଥିଲା । ଏହି ସଂସ୍ଥାରେ ୬ ବର୍ଷ ସମୟ ଅବଧି ପାଇଁ ଫିକ୍ସଡ୍ ଡିପୋଜିଟ୍ କଲେ ଦିଗୁଣା ଅର୍ଥ ମିଳିବ ବୋଲି ପ୍ରଚାର କରିବା ପରେ ଉପରୋକ୍ତ ୫ଟି ଜିଲାର ସହସ୍ରାଧିକ ଲୋକ ପ୍ରଲୋଭନରେ ପଡି ଏହି ସଂସ୍ଥାରେ ଡିପୋଜିଟ୍ କରିଥିଲେ। ନିର୍ଦ୍ଦିଷ୍ଟ ଭାବରେ କେତେ ସଂଖ୍ୟାର ଗ୍ରାହକ ଓ ଏଜେଣ୍ଟ ଥିଲେ ତାହା ଜଣାପଡି ନ ଥିଲେ ମଧ୍ୟ ଉପରୋକ୍ତ ୫ଟି ଜିଲାର ୨୦ ହଜାରରୁ ଅଧିକ ଗ୍ରାହକଙ୍କଠାରୁ ସଂସ୍ଥା ୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିପୋଜିଟ୍ ନାଁରେ ସଂଗ୍ରହ କରି ଫେରାର ହୋଇଯାଇଥିବା କୁହାଯାଉଛି । ଅର୍ଥ ଠକେଇ ମାମଲାରେ ବହୁ ସହଯୋଗୀ ରହିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଥିବା ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ କହିଛନ୍ତି । ତେବେ ସୋସିଆଲ ମିଡିଆରେ ଗିରଫ ନିର୍ଦ୍ଦେଶକ ହୁତାସନ୍‌ଙ୍କ ସହ କେତେକ ଭାଜପା ନେତାଙ୍କ ଫଟୋ ଭାଇରାଲ ହେବା ପରେ ଏହି ମାମଲା ଚର୍ଚ୍ଚାର ବିଷୟ ହୋଇଛି।

**ADMISSION NOTIFICATION: 2019-21 FOR THE COURSES**

**C.P.Ed.| B.P.Ed.| M.P.Ed.**

**Baliapal College of Physical Education**
**Baliapal Balasore, Odisha -756026**

LAST DATE FOR RECEIVING APPLICATION: 22/06/2019, DATE OF INTERVIEW FOR C.P.Ed. 01/07/2019, FOR B.P.Ed. 02/07/2019 & FOR M.P.Ed. 03/07/2019. APPLICATION RECEIVED BEYOND THE LAST DATE WILL NOT BE ACCEPTED AND APPLICATION FEES WILL BE FORFEITED.

Recognized by NCTE, Govt. of Odisha and affiliated to F.M. University, Balasore, Odisha under 2 (f) of U.G.C. New Delhi & Board of Secondary Education, Odisha Cuttack

For detail notification and downloading of application form please visit our website: www.bcpe.in, Contact: Mob: 9560901614

**ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼**

ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ଙ୍କ ଆନୁକୂଲ୍ୟରେ ଆସନ୍ତା ତା.୦୭।୦୬।୧୯ରିଖ ଦିବା ୧୦ଘଟିକାରେ ଅନୁସୂଚିତ ଜାତି ଓ ଜନଜାତି (SC/ST) ଉଦ୍ୟୋଗୀ/ଶିକ୍ଷିତ ବେକାର ଯୁବକ ଯୁବତୀ/ ଯାନ୍ତ୍ରିକ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଣୁ/କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀମାନଙ୍କ ନିମନ୍ତେ ଜାତୀୟ SC/ST-HUB ଯୋଜନା ଅନ୍ତର୍ଗତ ଏକଦିବଦୀୟ ସମ୍ବେଦିକରଣ ଓ ସଚେତନତା ଶିବିର ହୋଟେଲ ନୀଳମାଧବ, ଖଣ୍ଡପଡ଼ା ରୋଡ, ନୟାଗଡ଼ଠାରେ ଅନୁଷ୍ଠିତ ହେବ। ଏଥିରେ ଉପରୋକ୍ତ ସମସ୍ତ ଇଚ୍ଛୁକ ଅନୁସୂଚିତ ଜାତି ଓ ଜନଜାତି (SC/ST) ଉଦ୍ୟୋଗୀ ଛାତ୍ରଛାତ୍ରୀ ଓ ନୂତନ/ପ୍ରତିଷ୍ଠିତ ଉଦ୍ୟୋଗୀମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ।

ସବିଶେଷ ବିବରଣୀ ପାଇଁ ସଂପୃକ୍ତ ବ୍ଲକ ଶିଳ୍ପବିକାଶ ଅଧିକାରୀ (IPO)/ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ଙ୍କଠାରେ ଯୋଗାଯୋଗ କରିପାରିବେ।

**ଯୋଗାଯୋଗ-ଫୋନ ନଂ (୦୬୭୫୩) ୨୫୩୭୮୩**

**ସ୍ୱା./- ସାଧାରଣ ପରିଚାଳକ**
**ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼**

**SASHI BHUSAN GOVT.(AUTO) WOMENS COLLEGE, BERHAMPUR**

No.1039 Date:18.05.2019

**Tender Call Notice**

**Tender Notice for award of contract for providing of services of Semi Skilled person to work in Controller of Examination Section/College Office.**

Sealed Tenders are invited from reputed manpower agencies/service providers to provide a Semi Skilled person to work in Controller of Examination Section/Office for a period of one year w.e.f. **the Date of Engagement** through a suitable placement agency on contact basic for day to day work which may be extended as per requirement.

The detailed information for outsourcing the services of the aforesaid engagement may be obtained in person from the office of the PRINCIPAL, SASHI BHUSAN RATH GOVT. (AUTO) WOMENS COLLEGE, BERHAMPUR-760001 on any working day between 11.00 A.M. to 3.00 P.M. from 18th may 2019 to 27th may 2019. The Tender Document will be received through Regd. Post/Speed Post or by Person. The last date for submission of tender is 27th may 2019.

Sd./- Principal, Sashi Bhusan Rath
Govt. (Auto) Womens College, Berhampur

See Career Appointment on every Wednesday & Saturday

**ODISHA POLICE, OISF, HEADQUARTERS**
**PLOT NO.139 (P) KESHARI NAGAR, UNIT-V, BHUBANESWAR**

**ବିଜ୍ଞାପନ**

କନେଷ୍ଟବଲ ନମ୍ବର - ୭୩୩ ସନାତନ ବେହେରା
ପିତା - ଶ୍ରୀ ହାଡିବନ୍ଧୁ ବେହେରା
ଗ୍ରାମ - କୁଆହରା, ପୋ. - ଜଗନ୍ନାଥପ୍ରସାଦ
ଥାନା - ଫତେଗଡ, ଜିଲ୍ଲା - ନୟାଗଡ଼

No.19-D:- ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ବେଦାନ୍ତ ଆଲୁମିନା ଲିମିଟେଡ୍, ଲାଞ୍ଜିଗଡ, କଳାହାଣ୍ଡି ସ୍ଥିତ ଓ.ଆଇ.ଏସ୍.ଏଫ. କ୍ୟାମ୍ପରୁ ତା.୦୩।୦୩।୨୦୧୯ରିଖ ଅପରାହ୍ନ ଠାରୁ ୦୪।୦୩।୨୦୧୯ ଅପରାହ୍ନ ପର୍ଯ୍ୟନ୍ତ ୦୧ ଦିନ ଛୁଟିରେ ଯାଇଥିଲେ। ଆପଣଙ୍କର ତା.୦୫।୦୪।୨୦୧୯ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି, ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଓ.ଆଇ.ଏସ୍.ଏଫ. କ୍ୟାମ୍ପ ବେଦାନ୍ତ ଆଲୁମିନା ଲିମିଟେଡ୍, ଲାଞ୍ଜିଗଡ, କଳାହାଣ୍ଡିରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ସୁ.ତ୍ରିପାଠୀ
ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

Address-O/O The Commandant, OISF, At- Plot No.139 (P) Keshari Nagar, Unit-V, Bhubaneswar, Pin-751001, Dist-Khurda, E-mail- comdtoisf.odpol@gov.in

12029/11/0007/1920



ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍‌ସନ



## ସଂକ୍ଷେପରେ



### ପରିତ୍ୟକ୍ତ କୂଅରୁ ବଳଦ ଉଦ୍ଧାର

ଟିକ୍ରାପଡା, ୧୮।୫(ଡି.ଏନ.ଏ.) : ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ବେଲଘାଟି ଗ୍ରାମରେ ପିଇବା ପାଇଁ ପାଣି ସନ୍ଧାନରେ ଆସି ଏକ ବଳଦ ଅପରାହ୍ନ ସାଢେ ଚାରିଟାରେ ଚାନ୍ଦିନୀ ନ ଥିବା ଏକ ୩୦ ଫୁଟ ଗଭୀର ପରିତ୍ୟକ୍ତ କୂଅ ମଧ୍ୟକୁ ଖସି ପଡିଥିଲା । ସ୍ଥାନୀୟ ସାଲେକ ମହାକୁର, ଗୋପାଳ ବରିହା, ସତ୍ୟବାନ ଭୂଏ, ସୁଦାମ ରାଏ ପ୍ରମୁଖ ଜେସିବି ସହାୟତାରେ ବଳଦକୁ ବହୁ କଷ୍ଟରେ ବାହାରକୁ ଆଣିଥିଲେ। ଜୁରାବନ୍ଧ ପଞ୍ଚାୟତ ଅଞ୍ଚଳରେ କୂଅ ପୋଖରୀରୁ ଜଳ ଶୁଖି ଯିବାପରେ ଗୋରୁ ମାନେ ପାଣ ପାଇଁ ବହୁ ଅସୁବିଧାର ସମ୍ମୁଖୀ ହେଉଛନ୍ତି। ପଶୁ ପକ୍ଷୀଙ୍କ ପାଇଁ ପାଣିକୁଣ୍ଡ ତିଆରି କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।



### ଟିଟିଲାଗଡ: ୪୫ ଡିଗ୍ରୀ ଉପରେ ପାରଦ

ଟିଟିଲାଗଡ଼, ୧୮।୫(ଡି.ଏନ.ଏ.): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ତାପମାତ୍ରା ବୃଦ୍ଧି ପାଇ ଟିଟିଲାଗଡ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ କରିପକାଇଛି। ଅନ୍ୟପକ୍ଷରେ ଗତ ଦୁଇଦିନ ଧରି ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବାରେ ଲୋକେ କଲବଲ ହେଉଛନ୍ତି। ଶୁକ୍ରବାର ସରକାରୀ ଭାବରେ ତାପମାତ୍ରା ୪୫.୫ ଡିଗ୍ରୀ ଓ ଶନିବାର ୪୫.୮ ଡିଗ୍ରୀକୁ ଛୁଇଁଥିବା ରେକର୍ଡ ହୋଇଛି। ଆଗକୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗର ଆକଳନ ଲୋକଙ୍କୁ ଭୀତତ୍ରସ୍ତ କରି ପକାଇଛି। ବିଶେଷ କରି ଶ୍ରମଜୀବୀମାନେ କର୍ମହରା ହୋଇପଡିଛନ୍ତି। ପୂର୍ବାହ୍ନ ୯ଟାରୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ସହରର ପ୍ରାୟ ୧୫ କିଲୋମିଟର ପରିସୀମା ମଧ୍ୟରେ ଅସଂଖ୍ୟ ଲଣ୍ଡା ପାହାଡ ତାତିକୁ ବୃଦ୍ଧି କରିଛି। ଅନ୍ୟପକ୍ଷରେ ଜଳସେଚନ ବିହୀନ ଟିଟିଲାଗଡ ଅଞ୍ଚଳରେ ବର୍ଷାହାନିର ସମସ୍ୟା ଲାଗି ରହିଛି। ଚାଷ ଜମି ସହ ପୋଖରି, ଚେକଡ୍ୟାମଗୁଡିକ ବର୍ଷା ଅଭାବରୁ ଶୁଷ୍କ ହୋଇଯିବା ତାପମାତ୍ରା ବୃଦ୍ଧି ପାଇଁ ପରିସ୍ଥିତି ସୃଷ୍ଟି କରୁଥିବା କୁହାଯାଉଛି। ଏନେଇ ସରକାରୀସ୍ତରରେ ଏକ ଦୀର୍ଘମିଆଦି ଯୋଜନା ପ୍ରଣୟନ ସହ ଜଳସେଚନ ଓ ବ୍ୟାପକ ବନୀକରଣ ହିଁ ଏକମାତ୍ର ବିକଳ୍ପ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି।

### ପଟାମରା ଚନ୍ଦନ ଯାତ୍ରା ଉଦ୍‌ଯାପିତ

ଟିକ୍ରାପଡା, ୧୮।୫(ଡି.ଏନ.ଏ.) ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ ପଟାମରା ଗ୍ରାମରେ ସାତଦିନ ଧରି ଚାଲିଥିବା ଚନ୍ଦନ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି । ଏଥିରେ ଝାରମଲି ବାରିକ, କମଳାକାନ୍ତ ବାରିକ କର୍ତ୍ତା ରହିଥିଲେ। ରାଜେନ୍ଦ୍ର ତ୍ରିପାଠୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରତିରାତ୍ରରେ ବଳିଆର ସିଂ ବିରଚିତ ବିରାଟ ପର୍ବ ନାଟକ ମଞ୍ଚସ୍ଥ ହୋଇଥିଲା । ଏଥିରେ ବିରାଟ ଭୂମିକାରେ ରାଜେନ୍ଦ୍ର ତ୍ରିପାଠୀ, କୀଚକ ସାଧୁ ଜାଲ, ସୈରିନ୍ଦ୍ରୀ ନିରାକାର ମହାକୁର, ଯୁଧିଷ୍ଠିର ରାଧେଶ୍ୟାମ ବଗର୍ତ୍ତୀ, ଭୀମ ଅଜୟ କରନ, ଦୁର୍ଯ୍ୟୋଧନ ଶିବ ପଧାନ ଓ ଅର୍ଜୁନ ଭୂମିକାରେ ଭାସ୍କର ଧରୁଆ ଅବତୀର୍ଣ୍ଣ ହୋଇଥିଲେ । ବେଡା ପସାୟତ, ସୁରେଶ ମହାକୁର ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ।

# ଭୂତଳ ଜଳ ବି ଜହର

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୮।୫

ଯାଜପୁର ଜିଲାରେ କେବଳ ନଦୀଜଳ କିମ୍ବା ଭୂପୃଷ୍ଠ ଜଳ ନୁହେଁ ଭୂତଳ ଜଳ ମଧ୍ୟ ବିଷାକ୍ତ ହେବାରେ ଲାଗିଛି। ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫ୍‌ସି) ଅଂଶ ଆବଶ୍ୟକଠାରୁ ବହୁ ଅଧିକ ରହିଥିବା ଜଣାପଡିଛି। ଯାହାକି ପାନୀୟ ଉପଯୋଗୀ ନୁହେଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ଜିଲାର ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଧା ନିକଟରୁ ସଂଗୃହୀତ ହୋଇଥିବା ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ଏସ୍‌ପିସିବିର ସଦସ୍ୟ ସଚିବ ଏହି ମର୍ମରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫଙ୍କୁ ଜଣାଇବା ପରେ ସେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଗତମାସ ୯ତାରିଖରେ ସୂଚିତ କରିଛନ୍ତି। ନିଜ ନିଜ ଅଞ୍ଚଳର ଭୂତଳ ଜଳ ନମୁନା ସଂଗ୍ରହ କରି ପରୀକ୍ଷାଗାରରେ ପରୀକ୍ଷା କରିବା ପରେ ପାନୀୟ ଜଳ ଯୋଗାଣ କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପରାମର୍ଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପ ଓ ଖଣି ଅଞ୍ଚଳ ସମେତ ଏହାର ଆଖପାଖ ବ୍ଲକ ଅଞ୍ଚଳରେ ଶତାଧିକ ଲୋକ କିଡ୍‌ନୀ ରୋଗ ଯୋଗୁ ମୃତ୍ୟୁବରଣ କରୁଛନ୍ତି। ଏବେ ବି ହଜାରରୁ ଉର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତେବେ ଭୂତଳ ଜଳରେ ଆଇରନ ସହ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ରହିଥିବା ପ୍ରମାଣିତ ହେବା ସତ୍ତ୍ୱେ ଏହାର ପ୍ରତିକାର ନିମନ୍ତେ ପ୍ରଶାସନସ୍ତରରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନିଆଯିବା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ ହଜାର ହଜାର ମେଟ୍ରିକ ଟନ୍ କ୍ରୋମାଇଟ ଗଚ୍ଛିତ ରହିଛି। ଏହି ପ୍ରାକୃତିକ ସମ୍ପଦକୁ ବିଭିନ୍ନ ଖଣି ସଂସ୍ଥା ଗତ ୭ଦଶନ୍ଧି ହେଲା ଲୁଟ କରି ଆସୁଛନ୍ତି। ତେବେ ଗତ ୫ବର୍ଷ ହେଲା ଖଣି ନିଲାମରେ ସୁଧାର ଆଣିବା ପରେ ଲୁଟ କାରବାର କେତେକାଂଶରେ ପ୍ରଶମିତ ହୋଇଛି। କିନ୍ତୁ ବାୟୁ ଓ ଜଳ ପ୍ରଦୂଷଣକୁ ନେଇ ଖଣି ସଂସ୍ଥାମାନେ କାହାରି ବୋଲ ମାନୁନାହାନ୍ତି। ଫଳରେ ଭୂପୃଷ୍ଠ ଜଳ ସହିତ ଭୂତଳ ଜଳ ମଧ୍ୟ ଜହର ହେବାରେ ଲାଗିଛି। ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ଏସପିସିବି ପକ୍ଷରୁ ଭୂତଳ ଜଳ ନମୁନା ପରୀକ୍ଷା ହୋଇଥିଲା। ଏଥିରେ ଯାଜପୁର ଜିଲାର ଖଣି ଅଞ୍ଚଳ ସାରୁଆବିଲ ଓ କମର୍ଦ୍ଧା ନିକଟସ୍ଥ ଭୂତଳ ଜଳରେ ଆଇରନ ଅଂଶ ଅଧିକ ରହିଥିବା ଜଣାପଡ଼ିଥିଲା। ପରୀକ୍ଷା ରିପୋର୍ଟ ଅନୁସାରେ ସାରୁଆବିଲ ଖଣି ଅଞ୍ଚଳର ଭୂତଳ ଜଳରେ ପ୍ରତି ଲିଟରରେ ୨.୬୨୧ ମିଲିଗ୍ରାମ ଆଇରନ ଅଂଶ ରହିଛି। ସେହିପରି କମର୍ଦ୍ଧା ଅଞ୍ଚଳର ଭୂତଳ ଜଳରେ ଲିଟର ପିଛା ୫.୩୨୪ ମିଲିଗ୍ରାମ ଆଇରନ ଅଂଶ ମିଳିଛି। ଏହି କାରଣରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ଭୂତଳ ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗକୁ ଏସ୍‌ପିସିବିର ସଦସ୍ୟ ସଚିବ ସୂଚିତ କରିଛନ୍ତି। ଏହାବାଦ ଜିଲାର ଟିସ୍କୋ ଓ କାଳିଆପାଣି ଖଣି ଅଞ୍ଚଳର ଭୂତଳ ଜଳରେ ଟୋଟାଲ କୋଲିଫର୍ମ ଓ ଫେକାଲ କୋଲିଫର୍ମ ରହିଛି। ରିପୋର୍ଟ ଅନୁସାରେ ଟିସ୍କୋ ଖଣି ଅଞ୍ଚଳର ଭୂତଳ ଜଳରେ ୧୬୦୦ ଏମ୍‌ପିଏନ୍(ମୋଷ୍ଟ ପ୍ରୋବେବୁଲ ନମ୍ବର)/୧୦୦ଏମ୍‌ଏଲ୍ ଟୋଟାଲ କୋଲିଫର୍ମ ଓ ୫୪୦ଏମ୍‌ପିଏନ୍/୧୦୦ଏମ୍‌ଏଲ୍ ଫେକାଲ କୋଲିଫର୍ମ ମିଳିଛି । ସେହିପରି କାଳିଆପାଣି ଅଞ୍ଚଳର ଭୂତଳ ଜଳରେ ୭.୮ ଏମ୍‌ପିଏନ୍/୧୦୦ଏମ୍‌ଏଲ୍ ଟୋଟାଲ କୋଲିଫର୍ମ ଓ ୧.୮ରୁ ଅଧିକ ଏମ୍‌ପିଏନ୍/୧୦୦ଏମ୍‌ଏଲ୍ ଫେକାଲ କୋଲିଫର୍ମ ମିଳିଛି। ଯାହାକି ପାନୀୟ ଅନୁପଯୋଗୀ ବୋଲି କେତେକ ବେସରକାରୀ ସଂସ୍ଥା ଦ୍ୱାରା ହୋଇଥିବା ପରୀକ୍ଷାରୁ ଜଣାପଡିଛି। ବିଶେଷକରି ପ୍ରଦୂଷିତ ଭୂତଳ ଜଳ ବ୍ୟବହାର ଯୋଗୁ ଜିଲାର ସୁକିନ୍ଦା, ଦାନଗଦୀ, କୋରେଇ, ଧର୍ମଶାଳା ବ୍ଲକ ଅଞ୍ଚଳରେ କିଡ୍‌ନୀ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡ଼ିଛି। ଗତ ୧୦ବର୍ଷ ମଧ୍ୟରେ ଜିଲାରେ ଏପର୍ଯ୍ୟନ୍ତ ଶତାଧିକ ଲୋକଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିବାବେଳେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା କୁହାଯାଉଛି । ଖଣି ଅଞ୍ଚଳରେ ବୋହି ଯାଉଥିବା ବର୍ଷା ପାଣିର ଉପଯୁକ୍ତ ପରିଚାଳନା ହୋଇ ପାରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବିଶେଷଜ୍ଞ ମହଲରୁ ପ୍ରକାଶ। ଏନେଇ ବିଭିନ୍ନ ସମୟରେ ଏସ୍‌ପିସିବି ଓ ସିପିସିବି(କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ପକ୍ଷରୁ ତାଗିଦ କରାଯାଉଥିଲେ ହେଁ ଖଣିସଂସ୍ଥାଗୁଡ଼ିକ ଭ୍ରୂକ୍ଷେପ କରୁନାହାନ୍ତି। ହାଇକୋର୍ଟ ମଧ୍ୟ ଏନେଇ ହସ୍ତକ୍ଷେପ କରିଛି। ତଥାପି ଜଳ ପ୍ରଦୂଷଣ ନିୟନ୍ତ୍ରଣ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି ସେଣ୍ଟ୍ରାଲ ଲ୍ୟାବ୍‌ରେ ଭୂତଳ ଜଳ ନମୁନା ପରୀକ୍ଷା ହୋଇଛି। ପରୀକ୍ଷା ରିପୋର୍ଟ ଅନୁସାରେ ଭୂତଳ ଜଳ ପାନୀୟ ଅନୁପଯୋଗୀ ବୋଲି ଜନସ୍ୱାସ୍ଥ୍ୟ ବିଭାଗକୁ ସୂଚିତ କରାଯାଇଛି। ଏଭଳିସ୍ଥଳେ ଜନସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ରାଜ୍ୟର ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, ଯାଜପୁର, କଟକ, ଝାରସୁଗୁଡ଼ା, ପୁରୀ, ସମ୍ବଲପୁର ଓ ତାଳଚେରର ୪୮ଟି ସ୍ଥାନରେ ଭୂତଳ ଜଳ ବିଷାକ୍ତ ଥିବା ଜଣାପଡ଼ିବା ପରେ ଏସ୍‌ପିସିବି ଗତ ମାର୍ଚ୍ଚ ୧୮ ତାରିଖରେ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ପରେ ଗତ ଏପ୍ରିଲ ୯ତାରିଖରେ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀ ଉପରୋକ୍ତ ସହରଗୁଡ଼ିକର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

**ଯାଜପୁର ଜିଲା**

- ଖଣି, ଶିଳ୍ପାଞ୍ଚଳରେ ଶତାଧିକ ଲୋକ କିଡ୍‌ନୀ ଆକ୍ରାନ୍ତ
- ଭୂତଳ ଜଳରେ ଆଇରନ, ଟିସି, ଏଫ୍‌ସି ପରିମାଣ ଅଧିକ
- ଜନସ୍ୱାସ୍ଥ୍ୟ ବିଭାଗକୁ ସୂଚିତ କରିଛି ଏସ୍‌ପିସିବି



## ପୂର୍ବତନ ଆକାଉଣ୍ଟାଣ୍ଟ, ଇନ୍‌ଚାର୍ଜ ଗିରଫ

ଭୁବନେଶ୍ୱର,୧୮(ବ୍ୟୁରୋ)

ନିଜ ପଦବୀର ଅପବ୍ୟବହାର କରି ବ୍ୟାଙ୍କ୍‌ରୁ ୧.୧୫ କୋଟି ଟଙ୍କା ହପଡ଼ କରିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଦୁଇ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ୟୁନାଇଟେଡ୍ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ୍(ୟୁସିସି)ର ପୂର୍ବତନ ଆକାଉଣ୍ଟାଣ୍ଟ ସହଦେବ ସାହୁ ଓ ବ୍ୟାଙ୍କ୍ ଇନ୍‌ଚାର୍ଜ ଶାନ୍ତନୁ କୁମାର ବରାଳ। ଉଭୟଙ୍କ ଘର ଢେଙ୍କାନାଳ ଜିଲାରେ। ଶନିବାର ସକାଳୁ ଇଓଡବ୍ଲ୍ୟୁ ସେମାନଙ୍କୁ ଢେଙ୍କାନାଳରୁ ଗିରଫ କରିଥିବା ଜଣାପଡିଛି। ଗିରଫ ପରେ ଆଇପିସି ଦଫା ୪୦୯, ୪୬୭, ୪୬୮, ୪୭୧, ୪୭୭(ଏ)୧୨୦(ବି)ରେ ମାମଲା ( ନଂ.୭/୧୯) ରୁଜୁ କରି ସେମାନଙ୍କୁ କାମାକ୍ଷାନଗର ଏସ୍‌ଡିଜେଏମ୍ କୋର୍ଟକୁ ପଠାଇ ଦେଇଛି। ଏଥିସହ ଏହି ଠକେଇରେ ସଂପୃକ୍ତଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ୨୦୧୫ରୁ ୨୦୧୬ ମଧ୍ୟରେ ଅନୁଗୋଳ ୟୁସିସି ବ୍ୟାଙ୍କ୍‌ରେ ଏହି ଠକେଇ ହୋଇଥିଲା। ସେହି ସମୟରେ ବ୍ୟାଙ୍କ୍‌ର ଆକାଉଣ୍ଟାଣ୍ଟ ଥିବା ସହଦେବ ସାହୁ, ଇନ୍‌ଚାର୍ଜ ଶାନ୍ତନୁ କୁମାର ବରାଳଙ୍କ ସମେତ ବ୍ୟାଙ୍କର ଆସିଷ୍ଟାଣ୍ଟ ଓ ଦୁଇ ଜଣ କର୍ମଚାରୀ ଏହି ଠକେଇରେ ସାମିଲ ଥିଲେ ।

## କୋଶଳୀ ଭାଷା ସୁରକ୍ଷା ସମିତିର ମହିମା ସାହିତିଅ ଆସର

ଟିଟିଲାଗଡ, ୧୮।୫ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ହିନ୍ଦୀ ହାଇସ୍କୁଲ ପରିସରରେ କୋଶଳୀ ଭାଷା ସୁରକ୍ଷା ସମିତି ତରଫୁ ବୁଦ୍ଧ ଆର ଭୀମ ଭୋଇକଁର ଜନମ୍ ତିଥି ପାଲିତ ହେଇଯାଇଛେ। ମୁରଧନିଆଁ କବି ବିଭାକରୀଚରଣ ମିଶ୍ରକଁର ସଭାପତିତ୍ୱନେ ଆୟୋଜିତ ସଭାନେ ମୁଖିଆ କୁନୁଆଁ ହିସାବେ କୋଶଳ ସାଂସ୍କୃତିକ ମହାଜୋଟର ସମ୍ପାଦକ ଟିକେଲାଲ ବେହେରା, ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ଉପସଭାପତି ସେବକଚରଣ ଦାଶ, ସଞ୍ଜୟ ଅଗସ୍ତି ପରମୁଖ ଯୋଗଦେଇ ବୁଦ୍ଧକଁର ଜ୍ଞାନତତ୍ତ୍ୱ ଆର ଭୀମ ଭୋଇକଁର ସାହିତିଅ ଉପରେ ଆଲୋଚନା କରିଥିଲେ। ଇ ଉଧେ କୁନୁଆଁମାନେ ଭୀମ ଭୋଇକଁର ସାହିତିଅ କୁରତିକେ କୋଶଲି ଭାଷାରେ ଅନୁବାଦ କରବାର ଲାଗି ମତ୍ ଦେଇଥିଲେ । ଇ ଅବ୍‌ଛରରେ ସୁରକ୍ଷା ସମିତିର ମୁଖପତର 'ଝଁପି'ର ଉନ୍‌ମୋଚନ କରାଯାଇଥିଲା । ଦୁତୀଅ ଖେପି ହେଇଥିବାର ସଭାରେ କୋଶଲି ଭାଷାର ନାଁକରା କବି ସୁନୀଲ ଅଗସ୍ତିକଁର ସଂଯୋଜନାରେ କବି ଦିଲୀପ ପସାୟତ, ଜ୍ୟୋତି ପ୍ରକାଶ ଗଡ଼ତ୍ୟା, ନଧିସିଂହ ସାହୁ, ଚତୁର୍ଭୁଜ ସାଆନ୍ତ, ଭିକାରୀ ମିଶ୍ର, ସୁନୀଲ ଅଗସ୍ତି, ଟିକେଲାଲ ବେହେରା, ସଞ୍ଜୟ ଅଗସ୍ତି, ସେବକଚରଣ ଦାଶ ପରମୁଖ ନିଜର ନିଜର ଲେଖିଲା କବିତା ପଢ଼ିଥିଲେ । ଶେଷେ କବି ମହେନ୍ଦ୍ର ପାଣିଗ୍ରାହୀ ଧଏନ୍‌ବାଦ ଦେଇଥିଲେ । ସଭାକେ ସଫଲ କରବାରେ ସୁରେଶ ଜାଲ, ନୀଳମଣି ସାହୁ, ଚିତ୍ତରଞ୍ଜନ ଚାନ୍ଦ, ଜିତୁ ସାହୁ, ସୁଶାନ୍ତ ଯୋଶୀ, ଚୈତନ୍ୟ ଭୋଇ ସହଯୋଗ କରିଥିଲେ ।



କୋଶଳୀ ଭାଷା ସୁରକ୍ଷା ସମିତିର ମୁଖପତର 'ଝଁପି'କେ କୁନୁଆଁମାନେ ଉନ୍‌ମୋଚନ କରୁଛନ୍।

## ମାଲପଡାରେ ବୁଦ୍ଧ ପୂର୍ଣ୍ଣିମା, ଭୀମଭୋଇ ଜୟନ୍ତୀ

ଲାଠୋର, ୧୮।୫ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ମାଲପଡା ମାତା ସବେତ୍ରୀ ବାଇ ଫୁଲେ ଶିକ୍ଷା କେନ୍ଦ୍ରଠାରେ ଶନିବାର ବୁଦ୍ଧ ପୂର୍ଣ୍ଣିମା ଏବଂ କ୍ରାନ୍ତି କବି ଭୀମଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯୁବ ଅନୁଷ୍ଠାନ ଟାଇଜର ସମ୍ପାଦକ ତନ୍ତ୍ର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମଧୁ ନିଆଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୁଦ୍ଧଙ୍କ ଶାନ୍ତିବାର୍ତ୍ତା ତଥା ଭୀମ ଭୋଇଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଗୁପ୍ତେଶ୍ୱର ଧରୁଆ ଓ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବୀରେନ୍ଦ୍ର ଧରୁଆ।

## ଜାତୀୟ ରାଜପଥ ଉପରେ ଜଳିଗଲା କାର

ଦେଓଗାଁ,୧୮।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ବହଲିଛକ ନିକଟସ୍ଥ ୨୬ନଂ ଜାତୀୟ ରାଜପଥ ଉପରେ ଶନିବାର ପାହାନ୍ତିଆ ସମୟରେ ଏକ କାର ନଂ ଓଡି ୦୩ ଏମ ୨୦୬୬ ପୋଡିପାଉଁଶ ହୋଇଯାଇଛି । ତେବେ କାରରେ ଥିବା ଡ୍ରାଇଭର ପ୍ରମୋଦ କୁମାର ପଟେଲ ଓ ଧନୁ ରଣା ବର୍ତ୍ତିଯାଇଛନ୍ତି। ଖବର ପାଇ ଦେଓଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ କାରଟି ସମ୍ପୂର୍ଣ୍ଣଭାବେ ପୋଡି ପାଉଁଶ ହୋଇଯାଇଥିଲା । ଦେଓଗାଁ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ । କେଉଁ କାରଣରୁ କାରରେ ନିଆଁ ଲାଗିଲା ତାହା ଜଣାପଡି ନାହିଁ। ପୋଡିଯାଇଥିବା ଭିଟାରା ବ୍ରେଜା ଗାଡିଟି ଟିଟିଲାଗଡର ସୀତାରାମ ମେହେରଙ୍କର ବୋଲି ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ ସୂଚନା ଦେଇଛନ୍ତି।



ଦେଓଗାଁ ବହଲିଛକ ନିକଟରେ ନିଆଁଲାଗି ପୋଡିଯାଇଥିବା କାର ।

## ଅଷ୍ଟ ପ୍ରହର ନାମଯଜ୍ଞ ସମ୍ପନ୍ନ

ଟିକ୍ରାପଡା, ୧୮।୫(ଡି.ଏନ.ଏ.)

ସଇଁତଲା ବ୍ଲକ କୁମ୍ଭାରୀ ପଞ୍ଚାୟତ ଅଧିନ କୁମ୍ଭେକେଲାଠାରେ ଅଷ୍ଟ ପ୍ରହର ନାମଯଜ୍ଞ ଶନିବାର ସମ୍ପନ୍ନ ହୋଇଯାଇଛି । ନାମଯଜ୍ଞ ଅବସରରେ ନରସିଂହ ଭଗବାନଙ୍କ ଷୋଡଶୋପଚାର ପୂଜା ସହ ପ୍ରବଚନ, ସତ୍‌ସଙ୍ଗ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କୁମୁଦିନି ମନହିରା, ମହାବିର ମନହିରା, ରାଜକୁମାରୀ ଭୋଇ, ବିଦ୍ୟାଧର ଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଯୁଧିଷ୍ଠିର ହୋତା ପୂଜକ ଓ ମାନସ ମିଶ୍ର ଜପକ ଦାୟିତ୍ୱ ନିର୍ବାହ କରିଥିଲେ । ସାତଟି ସଂକୀର୍ତ୍ତନ୍ୟ ଦଳ ଭାଗ ନେଇଥିଲେ । ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅନ୍ୟ ଜାତିରେ ବିବାହ କରିଥିବାରୁ ସାମାଜିକ ବାସନ୍ଦ

ଢେଙ୍କିକୋଟ,୧୮।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଖଜୁରି ଜିଆଣି ଗାଁ । ସେହି ଗାଁର ନାଭ ନାୟକଙ୍କ ସାନପୁଅ ବାଇଧର (୪୨) ଗତ ୧୫ ବର୍ଷ ହେବ ଘର ଛାଡ଼ି ରୋଜଗାର ଅନ୍ୱେଷଣରେ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ସେଠାରେ ସେ ଅନ୍ୟଜାତିର ଜଣେ ଯୁବତୀଙ୍କୁ ଭଲ ପାଇ ବିବାହ କରିଥିଲେ। ଏବେ ତାଙ୍କର ୧୨ ବର୍ଷର ଏକ ଝିଅଟିଏ ଅଛି।

ସମୟ, ସୁଯୋଗ ମିଳିଲେ ବାଇଧର ଗାଁକୁ ଆସନ୍ତି । ପରିବାର ସଦସ୍ୟଙ୍କ ଭଲମନ୍ଦ ବୁଝନ୍ତି । ପୁଣି କର୍ମ କ୍ଷେତ୍ରକୁ ଚାଲିଯାଆନ୍ତି। ହେଲେ ଗତ ୨ ବର୍ଷ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। କାମ କରିବାକୁ ଆଉ ବଳ ପାଉନାହିଁ । ସେଥିପାଇଁ ସେ ନିଜ ପରିବାର ସହିତ ଘରକୁ ଫେରି ଆସିବାକୁ ମନସ୍ଥ କରିଥିଲେ । ଏ କଥା ସେ ପରିବାର ଲୋକଙ୍କୁ କହିଥିଲେ। ଶେଷରେ ଏଥିପାଇଁ ସମ୍ମତି ମିଳିଥିଲା । ଗତମାସରେ ସେ ସ୍ତ୍ରୀ, ଓ ଝିଅକୁ ଧରି ଗାଁକୁ ଫେରିଥିଲେ। ହେଲେ ଗାଁ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ । ବାଇଧର ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କୁ ଗାଁ ଲୋକେ ସାମାଜିକ ବାସନ୍ଦ କରିଥିଲେ । ଫଳରେ ପରିବାର ଲୋକେ ତାଙ୍କୁ ଘରେ ଭର୍ତ୍ତି କରି ନ ଥିଲେ। ଏପରି ପରିସ୍ଥିତିରେ ବାଇଧର କଣ କରିବେ କିଛି ଚିନ୍ତା କରି ପାରି ନ ଥିଲେ । ଶାରୀରିକ ଅସୁସ୍ଥତା ତାଙ୍କୁ ଯେତିକି ବାଧି ନ ଥିଲା ; ଗ୍ରାମବାସୀଙ୍କ ନିଷ୍ପତ୍ତି ତାଙ୍କୁ ଅଧିକ କଷ୍ଟ ଦେଇଥିଲା । ଶେଷରେ ସେ ଝିଅ ଓ ସ୍ତ୍ରୀକୁ ନେଇ ପୈତୃକ ଜମି ଉପରେ ଥିବା ଏକ ଗଛମୂଳରେ ଆଶ୍ରୟ ନେଇଥିଲେ । ବୈଶାଖମାସର ଟାଣ ଖରାରେ ଖୋଲା ଆକାଶ ତଳେ ଅଖିଆ ଅପିଆ ତାଙ୍କ ପରିବାର ପଡି ରହିଥିଲେ। ଇତିମଧ୍ୟରେ ଆଉ ଏକ ଦୁଃଖ ବାଇଧର ପାରିବାରିକ ଜୀବନକୁ ଛାରଖାର କରି ଦେଇଛି । ଗାଁ ଓ ପରିବାର ଲୋକଙ୍କ ବିରୋଧ ଦେଖି ତାଙ୍କ ସ୍ତ୍ରୀ ଝିଅ ଓ ସ୍ୱାମୀକୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କୁ ଖୋଜି ଆଣିବାକୁ ବାଇଧରଙ୍କ ପାଖରେ କିଛି ବୁ ନାହିଁ । କେବଳ ଭାଗ୍ୟକୁ ଆଦରି ସେ ଅତି ଦୟନୀୟ ଅବସ୍ଥାରେ ଗଛମୂଳରେ ପଡ଼ି ରହିଛନ୍ତି। ଅସୁସ୍ଥ ବାପାଙ୍କୁ ଚାହିଁ ଝିଅଟି ବି ସେଠାରେ ରହିଛି। ବାଇଧରଙ୍କୁ ଜିଲା ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

**ଗଛମୂଳେ ଆଶ୍ରୟ ନେଇଛନ୍ତି ବାପା, ଝିଅ**



## ଫଟୋରେ ଖବର

### ବଲାଙ୍ଗୀର ସହରରେ ଦିନକୁ ଦିନ ବଢୁଛି ତାପମାତ୍ରା....









(ବାମରୁ) ପ୍ରଚଣ୍ଡ ଖରାରେ ତୃଷାର୍ତ୍ତ ଶିଶୁ, ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜଳଛତ୍ରରେ ପାଣି ପିଉଛନ୍ତି । ଟାଉନ୍ ଥାନା ସମ୍ମୁଖରେ ବାଉଁଶ ତିଆରି ଭୁଘାଟୁପା ବିକ୍ରି କରିବାକୁ ଆସିଥିବା ଜଣେ ମହିଳା ପ୍ରଚଣ୍ଡ ଖରାରେ ଶୋଇପଡିଛନ୍ତି । ଖରା ବଢ଼ିବା ପରେ ଦେଶୀ ଆମ୍ବଲେଟିର ଚାହିଦା ବଢ଼ିଛି । ଗ୍ରୀଷ୍ମ ପ୍ରବାହ ମଧ୍ୟରେ ସହରରେ ଦୁଇ ଯୁବତୀ ଛତା ଧରି ଯାଉଛନ୍ତି । (ଫଟୋ-ସୁନୀଲ)



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା

ଭବାନୀପାଟଣା,୧୮।୫ (ଡି.ଏନ୍.ଏ.)- ଫନୀ ବାତ୍ୟା ଯୋଗୁ ଓଡିଶାର ୧୪ଟି ଜିଲାରେ ନାହିଁ ନ ଥିବା କ୍ଷୟକ୍ଷତି ହୋଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପାଇଁ ଦେଶ ବିଦେଶରୁ ବିଭିନ୍ନ ବର୍ଗର ବ୍ୟକ୍ତି ଓ ସଂସ୍ଥା ସହାୟତାର ହାତ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ନିଖିଳ ଉତ୍କଳ ବିଚାର ବିଭାଗୀୟ କର୍ମଚାରୀ ସଂଘ କଳାହାଣ୍ଡି ଶାଖା ସଭାପତି ଦିଲୀପ କୁମାର ମହାନ୍ତି, ରାଷ୍ଟ୍ରୀୟ ପୂର୍ବତନ ଆଞ୍ଚଳିକ ସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀଙ୍କ ସହମତି କ୍ରମେ ୧୦ ହଜାର ୪୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି।

### ମିଲର୍ସଙ୍କୁ ମିଳିନି ବକେୟା ପ୍ରାପ୍ୟ

# ଧାନକିଣାକୁ ବିରୋଧ

ଭବାନୀପାଟଣା, ୧୮।୫ (ଡି.ଏନ୍.ଏ.)

**କଳାହାଣ୍ଡି ଜିଲା**
- ଚାଷୀ ଅଭାବୀ ବିକ୍ରି ନେଇ ଆଶଙ୍କା
- ବ୍ୟାଙ୍କ ଗ୍ୟାରେଣ୍ଟି ଫେରାଇ ନେଲେ ମିଲର୍ସ
- ଜିଲାରେ ଛତିଶଗଡ଼ ମିଲରଙ୍କ ଦୃଷ୍ଟି

କଳାହାଣ୍ଡି ଜିଲାର ମିଲର୍ସମାନେ ବକେୟା ପ୍ରାପ୍ୟ ନ ପାଇବା ପର୍ଯ୍ୟନ୍ତ ଧାନ ଉଠାଇବେ ନାହିଁ ବୋଲି କହିବା ପରେ ପ୍ରଶାସନ ଚିନ୍ତାରେ ପଡିଛି। ଫଳରେ ଜିଲାରେ ରବି ଧାନ କିଣା ନେଇ ଅନିଶ୍ଚିତତା ଦେଖାଦେଇଛି। ଅନ୍ୟପକ୍ଷେ ଯୋଗାଣ ବିଭାଗ ନିଜ ତ୍ରୁଟିକୁ ଲୁଚାଇବା ପାଇଁ ଧାନ ଅମଳ ହୋଇ ନ ଥିବା କହି ପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ବଦଳାଇ ୧ ତାରିଖ ମଣ୍ଡି ଆରମ୍ଭ ପରିବର୍ତ୍ତେ ୧୫ ତାରିଖକୁ ଘୁଞ୍ଚାଇ ଦେଇଥିଲା। ବର୍ତ୍ତମାନ ମିଲର୍ସମାନେ ଧାନ ଉଠାଇବାକୁ ମନା କରିବାରୁ ଅସଲ କଥା ପଦାକୁ ଆସିଛି। ରବି ଧାନ କିଣା ନେଇ ଯୋଗାଣ ବିଭାଗ ଓ ମିଲରଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାରୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଯୋଗାଣ ବିଭାଗ, ମିଲର୍ସ ଏବଂ ଚାଷୀନେତାଙ୍କୁ ନେଇ ଏକ ଜରୁରୀ ବୈଠକ ହୋଇଥିଲା। ବୈଠକରେ ମିଲର୍ସମାନେ କହିଥିଲେ ଯେ, ଖରିଫରେ ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ବର୍ଦ୍ଧିତ ପାଉଣା ପ୍ରତିଶ୍ରୁତ ଫେଲ୍ ମାରିଥିବା ଅଭିଯୋଗ କରିଥିଲେ। ଏପରି କି ମିଲର୍ସମାନେ ଧାନ କିଣିବେ ନାହିଁ କହି ବୈଠକରୁ ଉଠି ପଳାଇଥିଲେ। ଫଳରେ ଜିଲାରେ ଧାନ କିଣା ଏକ ପ୍ରକାର ବନ୍ଦ ହୋଇ ଯାଇଥିବା ବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସରକାର ଧାନର ସହାୟକ ମୂଲ୍ୟ ୧୭୫୦ ଟଙ୍କା ରଖିଛନ୍ତି। ହେଲେ ଜିଲାରେ ମଣ୍ଡି ଆରମ୍ଭ ହୋଇ ନ ଥିବାରୁ ଚାଷୀ ବାଧ ହୋଇ ଧାନ କୁଇଣ୍ଟାଲ ପିଛା ୧ ହଜାରରୁ ୧୨ ଶହ ଟଙ୍କାରେ ବିକ୍ରି କରୁଥିବା ଜଣାପଡିଛି। ଏପରିସ୍ଥିତିରେ ଛତିଶଗଡ଼ ମିଲରଙ୍କ ଦୃଷ୍ଟି କଳାହାଣ୍ଡି ଜିଲାର ଚାଷୀଙ୍କ ଉପରେ ପଡିଛି। ଏହାର ସୁଯୋଗ ନେଇ ଯୋଗାଣ ବିଭାଗର କେତେଜଣ ଅଧିକାରୀ ମିଲର୍ସଙ୍କୁ ସହଯୋଗ କରି ଫାଇଦା ଉଠାଉଥିବା ଜଣେ ମିଲର୍ସ ପ୍ରକାଶ କରିଛନ୍ତି। ଫଳରେ ଜିଲାରେ ଧାନ କିଣା ପ୍ରତି କୌଣସି ଦୃଷ୍ଟି ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମିଲରମାନେ ଗୁରୁବାର ସନ୍ଧ୍ୟାରେ ଦେଇଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଫେରାଇ ନେଇଥିବା ଜଣାପଡିଛି। ଫଳରେ ଜିଲାରେ ଧାନକିଣାରେ ଅଚଳାବସ୍ଥା ଦେଖାଦେଇଛି। ବର୍ତ୍ତମାନ କାଳବୈଶାଖୀ ସାଙ୍ଗକୁ ମୌସୁମୀ ଆସିବା ନେଇ ପାଣିପାଗ ବିଭାଗର ଆକଳନ ଯୋଗୁ ଚାଷୀ ଆତଙ୍କିତ ହୋଇପଡିଛନ୍ତି।

### ରିଷିଡ଼ାରେ ପାନୀୟଜଳ ସଂକଟ

## ଟ୍ୟାଙ୍କର ଯୋଗେ ଜଳଯୋଗାଣ

ରିଷିଡା,୧୮।୫ (ଡି.ଏନ.ଏ)

ରିଷିଡାରେ ପାନୀୟଜଳ ସଂକଟ ଦେଖାଦେଇଛି। ଏପରିସ୍ଥିତିରେ ରିଷିଡା ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯାଇଛି। ମିଳିଥିବା ସୂଚନା ମୁତାବକ, ରିଷିଡାରେ ଏବଂ ମାତୃପୁରୀରେ ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଥିବା ବେଳେ ଏଭଳିପରିସ୍ଥିତି ଦେଖାଦେଇଛି। ତୁରନ୍ତ ପ୍ରକଳ୍ପ ଚାଲୁ କରିବାକୁ ସାଧାରଣରେ ଦାବି ହୋଇଛି।

## ବିକାଶ ଉପରେ ଗୁରୁତ୍ୱ

ସମ୍ବଲପୁର,୧୭।୫ (ବ୍ୟୁରୋ)

**ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ**

ବୁର୍ଲା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବୁର୍ଲା କ୍ରୀଡା ସଂଘର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ୩୫ଜଣ ସଭ୍ୟ ଉପସ୍ଥିତ ଥିଲେ। ଦୀର୍ଘ ୩ବର୍ଷ ପରେ ସଂଘର ବୈଠକ ହୋଇଥିବାରୁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ସେହିପରି ଷ୍ଟାଡିୟମ କିପରି ଭାବେ ଆଧୁନିକୀକରଣ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ମତପ୍ରକାଶ ପାଇଥିଲା । ଏହି ସଭାରେ କାଲୁ ଚରଣ ସାହୁ, ଆରଏ ଶିବ କୁମାର, ଲକ୍ଷ୍ମୀଧର ମହାନ୍ତି, ପ୍ରଦୀପ ମିଶ୍ର, ସୁରେନ୍ଦ୍ର ସିଂ କାବୁଲି, ଚିତ୍ତ ନାୟକ, ଚନ୍ଦ୍ରା ବାହାଦୁର, ରମେଶ ଆଚାର୍ଯ୍ୟ, ମହମ୍ମଦ ଆସିଫ, ସୁବ୍ରତ ସାମଲ, ପ୍ରଦ୍ୟୋଷ ପଣ୍ଡା, ହିରନ୍ୟ ସାମନ୍ତରାୟ, ରାଜକିଶୋର ବାରିକ, ନିମା ଲାମା, ଅଚ୍ୟୁତ ଠେଲା, ଶିବ ପ୍ରଧାନ, ସଦାନନ୍ଦ ପଟ୍ଟନାୟକ, ଅଶୋକ ସାହୁ, ଏସ ପଣ୍ଡା, ନିର୍ମଳ ନାୟକ, ସୁବ୍ରତ ସାମଲ, ସୁଶାନ୍ତ ମିଶ୍ର, ଭାସ୍କର ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ମଣ୍ଡି ଖୋଲିବାରେ ବିଳମ୍ବ: ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ଜୁନାଗଡ଼/ଦାସିଗାଁ, ୧୮।୫ (ଡି.ଏନ୍.ଏ.)



ବିକ୍ରି ଆଶାରେ ଚାଷୀ ମଣ୍ଡିରେ ଧାନ ଗଦାଇ ଜଗିଛନ୍ତି।

- ବିକ୍ରି ଆଶାରେ ମଣ୍ଡିରେ ଧାନ ଗଦାଇଛନ୍ତି ଚାଷୀ
- ଅଣ୍ଡରରେଟରେ ବେପାରୀଙ୍କୁ ଧାନ ଦେଉଛି ଚାଷୀ

କଳାହାଣ୍ଡି ଜିଲାରେ ରବି(ଡାଲୁଅ) ଚାଷ ପାଇଁ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ଦେଖାଦେଇଛି। ଏନେଇ ଚାଷୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି। ଅନ୍ୟପକ୍ଷେ ଅମଳ ହୋଇଥିବା ଧାନକୁ କାଳବୈଶାଖୀ ଦାଉରୁ ରକ୍ଷା ପାଇଁ ଚାଷୀ ବାଧ ହୋଇ ଅଣ୍ଡରରେଟରେ ବେପାରୀକୁ ଟେକିଦେଉଛନ୍ତି। ହେଲେ କେତେକ ଚାଷୀ ବେପାରୀଙ୍କୁ ଧାନ ନ ଦେଇ ଅମଳ ହୋଇଥିବା ଧାନକୁ ବିକ୍ରି ଆଶାରେ ମଣ୍ଡିରେ ଜଗିରହୁଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ମେ ୧୫ତାରିଖରୁ ମଣ୍ଡି ଖୋଲିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ହେଲ ବର୍ତ୍ତମାନ ସୁଦ୍ଧା ଧାନ କିଣିବା ନେଇ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ହୋଇନାହିଁ। ପ୍ରକାଶ ଯେ, କଳାହାଣ୍ଡି ଜିଲାରେ ଚଳିତ ରବି ଋତୁରେ ୨୦ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଲକ୍ଷ ଧାର୍ଯ୍ୟ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୭ଲକ୍ଷ ୫୦ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଟାର୍ଗେଟ କରିଛନ୍ତି। ଜିଲାର ୮୩ଟି ମଣ୍ଡିରେ ୫୧ଟି ପ୍ୟାକ୍ସ ଧାନ କ୍ରୟ କରିବା ପାଇଁ ପ୍ରସ୍ତୁତି ବୃତାନ୍ତ କରାଯାଇଛି। ଜିଲାରେ ରବି ଋତୁରେ ପ୍ରାୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଅମଳ ହେବ ବୋଲି ଜିଲା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଗତ ବର୍ଷ ରବି ଋତୁରେ ୧୨ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡିରେ କ୍ରୟ କରାଯାଇଥିଲା। ବର୍ତ୍ତମାନ କାଳବୈଶାଖୀ ଓ କରାମାଡ଼ ଯୋଗୁ ଧାନ ଫସଲ କ୍ଷତି ହେବାକୁ ବସିଛି। ଜୁନାଗଡ଼ ବ୍ଲକ ଦାସିଗାଁ ମଣ୍ଡିରେ ସ୍ଥାନୀୟ ଚାଷୀମାନେ ଅମଳ ହୋଇଥିବା ଧାନକୁ ଗଦାଇ ବିକ୍ରି ଆଶାରେ ରହିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ, ଜୁନ ଦ୍ୱିତୀୟ ସପ୍ତାହରେ ମୌସୁମୀ ବର୍ଷା ଆସିବାର ସମ୍ଭାବନା ରହିଥିବା ବେଳେ ମଣ୍ଡି ଖୋଲା ନ ଯିବା ଜିଲା ପ୍ରଶାସନର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ଧର୍ମଗଡ଼ ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ପଚାରିବାରୁ ମିଲର୍ସମାନଙ୍କ କିଛି ସମସ୍ୟା ଅଛି, ସେନେଇ ମଣ୍ଡି ଖୋଲିବା ବିଳମ୍ବିତ ହେଉଛି। ଅଣ୍ଡରରେଟରେ ଧାନ କିଣି ବେପାରୀ ଛତିଶଗଡ଼ ଚାଲାଣ କରୁଥିବା ବିଷୟରେ ପଚାରିବାରୁ ନିର୍ବାଚନ ଗଣତି ସରିଲା ପରେ ଏହାର ପଦକ୍ଷେପ ନିଆଯିବ ବୋଲି କହିଥିଲେ। କିଛିଦିନ ମଧ୍ୟରେ ମଣ୍ଡି ଖୋଲା ନ ଗଲେ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ଜଣାପଡିଛି।

### ଭବାନୀପାଟଣାରେ ବିଶ୍ୱ ସେବିକା ଦିବସ

## ସ୍ୱାସ୍ଥ୍ୟସେବାରେ ସେବିକାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭବାନୀପାଟଣା,୧୮।୫ (ଡି.ଏନ୍.ଏ.)




ଅତିଥିଙ୍କ ଦ୍ୱାରା ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସ୍ଥାନୀୟ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ସରକାରୀ ଏଏନ୍ଏମ୍ ପ୍ରଶିକ୍ଷଣ କେନ୍ଦ୍ରରେ ଫ୍ଲୋରେନ୍ସ ନାଇଟ୍ଙ୍ଗେଲଙ୍କ ୧୯୯ ତମ ଜନ୍ମବାର୍ଷିକୀ ଉପଲକ୍ଷେ ବିଶ୍ୱ ସେବିକା ଦିବସ ପାଳିତ ହୋଇଯାଇଛି। ଏଏନ୍ଏମ୍ ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସିପାଲ ତିଳୋତ୍ତମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବନଲତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଡା. ଦୀନବନ୍ଧୁ ସାହୁ, ଡା. ଜୟନ୍ତୀବାଳା ନାୟକ, ଡା. ପ୍ରିୟଙ୍କା ସିନ୍ଧେ, ମୁଖ୍ୟ ବକ୍ତା ଭାବେ ଡା. ଉମେଶଚନ୍ଦ୍ର ଶତପଥୀ, ଲିଲିପ୍ରଭା ମହାନ୍ତି, ଇତିରେଖା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେନ୍ଦ୍ରର ଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ, ସଂଗୀତ, ରଙ୍ଗୋଲି, କୁଇଜ୍ ଓ ପୋଷ୍ଟର ପ୍ରସ୍ତୁତ ଆଦି ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଏସ୍ଏନ୍ ଆସୋସିଏଶନ ସଭାପତି ସ୍ୱର୍ଣ୍ଣମୟୀ ବେହେରା, ସମ୍ପାଦିକା ଝରଣା ସାହୁ, ତନ୍ମୟୀ ବେହେରା, ରୁନୁଲତା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମହାଭାରତ ନାଟକୋତ୍ସବ ଉଦ୍ଯାପିତ

ରିଷିଡା,୧୮।୫ (ଡି.ଏନ.ଏ.)

ରିଷିଡା ନିକଟ ତେରେସିଂହାଠାରେ ଅକ୍ଷୟତୃତୀୟାରୁ ଆରମ୍ଭ ହୋଇଥିବା ମହାଭାରତ ନାଟକ ଉତ୍ସବ ଉଦ୍ଯାପିତ ହୋଇଯାଇଛି । ସ୍ଥାନୀୟ ମା' ମାଣିକେଶ୍ୱରୀ ଯୁବ କଳା ସାଂସ୍କୃତିକ ଅନୁଷ୍ଠାନର କାଳାକାର ଉତ୍ସବର ବିଭିନ୍ନ ରାତ୍ରରେ ମହାଭାରତ କଥାବସ୍ତୁ ଉପରେ ନାଟକ ପରିବେଷଣ କରିଥିଲେ। ଲୋକେ ଏହାର ଭରପୂର ମଜା ନେଇଥିଲେ। ଉତ୍ସବର ଶେଷ ଦିନରେ ସ୍ଥାନୀୟ ନାଟ୍ୟକାର ରତ୍ନାକର ସାହୁଙ୍କ ରଚିତ ନାଟକ ଗୋଧନ ହରଣ ଓ ଅର୍ଜୁନଙ୍କ ଦଶନାମ ମଞ୍ଚସ୍ଥ ହୋଇଥିଲା। ଚଳିତ ବର୍ଷ ନାଟକର ପଞ୍ଚମ ସଂକଳ୍ପ ପୂର୍ତ୍ତି ଉପଲକ୍ଷେ ନାମଯଜ୍ଞ ପାଇଁ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଅଂଶ ଗ୍ରହଣ କରିଥିଲେ। ଶନିବାର ନାମଯଜ୍ଞ ଆରମ୍ଭ ହୋଇଛି । ଆୟୋଜକ କମିଟି ସଭାପତି ଯୋଗୀନ୍ଦ୍ର ରଣା, ସମ୍ପାଦକ ମନୋଜ ରଣା, କୋଷାଧ୍ୟକ୍ଷ ରୋହିତ ରଣା, ପୂଜାକର୍ତ୍ତା ଭାବେ ଶ୍ରୀରାମ ରଣା ପରିଚାଳନା କରୁଛନ୍ତି ।



ତେରେସିଂହାଠାରେ ଆୟୋଜିତ ନାମଯଜ୍ଞରେ ଅଂଶଗ୍ରହଣ କରିଥିବା କୀର୍ତ୍ତନମଣ୍ଡଳୀ ।

## ନୂଆ ବସ୍ଷ୍ଟାଣ୍ଡ ପାଇଁ ଜମନକିରା ବିକାଶ ପରିଷଦର ବୈଠକ

ଜମନକିରା, ୧୮।୫ (ଡି.ଏନ୍.ଏ.)

ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଜମନକିରା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା କମିଟି ସଭାପତି ସନ୍ତୋଷ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜମନକିରାରେ ଏକ ନୂତନ ବସଷ୍ଟାଣ୍ଡ ପାଇଁ ଆବଶ୍ୟକ ପଡୁଥିବା ଜମି ପାଇଁ ଏଥିରେ ଆଲୋଚନା କରାଯାଇଥିଲା। ତେବେ ନୂତନ ବସଷ୍ଟାଣ୍ଡ ପାଇଁ ଆବଶ୍ୟକ ଥିବା ଜାଗା ନେଇ ତହସିଲଦାରଙ୍କୁ ଜଣାଇ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ପୂର୍ବରୁ ଜମନକିରା ଗ୍ରାମ୍ୟ ଉନ୍ନୟନ କମିଟି ଜରିଆରେ ଅଞ୍ଚଳବାସୀଙ୍କୁ ଆହ୍ୱାନ କରାଯାଇ ସେମାନଙ୍କ ଉପସ୍ଥିତିରେ ଆଲୋଚନା ଓ ନିଷ୍ପତ୍ତି ନେବା ପାଇଁ ବୈଠକରେ କୁହାଯାଇଥିଲା। ଏହି ପ୍ରସ୍ତାବରେ ଉପସ୍ଥିତ ବ୍ୟକ୍ତି ସହମତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବଳ ସାହୁ, ରବୀନ୍ଦ୍ର ମଲ୍ଲିକ, ଆଦିପ୍ରସାଦ ମହାକୁଳ, ଅମରେଶ୍ୱର ସ୍ୱାଇଁ, ବିରେନ୍ଦ୍ର ଦାନୀ, ସାଲେକରାମ ପଧାନ, ନନ୍ଦଲାଲ ସାହୁ, ଝସକେତନ ଦାଶ, ପ୍ରଶାନ୍ତ ପଣ୍ଡା, ରମେଶଚନ୍ଦ୍ର ସୁନାର, ସମିତିସଭ୍ୟ ସରୋଜ ସେଠ, ଅକ୍ଷୟ ଦ୍ୱିବେଦୀ, ବୈରାଗୀ ମହାନନ୍ଦ, ବାବୁଲୁ ନାଏକ, ଆନନ୍ଦ ନାଏକ, ବିରେନ୍ଦ୍ର କାରୱାର, ସତ୍ୟପ୍ରିୟ ମହାପାତ୍ର, ରବୀନ୍ଦ୍ର ଦାନୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ସମ୍ବଲପୁର,୧୮।୫ (ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଗହୀରପାଲି ଗ୍ରାମର ସାବିତ୍ରୀ ପଟେଲ (୫୦) ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ପରିବାର ବର୍ଗ ଗ୍ରାମବାସୀଙ୍କ ସାହାଯ୍ୟରେ ଯୁଯୁମୁରା ଡାକ୍ତରଖାନାକୁ ଆଣିଥିଲେ । ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସାବିତ୍ରୀଙ୍କ ମୁହଁ,ହାତ, ଛାତିରେ ଆଘାତ ଲାଗିଛି। ପ୍ରତିଦିନ ଭଳି ସକାଳେ ସାବିତ୍ରୀ ଗ୍ରାମବାସୀଙ୍କ ସହ କେନ୍ଦୁପତ୍ର ତୋଳିବାକୁ ଯାଇ ଭାଲୁ ସାମ୍ନାରେ ପଡିଥିଲେ। ସାବିତ୍ରୀଙ୍କ ଚିତ୍କାର ଶୁଣି ପାଖରେ ଥିବା ଅନ୍ୟମାନେ ଆସିଥିଲେ। ଏହାପରେ ଭାଲୁ ଚାଲି ଯାଇଥିଲା। ଅନ୍ୟମାନେ ସାବିତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ। ବନ ବିଭାଗ ଗୁରୁତର ସାବିତ୍ରୀଙ୍କ ପାଖରେ ପହଞ୍ଚି ନାହିଁ। ସମ୍ବଲପୁର ଡିଏଫଓ ସଞ୍ଜିତ କୁମାର କହିଛନ୍ତି ଯେ, ଏ ସମ୍ପର୍କରେ ଅଭିଯୋଗ ହୋଇ ନାହିଁ । ମହିଳାଙ୍କୁ ନିଶ୍ଚୟ ବନ ବିଭାଗ ନିୟମ ଅନୁସାରେ ସାହଯ୍ୟ କରାଯିବ।

## ସଙ୍ଗୀତରେ ତଲ୍ଲୀନ ହେଲେ ଶ୍ରୋତା

ସମ୍ବଲପୁର,୧୭।୫ (ବ୍ୟୁରୋ)

ତପସ୍ୱିନୀ ପ୍ରେକ୍ଷାଳୟରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଭୁବନେଶ୍ୱରର କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡାଙ୍କ ଦଳ ଏବଂ ସମ୍ବଲପୁରର ସ୍ୱରାଜ ଦାଶ, ମେଘା ଦଲେଇ, ଇପସିତା ସାହୁ ପ୍ରମୁଖଙ୍କ ସୁଲଳିତ ସଙ୍ଗୀତରେ ଦର୍ଶକ ତଲ୍ଲିନ ହୋଇଥିଲେ। ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ସମରେନ୍ଦ୍ର ନାୟକ, ନିରଞ୍ଜନ ସାହୁ ଓ ବଂଶୀଧର ସହଯୋଗ କରିଥିଲେ । ଓଡିଶା ଦୂରଦର୍ଶନ କେନ୍ଦ୍ର ପୂର୍ବତନ ନିର୍ଦ୍ଦେଶକ ବୈକୁଣ୍ଠ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୌମେନ୍ଦ୍ର ପୂଜାରୀ ସଂଯୋଜନା କରିଥିଲେ।

## ଭୀମମଣ୍ଡଳୀରେ ଅଷ୍ଟପ୍ରହର ନାମଯଜ୍ଞ

ନାକଟିଦେଉଳ,୧୮।୫ (ଡି.ଏନ.)

ଘୋଷରାମାଳ ପଞ୍ଚାୟତ ଚମ୍ପାଳି ନଦୀକୂଳ ମଧ୍ୟରେ ଅବସ୍ଥିତ ଭୀମମଣ୍ଡଳୀ ପର୍ଯ୍ୟଟନ କ୍ଷେତ୍ରରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଯାଇଛି। ଏଥିରେ ଘୋଷରାମାଲ, ଲୁସୁରା, ଲାଣ୍ଡିମାଳ, କାଦୋବାହାଲ, ଶିମିଳିପାଳ, ପେଣ୍ଠବାହାଳ, ବଣକୁହି ଆଦି ଗ୍ରାମର ଜନସାଧାରଣ ସହଯୋଗ କରିଥିଲେ।

## କାଳବୈଶାଖୀ: ବ୍ୟାପକ ଫସଲ ନଷ୍ଟ

ଭବାନୀପାଟଣା,୧୮।୫ (ଡି.ଏନ୍.ଏ.)



କାଳବୈଶାଖୀ ପ୍ରଭାବରେ କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳରେ ଏକ ଜମିରେ ହୋଇଥିବା ଧାନଚାଷ ନଷ୍ଟ ହୋଇଯାଇଛି।

କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳରେ ଶନିବାର କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବା ସହ ୫୧ ମି.ମି. ବର୍ଷା ହୋଇଥିବା ଜଣାପଡିଛି। ଫଳରେ ବ୍ୟାପକ ଭାବେ ପାଚିଲା ଧାନ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏପରି କି ପବନରେ ବିଭିନ୍ନ ସ୍ଥାନରେ ଗଛଗୁଡିକ ଉପୁଡି ପଡିଥିବା ବେଳେ ଆମ୍ବ ଫସଲ କ୍ଷତିଗ୍ରସ୍ତ ହୋଇଛି। ଚଳିତ ବର୍ଷ ଜୟପାଟଣା ବ୍ଲକରେ ୧୪,୭୫୬.୯୨୪ ହେକ୍ଟର ଜମିରୁ ୧୨,୯୮୪.୩୮୪ ହେକ୍ଟର ଜମିରେ ରବି ଚାଷ କରାଯାଇଛି। ରୋଗ ପୋକ ନ ଲାଗିବାରୁ ଚାଷ ମଧ୍ୟ ଭଲହୋଇଥିଲା। ହେଲେ ଗତ ୧୨ ତାରିଖରେ ଜୟପାଟଣା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରାୟ ୧୬ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସରବରାହ ଓ ଜଳଯୋଗାଣ ସ୍ୱାଭାବିକ ହୋଇପାରିନାହିଁ। ଏପରି କି ପ୍ରାୟ ୪୦୦୦ ହେକ୍ଟର ଜମି ପ୍ରଭାବିତ ହୋଇଥିବା ଅନୁମାନ କରାଯାଉଥିଲେ ମଧ୍ୟ ଏଯାବତ୍ ପ୍ରଶାସନ ଚାଷୀଙ୍କ ପାଇଁ କୌଣସି ତତ୍ପରତା ଦେଖାଇ ନ ଥିବା ଅଭିଯୋଗ ହୋଇଛି। ଏଭଳିସ୍ଥିତିରେ ଶନିବାର ହୋଇଥିବା କାଳବୈଶାଖୀରେ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଏନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ଓଁକାରେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା

ସମ୍ବଲପୁର, ୧୮।୫ (ବ୍ୟୁରୋ)

ଓଁକାରେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ସକାଶେ କନ୍ୟା ଓ ବର ମାତାପିତା ଚୟନ ସଂପନ୍ନ ହୋଇଛି । ସାକ୍ଷୀପଡା ଓଁକାରେଶ୍ୱର ମନ୍ଦିର ପରିସରରେ ବୈଠକ ହୋଇଥିଲା । କନ୍ୟା ମାତାପିତା ଭାବେ ରେଙ୍ଗାଲି ଅରୁନ୍ଧତୀ ଓ ଜିଜ୍ଞାସା ସାହୁ ମନୋନିତ ହୋଇଛନ୍ତି । ସେହିପରି ସାକ୍ଷୀପଡା ନିବାସୀ ଭାରତୀ ଓ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ବର ମାତାପିତା ଦାୟିତ୍ୱ ତୁଲାଇବାକୁ ସ୍ଥିର କରାଯାଇଛି । ଯାତ୍ରା କମିଟି ସଭାପତି ବୁଦ୍ଧରାମ ମୁଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପଡାର ମୂରବୀ ଓ ଯାତ୍ରୀ କମିଟି କର୍ମକର୍ତ୍ତା, ସଭ୍ୟମାନେ ଉପସ୍ଥିତ ଥିଲେ।



ଓଁକାରେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରୀ ସକାଶେ ମନୋନୀତ କନ୍ୟା ମାତାପିତା ।



"ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ

## ସଂକ୍ଷେପରେ

### ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର : କାରଣ ଅସ୍ପଷ୍ଟ

**ଖଡ଼ିଆଲ, ୧୮।୫ (ଡି.ଏନ.ଏ.)-** ଖଡିଆଲ ସହରର ମାଣିକ୍ୟଦେବୀ ୟୁପି ସ୍କୁଲ-ଗ୍ରୀଡ କଲୋନୀ ରାସ୍ତା ପାର୍ଶ୍ୱରୁ ଶନିବାର ସକାଳେ ଖଡିଆଲ ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ନାମ କାର୍ତ୍ତିକ ହାତୀ (୧୯)। ଘର ତାଙ୍କ ଖଡିଆଲ ଥାନା ଗଡରାମୁଣ୍ଡା ଗାଁ ଫକୋଟପଡାର ବୋଲି ଜଣାପଡିଛି। ତେବେ ମୃତର କାରଣ ଅସ୍ପଷ୍ଟ ଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ଏହା ହତ୍ୟା କି ଆତ୍ମହତ୍ୟା ତାହା ଜଣାପଡିବ ବୋଲି ତଦନ୍ତ ଅଧିକାରୀ ଏସଆଇ ଜିତୁମୋହନ ବେଶ୍ରା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ରାସ୍ତା କଡରେ କାର୍ତ୍ତିକ ହାତୀ ମୃତ ଅବସ୍ଥାରେ ପଡିଥିବା ବେଳେ ରାସ୍ତାରେ ଯାଆସ କରୁଥିବା କିଛି ଲୋକ ଦେଖିବାକୁ ପାଇ ଖଡିଆଲ ପୋଲିସକୁ ଖବର ଦେଇଥିଲେ। ପରେ ଖଡିଆଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

### ଆଜି ସିଆରିଆ କେନ୍ଦ୍ରରେ ସାନି ମତଦାନ

**ଦେବଗଡ,୧୮।୫(ସ୍ୱ.ପ୍ର.)-** ଏପ୍ରିଲ ୨୩ ତାରିଖରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଇଭିଏମ୍ ଓ ଭିଭିପିଏଟିରେ ତ୍ରୁଟି ଯୋଗୁ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ରିଆମାଳ ବ୍ଲକ ଆଡଶ ପଞ୍ଚାୟତ ସିଆରିଆ ବୁଥ ନଂ-୧୮୩ରେ ମତଦାନ ସ୍ଥଗିତ ରଖାଯାଇଥିଲା। ରବିବାର ଉକ୍ତ ବୁଥରେ ସାନି ମତଦାନ ହେବ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ ହେବ। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ବୁଥରେ ୫୦୦ ମହିଳା ଏବଂ ୫୦୨ ପୁରୁଷ ଭୋଟରଙ୍କୁ ମିଶାଇ ମୋଟ ୧୦୦୨ ଭୋଟର ମତ ସାବ୍ୟସ୍ତ କରିବେ।

### ଭାଲିଆପଦରରେ ନାମଯଜ୍ଞ

**ମନମୁଣ୍ଡା, ୧୮।୫ (ଡି.ଏନ.ଏ.)-** ମନମୁଣ୍ଡା ପଞ୍ଚାୟତ ଭାଲିଆପଦରରେ ନାମଯଜ୍ଞ ଶନିବାର ପୂର୍ଣ୍ଣାହୂତି ହୋଇଛି । ଦୁଇ ଦିନ ଧରି ଅନୁଷ୍ଠିତ ଏହି ନାମଯଜ୍ଞରେ ୧୦ଟି କୀର୍ତ୍ତନ ଦଳ ଯୋଗଦେଇ ନାମଜପ କରିଥିଲେ । ନଗର କୀର୍ତ୍ତନ ଓ ଦହିହାଣ୍ଡି ଭଙ୍ଗା ଆକର୍ଷଣୀୟ ଥିଲା । ଏଥିରେ ପୁରୁଷୋତ୍ତମ ମହଲା ସସ୍ତ୍ରୀକ କର୍ତ୍ତା ଏବଂ ଜ୍ୟୋତି ପଣ୍ଡା କାର୍ଯ୍ୟ ତୁଲାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବ୍ୟବସାୟୀ ତ୍ରିନାଥ ପ୍ରଧାନ, ବିଘ୍ନେଶ୍ୱର ମହାକୁଡ, ଜୟଲାଲ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ନିମ୍ନମାନର ବିହନ ସର୍ବନାଶ କଲା

**ନୂଆପଡା ଅଫିସ, ୧୮।୫**

ନୂଆପଡ଼ା ଜିଲାରେ ପିଆଜ ଚାଷ ସକାଶେ ରେକର୍ଡ ସୃଷ୍ଟି କରିଥିବା କୋମନା ବ୍ଲକର ନୂଆଗାଁ ଗ୍ରାମପଞ୍ଚାୟତର ଚାଷୀଙ୍କୁ ଚିନ୍ତା ଘାରିଛି। ଏବର୍ଷ ନିମ୍ନମାନର ପିଆଜ ବିହନ ଶକ୍ତ ଧକ୍କା ଦେଇଛି। ପିଆଜ ଅମଳ କମିଯିବା ଆଶଙ୍କା ନେଇ ଜିଲାପାଳଙ୍କୁ ଜଣାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ତେଣୁ ଚାଷୀମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି।

ନୂଆଗାଁ ଗ୍ରାମପଞ୍ଚାୟତର ଅର୍ଦ୍ଧାଧିକ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି। କାମ ଧନ୍ଦା ଅଭାବ ହେତୁ ବର୍ଷର ଅଧା ସମୟରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିଲେ। ହେଲେ କେତେଜଣ ଚାଷୀ ପ୍ରଥମ କରି ପିଆଜ ଚାଷ କରିବା ଆରମ୍ଭ କରିଥିଲେ। ଏହି ଚାଷକୁ ଧୀରେ ଧୀରେ ସମସ୍ତ ଚାଷୀ ପରିବାର ଆପଣାଇଥିଲେ । ପିଆଜ ଚାଷ ସମସ୍ତଙ୍କୁ ସ୍ୱାବଲମ୍ବୀ କରିଥିବାରୁ ଦାଦନ ସମସ୍ୟା ଏଠାରୁ କ୍ରମେ ହ୍ରାସ ପାଇଛି। ହେଲେ ସରକାରଙ୍କ ତରଫରୁ ସେଭଳି କୌଣସି ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନ ଥିବାରୁ ଚାଷୀମାନେ ଆଗକୁ ବଢିପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଗତ ବର୍ଷଗୁଡ଼ିକରେ ଏକର ପିଛା ୪୦/୫୦ କୁଇଣ୍ଟାଲ ଅମଳ କରି ବେଶ ଲାଭ ବାନ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏଠିକାର ପିଆଜ ସବୁ ଟ୍ରକ ଜରିଆରେ ରାଜ୍ୟ ବାହାରକୁ ଯାଇଥାଏ। ହେଲେ ଏହି ବର୍ଷ ପିଆଜ ଚାଷୀଙ୍କୁ ଝଟକା ଲାଗିଛି। ସ୍ଥାନୀୟ କେତୋଟି ସଂସ୍ଥାଠାରୁ ଉନ୍ନତମାନର ବିହନ ବୋଲି କିଣିଥିଲେ ଚାଷୀମାନେ। ହେଲେ ଚାରିମାସର ଚାଷ ପରେ ଅମଳ ହେବା ବେଳକୁ ଦେଖାଗଲା ଯେ, ପିଆଜ ସବୁ ଛୋଟ ଛୋଟ କିସମର ହୋଇଛି। ଏମିତିକି ପିଆଜ ଗଛ ଦେଖାଯାଉଛି ଅଥଚ ମାଟିତଳେ ପିଆଜ ବସିନାହିଁ। ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ ହେଁ କୌଣସି ସରକାରୀ ଅଧିକାରୀ, କର୍ମଚାରୀ ପରାମର୍ଶ କରି ନ ଥିବା କୁହାଯାଇଛି। ଶେଷରେ ଅନନ୍ୟୋପାୟ ହୋଇ ଦୁଇ ସପ୍ତାହ ତଳେ ନୂଆପଡା ଯାଇ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଏହା ଉପରେ ସେ ଖୁବଶିଘ୍ର କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧିକାରୀଙ୍କ ଆସିବା ବାଟକୁ ଚାହିଁ ନିରାଶ ହୋଇଛୁ ବୋଲି ଚାଷୀନେତା ରଘୁନାଥ ହାତୀ କହିଛନ୍ତି। ଶନିବାର କାଳିମାଟି ଗାଁର ପିଆଜ ଚାଷୀମାନେ ଏକଜୁଟ ହୋଇ ବୈଠକ କରିଥିଲେ। ବୈଠକରେ ଆମେ ନିଜ ଉଦ୍ୟମରେ ବିଭିନ୍ନ ଚାଷ କରି ଆଗକୁ ବଢୁଛୁ । ଯେତେବେଳେ ଉତ୍ପାଦନ ବଢୁଛି ସରକାରୀ ବାବୁମାନେ ଆସି ଫଟୋ ଉଠାଇ ବାହାଦୁରୀ ନେଉଛନ୍ତି। ହେଲେ ଯେତେବେଳେ ସମସ୍ୟା ଆସୁଛି ବାବୁମାନେ ଲୁଚି ଯାଉଛନ୍ତି। ଏଣିକି ସମସ୍ୟାର ସମାଧାନ କରିବା ସହ କ୍ଷତିପୂରଣର ବ୍ୟବସ୍ଥା ନ କଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବୁ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି। ଏହା ଉପରେ ଅତିରିକ୍ତ ଜିଲା ଉଦ୍ୟାନ ବିଭାଗ ଅଧିକାରୀ ସ୍ୱଦେଶ ଚୌଧୁରୀଙ୍କୁ ପଚାରିବାରେ ତାଙ୍କ ପାଖକୁ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ଆସି ନ ଥିବା ଗଣମାଧ୍ୟମ ଆଗରେ କହିଛନ୍ତି।



ମେଳି କରିଥିବା କାଳିମାଟି ଗାଁର ଚାଷୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

**ପିଆଜ ଚାଷ**
- ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ଚାଷୀ
- ଗୋଟିଏ ଗାଁର ୫୦ଏକର ଜମିର ଚାଷ ନଷ୍ଟ

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲେଖୁଲେଖୁ କରଣ,**
**ହଗୁ ହଗୁ ମରଣ ।**

ଅଭ୍ୟାସରୁ ଦକ୍ଷତା ବଢ଼େ । ସାଧନା ହିଁ ସିଦ୍ଧି ଦେଇଥାଏ। ପ୍ରଚେଷ୍ଟା ଜାରି ରଖିଲେ ସଫଳତା ମିଳିଥାଏ। ସେହିପରି ବାରମ୍ବାର ଝାଡ଼ାହେଲେ ବ୍ୟକ୍ତି ରୋଗଗ୍ରସ୍ତ ହୋଇଯାଏ। ଶରୀର ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ। ଚାଲିବାକୁ ବଳ ଓ ସାମର୍ଥ୍ୟ ହରାଇବସେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଲାଡୁଡ଼ଙ୍କ ;**
**ବଡ଼ଘର ପୁଅ ଏଡିକି ରଙ୍କ ।**

ଧନୀଲୋକ ମଧ୍ୟ ରଙ୍କୁଣା ହୋଇପାରେ। ଯାହାଘରେ ସବୁ ଅଛି, କିଛି ଅଭାବ ନାହିଁ, ସେ ଘରର ପିଲା ମଧ୍ୟ ବାହାରେ କେଉଁଠି ଜାଗା ଅଜାଗା ନ ବାରି ଭଲ ଜିନିଷ ଦେଖିଲେ ନ ପାଇବା ନ ଖାଇବା ଭଳି ବିକଳ ହେଉଥିବାର ଲକ୍ଷ୍ୟ କରାଯାଏ। ଖାଇବା ଘର ପିଲାଙ୍କର ଏପରି ମନ୍ଦ ସ୍ୱଭାବ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଲୁଟ୍ ଘଟଣାରେ ୬ ଗିରଫ

**ପଦ୍ମପୁର, ୧୮।୫ (ଡି.ଏନ.ଏ)**

ପଦ୍ମପୁରରେ ଏକ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମନୋଜ ନାଗ, ମଲିଆ ନାଗ, କାଳିଆ ନାଗ, ଅର୍ଜୁନ ତାଣ୍ଡି, ରଞ୍ଜନ ତାଣ୍ଡି ଏବଂ ଖପ୍ରାଖୋଲ ଥାନା ଅନ୍ତର୍ଗତ ସାନଉଡେନ ଗ୍ରାମର କେଶବ ଦୀପ। ସେମାନଙ୍କଠାରୁ ଲୁଟ୍ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁସାରେ, ଭାରତ ଫାଇନାନସିଆଲ ଏନକ୍ଲୋଜର ଲିମିଟେଡର କର୍ମଚାରୀ ବାବୁଲାଲ ମେହେର ଗତ ଏପ୍ରିଲ ୧୨ ତାରିଖ ପୂର୍ବାହ୍ନ ୧୦ଟାରେ ଖପ୍ରାଖୋଲ ଥାନା ଅନ୍ତର୍ଗତ ଅନକାମୁଣ୍ଡା ଗ୍ରାମରୁ ଟଙ୍କା ଆଦାୟ କରି ଫେରୁଥିଲେ। ସିଲେଟପାଲି ରାସ୍ତା ତେତେଲମୁଣ୍ଡାଠାରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଗଛରେ ବାନ୍ଧିଦେବା ସହ ତାଙ୍କଠାରୁ ଟାବଲେଟ, ବାଇକ୍ ଓ ୨ଟି ମୋବାଇଲ ସହ ୩୬ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ। ବାବୁଲାଲ ଏ ସମ୍ପର୍କରେ ବୁଡେନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ଏସଡିପିଓ ପ୍ରଦୀପ କୁମାର ସାହୁ ଓ ବୁଡେନ ଥାନା ଆଇଆଇସି ଟି. କେରକେଟା ଏକ ଖବରଦାତା ସମ୍ମିଳନୀରେ ସମସ୍ତ ୬ଜଣ ଅଭିଯୁକ୍ତଙ୍କୁ ହାଜର କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ ।

# ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପ୍ରଧାନ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

- ଗୋଡ଼ାଲ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ସିନାପାଲି, ୧୮।୫ (ଡି.ଏନ.ଏ)**

ଶିକ୍ଷାର ବିକାଶ ଦିଗରେ ପ୍ରଧାନ ଶିକ୍ଷକମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏମାନେ ହିଁ ଶିକ୍ଷାନୁଷ୍ଠାନର ଅଧ୍ୟୟନରତ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କ ସହିତ ଭାବର ଆଦାନପ୍ରଦାନ କରି ଶିକ୍ଷାର ବିକାଶ କରିବାରେ ମୁଖ୍ୟ ସୂତ୍ରଧର ବୋଲି ଗୋଡାଳ ହାଇସ୍କୁଲଠାରେ ସିନାପାଲି ବ୍ଲକ ସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରଧାନଶିକ୍ଷକ ସମ୍ମିଳନୀରେ ନୂଆପଡା ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ସମାଜମଙ୍ଗଳ ଅଧିକାରୀ ଅଶ୍ୱିନୀ ଭୋଇ, ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷକ ଅଧିକାରୀ ଜଗଦିଶ ଖମାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସିନାପାଲି ବ୍ଲକର ଶିକ୍ଷାର ପ୍ରସାର ଓ ଆଧୁନିକିକରଣ ଦିଗରେ ବିଶେଷ ଆଲୋଚନା କରିଥିଲେ। ସିନାପାଲି ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକମାନେ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଶିକ୍ଷା ପ୍ରଶାସନିକ ଅଧିକାରୀ ଓ ପ୍ରଧାନଶିକ୍ଷକମାନଙ୍କ ମଧ୍ୟରେ ସୁସମନ୍ୱୟ ରହିଲେ ଶିକ୍ଷାର ଗୁଣାତ୍ମକ ସୁନିଶ୍ଚିତ ବୋଲି ଶିକ୍ଷକମାନେ ମତ ରଖିଥିଲେ। ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକମାନଙ୍କ ମନୋବଳ ବୃଦ୍ଧି ସହ ଶିକ୍ଷାରମାନ ବୃଦ୍ଧି ପାଇଁ ଏହି ସମ୍ମିଳନୀ ଆହ୍ୱାନ ପାଇଁ ନୂଆପଡା ଜିଲା ଶିକ୍ଷାବିଭାଗର ଉଦ୍ୟମକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଗୋଡାଳ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଯୋଶୀ ଧନ୍ୟବାଦ ଅର୍ପଣ ପୂର୍ବକ ନିଜ ବିଦ୍ୟାଳୟରେ କାର୍ଯ୍ୟକ୍ରମ କରିଥିବାରୁ ଶିକ୍ଷା ବିଭାଗକୁ ଧନ୍ୟବାଦ ଦେଇଥିଲେ।

### ଭମ୍ବାରିଗୋରାରେ ଅନନ୍ତମୁଖୀ ପୂଜନୋତ୍ସବ

**ମନମୁଣ୍ଡା, ୧୮।୫ (ଡି.ଏନ.ଏ)**

ବିଲାସପୁର ପଞ୍ଚାୟତ ଗମ୍ଭାରିଗୋରା (ପଦରପଡା) ଜଗନ୍ନାଥ ମନ୍ଦିରରେ ଶନିବାର ଶ୍ରୀମଦ୍ ଭାଗବତ ଅନନ୍ତମୁଖୀ ପଠନ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍ତ୍ତା ଭାବେ ଦେବଦତ୍ତ ଖମାରୀ ଓ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ଏବଂ ପୂଜକ ଭାବେ ଶୁକଦେବ ହୋତା କାର୍ଯ୍ୟ ନିର୍ବାହ କରିଥିଲେ । ମନମୁଣ୍ଡା ବ୍ରାହ୍ମଣ ସମାଜ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ସମ୍ପାଦକ ବୈଦ୍ୟନାଥ ହୋତା, ଶିବ ମିଶ୍ର, ହରିଶ୍ଚନ୍ଦ୍ର ହୋତା, ଲାଲବାହାଦୂର ମିଶ୍ର ପ୍ରମୁଖଙ୍କ ସମେତ ୨୫ଜଣ ବ୍ରାହ୍ମଣ ଦ୍ୱାଦଶସ୍କନ୍ଦ ଶ୍ରୀମଦ ଭାଗବତ ପଠନ କରିଥିଲେ । ଏହା ସହ ମନ୍ଦିରରେ ହୋମଯଜ୍ଞ, ପୂଜା, କୀର୍ତ୍ତନ ପରିବେଷଣ ହୋଇଥିଲା।

# ସନ୍ଥକବି ଭୀମ ଭୋଇ ଜୟନ୍ତୀ ପାଳିତ

**ଜହ୍ନାପଙ୍କ, ୧୮।୫ (ଡି.ଏନ.ଏ)**

ପବିତ୍ର ବୈଶାଖ ପୂର୍ଣ୍ଣିମା ଅବସରରେ ବଲସିଙ୍ଗା ସ୍ଥିତ ପ୍ରସିଦ୍ଧ ମହିମା ପୀଠ ଗୋବିନ୍ଦ ବାବା ଓ ସନ୍ଥକବି ଭୀମ ଭୋଇଙ୍କ ଜ୍ଞାନପୀଠ ମହୁଲମୂଳଠାରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। ମହିଳା ବିକାଶ ପରିଷଦ ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧାପକ ବାସୁଦେବ ପାତ୍ର ମୁଖ୍ୟଅତିଥି, ଶିକ୍ଷାବିତ ତଥା ଶିକ୍ଷକ ସଂଘ ରାଜ୍ୟ ଉପସଭାପତି ଶମ୍ଭୁ ଗିରି ମୁଖ୍ୟବକ୍ତା ଓ ଯୁବ ସଂସ୍କୃତି ଗବେଷକ ସତ୍ୟନାରାୟଣ ପାଣି ସମ୍ମାନିତ ଅତିଥି, ପୂର୍ବତନ ସରପଞ୍ଚ ସଦାନନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହିମା ବିକାଶ ପରିଷଦର ସମ୍ପାଦକ ବାବା କୃଷ୍ଣଚନ୍ଦ୍ର ଦାସ ବିବରଣୀ ପାଠ କରିଥିବା ବେଳେ ପରିଷଦର ସଭ୍ୟ ପ୍ରଭାତ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିମା ଧର୍ମାବଲମ୍ବୀ ଭକ୍ତ ଯୋଗଦାନ କରିଥିଲେ ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

ASTROLOGY

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

EDUCATION

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ ଶର୍ମା 9499133937
9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

See Color Display Classified on every Tuesday & Friday

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-25 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### ନୃସିଂହ ଚତୁର୍ଦ୍ଦଶୀ ହୋମଯଜ୍ଞ ଉଦ୍‌ଯାପିତ

**ଲୋଇସିଂହା,୧୮।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା, ବାଦିବାହାହାଲ, ଦୁମଦୁମି ଗ୍ରାମରେ ନୃସିଂହ ଚତୁର୍ଦ୍ଦଶୀରେ ଚାଲିଥିବା ୨୪ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ନାମଯଜ୍ଞ ସମେତ ନବ ନିର୍ମିତ ଶିବ ମନ୍ଦିର ତୋରଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା। ଏଠାରେ ବୁଧବାର ସନ୍ଧ୍ୟାରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ପରେ ଗୁରୁବାରଠାରୁ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଠାରେ ବରଗଡର ସରୋଜ ମଙ୍ଗୁଆଲ କର୍ତ୍ତାଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଗ୍ରାମର ହରିଜନ ପଡାଠାରେ ଦୁଇଦିନ ଧରି ଅଲେଖ ବାବାମାନେ ବିଶ୍ୱଶାନ୍ତି ପାଇଁ ଘୃତ ଆହୂତି ଓ ଅଲେଖନ ଭଜନ କରିଥିଲେ। ବାଦିବାହାଲ ଗ୍ରାମର ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠାର ୧ ବର୍ଷ ପୂର୍ତ୍ତି ଅବସରରେ ୨୪ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ୩ଦିନ ଧରି ଚାଲିଥିବା ନାମଯଜ୍ଞ ଶନିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏଠାରେ ଉଗ୍ରେ ଧରୁଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ବ୍ଲକ ଅଧୀନ ଦୁମଦୁମି ଗ୍ରାମର ଶିବ ମନ୍ଦିର ପ୍ରତିଷ୍ଠା ସମାରୋହ ସପ୍ତାହେ ଧରି ଚାଲିଥିଲା। ଏହି ଅବସରରେ ଅନୁଷ୍ଠିତ ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। କୁଶଙ୍ଗ ଗ୍ରାମରେ ଚାଲିଥିବା ୫୬ ପ୍ରହର ଓ ଲୋଇସିଂହା ସଂହରା ପଡାରେ ଚାଲିଥିବା ୨୪ ପ୍ରହର, ନେଗିପାଲିରେ ଚାଲିଥିବା ୧୬ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି।

### ବାଇକ୍ ଚୋରି ଅଭିଯୋଗ

**ବିନିକା, ୧୮।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ବାବୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଲସାପାଲି ଗ୍ରାମରେ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ସାରସମାଲ ଗ୍ରାମର ମନୋଜ ନାଏକ। ସେ ପଲସାପାଲି ଗ୍ରାମକୁ ତାଙ୍କ ଭାଣିଜୀ ବିବାହ ଉତ୍ସବରେ ଗୁରୁବାର ଯୋଗଦେବାକୁ ଆସିଥିଲେ। ବିଳମ୍ବିତ ରାତିରେ ତାଙ୍କ ବାଇକକୁ କେହି ଚୋରି କରି ନେଇ ଯାଇଥିଲେ। ଶୁକ୍ରବାର ମନୋଜ ଏ ନେଇ ବିନିକା ଥାନାରେ ତାଙ୍କ ବାଇକ୍ ନଂ-ଓଡି୩୧-୪୬୮୭ ଚୋରି ହୋଇଥିବା ସମ୍ପର୍କରେ ସେ ଲିଖିତ ଅଭିଯୋଗ କରିଛନ୍ତି।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୪ ଆହତ

**ଉଲୁଣ୍ଡା, ୧୮।୫(ଡି.ଏନ.ଏ.)** ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ଉଲୁଣ୍ଡା କଲେଜ ଛକରେ ୨ବାଇକ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଆହତ ହୋଇଛନ୍ତି। ଗଇଲମରା ଗ୍ରାମର ନିଲେଶ ଘିବିଲା(୨୨) ଏକ ବାଇକ ଯୋଗେ ସମ୍ବଲପୁର ପଟରୁ ଆସୁଥିଲେ। ସେହିପରି ସାଗଜୁରି ଗ୍ରାମର ରାଜେନ୍ଦ୍ର ବାଘ (୪୮), ଅଶୋକ ବାଘ (୩୫) ଏବଂ ଦାଶରଥି କମ୍ପ (୪୫) ଖଲିଆପାଲିରେ କୀର୍ତ୍ତନ ସାରି ଘରକୁ ଅନ୍ୟ ଏକ ବାଇକ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣା ହୋଇଥିଲା। ଫଳରେ ସମସ୍ତେ ଆହତ ହୋଇ ରାସ୍ତା ଉପରେ ପଡିରହିଥିଲେ। ଖବର ପାଇ ଉଲୁଣ୍ଡା ଦମକଳ ବାହିନୀ ଆହତମାନଙ୍କୁ ଉଦ୍ଧାର କରିବା ସହ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ପିଆଇସିଏଲ ଅର୍ଥ ଠକେଇ

# ଜେଲଗଲେ ନିର୍ଦ୍ଦେଶକ

- କମ୍ପ୍ୟୁଟର ସିଷ୍ଟମ୍, କାଗଜପତ୍ର ଜବତ
- ୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗ
- ଅନ୍ୟ ସହଯୋଗୀଙ୍କୁ ଧରିବାକୁ ପୋଲିସର ତନାଘନା

**ବଲାଙ୍ଗୀର ଅଫିସ, ୧୮।୫**

ପିଆଇସିଏଲ ମଲ୍ଟି ଷ୍ଟେଟ୍ କ୍ରେଡିଟ୍ କୋଅପରେଟିଭ ସୋସାଇଟି ଜରିଆରେ ୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲା ଉପରୁ ଧୀରେ ଧୀରେ ପର୍ଦ୍ଦା ହଟିବାରେ ଲାଗିଛି। ଠକାମିର ଶିକାର ହୋଇଥିବା ଏଜେଣ୍ଟ ଓ ଗ୍ରାହକଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ୍ ବଲାଙ୍ଗୀର ଥାନା ପୋଲିସ ଏହି ସଂସ୍ଥାର ନିର୍ଦ୍ଦେଶକ ହୁତାସନ୍ ଯାଦବଙ୍କୁ ଗିରଫ କରିବା ପରେ ଶନିବାର କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ୍ ଆବେଦନ ଖାରଜ୍ ହେବା ପରେ ଅଭିଯୁକ୍ତ ଯାଦବଙ୍କୁ ଶେଷରେ ଜେଲ ଯିବାକୁ ପଡିଛି। ପୋଲିସ ଏହି ସଂସ୍ଥାର ଦୁଇଟି କମ୍ପ୍ୟୁଟର ସିଷ୍ଟମ, ପ୍ରିଣ୍ଟର ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ୨୦୧୮ ମସିହାର କୌଣସି ଏକ ସମୟରେ କମ୍ପାନୀ ଟ୍ରିକ୍ରାପଡାସ୍ଥିତ ତେରାପନ୍ଥ ଭବନ ନିକଟ ପିଆଇସିଏଲ ସଂସ୍ଥା ଅଫିସ ବନ୍ଦ କରିଦେଇ ଫେରାର ହୋଇଯାଇଥିଲା। ଏହାପରେ ସହସ୍ରାଧିକ ଏଜେଣ୍ଟଙ୍କ ଭିତରୁ ଦୁଇଜଣ ଅଫିସ ଭିତରୁ ଦୁଇଟି କମ୍ପ୍ୟୁଟର ଓ ଏକ ପ୍ରିଣ୍ଟର ସହ ଅନ୍ୟ କାଗଜପତ୍ର ନେଇ ଯାଇଥିଲେ। ଶନିବାର ଟାଉନ୍ ଥାନା ପୋଲିସ ସେମାନଙ୍କଠାରୁ ଏସବୁ ଜବତ କରିଛି।

ବଲାଙ୍ଗୀର ସହରରେ ୨୦୧୨ ମସିହାରୁ ପିଆଇସିଏଲ ସଂସ୍ଥା ଅଫିସ ଖୋଲି ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, ବୌଦ୍ଧ ଓ କଳାହାଣ୍ଡି ଜିଲାରେ କାର୍ଯ୍ୟ କରୁଥିଲା। ଏହି ସଂସ୍ଥାରେ ୬ ବର୍ଷ ସମୟ ଅବଧି ପାଇଁ ଫିକ୍ସଡ୍ ଡିପୋଜିଟ୍ କଲେ ଦିଗୁଣା ଅର୍ଥ ମିଳିବ ବୋଲି ପ୍ରଚାର କରିବା ପରେ ଉପରୋକ୍ତ ୫ଟି ଜିଲାର ସହସ୍ରାଧିକ ଲୋକ ପ୍ରଲୋଭନରେ ପଡି ଏହି ସଂସ୍ଥାରେ ଡିପୋଜିଟ୍ କରିଥିଲେ। ନିର୍ଦ୍ଦିଷ୍ଟ ଭାବରେ କେତେ ସଂଖ୍ୟାର ଗ୍ରାହକ ଓ ଏଜେଣ୍ଟ ଥିଲେ ତାହା ଜଣାପଡି ନ ଥିଲେ ମଧ୍ୟ ଉପରୋକ୍ତ ୫ଟି ଜିଲାର ୨୦ ହଜାରରୁ ଅଧିକ ଗ୍ରାହକଙ୍କଠାରୁ ସଂସ୍ଥା ୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିପୋଜିଟ୍ ନାଁରେ ସଂଗ୍ରହ କରି ଫେରାର ହୋଇଯାଇଥିବା କୁହାଯାଉଛି। ଏହି ସଂସ୍ଥାର ଅର୍ଥ ଠକେଇ ମାମଲାରେ ବହୁ ସହଯୋଗୀ ରହିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଥିବା ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ ସୂଚନା ଦେଇଛନ୍ତି। ଏହି ଅର୍ଥ ଜାଲିଆତି ମାମଲାରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ତଦନ୍ତ କରାଯାଉଛି ବୋଲି କହିଛନ୍ତି। ତେବେ ସୋସିଆଲ ମିଡିଆରେ ଗିରଫ ନିର୍ଦ୍ଦେଶକ ହୁତାସନ୍‌ଙ୍କ ସହ କେତେକ ବରିଷ୍ଠ ଭାଜପା ନେତାଙ୍କ ଫଟୋ ଭାଇରାଲ ହେବା ପରେ ଅର୍ଥ ଠକେଇ ମାମଲା ଚର୍ଚ୍ଚାର ବିଷୟ ହୋଇଛି।

## 'ଭୀମଭୋଇ ସାମ୍ୟବାଦ୍, ମାନବବାଦର ଉଦ୍‌ଘୋଷକ'

**ବଲାଙ୍ଗୀର ଅଫିସ, ୧୮।୫**



ଭୀମଭୋଇ ଜୟନ୍ତୀରେ ମଞ୍ଚାସୀନ ଅତିଥିମାନେ।

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଶନିବାର ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଗଣ୍ଡାବଜାର ସମ୍ପାଦକ ତ୍ରିଲୋଚନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସ୍ତମ୍ଭକାର ତଥା ସୂଚନା ଅଧିକାରୀ କର୍ମୀ ହେମନ୍ତ ପଣ୍ଡା ମୁଖ୍ୟଅତିଥି ଓ ମହିମାଧର୍ମର ଗବେଷକ ଅଧ୍ୟାପକ ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ସରପଞ୍ଚ ମନୋରଞ୍ଜନ କୁମ୍ଭାର, ସାମାଜିକ କର୍ମୀ ତରଣୀସେନ ଦୀପ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଋଷିଆରେ ସାମ୍ୟବାଦ ଆରମ୍ଭ ହେବା ପୂର୍ବରୁ କବି ଭୀମଭୋଇ ସାମ୍ୟବାଦର ଉଦ୍‌ଘୋଷଣା କରିସାରିଥିଲେ ବୋଲି ମୁଖ୍ୟବକ୍ତା ଦୁଆନ୍ କହିଥିଲେ। ଭୀମଭୋଇ ବାସ୍ତବରେ ଜଣେ ମାନବବାଦୀ କବି ବୋଲି ମୁଖ୍ୟଅତିଥି ପଣ୍ଡା କହିଥିଲେ। ଏହିଅବସରରେ ଐତିହାସିକ ତଥା ମହିମାଧର୍ମର ଗବେଷକ ସ୍ୱର୍ଗତ ଡ. ସଦାନନ୍ଦ ଅଗ୍ରୱାଲଙ୍କ ପୁତ୍ର ଆଶିଷ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ ସିବିଏସ୍‌ଇ ପରୀକ୍ଷାରେ ଦଶମ ଶ୍ରେଣୀରେ ଜିଲାରେ ସର୍ବାଧିକ ମାର୍କ ରଖି ପ୍ରଥମ ହୋଇଥିବା ଛାତ୍ର ଦୁର୍ଯ୍ୟୋଧନ ଦୀପ ଏବଂ ଯୁକ୍ତଦୁଇ କଳା ଛାତ୍ର ଅମ୍ବିକା ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନରହରି ନନ୍ଦ, ଭୀଷ୍ମ ବିଭାରଙ୍କ ପରିଚାଳନାକ୍ରମେ ଉତ୍ସବ ଆରମ୍ଭରେ ମହିମାଧର୍ମାଲମ୍ବୀ ଭକ୍ତମାନେ ମହିମା ଭଜନ ଗାନ କରିଥିଲେ।

## ୩ ପରିବାରର ୫ ବଖରା ଜଳିଗଲା

**ଉଲୁଣ୍ଡା, ୧୮।୫ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧୁଲଧୁଲା ଗ୍ରାମରେ ନିଆଁ ଲାଗି ୩ ପରିବାରର ୫ ବଖରା ଘର ପୋଡି ଭସ୍ମୀଭୂତ ହୋଇଯାଇଛି। ନିଆଁ ଲାଗିବା ସମୟରେ ପରିବାରର କୌଣସି ସଦସ୍ୟ ଘରେ ଉପସ୍ଥିତ ନ ଥିଲେ। ପ୍ରାପ୍ତ ସୂଚନା ମତେ, ଗାଁରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଦେଖିବା ପାଇଁ ସମ୍ପୃକ୍ତ ପରିବାରର ସଦସ୍ୟମାନେ ଯାଇଥିବା ବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ଗ୍ରାମର ରାଜେନ୍ଦ୍ର ଲୁହାଙ୍କ ୨ ବଖରା, ପ୍ରଶାନ୍ତ ଲୁହାଙ୍କ ୨ ବଖରା ଏବଂ ସୁଦାମ ଲୁହାଙ୍କ ଗୋଟିଏ ବଖରା ପୋଡି ଯାଇଛି। ପୋଡି ଯାଇଥିବା ସାମଗ୍ରୀ ମଧ୍ୟରେ ଆସବାବପତ୍ର ଓ ୬କୁଇଣ୍ଟାଲ ଧାନ ଓ ଚାଉଳ ଅନ୍ତର୍ଭୁକ୍ତ। ପରେ ଉଲୁଣ୍ଡା ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ତ୍ରିନାଥଙ୍କର ଅଜବ୍ ବଏସିରା

## ସବୁବେଳେ ହାତେ ଖଜୁର ପତେଇ

**ଲୋଇସିଂହା,୧୮।୫(ଡି.ଏନ.ଏ)**



ତ୍ରିନାଥ ପଧାନ

ସବୁ ମୁନୁସ୍‌ର ଶରୀରକେ ଦେଖିଲେ ପାଖାପାଖି ସଭେ ସମାନ ଆଏ। ସମକର ରକତ୍, ହାଡ୍‌ଗୋଡ୍, ନାକ୍‌କାନ୍, ଆଇଁଖ୍ ଅଛେ। ହେଲେ ସମକର ଚାଲିଚଲନ, ବେଭାର ଆଚର, ବଏସିରା, ସଉକ୍ ଭିନେ ଭିନେ। ଏନ୍ତା ଝନେ ଭିନେ ଚରିତ୍ର ଲୋକ୍‌କେ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କର୍ଲିପାଟ ଗାଁରେ। ଗାଁର ତ୍ରିନାଥ ପଧାନ (୪୪)। ବୁରତିରେ ସେ ଝନେ ବସ୍ କଣ୍ଡକ୍ଟର। ହେଲେ ତାକର ଗୁଟେ ଅଜବ୍ ବଏସିରା, ସବୁବେଲେ ଗୁଟେ ଖଜରି ପତେଇ ସେ ହାତେ ଧରିଛନ୍। ତାହାକୁ ଯେ ପଚରାଲେ ମୁଲ୍‌କରି ହଁସି ଦେଇ କହୁଛନ୍ ଇଟା ମୋର ଛୁଆବେଲର ବଏସିରା ଆଏ, ହେନ୍ତା କିଛି ନାଇଁ। ହାତେ ଖଜୁର ପତେଇ ନାଇଁଥିଲେ ଗୁଟେ କେନ୍ତା କେନ୍ତା ଲାଗ୍‌ସି, ବାସ୍ ଏତ୍‌କି ନ କହୁଛନ୍। ହେଲେ ଯେ ଦେଖିଲେ ସଭେ ଆଶିରିୟ୍ ହେଉଛନ୍। ଏଡେଟେ ଲୋକ୍ ଗୁଟେ ଖଜୁର ପତେଇ ହାତେ କାଇଁଯେ ଧରିଛନ୍, କିଛି ତ କାରନ୍ ଥିବା। ଇଟା ହେଉଛେ ପରିବାରନୁ ମୁଲ୍ କରି ସାଂଗସରସା, ଲାଗେଲେସର ସମକର ଭାବନା।

ସୂଚନା ଅନ୍‌ସାରେ କର୍ଲିପାଟ ଗାଁର ତ୍ରିନାଥ ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଉତାରୁ ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ପାଠ୍ ପଢ଼ିଛନ୍। ସେ ଗଲା ବାର ବଛର ହେଲା ବଲାଙ୍ଗୀର-କଣ୍ଟାବାଞ୍ଜି ରୋଡ୍‌ରେ ଗୁଟେ ବସ୍‌ରେ କଣ୍ଡକ୍ଟର କାମ୍ କରୁଛନ୍। ବଲାଙ୍ଗୀର, ବରଗଡ୍, ବୌଦ୍ଧ, ସୋନପୁର, କଣ୍ଟାବାଞ୍ଜିରେ ଖଜୁର ପତେଇ କଣ୍ଡକ୍ଟର ହିସାବେ ସେ ଜନାଶୁନା। ତାକର ପରିବାର କହେଲେ ମାଏକିନା ଆର ଦୁଇ ପିଲାକୁ ନେଇ ସୁଖର ସଁସାର। ତ୍ରିନାଥଙ୍କର କହେବାର ହିସାବେ ଗାଁରେ ବଁଧ୍ ନାଇଁନ। ହେଲେ ଗାଁ ପାସେ କୁଶଙ୍ଗାଇ ନାଲ ଅଛେ। ସେଠାନେ ଗାଁର ଲୋକ୍ ଝାଡ଼ାଝପଟ, ଗଧାବୁଡ଼ା କରସନ୍। ତ୍ରିନାଥ ଛୁଆବେଲେ ଦିନେ ଇ ନାଲ୍‌କେ ଝାଡ଼ା ଯାଇଥିଲେ। ଝାଡ଼ା ଗଲା ଉତାରୁ କାଠି କରବାର ଲାଗି ଗୁଟେ ଖଜୁର କାଠି ଭାଂଗୁଥିଲେ। ସେଦିନ୍‌ଠାନୁ ସେ ଗୁଟେ ଖଜୁର ପତେଇ ନିଜର ଭୁଜନି ହାତେ ଧରୁଛନ୍। ସ୍କୁଲରେ ସାଂଗସାଧିନୁ ଶିକ୍ଷକ୍ ତକ୍ ସଭେ ପଚରେଇଛନ୍, ଶିକ୍ଷକମାନେ ଇଟା କାଇଁ ବଏସିରା, ଖଜୁର ପତେଇ ନାଇଁ ଧରବୁ ବଲି ବି ବୁଝେଇଛନ୍। ହେଲେ ସେ କେଭେ ଇ ବଏସିରା ନାଇଁଛାଡ଼ି। ଘରେ ମା'ବାପ୍, ମାଏକିନା ସଭେ ମନା କରିଛନ୍ ହେଲେ ସେ ବଏସିରା ନାଇଁ ଛାଡ଼ିପାରବାର। ଖାଲି ରାତିରେ ଶୁଇଲାବେଲେ ମୁଚଲା ତଲେ ଖଜୁର ପତେଇକେ ରଖି ଦେଉଛନ୍। ଫେନ୍ ସଖାଲୁ ଉଠୁନ୍‌ସାର ହାତେ ପତେଇ ଧରୁଛନ୍। ଖଜୁର ପତେଇ ଶୁଖି ଭାଂଗିଗଲେ ନୂତନ୍ ପତେଇ ଆନି ଧରୁଛନ୍। ବସ୍‌ରେ ଗଲାଆଏଲା ବେଲେ, ରାସ୍ତାଘାଟରେ ଲୋକ୍ ତାହାକୁ ଦେଖିଲେ ଡରୁଛନ୍। ହେଲେ ତ୍ରିନାଥ କେହି ଡରୁଥିବାର ଜାନ୍‌ଲେ ତାହାକୁ ବୁଝେଇ ଦେଉଛନ୍, ମୁଇଁ ବି ତମର ଲେଖେଁ ଗୁଟେ ମୁନୁଷ୍ ଆଏ, ମୋତେ ଡରବାର କିଛି କାରନ୍ ନାଇଁ, ଇଟା ମୋର ବଏସିରା ଆଏ। ମୁଇଁ ଗୁନି ଗାରେଡ଼ି, ମନ୍ତର ଯନ୍ତର କିଛି ନାଇଁ ଜାନି ବଲି କହୁଛନ୍। ସେନ୍ତା ତାକର ଝନେ ପାଠ୍‌ପଢ଼ା ବେଲର ସାଂଗ ସରୋଜ ବିଶ୍ୱାଳ କହିଛନ୍ ଯେ, ଆମେ ହାଇସ୍କୁଲରେ ପଢ଼ଲାବେଲୁ ତ୍ରିନାଥ ଖଜୁର ପତେଇ ଧରବାର ଦେଖୁଛୁଁ। ତାହାକେ ଅନେକ ଥର ପଚରେଇଛୁଁ, ହେଲେ ହଁସି ଦେବା ଆର କହେବା ଇଟା ମୋର ଗୁଟେ ବଏସିରା ଆଏ। ନାଇଁ ଧଏଲେ କେନ୍ତା କେନ୍ତା ଗୁଟେ ଲାଗ୍‌ସି। ହେଲ ଇ ଖଜୁର ପତେଇ ଧରବାର ରହସ୍ ଆଏଜ୍ ବି ରହସ୍ ହେଇ ରହିଛେ ବଲି ସେ କହିଥିଲେ।

ଫନୀ ପୀଡିତଙ୍କୁ ସହାୟତା ପାଇଁ ଚାଷୀଙ୍କ ଅଭିନବ ପଦକ୍ଷେପ

# ୧୫ ହଜାର ଟଙ୍କାର ଆମ୍ବ ନିଲାମ ହେଲା

**ବଲାଙ୍ଗୀର ଅଫିସ, ୧୮।୫**



ଫନୀ ପୀଡିତଙ୍କୁ ସହାୟତା ପାଇଁ ଆମ୍ବ ନିଲାମ କାର୍ଯ୍ୟକ୍ରମ କରାଯାଇଛି।

**ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପଠାଯିବ ଟଙ୍କା**

ଉପକୂଳ ଓଡିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ସାମୁଦ୍ରିକ ଝଡ ଫନୀ ପ୍ରାଦୁର୍ଭାବର ପୀଡିତଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ବଲାଙ୍ଗୀରର ଚାଷୀ ଅରୁଣ ମିଶ୍ର ଶନିବାର ସାମ୍ବାଦିକ ଭବନଠାରେ ଅଭିନବ ଆମ୍ବ ନିଲାମ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ନିଲାମ କାର୍ଯ୍ୟକ୍ରମରେ ଭାଗନେଇ ବହୁ ବ୍ୟକ୍ତି ପ୍ରାୟ ୧୫ହଜାର ଟଙ୍କାର ଆମ୍ବ କିଣିଥିଲେ। ଏହି ଟଙ୍କା ଫନୀ ପୀଡିତଙ୍କ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଯିବ ବୋଲି ସୂଚନା ଦିଆଯାଇଥିଲା। ଚାଷୀ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆମ୍ବ ନିଲାମ କାର୍ଯ୍ୟକ୍ରମକୁ ସତ୍ୟ ସୁନ୍ଦର ଭଞ୍ଜ ପରିଚାଳନା କରିଥିଲେ। ପ୍ରଥମେ ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ୪ ହଜାର ଟଙ୍କା ଦେଇ ୭ କିଲୋ ଆମ୍ବ କିଣିଥିଲେ। ଆମ୍ବ କିଣିବା ପ୍ରାଥମିକତା ନୁହେଁ ଜଣେ ଚାଷୀ ତାର ଉପାର୍ଜିତ ଆମ୍ବକୁ ନିଲାମ କରି ଫନୀ ପୀଡିତଙ୍କୁ ସହାୟତା ଯୋଗାଇବାକୁ ଚେଷ୍ଟା କରିଥିବାରୁ ତାଙ୍କୁ ପ୍ରଶଂସା କରି ସେ ଏଥିରେ ସାମିଲ ହୋଇଥିବା ସୂଚନା ଦେଇଥିଲେ। ବ୍ୟବସାୟୀ ନରେନ୍ଦ୍ର ସାହୁ ୩ ହଜାର ଟଙ୍କା, ବଲାଙ୍ଗୀର ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗ, ୨ ହଜାର ଟଙ୍କା, ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ୨ ହଜାର ଟଙ୍କା, ସଭାପତି ବିକ୍ରମାନନ୍ଦ ବହିଦାର ଓ ଗୋପାଳ ପାଢ଼ୀ ୧ ହଜାର ଟଙ୍କା ଲେଖାଏ ଦେଇ ଆମ୍ବ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ସରସ୍ୱତୀ ନନ୍ଦ, ମୋନାଲିସା ତ୍ରିପାଠୀ, ରାଜେଶ ତ୍ରିପାଠୀ, ଜୟଦେବ କର ୫ ଶହ ଟଙ୍କା ଲେଖାଁଏ ଦେଇ ଆମ୍ବ କିଣିଥିଲେ। ସମୁଦାୟ ୧୫ ହଜାର ଟଙ୍କାର ଆମ୍ବ ନିଲାମ ହୋଇଥିଲା। ଏହି ଟଙ୍କାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଯିବ ବୋଲି ଚାଷୀ ଅରୁଣ ମିଶ୍ର ଘୋଷଣା କରିଥିଲେ। ଚାଷୀ ନରେନ୍ଦ୍ର ସାହୁ ମଧ୍ୟ ତାଙ୍କର କିଛି ଆମ୍ବ ଏହି ନିଲାମ ପ୍ରକ୍ରିୟାରେ ସାମିଲ କରିଥିଲେ।

## ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ମେଳାର ଏପାଖ ସେପାଖ

### ଜିଲାପାଳ ଅନୁପସ୍ଥିତ ରହିଲେ

**ଖପ୍ରାଖୋଲ, ୧୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଚାଲିଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳା ଜିଲାର ଏକ ପ୍ରମୁଖ ମହୋତ୍ସବ ହୋଇଥିଲେ ବି ଚଳିତ ବର୍ଷ ଜିଲା ପ୍ରଶାସନର କୌଣସି ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଅନ୍ୟ ବର୍ଷ ମାନଙ୍କରେ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳା ପରିଚାଳନା ହେଉଥିବାବେଳେ ଚଳିତ ବର୍ଷ ଅନୁପସ୍ଥିତି ବାରି ହୋଇ ପଡିଥିଲା। ଏପରିକି ଅନ୍ୟ କୌଣସି ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତି ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

### ପ୍ରଥମ ଦିନ ପରେ ଉପଜିଲାପାଳଙ୍କ ବି ଦେଖା ମିଳିଲାନି

ବୈଶାଖ ମେଳା ଦେବୋତ୍ତର ବିଭାଗ ଦ୍ୱାରା ଆୟୋଜିତ ହେଉଛି। ପାଟଣାଗଡ ଉପଜିଲାପାଳ ତାର କାର୍ଯ୍ୟନିର୍ବାହୀ ଅଧିକାରୀ। ହେଲେ ଚଳିତ ବର୍ଷ ମେଳା ପ୍ରସ୍ତୁତି ତଦାରଖ ଉପଜିଲାପାଳ କରିଥିଲେ। ଉଦଘାଟନୀ ଉତ୍ସବରେ ଅଳ୍ପ ସମୟ ପାଇଁ ଯୋଗଦେଇଥିବା ବେଳେ ଆଉ ଦୁଇ ଦିନ ଧରି ତାଙ୍କ ଦେଖା ମିଳି ନ ଥିଲା।

### ପଲ୍ଲିଶ୍ରୀ ମେଳା ଅଧା ଫାଙ୍କା

ଚଳିତ ବର୍ଷ ଅନ୍ୟ ବର୍ଷ ତୁଳନାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ହେଲେ ପ୍ରଶାସନ ଦ୍ୱାରା ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଅଧା ଷ୍ଟଲ ଖାଲି ଥିବା ଦେଖିବାକୁ ମିଳିଥିଲା।

## ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

**ଅମରପାଲି, ୧୮।୫ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଯବୀରମହାରାଜପୁର ଉପଖଣ୍ଡୀୟ ଚିକିତ୍ସାଳୟ ପକ୍ଷରୁ ବଡଖମାର ଗ୍ରାମରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଯାଇଛି। ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ହରିବୋଲ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡା. ବିଶ୍ୱନାଥ ରଥ, ସୁପରଭାଇଜର ଆଲୋକ ସେଠୀ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିମା କୁଅଁର ପ୍ରମୁଖ ଯୋଗଦେଇଥିଲେ।

**ADMISSION NOTIFICATION: 2019-21 FOR THE COURSES**

**C.P.Ed.| B.P.Ed.| M.P.Ed.**

**Baliapal College of Physical Education**
**Baliapal Balasore, Odisha -756026**

LAST DATE FOR RECEIVING APPLICATION: 22/06/2019, DATE OF INTERVIEW FOR C.P.Ed. 01/07/2019, FOR B.P.Ed. 02/07/2019 & FOR M.P.Ed. 03/07/2019. APPLICATION RECEIVED BEYOND THE LAST DATE WILL NOT BE ACCEPTED AND APPLICATION FEES WILL BE FORFEITED.

Recognized by NCTE, Govt. of Odisha and affiliated to F.M. University, Balasore, Odisha under 2 (f) of U.G.C. New Delhi & Board of Secondary Education, Odisha Cuttack

For detail notification and downloading of application form please visit our website: www.bcpe.in, Contact: Mob: 9560901614

**ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼**

ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ଙ୍କ ଆନୁକୂଲ୍ୟରେ ଆସନ୍ତା ତା.୦୭।୦୬।୧୯ରିଖ ଦିବା ୧୦ଘଟିକାରେ ଅନୁସୂଚିତ ଜାତି ଓ ଜନଜାତି (SC/ST) ଉଦ୍ୟୋଗୀ/ଶିକ୍ଷିତ ବେକାର ଯୁବକ ଯୁବତୀ/ ଯାନ୍ତ୍ରିକ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଣୁ/କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀମାନଙ୍କ ନିମନ୍ତେ ଜାତୀୟ SC/ST–HUB ଯୋଜନା ଅନ୍ତର୍ଗତ ଏକଦିବଦୀୟ ସମ୍ବେଦିକରଣ ଓ ସଚେତନତା ଶିବିର ହୋଟେଲ ନୀଳମାଧବ, ଖଣ୍ଡପଡ଼ା ରୋଡ, ନୟାଗଡ଼ଠାରେ ଅନୁଷ୍ଠିତ ହେବ। ଏଥିରେ ଉପରୋକ୍ତ ସମସ୍ତ ଇଚ୍ଛୁକ ଅନୁସୂଚିତ ଜାତି ଓ ଜନଜାତି (SC/ST) ଉଦ୍ୟୋଗୀ ଛାତ୍ରଛାତ୍ରୀ ଓ ନୂତନ/ପ୍ରତିଷ୍ଠିତ ଉଦ୍ୟୋଗୀମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ।

ସବିଶେଷ ବିବରଣୀ ପାଇଁ ସଂପୃକ୍ତ ବ୍ଲକ ଶିଳ୍ପବିକାଶ ଅଧିକାରୀ (IPO)/ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ଙ୍କଠାରେ ଯୋଗାଯୋଗ କରିପାରିବେ।

ଯୋଗାଯୋଗ–ଫୋନ ନଂ (୦୬୭୫୩) ୨୫୩୭୮୩

ସ୍ୱା./- ସାଧାରଣ ପରିଚାଳକ
ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼

**SASHI BHUSAN GOVT.(AUTO) WOMENS COLLEGE, BERHAMPUR**

No.1039 Date:18.05.2019

**Tender Call Notice**

**Tender Notice for award of contract for providing of services of Semi Skilled person to work in Controller of Examination Section/College Office.**

Sealed Tenders are invited from reputed manpower agencies/service providers to provide a Semi Skilled person to work in Controller of Examination Section/Office for a period of one year w.e.f. **the Date of Engagement** through a suitable placement agency on contact basic for day to day work which may be extended as per requirement.

The detailed information for outsourcing the services of the aforesaid engagement may be obtained in person from the office of the PRINCIPAL, SASHI BHUSAN RATH GOVT. (AUTO) WOMENS COLLEGE, BERHAMPUR-760001 on any working day between 11.00 A.M. to 3.00 P.M. from 18th may 2019 to 27th may 2019. The Tender Document will be received through Regd. Post/Speed Post or by Person. The last date for submission of tender is 27th may 2019.

Sd./- Principal, Sashi Bhusan Rath
Govt. (Auto) Womens College, Berhampur

See Career Appointment on every Wednesday & Saturday

**Zilla Swasthya Samiti, Ganjam**

**Advt. No. 9140** **Date: 18.05.2019**

**Notice**

In pursuance to the advertisement No. 2901 Dtd. 16.02.19 the detail database of the application received for the Post of 1. AYUSH (Ayurvedic Doctor Male), 2. AYUSH (Ayurvedic Doctor Female), 3. AYUSH (Homoeopathic Doctor Female), 4. Pharmacist, 5. Staff Nurse/ ANM under RBSK programme is hereby web hoisted in the district website https://ganjam.nic.in, for more detail candidates are advised to visit the website.

**Sd./- CDM & PHO, Ganjam**

**ODISHA POLICE, OISF, HEADQUARTERS**
**PLOT NO.139 (P) KESHARI NAGAR, UNIT-V, BHUBANESWAR**

**ବିଜ୍ଞାପନ**

କନେଷ୍ଟବଳ ନମ୍ବର – ୭୩୩ ସନାତନ ବେହେରା
ପିତା – ଶ୍ରୀ ହାଡିବନ୍ଧୁ ବେହେରା
ଗ୍ରାମ – କୁଆହରା, ପୋ. – ଜଗନ୍ନାଥପ୍ରସାଦ
ଥାନା – ଫତେଗଡ, ଜିଲ୍ଲା – ନୟାଗଡ଼

No.19-D:- ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ବେଦାନ୍ତ ଆଲୁମିନା ଲିମିଟେଡ୍, ଲାଞ୍ଜିଗଡ, କଳାହାଣ୍ଡି ସ୍ଥିତ ଓ.ଆଇ.ଏସ୍.ଏଫ. କ୍ୟାମ୍ପରୁ ତା.୦୩।୦୩।୨୦୧୯ରିଖ ଅପରାହ୍ନ ଠାରୁ ୦୪।୦୩।୨୦୧୯ ଅପରାହ୍ନ ପର୍ଯ୍ୟନ୍ତ ୦୧ ଦିନ ଛୁଟିରେ ଯାଇଥିଲେ। ଆପଣଙ୍କର ତା.୦୫।୦୪।୨୦୧୯ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି, ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଓ.ଆଇ.ଏସ୍.ଏଫ. କ୍ୟାମ୍ପ ବେଦାନ୍ତ ଆଲୁମିନା ଲିମିଟେଡ୍, ଲାଞ୍ଜିଗଡ, କଳାହାଣ୍ଡିରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ସୁ.ତ୍ରିପାଠୀ
ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

Address-O/O The Commandant, OISF, At- Plot No.139 (P) Keshari Nagar, Unit-V, Bhubaneswar, Pin-751001, Dist-Khurda, E-mail- comdtoisf.odpol@gov.in

12029/11/0007/1920



ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍ସନ

## ସଂକ୍ଷେପରେ



### ପରିତ୍ୟକ୍ତ କୂଅରୁ ବଳଦ ଉଦ୍ଧାର

ଟିକ୍ରାପଡା, ୧୮।୫(ଡି.ଏନ.ଏ.) : ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ବେଲଘାଟି ଗ୍ରାମରେ ପିଇବା ପାଇଁ ପାଣି ସନ୍ଧାନରେ ଆସି ଏକ ବଳଦ ଅପରାହ୍ନ ସାଢେ ଚାରିଟାରେ ଚାନ୍ଦିନୀ ନ ଥିବା ଏକ ୩୦ ଫୁଟ ଗଭୀର ପରିତ୍ୟକ୍ତ କୂଅ ମଧ୍ୟକୁ ଖସି ପଡିଥିଲା । ସ୍ଥାନୀୟ ସାଲେକ ମହାକୁର, ଗୋପାଳ ବରିହା, ସତ୍ୟବାନ ଭୂଏ, ସୁଦାମ ରାଏ ପ୍ରମୁଖ ଜେସିବି ସହାୟତାରେ ବଳଦକୁ ବହୁ କଷ୍ଟରେ ବାହାରକୁ ଆଣିଥିଲେ। ଜୁରାବନ୍ଧ ପଞ୍ଚାୟତ ଅଞ୍ଚଳରେ କୂଅ ପୋଖରୀରୁ ଜଳ ଶୁଖି ଯିବାପରେ ଗୋରୁ ମାନେ ପାଣ ପାଇଁ ବହୁ ଅସୁବିଧାର ସମ୍ମୁଖୀ ହେଉଛନ୍ତି। ପଶୁ ପକ୍ଷୀଙ୍କ ପାଇଁ ପାଣିକୁଣ୍ଡ ତିଆରି କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।



### ଟିଟିଲାଗଡ: ୪୫ ଡିଗ୍ରୀ ଉପରେ ପାରଦ

ଟିଟିଲାଗଡ଼, ୧୮।୫(ଡି.ଏନ.ଏ.): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ତାପମାତ୍ରା ବୃଦ୍ଧି ପାଇ ଟିଟିଲାଗଡ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ କରିପକାଇଛି। ଅନ୍ୟପକ୍ଷରେ ଗତ ଦୁଇଦିନ ଧରି ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବାରେ ଲୋକେ କଲବଲ ହେଉଛନ୍ତି। ଶୁକ୍ରବାର ସରକାରୀ ଭାବରେ ତାପମାତ୍ରା ୪୫.୫ ଡିଗ୍ରୀ ଓ ଶନିବାର ୪୫.୮ ଡିଗ୍ରୀକୁ ଛୁଇଁଥିବା ରେକର୍ଡ ହୋଇଛି। ଆଗକୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗର ଆକଳନ ଲୋକଙ୍କୁ ଭୀତତ୍ରସ୍ତ କରି ପକାଇଛି। ବିଶେଷ କରି ଶ୍ରମଜୀବୀମାନେ କର୍ମହରା ହୋଇପଡିଛନ୍ତି। ପୂର୍ବାହ୍ନ ୯ଟାରୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ସହରର ପ୍ରାୟ ୧୫ କିଲୋମିଟର ପରିସୀମା ମଧ୍ୟରେ ଅସଂଖ୍ୟ ଲଣ୍ଡା ପାହାଡ ତାତିକୁ ବୃଦ୍ଧି କରିଛି। ଅନ୍ୟପକ୍ଷରେ ଜଳସେଚନ ବିହୀନ ଟିଟିଲାଗଡ ଅଞ୍ଚଳରେ ବର୍ଷାହାନିର ସମସ୍ୟା ଲାଗି ରହିଛି। ଚାଷ ଜମି ସହ ପୋଖରି, ଚେକଡ୍ୟାମଗୁଡିକ ବର୍ଷା ଅଭାବରୁ ଶୁଷ୍କ ହୋଇଯିବା ତାପମାତ୍ରା ବୃଦ୍ଧି ପାଇଁ ପରିସ୍ଥିତି ସୃଷ୍ଟି କରୁଥିବା କୁହାଯାଉଛି। ଏନେଇ ସରକାରୀସ୍ତରରେ ଏକ ଦୀର୍ଘମିଆଦି ଯୋଜନା ପ୍ରଣୟନ ସହ ଜଳସେଚନ ଓ ବ୍ୟାପକ ବନୀକରଣ ହିଁ ଏକମାତ୍ର ବିକଳ୍ପ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି।

### ପଟାମରା ଚନ୍ଦନ ଯାତ୍ରା ଉଦ୍‌ଯାପିତ

ଟିକ୍ରାପଡା, ୧୮।୫(ଡି.ଏନ.ଏ.) ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ ପଟାମରା ଗ୍ରାମରେ ସାତଦିନ ଧରି ଚାଲିଥିବା ଚନ୍ଦନ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି । ଏଥିରେ ଝାରମଲି ବାରିକ, କମଳାକାନ୍ତ ବାରିକ କର୍ତ୍ତା ରହିଥିଲେ। ରାଜେନ୍ଦ୍ର ତ୍ରିପାଠୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରତିରାତ୍ରରେ ବଳିଆର ସିଂ ବିରଚିତ ବିରାଟ ପର୍ବ ନାଟକ ମଞ୍ଚସ୍ଥ ହୋଇଥିଲା । ଏଥିରେ ବିରାଟ ଭୂମିକାରେ ରାଜେନ୍ଦ୍ର ତ୍ରିପାଠୀ, କୀଚକ ସାଧୁ ଜାଲ, ସୈରିନ୍ଧ୍ରୀ ନିରାକାର ମହାକୁର, ଯୁଧିଷ୍ଠିର ରାଧେଶ୍ୟାମ ବଗର୍ତ୍ତା, ଭୀମ ଅଜୟ କରନ, ଦୁର୍ଯ୍ୟୋଧନ ଶିବ ପଧାନ ଓ ଅର୍ଜୁନ ଭୂମିକାରେ ଭାସ୍କର ଧରୁଆ ଅବତୀର୍ଣ୍ଣ ହୋଇଥିଲେ । ବେଡା ପସାୟତ, ସୁରେଶ ମହାକୁର ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ।

■ ବେହେରାପାଲିରେ ପାନୀୟ ଜଳସଙ୍କଟ

# ନିବୃତ୍ତି ଯୋରର ବାଲିଚୁଆଁ ଭରସା

**ବଲାଙ୍ଗୀର ଅଫିସ, ୧୮।୫**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ଛତାପିପଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେହେରାପାଲି ଗ୍ରାମରେ ପାନୀୟ ଜଳସଙ୍କଟ ଉଗ୍ରରୂପ ଧାରଣ କରିଛି । ଗାଁରେ ଥିବା ୮ଟି ନଳକୂପ ମଧ୍ୟରୁ ୪ଟି ଅଚଳ ହୋଇପଡିଛି । ଅନ୍ୟ ୪ଟିରୁ ୩ଟିରେ ଅଳ୍ପ ପାଣି ବାହାରୁଛି । ଯେଉଁ ଗୋଟିଏ ନଳକୂପ କାମ କରୁଛି ସେଥିରୁ ଲୁଣିପାଣି ବାହାରୁଛି। ଏଭଳି ପରିସ୍ଥିତିରେ ଗ୍ରାମବାସୀ ପାଣି ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଚଣ୍ଡ ଖରାରେ ଘରୁ ବାହାରି ହେଉ ନ ଥିବାବେଳେ ପାଣି ପାଇଁ ଏହି ଗ୍ରାମବାସୀଙ୍କୁ ନିକଟସ୍ଥ ନିବୃତ୍ତି ଯୋରର ବାଲିଚୁଆଁ ଉପରେ ନିର୍ଭର କରିବାକୁ ପଡୁଛି । ଗାଁର ମହିଳା ଓ ପୁରୁଷମାନେ ଯୋରକୁ ସକାଳୁ ଯାଇ ବାଲିଚୁଆଁ ଖୋଳି ପାଣି ସଂଗ୍ରହ କରୁଥିବା ଦେଖାଯାଉଛି ।

ବର୍ତ୍ତମାନ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି କାରଣରୁ ପୂର୍ବାହ୍ନ ୧୦ଟାରୁ ଘରୁ ବାହାରି ହେଉନାହିଁ। କିଛିଦିନ ହେଲା ଜିଲାର ବିଭିନ୍ନ ସ୍ଥାନର ତାପମାତ୍ର ୪୫ ଡିଗ୍ରୀ ଉପରେ ରହିଛି। ଏଭଳି ସମୟରେ ଗ୍ରାମବାସୀ ପାଣି ପାଇଁ କଷ୍ଟ ଭୋଗୁଛନ୍ତି । ଏହି ଗାଁକୁ ପାନୀୟ ଜଳଯୋଗାଣ କରିବା ଉଦ୍ଦେଶ୍ୟରେ ୨୦୧୪ମସିହାରେ ନିବୃତ୍ତି ଯୋରରେ ଏକ ଇନ୍‌ଟେକ ୱେଲ ଖୋଳା ଯାଇଥିଲା। ତେବେ ଇତିମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି । ଏହି ପାନୀୟ ଜଳପ୍ରକଳ୍ପରୁ ଗାଁକୁ କେବେ ପାଣି ଯୋଗାଣ ହେବ ସେ ନେଇ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍) ତରଫରୁ କିଛି ବି କୁହାଯାଇ ପାରୁନାହିଁ । ଦୁଇୱାର୍ଡ ବିଶିଷ୍ଟ ବେହେରାପାଲି ଗାଁରେ ଚଳିତବର୍ଷ ଉତ୍କଟ ଜଳସଙ୍କଟ ଦେଖାଦେବା ପରେ ଅତିଷ୍ଠ ଲୋକେ ଗତ ଗୁରୁବାର ବଲାଙ୍ଗୀର ଆରଡବ୍ଲ୍ୟୁଏସ୍‌ଏସ୍ ଅଫିସକୁ ଆସି ଘେରାଉ କରିଥିଲେ । ତୁରନ୍ତ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବାକୁ ସେମାନେ ଦାବି ଜଣାଇଥିଲେ । ଅଚଳ ନଳକୂପ ମରାମତି କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କହିଥିଲେ ମଧ୍ୟ ଅର୍ଦ୍ଧନିର୍ମିତ ଇନ୍‌ଟେକ ୱେଲ କେବେ କାର୍ଯ୍ୟକାରୀ ହେବ ସେନେଇ ବିଶେଷ କିଛି ସୂଚନା ଦେଇ ନ ଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେଲା ପରେ ଟେଣ୍ଡର କରାଯାଇ ଖୁବ୍ ଶୀଘ୍ର କାମ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ଏହାପରେ ଶୁକ୍ରବାର ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସରୋଜ ଶତପଥୀ ଓ ଅନ୍ୟ ଦୁଇ ଯନ୍ତ୍ରୀ ବେହେରାପାଲି ଗାଁରେ ପହଞ୍ଚିବା ପରେ ମହିଳାମାନେ ସେମାନଙ୍କୁ ଘେରି ବିଭିନ୍ନ ପ୍ରଶ୍ନ କରିଥିଲେ। ତେବେ ଅଧିକାରୀମାନେ ଖୁବ୍‌ଶୀଘ୍ର ପାଣି ଯୋଗାଣ ବ୍ୟବସ୍ଥା ହେବ କହି ସେଠାରୁ ଫେରିଆସିଛନ୍ତି । ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ଛଡା ଅନ୍ୟ ବିକଳ୍ପ ନାହିଁ। ତେବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ଦାବି କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କିଛି ବି ଠୋସ୍ କହିପାରି ନାହାନ୍ତି । ଖରାଦିନରେ ପିଇବାକୁ ପାଣି ଟୋପେ ପାଇପାରୁ ନ ଥିବା ଲୋକେ ବଡଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡିଛି ।



ବେହେରାପାଲି ନିକଟସ୍ଥ ଲକ୍ଷ୍ମୀଯୋର ଭିତରେ ବାଲିଚୁଆଁ ଖୋଳି ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି ।

- ୪ ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଛି ଇନ୍‌ଟେକ ୱେଲ
- ୮ ନଳକୂପରୁ ୪ ଅଚଳ, ୩ରେ ବିଳମ୍ବରେ ବାହାରୁଛି ପାଣି
- ଗୋଟିଏ ନଳକୂପରୁ ବାହାରୁଛି ଲୁଣିପାଣି

## ଆନ୍ତର୍ଜାତିକ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳିତ

**ପାଟଣାଗଡ, ୧୮।୫(ଡି.ଏନ.ଏ.)**

ପାଟଣାଗଡ ବ୍ଲକ ମରୁଆଁ ଗ୍ରାମଠାରେ ଆନ୍ତର୍ଜାତୀୟ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମରୁଆଁ ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବ୍ୟାଗ ଅଫ ହେପିନେଶ ପ୍ରତୀକ ଭାବେ ଖାତା, ନୋଟବୁକ୍, କଲମ ବଣ୍ଟନ କରାଯାଇଥିଲା। ପରେ ଗୁହୁରିଆମୁଣ୍ଡା ଗ୍ରାମରେ ମଧ୍ୟ ଶତାଧିକ ଛାତ୍ରୀଛାତ୍ରୀଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ଉଭୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂଘର ଅଷ୍ଟରନ୍ ବରିହା, ସାରଥି ବାଗ, ଘନ ଭୋଇ, ସୁବ୍ରତ କୁଅଁର, ହୃଷିକେଶ ଭୋଇ, ଜତନ ବୁଡେକ, ପୂର୍ଣ୍ଣାନନ୍ଦ ବରିହା, ଶିବ ବରିହା, ଭୁଗୋଳ ବନଗୁଲା ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିସ ଆଦିବାସୀ ବିଦ୍ୟାଳୟରେ କ୍ରୀଡା ଜଗତରେ ଖ୍ୟାତି ଅର୍ଜନ କରିଥିବା ଖପ୍ରାଖୋଲ ବ୍ଲକ ଜୁନାନୀବାହାଲ ଗାଁର ଛାତ୍ରୀ ରୋଜି ମଲ୍ଲିକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## କୋଶଳୀ ଭାଷା ସୁରକ୍ଷା ସମିତିର ମହିମା ସାହିତିଅ ଆସର

**ଟିଟିଲାଗଡ, ୧୮।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ହିନ୍ଦୀ ହାଇସ୍କୁଲ ପରିସରରେ କୋଶଳୀ ଭାଷା ସୁରକ୍ଷା ସମିତି ତରଫୁ ବୁଦ୍ଧ ଆର ଭୀମ ଭୋଇକଁର ଜନମ୍ ତିଥି ପାଲିତ ହେଇଯାଇଛେ। ମୁର୍ଧନିଆଁ କବି ବିଭାକରୀଚରଣ ମିଶ୍ରକଁର ସଭାପତିତ୍ୱନେ ଆୟୋଜିତ ସଭାନେ ମୁଖିଆ କୁନୁଆଁ ହିସାବେ କୋଶଳ ସାଂସ୍କୃତିକ ମହାଜୋଟର ସମ୍ପାଦକ ଟିକେଲାଲ ବେହେରା, ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ଉପସଭାପତି ସେବକଚରଣ ଦାଶ, ସଞ୍ଜୟ ଅଗସ୍ତି ପରମୁଖ ଯୋଗଦେଇ ବୁଦ୍ଧକଁର ଜ୍ଞାନତତ୍ତ୍ୱ ଆର ଭୀମ ଭୋଇକଁର ସାହିତିଅ ଉପରେ ଆଲୋଚନା କରିଥିଲେ। ଇ ଉଧେ କୁନୁଆଁମାନେ ଭୀମ ଭୋଇକଁର ସାହିତିଅ କୁରତିକେ କୋଶଲି ଭାଷାରେ ଅନୁବାଦ କରବାର ଲାଗି ମତ୍ ଦେଇଥିଲେ। ଇ ଅବ୍‌ଛରରେ ସୁରକ୍ଷା ସମିତିର ମୁଖପତର 'ଝାଁପି'ର ଉନ୍‌ମୋଚନ କରାଯାଇଥିଲା। ଦୁତିଅ ଖେପି ହେଇଥିବାର ସଭାରେ କୋଶଲି ଭାଷାର ନାଁକରା କବି ସୁନୀଲ ଅଗସ୍ତିକଁର ସଂଯୋଜନାରେ କବି ଦିଲୀପ ପସାୟତ, ଜ୍ୟୋତି ପ୍ରକାଶ ଗଡ଼ତ୍ୟା, ନୃସିଂହ ସାହୁ, ଚତୁର୍ଭୁଜ ସାଆନ୍ତ, ଭିକାରୀ ମିଶ୍ର, ସୁନୀଲ ଅଗସ୍ତି, ଟିକେଲାଲ ବେହେରା, ସଞ୍ଜୟ ଅଗସ୍ତି, ସେବକଚରଣ ଦାଶ ପରମୁଖ ନିଜର ନିଜର ଲେଖିଲା କବିତା ପଢ଼ିଥିଲେ। ଶେଷେ କବି ମହେନ୍ଦ୍ର ପାଣିଗ୍ରାହୀ ଧଏନ୍‌ବାଦ ଦେଇଥିଲେ। ସଭାକେ ସଫଲ କରବାରେ ସୁରେଶ ଜାଲ, ନୀଳମଣି ସାହୁ, ଚିତ୍ତରଞ୍ଜନ ଚାନ୍ଦ, ଜିତୁ ସାହୁ, ସୁଶାନ୍ତ ଯୋଶୀ, ଚୈତନ୍ୟ ଭୋଇ ସହଯୋଗ କରିଥିଲେ।



କୋଶଳୀ ଭାଷା ସୁରକ୍ଷା ସମିତିର ମୁଖପତର 'ଝାଁପି'କେ କୁନୁଆଁମାନେ ଉନ୍‌ମୋଚନ କରୁଛନ୍।

## ଅଷ୍ଟ ପ୍ରହର ନାମଯଜ୍ଞ ସମ୍ପନ୍ନ

**ଟିକ୍ରାପଡା, ୧୮।୫(ଡି.ଏନ.ଏ.)**

ସଇଁତଲା ବ୍ଲକ କୁମ୍ଭାରୀ ପଞ୍ଚାୟତ ଅଧିନ କୁମ୍ଭେକେଲାଠାରେ ଅଷ୍ଟ ପ୍ରହର ନାମଯଜ୍ଞ ଶନିବାର ସମ୍ପନ୍ନ ହୋଇଯାଇଛି । ନାମଯଜ୍ଞ ଅବସରରେ ନରସିଂହ ଭଗବାନଙ୍କ ଷୋଡଶୋପଚାର ପୂଜା ସହ ପ୍ରବଚନ, ସତ୍‌ସଙ୍ଗ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କୁମୁଦିନି ମନହିରା, ମହାବିର ମନହିରା, ରାଜକୁମାରୀ ଭୋଇ, ବିଦ୍ୟାଦର ଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଯୁଧିଷ୍ଠିର ହୋତା ପୂଜକ ଓ ମାନସ ମିଶ୍ର ଜପକ ଦାୟିତ୍ୱ ନିର୍ବାହ କରିଥିଲେ । ସାତଟି ସଂକୀର୍ତ୍ତନ୍ୟ ଦଳ ଭାଗ ନେଇଥିଲେ । ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମାଲପଡାରେ ବୁଦ୍ଧ ପୂର୍ଣ୍ଣିମା, ଭୀମଭୋଇ ଜୟନ୍ତୀ

**ଲାଠୋର, ୧୮।୫ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମାଲପଡା ମାତା ସବେତ୍ରୀ ବାଇ ଫୁଲେ ଶିକ୍ଷା କେନ୍ଦ୍ରଠାରେ ଶନିବାର ବୁଦ୍ଧ ପୂର୍ଣ୍ଣିମା ଏବଂ କ୍ରାନ୍ତି କବି ଭୀମଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯୁବ ଅନୁଷ୍ଠାନ ଡାଇଜର ସମ୍ପାଦକ ତନ୍ତ୍ର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମଧୁ ନିଆଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୁଦ୍ଧଙ୍କ ଶାନ୍ତିବାର୍ତ୍ତା ତଥା ଭୀମ ଭୋଇଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଗୁପ୍ତେଶ୍ୱର ଧରୁଆ ଓ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବୀରେନ୍ଦ୍ର ଧରୁଆ।

## ଜାତୀୟ ରାଜପଥ ଉପରେ ଜଳିଗଲା କାର

**ଦେଓଗାଁ,୧୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ବହଲିଛକ ନିକଟସ୍ଥ ୨୬ନଂ ଜାତୀୟ ରାଜପଥ ଉପରେ ଶନିବାର ପାହାନ୍ତିଆ ସମୟରେ ଏକ କାର ନଂ ଓଡି ୦୩ ଏମ ୨୦୬୬ ପୋଡିପାଉଁଶ ହୋଇଯାଇଛି । ତେବେ କାରରେ ଥିବା ଡ୍ରାଇଭର ପ୍ରମୋଦ କୁମାର ପଟେଲ ଓ ଧନୁ ରଣା ବର୍ତ୍ତିଯାଇଛନ୍ତି। ଖବର ପାଇ ଦେଓଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ କାରଟି ସମ୍ପୂର୍ଣ୍ଣଭାବେ ପୋଡି ପାଉଁଶ ହୋଇଯାଇଥିଲା । ଦେଓଗାଁ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ । କେଉଁ କାରଣରୁ କାରରେ ନିଆଁ ଲାଗିଲା ତାହା ଜଣାପଡି ନାହିଁ। ପୋଡିଯାଇଥିବା ଭିଟାରା ବ୍ରେଜା ଗାଡିଟି ଟିଟିଲାଗଡର ସୀତାରାମ ମେହେରଙ୍କର ବୋଲି ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ ସୂଚନା ଦେଇଛନ୍ତି ।



ଦେଓଗାଁ ବହଲିଛକ ନିକଟରେ ନିଆଁଲାଗି ପୋଡିଯାଇଥିବା କାର ।

■ ସୋଲାର ପମ୍ପ ଅଚଳ

# ପାଇପ ପାଣି ପାଇବାରୁ ଲୋକେ ବଞ୍ଚିତ

**ଲାଠୋର, ୧୮।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅଧୀନ ମାଲପଡା ଏବଂ ଫୁଲଝର ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଦୁଇୱାର୍ଡ ବିଶିଷ୍ଟ ମାଲପଡା ଗ୍ରାମର ଲୋକସଂଖ୍ୟା ୧୨ ଶହ। ଗ୍ରାମରେ ଦୁଇଟି ପୋଖରୀ ଏବଂ ୬ଟି ନଳକୂପ ରହିଛି। ହେଲେ ଗ୍ରୀଷ୍ମ ପ୍ରବାହ ଯୋଗୁ ନଳକୂପମାନଙ୍କର ଜଳସ୍ତର ହ୍ରାସ ପାଇଥିବାରୁ ଆବଶ୍ୟକ ପାଣି ବାହାରୁ ନାହିଁ। ଗ୍ରାମରେ ଗତ ୨୦୧୭-୧୮ରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ୨ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ସୋଲାର ପମ୍ପ ନିର୍ମାଣ କରି ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ହେଲେ ସେହି ସୋଲାର ପମ୍ପ ଦୀର୍ଘ ଏକମାସ ଧରି ଅଚଳ ହୋଇଯିବାରୁ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇପଡିଛି।

ସେହିପରି ୧ ୱାର୍ଡ ବିଶିଷ୍ଟ ଫୁଲଝର ଗ୍ରାମର ଲୋକ ସଂଖ୍ୟା ପାଖାପାଖି ୮ ଶହ। ଗ୍ରାମରେ ୮ ଗୋଟି ନଳକୂପ ଓ ୧ ଗୋଟି ପୋଖରୀ ରହିଛି। ନଳକୂପଗୁଡିକରୁ ଠିକ୍ ଭାବେ ପାଣି ବାହାରୁ ନଥିବା ବେଳେ ପୋଖରୀ ପାଣି କମି ଯାଇ ଗୋଳିଆ ହୋଇ ବ୍ୟବହାର ଉପଯୋଗୀ ହେଉନାହିଁ। ଫଳରେ ଏଠାରେ ମଧ୍ୟ ଲୋକ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଲପଡା ଏବଂ ଫୁଲଝର ଗ୍ରାମରେ ଅଚଳ ସୋଲାର ପମ୍ପକୁ କାର୍ଯ୍ୟକ୍ଷମ କରିବା ସହ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଅଧିବାସୀମାନେ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏସଡିଓ ଗଗନ କିଷାନଙ୍କୁ ଯୋଗାଯୋଗ ପାଇଁ ତାଙ୍କ ମୋବାଇଲ ଫୋନ ଯୋଗେ ଚେଷ୍ଟା କରାଯାଇଥିଲେ ବି ଯୋଗାଯୋଗ ସମ୍ଭବପର ହୋଇ ପାରିନାହିଁ। ଦୁଇ ଗ୍ରାମର ଅଧିବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ମାଲପଡାର ଗ୍ରାମର ସୋଲାର ପମ୍ପ ଅଚଳ ହୋଇ ପଡିରହିଛି।

## ଫଟୋରେ ଖବର

### ବଲାଙ୍ଗୀର ସହରରେ ଦିନକୁ ଦିନ ବଢୁଛି ତାପମାତ୍ରା....









(ବାମରୁ) ପ୍ରଚଣ୍ଡ ଖରାରେ ତୃଷାର୍ତ୍ତ ଶିଶୁ, ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜଳଛତ୍ରରେ ପାଣି ପିଉଛନ୍ତି । ଟାଉନ୍ ଥାନା ସମ୍ମୁଖରେ ବାଉଁଶ ତିଆରି ଭୁଘାଟୁପା ବିକ୍ରି କରିବାକୁ ଆସିଥିବା ଜଣେ ମହିଳା ପ୍ରଚଣ୍ଡ ଖରାରେ ଶୋଇପଡିଛନ୍ତି । ଖରା ବଢ଼ିବା ପରେ ଦେଶୀ ଆମ୍ବଲେତିର ଚାହିଦା ବଢ଼ିଛି । ଗ୍ରୀଷ୍ମ ପ୍ରବାହ ମଧ୍ୟରେ ସହରରେ ଦୁଇ ଯୁବତୀ ଛତା ଧରି ଯାଉଛନ୍ତି । (ଫଟୋ-ସୁନୀଲ)